

ଅଭିଜିତ ଦୀପକେଙ୍କୁ ଚାପୁଡ଼ା ମାଡ଼ ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17


“ରଜ ଉପଲକ୍ଷେ ସମସ୍ତ ପାଠକ ପାଠିକା ଓ ବିଜ୍ଞାପନଦାତାଙ୍କୁ 'ସଂଚାର' ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ




Vol. 34 | ISSUE 85 ଭାଗ ୩୪ | ସଂଖ୍ୟା ୮୫ | Tuesday 16 June 2026 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର, ୧୬ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ବଢ଼ିବନି ଖରା ଛୁଟି

## ଜୁନ ୧୮ରେ ଖୋଲିବ ସବୁ ସ୍କୁଲ

## ପାଠ୍ୟପୁସ୍ତକ ଯୋଗାଣକୁ ସୁନିଶ୍ଚିତ କରାଯିବ

## ବିନା ବିଳମ୍ବରେ ସବୁ ଶିକ୍ଷା ସାମଗ୍ରୀ ଦିଆଯିବ



ଭୁବନେଶ୍ୱର,୧୫।୬(ସଂଚାର ବ୍ୟୁରୋ): ଶେଷ ହେବାକୁ ଯାଉଛି ଖରା ଛୁଟି। ମୌସୁମୀର ଆଗମନ ଓ ପାଗରେ ପରିବର୍ତ୍ତନ ଯୋଗୁ ସରକାରୀ ସ୍ତରରେ ସ୍କୁଲ ଖୋଲିବା ନେଇ ନିଆଯାଇଛି ବଡ଼ ପଦକ୍ଷେପ। ଆସନ୍ତା ଜୁନ ୧୮ ଅର୍ଥାତ ଗୁରୁବାରଠାରୁ ଓଡ଼ିଶାର ସମସ୍ତ ସରକାରୀ ସ୍କୁଲ ଖୋଲିବ ବୋଲି ସୋମବାର ଘୋଷଣା କରିଛନ୍ତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

ମନ୍ତ୍ରୀଙ୍କ କହିବା କଥା ଯେ ମୌସୁମୀ ଏବେ ଓଡ଼ିଶାକୁ ଛୁଇଁସାରିଛି। ସେହିପରି ତାପମାତ୍ରା ମଧ୍ୟ ହ୍ରାସ ପାଉଛି। ତେଣୁ ଏବେ ସ୍କୁଲ ଖୋଲିବାକୁ ଉପଯୁକ୍ତ ସମୟ। ଜୁନ ୧୮ରୁ ସ୍କୁଲ ଖୋଲିବାକୁ ଯୋଜନା କରାଯାଇଥିବା ବେଳେ ସରକାର ପାଣିପାଗ ସ୍ଥିତି ଉପରେ ନଜର ରଖିଥିବା ମଧ୍ୟ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି। ଯଦି ଗରମ ଓ ଗୁଳୁଗୁଳି ଯୋଗୁ ପାଣିପାଗରେ ପରିବର୍ତ୍ତନ ଆସିବ, ତା'ହେଲେ ସେହି ଅନୁସାରେ ଆଲୋଚନା ଦ୍ୱାରା ଉପଯୁକ୍ତ ପଦକ୍ଷେପ ନିଆଯିବ। ଶିକ୍ଷାର୍ଥୀଙ୍କ ସୁରକ୍ଷାକୁ ସରକାର ସବୁବେଳେ ପ୍ରାଥମିକତା ଦେଉଛନ୍ତି। ପିଲାମାନଙ୍କ ସୁରକ୍ଷା ଓ ପାଣିପାଗକୁ ଦେଖି ସବୁ ପ୍ରକାରର ନିଷ୍ପତ୍ତି ➪ପୃଷ୍ଠା-୬

# ଶୁକ୍ରବାର ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଯବନିକା

- ୧୪ ଘଣ୍ଟାର ଆଲୋଚନା ପରେ ନିଷ୍କର୍ଷ
- ଅବରୋଧ ହଟିବ
- ଅଶୋଧିତ ତୈଳ ଦର ହ୍ରାସ
- ଶେୟାର ମାର୍କେଟ୍ ଉପରମୁହାଁ
- ସ୍ୱାଗତ କଲେ ବିଶ୍ୱନେତା
- ଟ୍ରମ୍ପଙ୍କ ପରାମର୍ଶକୁ ଇସ୍ରାଏଲ୍‌ର ଫୁଁ'



ୱାଶିଂଟନ୍/ତେହରାନ,୧୫।୬: ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଦୀର୍ଘ ଦିନର ଉତ୍ତେଜନାରେ ଯବନିକା ପକାଇବା ନିମନ୍ତେ ଆବଶ୍ୟକ ଶାନ୍ତିଚୁକ୍ତି ପାଇଁ ଆମେରିକା ଓ ଇରାନ ପରିଶେଷରେ ସହମତି ପ୍ରକାଶ କରିଛନ୍ତି। ଆସନ୍ତା ଶୁକ୍ରବାର ସ୍ୱିଜରଲାଣ୍ଡ୍‌ର ଜେନେଭାଠାରେ ଏହି ଐତିହାସିକ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହେବ। ନିଜର ୮୦ତମ ଜନ୍ମଦିନ ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବହୁପ୍ରତୀକ୍ଷିତ ଘୋଷଣା କରିଛନ୍ତି। ପାକିସ୍ତାନ ମଧ୍ୟସ୍ଥତାରେ ୧୪ ଘଣ୍ଟାର ଆଲୋଚନା ପରେ ଶାନ୍ତିଚୁକ୍ତି କରିବା ନିମନ୍ତେ ଘୋଷଣା ହୋଇଛି। ଏହି ଚୁକ୍ତି ସ୍ୱାକ୍ଷରିତ ହେଲେ ୩ ମାସ ଧରି ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧଜନିତ ଉତ୍ତେଜନାରେ ପୂର୍ଣ୍ଣଚ୍ଛେଦ ପଡ଼ିବ। ଇରାନ୍ ହର୍ମୁଜ ପ୍ରଣାଳୀ ଖୋଲିବ ଓ ଆମେରିକା ଇରାନ୍ ଉପରୁ ଅବରୋଧ ➪ପୃଷ୍ଠା-୬

## ମୋଦିଙ୍କ ଶୁଭେଚ୍ଛା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତି ପ୍ରସ୍ତାବକୁ ସ୍ୱାଗତ କରିବା ସହ ଉଭୟ ଇରାନ୍ ଓ ଆମେରିକାକୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଚୁକ୍ତି ଏହି ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ଆଣିବ ଏବଂ ଗତିବିଧି ଓ ବାଣିଜ୍ୟର ସ୍ୱାଧୀନତା ଫେରାଇ ଆଣିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଉଲ୍ଲେଖ କରିଛନ୍ତି ଯେ ଏହି ସଂଘର୍ଷ ସାରା ବିଶ୍ୱରେ ଗମ୍ଭୀର ଆର୍ଥିକ ବାଧା ସୃଷ୍ଟି କରିଛି ଓ ବହୁ ଧନଜୀବନ ନଷ୍ଟ କରିଛି। ସେ ଆଲୋଚନା ମାଧ୍ୟମରେ ଏକ ସ୍ଥାୟୀ ଚୁକ୍ତି ହାସଲ କରିବା ବିଷୟରେ ଆଶାବାଦୀ ଥିବା ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଜଣାଇଛନ୍ତି। ଏଥିସହ ଏହି ଚୁକ୍ତିର କାର୍ଯ୍ୟାନ୍ୱୟନ ପଶ୍ଚିମଏସିଆରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବାରେ ସାହାଯ୍ୟ କରିବ ଓ ନୌଚାଳନା ତଥା ବାଣିଜ୍ୟିକ ସ୍ୱାଧୀନତାକୁ ସୁନିଶ୍ଚିତ କରିବ ବୋଲି ଭାରତ ଆଶାବାଦୀ ଥିବା ମୋଦି କହିଛନ୍ତି।

'ସୋମନାଥ ସ୍ୱାଭିମାନ ଯାତ୍ରା-୨୦୨୬'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ରେଳ ଯାତ୍ରା ନୁହେଁ, ଆମ ସାଂସ୍କୃତିକ ସ୍ୱାଭିମାନର ଯାତ୍ରା

- ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ନେଇ ଗୁଜରାଟ ବାହାରିଲା ସ୍ୱତନ୍ତ୍ର ଟ୍ରେନ୍
- ଓଡ଼ିଶାର ୧୧୦୦ ଶ୍ରଦ୍ଧାଳୁଙ୍କ ସହ ଲକ୍ଷ୍ନୌ ଓ ଦିଲ୍ଲୀରୁ ସାମିଲ ହେବେ ଭକ୍ତ
- ବିନ୍ଦୁସାଗର ଜଳ ଓ କେଦାରଗୌରୀ ମାଟି ସୋମନାଥ ସହ ଆଧ୍ୟାତ୍ମିକ ସେତୁ




ଭୁବନେଶ୍ୱର,୧୫।୬(ସଂଚାର ବ୍ୟୁରୋ): ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଇତିହାସରେ ଆଜି ଏକ ନୂତନ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏଠାଠାରେ ଆନୁଷ୍ଠାନିକ ଭାବେ ଐତିହାସିକ 'ସୋମନାଥ ସ୍ୱାଭିମାନ ଯାତ୍ରା-୨୦୨୬'ର ଶୁଭାରମ୍ଭ କରିଛନ୍ତି। ଓଡ଼ିଶାର ପ୍ରାୟ ୧୧୦୦ ଭକ୍ତଙ୍କୁ ନେଇ ଗୁଜରାଟର ପବିତ୍ର ପ୍ରଭାସ ପାଟଣସ୍ଥିତ ପ୍ରଭୁ ସୋମନାଥଙ୍କ ଧାମ ଅଭିମୁଖେ ଯାତ୍ରା କରିବାକୁ ଥିବା ଏହି ସ୍ୱତନ୍ତ୍ର ଟ୍ରେନ୍‌କୁ ମୁଖ୍ୟମନ୍ତ୍ରୀ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା କେବଳ ଏକ ରେଳ ଯାତ୍ରା ନୁହେଁ, ବରଂ ଆମର ଆସ୍ଥା, ଭକ୍ତି ଓ ସାଂସ୍କୃତିକ ସ୍ୱାଭିମାନର ଏକ ମହାଯାତ୍ରା। ପୂର୍ବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପଶ୍ଚିମରେ ପ୍ରଭୁ ସୋମନାଥ - ଏହି ଦୁଇ ଦିବ୍ୟ ଶକ୍ତି ସମଗ୍ର ଦେଶକୁ ଏକତା, ଆଧ୍ୟାତ୍ମିକତା ଓ ଅବିନାଶୀ ଚେତନାର ସୂତ୍ରରେ ➪ପୃଷ୍ଠା-୬

ମାଲକାନଗିରି ପୁଲିସକୁ ସଫଳତା

# ଛତିଶଗଡ଼ ସୀମାରେ ମାଓ ଡମ୍ପ ଠାବ



ମାଲକାନଗିରି,୧୫।୬(ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାରେ ଆଜି ସୁରକ୍ଷା ବାହିନୀକୁ ପୁଣି ମିଳିଛି ଏକ ବଡ଼ ଧରଣର ସଫଳତା। ଆତ୍ମସମର୍ପଣ କରିଥିବା ନକ୍ସଲଙ୍କଠାରୁ ମିଳିଥିବା ସୂଚନା ଆଧାରରେ ମାଲକାନଗିରି ଡିଭିଏଫ୍ ଟିମ୍ ଦ୍ୱାରା ଚାଲୁ ରହିଥିବା ସର୍ଚ୍ଚ ଅପରେସନ ବେଳେ ଏକ ବଡ଼ ମାଓବାଦୀ ଡମ୍ପ ଠାବ କରାଯାଇଛି।

ସୋମବାର ଭୋର୍ ପ୍ରାୟ ୫ଟା ୪୫ ମିନିଟ୍ ସମୟରେ ପୋଡ଼ିଆ ଥାନା ଅନ୍ତର୍ଗତ ସିଲାକୋଟା, ପେରୱାଇ ଓ କେସ୍କାଗୁଡ଼ା ଜଙ୍ଗଲ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଏହି ଅଞ୍ଚଳ ଛତିଶଗଡ଼ର ସୁକମା ଜିଲ୍ଲା ଅନ୍ତର୍ଗତ ଡୋର୍ଣ୍ଣାପାଲ ଥାନା ସୀମାକୁ ଲାଗିଥିବା ବେଳେ ସେଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଓ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ୩ଟି ଷ୍ଟେନ୍ କାର୍ବାଇନ୍, ଗୋଟିଏ ଦେଶୀ ପିସ୍ତଲ, ଗୋଟିଏ ଏସବିଏମଏଲ୍ ବନ୍ଧୁକ, ଗୋଟିଏ ଭଙ୍ଗା ୧୨ ବୋର ବନ୍ଧୁକ, ୫ଟି ଆଇଇଡି, ୨୦ଟି ୟୁବିଜିଏଲ୍ ଗ୍ରେନେଡ୍, ୫୩ ରାଉଣ୍ଡ ୧୨ ବୋର ଗୁଳି, ସ୍ନାଇପର ଟେଲିସ୍କୋପ, ବ୍ୟାଟେରୀ, ସୋଲାର ପ୍ୟାନେଲ, ମଲ୍ଟିମିଟର, ୱେଲ୍ଡିଂ ମେସିନ୍, ୱାୟାର କଟର, ବିଭିନ୍ନ ପ୍ରକାର ➪ପୃଷ୍ଠା-୬

ସୁପ୍ରିମକୋର୍ଟରେ ବର୍ଷା-ଅନୁଭବ ବିବାଦ

# ମାମଲା ରଦ୍ଦ ପାଇଁ ଅନୁଭବଙ୍କ ଆବେଦନ



## ରାଜ୍ୟ ସରକାର ଓ ବର୍ଷାଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ,୧୫।୬(ସଂଚାର ବ୍ୟୁରୋ): ପୂର୍ବତନ ସାଂସଦ ଓ ଅଭିନେତା ଅନୁଭବ ମହାନ୍ତିଙ୍କ ବିରୋଧରେ ତାଙ୍କ ପୂର୍ବତନ ପତ୍ନୀଙ୍କ ଦ୍ୱାରା ଦାଖଲ ମାନସିକ ନିର୍ଯାତନା ଓ ଉତ୍ପୀଡ଼ନ ଅଭିଯୋଗ ମାମଲାକୁ ରଦ୍ଦ କରିବା ପାଇଁ ଦାଖଲ ଆବେଦନ ଉପରେ ସୋମବାର ସୁପ୍ରିମକୋର୍ଟ ଓଡ଼ିଶା ସରକାରଙ୍କ ସମେତ ଏହି ମାମଲାରେ ଅନ୍ତର୍ଭୁକ୍ତ ସମସ୍ତ ପକ୍ଷଙ୍କୁ ଜବାବ ତଲବ କରିଛନ୍ତି। ଜଷ୍ଟିସ ସନ୍ଦୀପ ମେହେତା ଓ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ ଅନୁଭବ ମହାନ୍ତିଙ୍କ ପକ୍ଷରୁ ଦାଖଲ ଆବେଦନ ଉପରେ ନୋଟିସ୍ ଜାରି କରିଛନ୍ତି। ଜାନୁଆରୀ ୨୦୨୬ରେ ଓଡ଼ିଶା ହାଇକୋର୍ଟ ଅନୁଭବଙ୍କୁ ଏହି ମାମଲାରୁ ମୁକ୍ତ କରିବାକୁ ଅସ୍ୱୀକାର କରିଥିଲେ, ଯାହାକୁ ଅନୁଭବ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଅନୁଭବ ଏବଂ ତାଙ୍କ ପୂର୍ବତନ ପତ୍ନୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ଚାଲିଥିବା ବିବାଦ ଓଡ଼ିଶାର ସବୁଠାରୁ ଚର୍ଚ୍ଚିତ ପାରିବାରିକ ମାମଲା ମଧ୍ୟରୁ ଅନ୍ୟତମ। ଅବଶ୍ୟ ଦୀର୍ଘ ଦିନର ଆଇନଗତ ଲଢ଼େଇ ପରେ ଓଡ଼ିଶା ହାଇକୋର୍ଟ ଏହି ଦମ୍ପତିଙ୍କୁ ବିବାହ ବିଚ୍ଛେଦ ପାଇଁ ଅନୁମତି ଦେଇଛନ୍ତି।

୨୦୧୪ ଫେବ୍ରୁଆରୀ ୮ ତାରିଖରେ ଅନୁଭବ ଓ ବର୍ଷା ପ୍ରିୟଦର୍ଶିନୀଙ୍କ ବିବାହ ହୋଇଥିଲା। ହେଲେ ବିବାହର କିଛି ବର୍ଷ ପରେ ଉଭୟଙ୍କ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା। ଅନୁଭବ ➪ପୃଷ୍ଠା-୬

ନିଟ୍ ପୁନଃପରୀକ୍ଷାର ସୁରକ୍ଷା ଓ ଲଜିଷ୍ଟିକ୍ସ ପ୍ରସ୍ତୁତି ପ୍ରସଙ୍ଗ

# କେନ୍ଦ୍ର ଗୃହ ସଚିବଙ୍କ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ନୂଆଦିଲ୍ଲୀ,୧୫।୬: କେନ୍ଦ୍ର ଗୃହ ସଚିବ ଆଜି ନିଟ୍ (ସ୍ନାତକ) ପୁନଃପରୀକ୍ଷା, ୨୦୨୬ ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବୈଠକରେ ସେ ଛାତ୍ରଛାତ୍ରୀଙ୍କ ସୁବିଧା, ସୁରକ୍ଷା ବ୍ୟବସ୍ଥା ଓ ପରୀକ୍ଷା ପ୍ରକ୍ରିୟାର ବିଶ୍ୱସନୀୟତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ରେଳବାଇ ବୋର୍ଡର ଅଧ୍ୟକ୍ଷ; ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ସଚିବ; ଉଚ୍ଚଶିକ୍ଷା ବିଭାଗ ସଚିବ; ଡାକ ବିଭାଗ ସଚିବ; ସିଆରପିଏଫ, ସିଆଇଏସଏଫ, ବିସିଏଏସର ଡିଜି ଏବଂ ଏନଟିଏର ଡିଜି; ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। କେନ୍ଦ୍ର ଗୃହ ସଚିବ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ସରକାର ଓ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ସୁରକ୍ଷା ନିୟମାବଳିକୁ କଡ଼ାକଡ଼ି ପାଳନ କରିବା ଏବଂ ପରୀକ୍ଷାକୁ ତ୍ରୁଟିଶୂନ୍ୟ ଭାବରେ ପରିଚାଳନା କରିବା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ସୁଗମ ଯାତ୍ରା ନିମନ୍ତେ ସୁବିଧା ଯୋଗାଇଦେବା ଲାଗି ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ନିବେଦନ କରାଯାଇଥିଲା। ରେଳ ବୋର୍ଡର ଅଧ୍ୟକ୍ଷ ଏଥିରେ ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ।

# ସାଟେଲାଇଟ୍ ଚିତ୍ରରୁ ବର୍ଷା ଗାଏବ୍

## ଭାରତରେ ହେବ ୬୪ ପ୍ରତିଶତ କମ୍ ବର୍ଷା!




ନୂଆଦିଲ୍ଲୀ,୧୫।୬: ଇତିମଧ୍ୟରେ ଓଡ଼ିଶା ସମେତ ଦେଶର କେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମୌସୁମୀ ପ୍ରବେଶ କରିସାରିଛି। ଏହାର ପ୍ରଭାବ ମଧ୍ୟ ଜନସାଧାରଣ ଅନୁଭବ କରିସାରିଛନ୍ତି। କିନ୍ତୁ ଚଳିତ ବର୍ଷ ଦେଶରେ ସ୍ୱାଭାବିକ ବର୍ଷାଠାରୁ ୬୪ ପ୍ରତିଶତ କମ୍ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ବିଶେଷକରି ଆଜି ସାଟେଲାଇଟ୍‌ରେ ନିଆଯାଇଥିବା ଏକ ଚିତ୍ରରୁ ବର୍ଷା ଗାଏବ ହୋଇଯାଇଥିବା ଦେଖିବାକୁ ମିଳିଛି। ନିକଟରେ ଦେଶର ଦକ୍ଷିଣ ଓ କେନ୍ଦ୍ରାଞ୍ଚଳକୁ ମୌସୁମୀ ଅଗ୍ରଗତି କରିଥିଲେ ହେଁ ଏହି ଚିତ୍ରରୁ ବର୍ଷା ଗାଏବ ପାଣିପାଗ ବିଶେଷଜ୍ଞମାନଙ୍କୁ ଚିନ୍ତାରେ ପକାଇଛି। ଆଇଏମ୍‌ଡି ପକ୍ଷରୁ ମିଳିଥିବା ସୂଚନାନୁସାରେ, ଗତ ଜୁନ୍ ୪ରୁ ଆଜି ପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନରେ ହୋଇଥିବା ବର୍ଷା ପରିମାଣ ମାତ୍ର ୧୯.୨ ମିମି ରହିଛି, ଯାହାକି ସ୍ୱାଭାବିକ ବର୍ଷା ୫୩.୭ ମିମିଠାରୁ ପାଖାପାଖି ଦୁଇ-ତୃତୀୟାଂଶ କମ୍। ଏହି ଆଧାରରେ ଦେଶରେ ଚଳିତ ବର୍ଷା ୬୪ ପ୍ରତିଶତ ବର୍ଷା ହେବା ନେଇ ଆକଳନ କରାଯାଇଛି।

ସେହିପରି ଉପଲବ୍ଧ ସାଟେଲାଇଟ୍ ଚିତ୍ରକୁ ଦେଖିଲେ, ଆଗାମୀ ଦିନରେ ଦେଶର କେନ୍ଦ୍ରାଞ୍ଚଳ, ଦକ୍ଷିଣାଞ୍ଚଳ ଓ ପୂର୍ବାଞ୍ଚଳରେ ସ୍ୱାଭାବିକଠାରୁ ଯଥେଷ୍ଟ କମ୍ ବର୍ଷା ହେବ ବୋଲି ଅନୁମାନ କରାଯାଉଛି। ଏପରିକି ଆଜି ଇନସାଟ୍-୩ଡିଏସ୍‌ରେ ଉତ୍ତୋଳିତ ଚିତ୍ର ଅନୁସାରେ, ମୌସୁମୀ ସକ୍ରିୟ ଥିବା ସମୟରେ ଯେପରି ଭାବେ ମୋଟା ଆକାରର ବାଦଲ ଦେଖାଯିବାର କଥା, ତା' ତୁଳନାରେ ଭାରତର କେନ୍ଦ୍ରାଞ୍ଚଳ ଓ ଉପଦ୍ୱୀପ ଅଞ୍ଚଳର ଅଧିକାଂଶ ଭାଗରେ ଚିତ୍ର ପୂରାପୂରି ସ୍ୱଚ୍ଛ ରହିଛି। ଅବଶ୍ୟ ଉକ୍ତ ଚିତ୍ରରେ ହିମାଳୟ, ଉତ୍ତର-ପୂର୍ବ ଭାରତ ଓ ଭାରତ-ଗାଙ୍ଗେୟ ସମତଳ ଅଞ୍ଚଳରେ ବାଦଲ ଦୃଶ୍ୟମାନ ହେଉଛି। କିନ୍ତୁ ଆରବ ସାଗରୀୟ ଅଞ୍ଚଳରେ କୌଣସି ପ୍ରକାର ବାଦଲ ଦେଖିବାକୁ ମିଳିନାହିଁ।

## ସ୍ଲୋଭାକିଆରେ ମୋଦି; ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ



ବ୍ରାଟିସ୍‌ଲାଭା, ୧୫।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତ୍ରିରାଷ୍ଟ୍ରୀୟ ୟୁରୋପ ଗସ୍ତରେ ଯାଇ ସୋମବାର ସ୍ଲୋଭାକିଆରେ ପହଞ୍ଚିଛନ୍ତି। ୧୯୯୩ରେ ସ୍ଲୋଭାକିଆ ସ୍ୱାଧୀନତା ପାଇବା ପରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବରେ ମୋଦି ସ୍ଲୋଭାକିଆ ଗସ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ଏଠାରେ ଦୁଇଦିନ ରହିବାକୁ ଥିବା ବେଳେ ସ୍ଲୋଭାକିଆ ରାଷ୍ଟ୍ରପତି ପିଟର ପେଲ୍ଲେଗ୍ରିନି ଓ ପ୍ରଧାନମନ୍ତ୍ରୀ ରୋବର୍ଟ ଫିକୋଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି। ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ସହଯୋଗକୁ ବ୍ୟାପକ କରିବା ପାଇଁ ସୁଯୋଗ ସୃଷ୍ଟି କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ସ୍ଲୋଭାକିଆର ବ୍ୟାବସାୟିକ କାର୍ଯ୍ୟନିର୍ବାହୀମାନଙ୍କୁ ଭେଟି ଆଲୋଚନା କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ସ୍ଲୋଭାକିଆରେ ପହଞ୍ଚିବା ପରେ ମୋଦି କହିଛନ୍ତି ଯେ ତାଙ୍କର ଏହି ଗସ୍ତ ଭାରତ-ସ୍ଲୋଭାକିଆ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବ।

## ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୬ ମୃତ

➧ ମରଣ ସହ ଯୁଝୁଛି ୨ ବର୍ଷର ଶିଶୁକନ୍ୟା

ଜୟପୁର,୧୫।୬: ରାଜସ୍ଥାନର ବିକାନେର ଜିଲ୍ଲା ଶ୍ରୀଡୁଙ୍ଗରଗଡ଼ରେ ସୋମବାର ମଧ୍ୟାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ ହୋଇଛି। କେବେଳ ୨ ବର୍ଷର ଶିଶୁ କନ୍ୟା ଗୁରୁତର ଅବସ୍ଥାରେ ବର୍ତ୍ତିଯାଇଛି। ଜାତୀୟ ରାଜପଥ-୧୧ର ସିଜରାଲ ହୋଟେଲ ସମ୍ମୁଖରେ ଏକ କାର୍ ଏବଂ ଡମ୍ପର ସାମ୍ନାସାମ୍ନି ଧକ୍କା ହୋଇଥିଲା। କାର୍‌ଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା। ଖବର ପାଇ ଏପିଜେ ଅବଦୁଲ କଲାମ ଆମ୍ବୁଲାନ୍ସ ସେବା ଟିମ୍, ସ୍ଥାନୀୟ ଲୋକ ଓ ପୋଲିସ ସହାୟତାରେ କାର୍ ଭିତରୁ ସମସ୍ତଙ୍କୁ ବାହାର କରିଥିଲେ। ମୃତଦେହଗୁଡ଼ିକୁ ଶ୍ରୀଡୁଙ୍ଗରଗଡ଼ ଚିକିତ୍ସାଳୟର ଶବଗୃହରେ ରଖାଯାଇଛି। ବିଷ୍ଣୋଇ ସମାଜର ଆରାଧ୍ୟ ଗୁରୁ ଜମ୍ଭେଶ୍ୱର ଭଗବାନଙ୍କ ସମାଧି ସ୍ଥଳ ଦର୍ଶନ କରି ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି।

# ଏବେ ଚାମେଲିଙ୍କୁ ବୈଜୟନ୍ତ ଭରସା

“ରାଜ୍ୟ ରାଜନୀତିରେ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ସ୍ଥାନ ସ୍ୱତନ୍ତ୍ର। ପ୍ରତିକୂଳ ପରିସ୍ଥିତିରେ କେନ୍ଦ୍ରାପଡ଼ା ଭଳି ହଟ୍ ସିଟ୍‌ରୁ ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି। ଯେତେବେଳେକି ଏହି ଲୋକସଭା କ୍ଷେତ୍ର ଅନ୍ତର୍ଗତ ୭ ବିଧାନସଭା ଆସନରୁ କେବଳ ମହାକାଳପଡ଼ାକୁ ଛାଡ଼ିଦେଲେ ବାକି ୫ଟି ଆସନ ବିଜେଡି ଓ ଗୋଟିଏ ସ୍ୱାଧୀନ ପ୍ରାର୍ଥୀ ଦଖଲ କରିଛନ୍ତି। ସେ ସବୁବେଳେ ଚିରାଚରିତ ଢାଞ୍ଚାରୁ ଦୂରେଇ ରାଜ୍ୟ ଓ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଅନ୍ତି, ଯେଉଁଥିପାଇଁ ବେଳେବେଳେ ସେ ବିବାଦୀୟ ମଧ୍ୟ ହୋଇଥାନ୍ତି। ହେଲେ ତାଙ୍କ କାମ ତାଙ୍କୁ ଅନ୍ୟଠୁ ଭିନ୍ନ କରିଥାଏ। ଓଡ଼ିଶା ରାଜନୀତିରେ ତାଙ୍କ ସମକକ୍ଷ ନେତା ଖୁବ୍ କମ୍। ତେଣୁ ବର୍ତ୍ତମାନ ଜିଲ୍ଲାରେ ଦେଖାଦେଇଥିବା ପ୍ରଶାସନ ବିରୋଧୀ ହାୱାର ମୋଡ଼ ବଦଳାଇବା ପାଇଁ ଜିଲ୍ଲାବାସୀ ତାଙ୍କୁ ଭରସା କରିବା ବେଶ୍ ସ୍ୱାଭାବିକ। ”



ଭୁବନେଶ୍ୱର,୧୫।୬(ସଂଚାର ବ୍ୟୁରୋ): ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ଗିରଫ ପ୍ରସଙ୍ଗ ଦିନକୁ ଦିନ ଜଟିଳ ହେଉଥିବା ବେଳେ ଏହି ମାମଲାର ପରିସମାପ୍ତ ପାଇଁ ଭରସା ଏବେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା। ସାଂସଦ ଶ୍ରୀ ପଣ୍ଡାଙ୍କର ଜିଲ୍ଲା ରାଜନୀତିରେ ପ୍ରଭାବ ସହ ଅନେକ ପ୍ରସଙ୍ଗରେ ସେ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହୁଥିବାରୁ ତାଙ୍କର ହସ୍ତକ୍ଷେପରେ ଚାମେଲି ପ୍ରସଙ୍ଗର ସମାଧାନ ହେବା ସହ ସରକାର ସମାଲୋଚନାରୁ ରକ୍ଷା ପାଇବେ ବୋଲି ଜିଲ୍ଲାରେ ଆଲୋଚନା ଜୋର୍ ଧରିଛି।

## କାମ ଦେଉନି ତଳିଆ ନେତାଙ୍କ ଉଦ୍ୟମ

## ଦିନକୁ ଦିନ ବିଗୁଡୁଛି ପାଣିପାଗ

ମହାକାଳପଡ଼ା ବ୍ଲକ୍‌ର ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ଗିରଫଦାରୀ ଓ ଡାକ୍ତରଖାନାରେ ଚିକିତ୍ସା ପ୍ରସଙ୍ଗ ଥମିବା ବଦଳରେ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଖୋଦ୍ ଚାମେଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ➪ପୃଷ୍ଠା-୬

ମାମଲାରେ ପ୍ରଥମ ଗିରଫଦାରୀ

# ପାର୍ଥସାରଥି ସାମନ୍ତରାୟଙ୍କୁ ବାନ୍ଧିଲା ପୁଲିସ



## ଟିକରପଙ୍ଗା ସରପଞ୍ଚ ଖୋଲିଲେ ରହସ୍ୟ

ମହାକାଳପଡ଼ା, ୧୫।୬ (ସଂଚାର ବ୍ୟୁରୋ): ରାଜ୍ୟରେ ହୁଲ୍‌ସ୍ଥୁଲ କରୁଥିବା ତିଖିରି ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କ ଘଟଣାରେ ନୂଆ ମୋଡ଼ ସାମ୍ନାକୁ ଆସିଛି। ଚାମେଲିଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର ଅଭିଯୋଗ ମାମଲାରେ ମହାକାଳପଡ଼ା ଥାନା ପୁଲିସ ଆଜି ପ୍ରଥମ ଗିରଫଦାରୀ ଭାବେ ପାର୍ଥସାରଥି ସାମନ୍ତରାୟଙ୍କୁ ଗିରଫ କରିଛି। ସୋମବାର ମହାକାଳପଡ଼ାର ମଙ୍ଗଳପୁର ଗାଁରୁ ପାର୍ଥସାରଥି ସାମନ୍ତରାୟଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ପାର୍ଥସାରଥି ସାମନ୍ତରାୟ ମହାକାଳପଡ଼ା ବିଧାୟକଙ୍କ ଏକାନ୍ତ ଅନୁଗତ ବୋଲି କୁହାଯାଉଥିବା ବେଳେ ତାଙ୍କୁ ➪ପୃଷ୍ଠା-୬

# ନିଆରା ଢଙ୍ଗରେ ରଜ ପାଳିଲା ମାରୁତି ୟୁଥ୍ ସେବା ଟ୍ରଷ୍ଟ



ମହାକାଳପଡ଼ା,୧୫।୬(ସଂଚାର ବ୍ୟୁରୋ): ନିଆରା ଢଙ୍ଗରେ ରଜ ପାଳିଛନ୍ତି ମାରୁତି ୟୁଥ୍ ସେବା ଟ୍ରଷ୍ଟର ସଦସ୍ୟମାନେ। ଏହି ଅବସରରେ ଦୁଇ ଅସହାୟ ପରିବାର ନିକଟରେ ପହଞ୍ଚି ବିସ୍କୁଟ, ମିକ୍ଚର ଓ ମିଠା ପ୍ୟାକେଟ ଉପହାର ଦେଇ ରଜପର୍ବ ପାଳିଛନ୍ତି ସଦସ୍ୟମାନେ।

ମହାକାଳପଡ଼ା ବ୍ଲକ ଜୟଚନ୍ଦ୍ରପୁର ପଞ୍ଚାୟତ ଅଧୀନ ସାନଗାଁ ଗ୍ରାମର ବେବିନା ସାମଲ ଦୁଇକୁନିଝିଅଙ୍କ ସହିତ ଭଙ୍ଗାକୁଡିଆରେ କଷ୍ଟେମଷ୍ଟେ କାଳାତିପାତ କରୁଛନ୍ତି। ସେହିପରି ସ୍ୱାମୀଙ୍କ ମୃତ୍ୟୁ ପରେ ପାଞ୍ଚ ଝିଅଙ୍କ ମୁହଁରେ ଆହାର ଦେବାକୁ ପକ୍ଷାଘାତରେ ଶଯ୍ୟାଶାୟୀ ସୁମିତ୍ରା ସ୍ୱାଇଁଙ୍କ ପାଇଁ ଏକହଜାର ଟଙ୍କାର ଭିନ୍ନକ୍ଷମ ଭତ୍ତା ହିଁ ଏକମାତ୍ର ସାହାରା। ଏହି ଦୁଇ ପରିବାରକୁ ତୁରନ୍ତ ଆବାସ ଯୋଜନା ଗୃହ ଯୋଗାଇଦେବା ପାଇଁ ଟ୍ରଷ୍ଟ ସମ୍ପାଦକ ସୁଧୀର ସ୍ୱାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ସଦସ୍ୟ ସଂଗ୍ରାମ କେଶରୀ ଲେଙ୍କା, ଅରକ୍ଷିତ ରାଉତ, ଆଲୋକ ସୁତାର, ଗୌତମ ସ୍ୱାଇଁ, ରାଜେଶ ବେହେରା ସାମିଲ ହୋଇଥିଲେ। ଅସହାୟ, ଗରିବ ଏବଂ ଦିନମଜୁରିଆ ପରିବାରଙ୍କ ନିକଟରେ ପହଞ୍ଚି ରଜ ପର୍ବ ପାଳନ କରିବା ଏକ ମହନୀୟ କାର୍ଯ୍ୟ। ଏହାଦ୍ୱାରା ସେମାନଙ୍କ ମୁହଁରେ ହସ ଫୁଟିବା ସହ ପର୍ବର ପ୍ରକୃତ ଖୁସି ସମସ୍ତଙ୍କ ମଧ୍ୟରେ ବାଣ୍ଟି ହୋଇପାରୁଛି ବୋଲି କହି ସାମାଜିକ କର୍ମୀ ପ୍ରମୋଦ ଚନ୍ଦ୍ର ସ୍ୱାଇଁ ଟ୍ରଷ୍ଟ ସଦସ୍ୟ ମାନଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଚାମେଲୀ ଓଝାଙ୍କୁ ଭେଟିଲା ବିଜେଡି ପ୍ରତିନିଧି ମଣ୍ଡଳୀ



କେନ୍ଦ୍ରାପଡ଼ା,୧୫।୬ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବିଜୁ ଜନତା ଦଳର ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ ଏକ ବିଜେଡି ପ୍ରତିନିଧି ମଣ୍ଡଳୀ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଥିବା ତିଖିରୀ ପଞ୍ଚାୟତର ସରପଞ୍ଚ ଚାମେଲୀ ଓଝାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ଏଥିସହିତ ଶ୍ରୀ ମହାନ୍ତି ଘଟଣା ସମ୍ପର୍କରେ ସୁଶ୍ରୀ ଓଝାଙ୍କ ଠାରୁ ସମସ୍ତ ବିଷୟ ଅବଗତ ହେବା ସହ ତାଙ୍କ ପ୍ରତି ଅନ୍ୟାୟ କରାଯାଇଥିବା ହୃଦବୋଧ କରିଥିଲେ । ସୁଶ୍ରୀ ଓଝାଙ୍କୁ ତୁରନ୍ତ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବାକୁ ପୂର୍ବତନ ବିଧାୟକ ଶ୍ରୀ ମହାନ୍ତି ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ପିଡିତାଙ୍କୁ ନ୍ୟାୟ ପ୍ରଦାନରେ ବିଳମ୍ବ ହେଲେ ରାଜରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ଶ୍ରୀ ମହାନ୍ତିଙ୍କ ସହିତ ବରିଷ୍ଠ ବିଜେଡି ନେତା ଶରତ କୁମାର ବେହୁରା, ହିବ୍‌ଜୁର ରହେମାନ, କାଳି ପ୍ରସାଦ ମିଶ୍ର, ରାଜେଶ କୁମାର ମହାନ୍ତି, ସୁରେଶ କୁମାର ମର୍ଦ୍ଦରାଜ, ସେକ ଚାନ୍ଦ, ସୁଜୟ କୁମାର ଦାସ, ସୌମେନ୍ଦ୍ର ପୃଷ୍ଟି, ସେକ ଚନ୍ଦନ, ଶଶୀକାନ୍ତ ବଳ, ଆଦିତ୍ୟ କୁମାର ପତି, କାଳୀ ପ୍ରସାଦ ପଣ୍ଡା, ଲୋପାମୁଦ୍ରା ବାରିକ, ରଶ୍ମୀରଞ୍ଜନ ରାଉତ, ହିରଣ୍ୟ ପଣ୍ଡା, ସେକ ନସୁରୁଦ୍ଦିନ, ସେକ ଇମ୍ରାନ, ଆକାଶ ବେହେରା, ସିଦ୍ଧାର୍ଥ ଜେନା, ମନା ସାହୁ, ମିନତୀ ପରିଡ଼ା, ଟିକା ଖାଁ, ସେକ କମିର ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

# ଗଡମେକର୍ ସାଂସ୍କୃତିକ ବିଚିତ୍ରା ରଜ ମଉଜ



ପଟ୍ଟାମୁଣ୍ଡାଇ,୧୫।୬ (ସଂଚାର ବ୍ୟୁରୋ): ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର୍) ପକ୍ଷରୁ ସାଂସ୍କୃତିକ ବିଚିତ୍ରା "ରଜମଉଜ" ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ମୂଳବସନ୍ତ ନସିପୁର ଠାରେ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଗୁରୁଶ୍ରୀ ସୁଶାନ୍ତ କୁମାର ପାଣିଙ୍କ ପୌରୋହିତ୍ୟରେ ଆୟୋଜିତ "ରଜ ମଉଜ" ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶଥାନା ଆଇଆଇସି ବନ୍ଦନା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ରଜକୁ ଓଡ଼ିଶାର ଅନ୍ୟତମ ଗଣ ପର୍ବ ଭାବେ ପରିଚିତ ରଜ ପର୍ବ ସବୁବର୍ଗର ଲୋକମାନଙ୍କ ପାଇଁ ଅପୂର୍ବ ଖୁସି ଆନନ୍ଦର ଅବସର ସୃଷ୍ଟି କରିଛି ବୋଲି ମତ ପ୍ରକାଶ କରିଥିଲେ ।

ଗୁରୁଶ୍ରୀ ସମୀରଞ୍ଜନ ଦାସ ଓ ଗୁରୁଶ୍ରୀ ରମେଶ କୁମାର ଦେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରଜମଉଜ ସଂଯୋଜିକା ସୁଶ୍ରୀ ସ୍ମୃତିପ୍ରିୟା ପ୍ରଧାନ ଓ ଦୂରଦର୍ଶନ ନୃତ୍ୟଶିଳ୍ପୀ ସମ୍ପୂର୍ଣ୍ଣାଇନ୍ଦୁ ପାଣି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗଡମେକର୍ ରଜମଉଜ କାର୍ଯ୍ୟକ୍ରମକୁ ସାଇସ୍ୱରାଜ ଶତପଥୀ ଓ ସୁଶ୍ରୀ ସମନ୍ୱିତା ଦାଶ ଉପସ୍ଥାପନା କରିଥିବା ବେଳେ ସୁଶ୍ରୀ ବୈଶାଖୀ ରାଉତ, ବିଶ୍ୱମୋହିନୀ ଦାସ, ରୀତା ସେଠୀ, ଧ୍ରୁବଚରଣ ସାହୁ, ଅଞ୍ଜଳି ପାଣି ପ୍ରମୁଖ ପରିଚାଳନା କରିଥିଲେ। । ଗଣକବି ଗୋପାଳ ଦାଶଙ୍କ ରଚିତ ବୃନ୍ଦଗାନ ଜୟ ଜୟ ନାରାୟଣ, ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟାଭିନୟ ନବଦୁର୍ଗା, ସମ୍ବଲପୁରୀ ନୃତ୍ୟ ମାଁ ସମଲେଇ ମାଁ, ତାଳବାଦ୍ୟ ତ୍ରିତାଲ୍ ସହିତ ନୃତ୍ୟରୂପକ "ବନସ୍ତେ ଡାକିଲା ଗଜ" ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୌମ୍ୟ ରଞ୍ଜନ ସୂତାର, ସରୋଜ ପଣ୍ଡା, ସାଇ ସମୀକ୍ଷା ସାହୁ, ସ୍ୱୟଂଶ୍ରୀ ରାଉତ, ଦ୍ୱିଶା ଖଣ୍ଡାୟୀ, ଗୀତାଞ୍ଜଳି ସାମଲ, ଶିବାନୀ ବେହୁରା, ପଦ୍ମିନୀ ଘଡ଼ାଇ, ପ୍ରତ୍ୟାଶା ଦାସ, ପ୍ରିୟାଂଶୀ ମଲିକ, ଟିଏସ୍ ସାଇସ୍ମିତ୍ମା, ସାଇ ସ୍ମିତା ଭୂୟାଁ, ଏଲ୍ ସାଇମ୍ରିନାଲ୍, ସ୍ୱୟଂସିଦ୍ଧା ମହାପାତ୍ର ପ୍ରମୁଖ କଳାକାର ଓ ଶିଳ୍ପୀମାନେ ପରିବେଷଣ କରିଥିଲେ ।

# କାହିଁକି ବିଡିଓ ଓ ଆଇଆଇସିଙ୍କ ନାମ ବାଦ୍ ପଡ଼ିଲା: ଜିଲ୍ଲା ସରପଞ୍ଚ ସଂଘ

**ଟିକରପଙ୍ଗା ସରପଞ୍ଚ ଖୋଲିଦେଇ ସବୁ ଗୁମର**

**ସତ ଘୋଡାଇବାକୁ ବାହାରିଲେ ବିଧାୟକ ସମର୍ଥିତ ସମିତି ସଭ୍ୟ ଓ ସରପଞ୍ଚ**

କେନ୍ଦ୍ରାପଡା, ୧୫।୬ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ତିଖିରି ପଂଚାୟତ ସରପଂଚ ଚମେଲୀ ଓଝାଙ୍କୁ ନିର୍ଯ୍ୟାତନା ଦେବା ଓ ପରେ ଗିରଫ କରି ଗୁରୁତର ଅବସ୍ଥାରେ ଜେଲ୍‌କୁ ପଠାଇବା ଏବେ ରାଜ୍ୟ ସାରା ଚର୍ଚ୍ଚାର ବିଷୟ ହୋଇଛି । ଏହି ଖବର ପ୍ରଚାର ପ୍ରସାର ହେବାପରେ ରାଜ୍ୟର ବିଭିନ୍ନ ରାଜନୈତିକ ଦଳ, ସଂଗଠନ ଓ ମାନବାଧିକାର କମିଶନର ସଦସ୍ୟମାନେ ଦୈନିକ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ଚମେଲୀ ଓଝାଙ୍କୁ ଭେଟିବାକୁ ଆସୁଛନ୍ତି ଏବଂ ମହାକାଳପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ କାର୍ଯ୍ୟକୁ ସବୁଠି ନିନ୍ଦା କରାଯାଉଛି ।

ସବୁଠୁ ବଡ଼ କଥା ହେଲା ଘଟଣାକୁ ଚାରିଦିନରୁ ଊର୍ଦ୍ଧ ବିତିଥିଲେ ସୁଦ୍ଧା ମାତ୍ର ଜଣଙ୍କୁ ଛାଡିଲେ ସରପଞ୍ଚ ଚାମେଲି ଦେଇଥିବା ଏତଲା ଆଧାରରେ ଏପର୍ଯ୍ୟନ୍ତ କାହାକୁ ବି ଗିରଫ କରାଯାଇନାହିଁ । ଏହା ସହ ବିଡ଼ିଓ ଏବଂ ଥାନା ଅଧିକାରୀଙ୍କ ନାମ ଏତଲାରେ ଦର୍ଶାଇଥିବା ବେଳେ ସେମାନଙ୍କୁ ବାଦ୍ ଦେଇଛନ୍ତି। ଯାହାକୁ ନେଇ ନିରପେକ୍ଷ ତଦନ୍ତକୁ ନେଇ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି।

ଏହି ଘଟଣା ଘଟିବାର ଦିନରୁ ବର୍ତ୍ତମାନ ସୁଦ୍ଧା ବିଡ଼ିଓ ଦେଇଥିବା ଏତଲା ତ ପ୍ରକୃତ ସତ୍ୟାସତ୍ୟ ବା ଘଟଣା ସମୟରେ ସିସିଟିଭି ଫୁଟେଜ ପୁଲିସ ଗଣମାଧ୍ୟମ ସାମ୍ନାରେ ରଖିପରିନାହି । କିନ୍ତୁ ଆଜି ସେହିଦିନ ହୋଇଥିବା ସବୁ ଗୁମର ଖୋଲିଛନ୍ତି ଟିକରପଙ୍ଗା ସରପଞ୍ଚ ଜ୍ୟୋତି ରଞ୍ଜନ ଖଟୁଆ । ଆଜି ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ କେନ୍ଦ୍ରାପଡା ରେ ହୋଇଥିବ ସାମ୍ବାଦିକ ସମ୍ମିଳନୀରେ ମାଧ୍ୟମରେ ଶ୍ରୀ ଖଟୁଆ ସମ୍ପୂର୍ଣ୍ଣ ଘଟଣା ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି କି ଚାମେଲି ସେଦିନ ବିଡ଼ିଓଙ୍କ ଚ୍ୟାମ୍ବର୍ କୁ ଯିବା ସମୟରେ ମୁଁ ଏବଂ ବାରଡ଼ାଙ୍ଗ ସରପଞ୍ଚ ଉପସ୍ଥିତ ଥିଲୁ। ଚାମେଲି କେବଳ ବିଡ଼ିଓ ଙ୍କୁ କାହିଁକି କଲ୍ୟାଣ ମଣ୍ଡପ ଅର୍ଥରାଶି ପାସ କରିନାହାନ୍ତି ପଚାରିବା ସହିତ ନିଜ ମୋବାଇଲ ଫୋନ ଦ୍ୱାରା ଭିଡିଓ କରିଥିଲେ କିନ୍ତୁ ସେହି ସମୟରେ ବିଡ଼ିଓ ନୀରବ ଥିବା ବେଳେ କିଛି ବ୍ୟକ୍ତି ବିଡ଼ିଓଙ୍କ ଚ୍ୟାମ୍ବରକୁ ଧସେଇ ପଶି ମହିଳା ସରପଞ୍ଚଙ୍କୁ ଗାଳିଗୁଲଜ କରିବା ସହ ଫୋନ୍‌କୁ ଛଡ଼ାଇ ଥିଲେ । କିନ୍ତୁ ଶ୍ରୀ ଖଟୁଆ କହିଛନ୍ତି କି ଚାମେଲିକୁ ଗିରଫ କରିବାର ଚାରିଦିନ ବୀତିଥିଲେ ସୁଦ୍ଧା ମୋତେ ଏପର୍ଯ୍ୟନ୍ତ ପୁଲିସ୍ ତଦନ୍ତ ରେ ମୋତେ ଖୋଜିନାହି। ତଦନ୍ତ ସମ୍ପୂର୍ଣ୍ଣ ବାଟବଣା ହେଉଥିବା ଶ୍ରୀ ଖଟୁଆ ଗଣମାଧ୍ୟମକୁ କହିଛନ୍ତି ।

ଅନ୍ୟପଟେ ବିଧାୟକଙ୍କ କିଛି ସମର୍ଥିତ ସରପଞ୍ଚ ଏବଂ ସମିତି ସଭ୍ୟ ସତ ଘୋଡାଇବାକୁ ଆଗକୁ ବାହାରିଛନ୍ତି । ଆଜି ସେମାନେ ବିଧାୟକ ବଦନାମ୍ ହେଉଥିବାରୁ ଏହାକୁ ଦୃଢ ନିନ୍ଦା କରିଛନ୍ତି। ସେମାନେ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡିଛି ।

ମହାକାଳପଡା ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତିଙ୍କ ନେତୃତ୍ୱରେ ସରପଂଚ, ସମିତି ସଭ୍ୟ ଜିଲ୍ଲାପାଳଙ୍କ ନିକଟରେ ପହଁଚି ସରପଂଚ ଚମେଲି ଓଝାଙ୍କ ଘଟଣାରେ ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ ମହାକାଳପଡାକୁ ବଦନାମ୍ କରିବା ପାଇଁ ଅସାଧୁ ଗୋଷ୍ଠୀ ଓ ବର୍ତ୍ତମାନର ତିଖିରି ସରପଂଚଙ୍କୁ ଏଥିରେ ସମ୍ପୃକ୍ତ କରାଇ ତାଙ୍କଦ୍ୱାରା ବିଧାୟକ ଡକ୍ଟର ନାୟକଙ୍କୁ ବଦନାମ୍ କରିବା ପାଇଁ ଚେଷ୍ଟା କରାଯାଉଚି ବୋଲି କହିଛନ୍ତି ।

# ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ ପୂର୍ବତନ ସରପଞ୍ଚ ଅଟକ

ମାର୍ଶାଘାଇ,୧୫।୬(ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ତଥା କୁଦାନଗରୀ ଥାନା ଅଂଚଳରେ ଜନୈକ ନାବାଳିକାକୁ ଅସଦାଚରଣ କରିଥିବା ନେଇ ପୀଡିତା ନାବାଳିକାଙ୍କ ବାପା କୁଦାନଗରୀ ଥାନାରେ ଅଭିଯୋଗ କରିଛନ୍ତି । ଗତ ୧୩ ତାରିଖ ଦିନ ତାଙ୍କ ଝିଅକୁ ସେହି ପଞ୍ଚାୟତର ପୂର୍ବତନ ସରପଞ୍ଚ ଅସଦାଚରଣ କରିଥିବା ନେଇ ସୋମବାର ଅଭିଯୋଗ କରିଥିଲେ। ଏ ନେଇ ୧୯୬/୨୬ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ପୂର୍ବତନ ସରପଞ୍ଚଙ୍କୁ ଅଟକ ରଖିଥିବା ନେଇ କୁଦାନଗରୀ ଥାନା ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀଙ୍କ ଠାରୁ ସୂଚନା ମିଳିଛି।

# ତରଡ଼ିପାଳରେ ତୁଳସୀ ମେଧା ସମ୍ମାନ ଉତ୍ସବ



ପଟ୍ଟାମୁଣ୍ଡାଇ,୧୫।୬(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ବିଶିଷ୍ଟ ସମାଜସେବୀ ଦିବଂଗତା ତୁଳସୀ ବିଶ୍ୱାଳ ସ୍ମୃତିରେ ତରଡ଼ିପାଳ ଠାରେ ତୁଳସୀ ମେଧା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଅଧ୍ୟାପକ ଡ଼ ଫିରୋଜ କୁମାର ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ମନୋଜ୍ଞ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି କଷଣଅଷ୍ଟା ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ କବି ସଚିତ୍ର ବେହୁରା ମୁଖ୍ୟବକ୍ତା ତରଡିପାଳ ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ରାଜକୁମାର ବିଶ୍ୱାଳ, ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତିସଭ୍ୟ ନିରଞ୍ଜନ ବାରିକ ଓ ପୂର୍ବତନ ସମିତି ସଭ୍ୟ ଦେବେନ୍ଦ୍ର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀ ଜୟହିନ୍ଦ ହାଇସ୍କୁଲର ଅଭିସ୍ପା ରାଉତଙ୍କୁ ଧୋୟାଞ୍ଚଳ ଟପ୍ପର ସମ୍ମାନରେ ସମ୍ମାନିତ କରିଥିଲେ ।

ଏଥି ସହିତ ଏହି ହାଇସ୍କୁଲର ପର୍ଦ୍ଯୁତ ପଳେଇ, ସ୍ୱୟଂ ସଙ୍କଟ ମୋଚନ ଦାସ, ଶୁଭଶ୍ରୀ ମଲିକ୍,ସାଇ ସାଗର ବିଶ୍ୱାଳ, ଅସ୍ମିତା ବିଶ୍ୱାଳ, ଅର୍ପିତା ସେଠୀ,ସୁଶ୍ରୀ ସଙ୍ଗୀତା ପରିଡା ଅଳପୁଆ ହାଇସ୍କୁଲର ରଶ୍ମି ରଞ୍ଜନ ସାହୁ, ସୌଭାଗ୍ୟ ସାହୁ,ଅଂଶୁମାନ ଦାସ,ଶୁଭମ୍ ବେହେରା, ତରଡ଼ି ପାଳ ମାଳତୀ ଦେବୀ ବାଳିକା ହାଇସ୍କୁଲର ପୂଜାଶ୍ରୀ ମହାପାତ୍ର ଶୀତଳ ଦାସ, ଆଦ୍ୟାଶ୍ରୀ ନାୟକ, ତରଡିପାଳ ହାଇସ୍କୁଲର ବୀରେନ୍ଦ୍ର ସାହୁ, ଜଗଦିଶ ନାୟକ, ଲିଜାଲିନ ଭଞ୍ଜ, ଅଣ୍ଡରା ବନ୍ଦେମାତରଂ ହାଇସ୍କୁଲର ଓମଜ୍ୟୋତି ମଲ୍ଲିକ ସିଂହଗାଁ ହାଇସ୍କୁଲର ଜ୍ୟୋସ୍ନାରାଣୀ ଜେନା, ଅମୃତମଣହି ବାଳିକା ହାଇସ୍କୁଲର ଶ୍ରଦ୍ଧାଞ୍ଜଳି ସେଠୀ କରିସ୍ମା ସେଠୀ,ଆୟୁଷି ଦାଶ, ସିଦ୍ଧବାଲି ହାଇସ୍କୁଲର ବିଦ୍ୟା ଜ୍ୟୋତି ଦାସ, ଇପ୍ସିତା ତରାଇ ବଳୁରିଆ ହାଇସ୍କୁଲର ଶୁଭଶ୍ରୀ ବେହେରା, ଅଭିଷେକ ମଲିକ ବ୍ରାହ୍ମଣୀ ହାୟର ସେକେଣ୍ଡାରୀ ସ୍କୁଲର +୨ ବିଜ୍ଞାନ ଛାତ୍ରୀ ମନୀଷା ବିଶ୍ୱାଳ, ବିଜୟଲକ୍ଷ୍ମୀ ଓଝା, ପଦ୍ମିନୀ ସେଠୀ, +୨ବାଣିଜ୍ୟ ଛାତ୍ରୀ ଝରଣା ପାଢ଼ୀ, ଅର୍ଚ୍ଚିତାରାଣୀ ଜେନା, ଶୁଭଶ୍ରୀ ଦାସ, +୨ କଳା ଛାତ୍ରୀ ବର୍ଷାରାଣୀ ବେହେରା, ସ୍ୱପ୍ନାରାଣୀ ବିଶ୍ୱାଳ ଶାବନା ପରମିନ, ଛାତ୍ର ରୁଦ୍ରାଂଶ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିବା ବେଳେ ଅଣ୍ଡରା ଉଷାଦେବୀ ହାୟର ସେକେଣ୍ଡାରୀ ସ୍କୁଲର ପୂର୍ଣ୍ଣିମା ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇଥିଲା।

ଏହା ଛଡା ରୋଜାଲି ସାହୁ, ସାଇସ୍ମିତା ଧଳ, ରୁଦ୍ରାଶିଷ ବିଶ୍ୱାଳଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଛାତ୍ରା ଭିଭାବକ ରମାକାନ୍ତ ସାହୁ,ମମତା ସାହୁ,ଜିତେନ୍ଦ୍ର ଦାସ,ଜ୍ୟୋସ୍ନାରାଣୀ ଦାସ,ପ୍ରସନ୍ନ ନାୟକ,ରାଜଲକ୍ଷ୍ମୀ ନାୟକ, ଭ୍ରମରବର ସେଠୀଙ୍କୁ ସମ୍ମାନିତ କରାଯାଇଥିବାବେଳେ ଭଲ ରେଜଲ୍ଟ ପାଇଁ ଜୟହିନ୍ଦ୍ ହାଇସ୍କୁଲର ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ବେହେରାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

# ତୁଳସୀ ପାର୍କରେ ରଜ ମହୋତ୍ସବ ପାଳିତ



କେନ୍ଦ୍ରାପଡା,୧୫।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ୫ ନମ୍ବର ୱାର୍ଡ ଗୋପସ୍ଥିତ ତୁଳସୀ ପାର୍କରେ ରଜ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପାର୍କଟିକୁ ଆଧୁନୀକରଣ ଉପାୟରେ ବିଭିନ୍ନ ଆଲୋକୀକରଣ କରାଯାଇଥିଲା। ୫ ନମ୍ବର ୱାର୍ଡର କାଉନ୍‌ସିଲର ନିରାକାର ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ଏହି ରଜ ମହୋତ୍ସବରେ ପୌର ଅଧ୍ୟକ୍ଷା ସରିତା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଣପର୍ବ ରଜର ଆକର୍ଷଣୀୟ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହ ଏକ କେକ୍ କାଟି ପାର୍କରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀ, ଶିଶୁ ଓ ଅଭିଭାବକମାନଙ୍କୁ ରଜ ଉପଲକ୍ଷେ ଏହାକୁ ବଣ୍ଟନ କରାଯାଇଥିଲା।

ଏହି ପାର୍କ ପରିସରରେ ନବବସ୍ତ୍ର ପରିହିତ ଛାତ୍ରଛାତ୍ରୀ, ଅନ୍ୟ କୁମାରୀମାନେ ରଜ ଦୋଳିର ଅପୂର୍ବ ଆନନ୍ଦ ନେଇଥିଲେ। ରଜ ଦୋଳି ଗୀତ "ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଘେନି ନୂଆ ସଜବାଜ"- ଏମିତି ଅନେକ ରସରସିଆ ରଜଗୀତରେ ପାର୍କଟି ଆନନ୍ଦ ଉଲ୍ଲାସ ଖେଳିଯାଇଥିଲା। ଏଥିରେ ଛାତ୍ରଛାତ୍ରୀ ଓ ଶିଶୁମାନେ ବେଶ୍ ଧୁମ୍‌ଧାମ୍‌ରେ ନାଚି ଉଠିଥିଲେ।

ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେବେନ୍ଦ୍ର ସାମଲ, ସରୋଜକାନ୍ତ ନାୟକ, ବିକ୍ରମ କୁମାର ମଲ୍ଲ, ସୁଜୟ କୁମାର ସ୍ୱାଇଁ, ସଂଜୟ ରାଉତ, ରଂଜିତ୍ ପ୍ରଧାନ, ଜୟପ୍ରକାଶ ଚୌଧୁରୀ, ମମତା ସେଠୀ, ପ୍ରମିଳା ପତି, ଜ୍ୟୋସ୍ନାରାଣୀ ଚୌଧୁରୀ, କବିତା ରାଉତ, ମାନସୀ ପରିଡା, ରଜନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ବୟୋଜ୍ୟେଷ୍ଠ ପାଳିଲେ ରଜ ଉତ୍ସବ

ମାର୍ଶାଘାଇ,୧୫।୬(ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ଗିରଙ୍ଗ ପବନପୁତ୍ର କମିଟି ପକ୍ଷରୁ ସୋମବାର ନିଆରା ଢଙ୍ଗରେ ରଜ ଉତ୍ସବ ପାଳନ କରିଛନ୍ତି । ଅଂଚଳର ବୟୋଜ୍ୟେଷ୍ଠ ବ୍ୟକ୍ତି ମାନଙ୍କ ପାଦକୁ ହଳଦୀ ପାଣିରେ ଧୋଇ ଚିତାଚନ୍ଦନ ଲଗାଇ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ପୂଜାର୍ଚ୍ଚନା କରି ମିଷ୍ଟାନ୍ନ ଖୁଆଇ ଥିଲେ । ଏହା ପରେ ମନ୍ଦିର ସମ୍ମୁଖ ସ୍ଥାନରେ ରଜ ଦୋଳି ଲଗାଇ ଦୋଳି ଖେଳାଇ ଥିଲେ। ଏହି ଅବସରରେ ସ୍ଥାନୀୟଉ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ପୂଜାକମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏହି ବ୍ଲକ ଅନ୍ତର୍ଗତ ଶାସନିପଡା ଗ୍ରାମ ମେଲଣ ପଡିଆରେ ଆଖିରେ ପୁଟୁଳିବାନ୍ଧି ମାଟିହାଣ୍ଡି ଭାଙ୍ଗିବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମହିଳା ଏବଂ ଝିଅ ମାନଙ୍କ ମଧ୍ୟରେ ରଜଦୋଳି, ମ୍ୟୁଜିକ ଚେୟାର, ମିଠାପାନ ଭଙ୍ଗା, ପୁଚି ଖେଳ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସଞ୍ଜୟ ପ୍ରସାଦ ଚୌଧୁରୀ, ବଳରାମ ଖୁଣ୍ଟିଆ, କ୍ରାନ୍ତି ରଂଜନ ଚୌଧୁରୀ, ସୂଚନା ଦେଇଛନ୍ତି ।

# ଦିବ୍ୟାଙ୍ଗ ସାବିତ୍ରୀଙ୍କୁ ଭତ୍ତା ଦେବାକୁ ଦାବି



ଯାଜପୁର ରୋଡ଼, ୧୫।୬ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ୱାର୍ଡ ନଂ-୨୬ରେ ଏକ ଆଦିବାସୀ ବସ୍ତିରେ ଗରିବ ସାବିତ୍ରୀ ଦାସ ରହି ଆସୁଛନ୍ତି। ଆଜକୁ ୯ ବର୍ଷ ତଳେ ସାବିତ୍ରୀ ଦିନ ମଜୁରିଆ ଭାବେ କାମ କରିବାକୁ ଟ୍ରେନ୍ରେ ଯାଇଥିଲେ। ଟ୍ରେନ୍'ରେ ଏକ ଅଜଣା ଲୋକର ଧକ୍କାରେ ଟ୍ରେନ୍'ରୁ ଖସିପଡ଼ି ଗୋଟିଏ ଗୋଡ କଟି ଯାଇଥିଲା। ସେତେବେଳେ ସମାଜ ସେବି ରାଜେଶ୍ କୁମାର ରାଉତ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ସାବିତ୍ରୀଙ୍କ ରାସନ୍ କାର୍ଡ, ଦିବ୍ୟଙ୍ଗ କାର୍ଡ, ପ୍ଲାଷ୍ଟିକ ଗୋଡ କରାଇ ଦେଇଥିଲେ। କିନ୍ତୁ ଦୁଃଖର ବିଷୟ ଆଜକୁ ୯ ବର୍ଷ ହେବ ସାବିତ୍ରୀ ଗୋଟିଏ ଗୋଡ ସମ୍ପୂର୍ଣ୍ଣ କଟିଯିବା ପରେ ଭତ୍ତା ଟଙ୍କା ଗଣ୍ଡକ ପାଇଁ ସାବିତ୍ରୀ ଏବେ ଅନେକ ଥର ପୌରପରିଷଦ କାର୍ଯ୍ୟାଳୟକୁ ଦୌଡି ଦୌଡି ଭର୍ତ୍ତା ଆବେଦନ କରିବା ପରେ ମଧ୍ୟ ଭତ୍ତା ଟଙ୍କାଟିଏ ତାଙ୍କର ହୋଇ ପାରୁନାହିଁ। କିନ୍ତୁ ଦିବ୍ୟାଙ୍ଗ କାର୍ଡରେ ୭୦% ଦିବ୍ୟାଙ୍ଗ ଲେଖା ଅଛି। ତେବେ ଏଥିପାଇଁ ଏପଟେ ପ୍ରଶାସନକୁ ଅନୁରୋଧ ୭୦% ପରିବର୍ତ୍ତେ ୮୦% ସଂଶୋଧନ କରାଇ ଦିଆଯାଉ ଏବଂ ୩୫୦୦ ଟଙ୍କା ଦିବ୍ୟାଙ୍ଗ ଭତ୍ତା, କୃତ୍ରିମ ଗୋଡ ଯୋଗାଇ ଦେବାକୁ ସ୍ଥାନୀୟ ଅଂଚଳର କ୍ଲବ୍ ୟୁଥ ମାସର ସମାଜସେବୀ ରାଜେଶ୍ କୁମାର ରାଉତ, ପ୍ରକାଶ କୁମାର ଜେନା'ଙ୍କ ସମେତ ସମସ୍ତ ସଦସ୍ୟମାନେ ଦାବି କରିଛନ୍ତି।

# ଶ୍ରୀରାମ ସେନା ପକ୍ଷରୁ ରଜ ଉତ୍ସବ ପାଳନ

ପଟ୍ଟାମୁଣ୍ଡାଇ,୧୫।୬(ସଂଚାର ବ୍ୟୁରୋ): ଓଡ଼ିଶାର ଅନ୍ୟତମ ଗଣପର୍ବ ରଜଉତ୍ସବ ସହିତ ଓଡ଼ିଆର ଭାବାବେଗ ଜଡ଼ିତ ହୋଇ ରହିଛି। ଏହା ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଓଡ଼ିଆର ପ୍ରତିଘରେ ଏହାକୁ ଆନନ୍ଦ ଓ ଉତ୍ସାହର ସହିତ ପାଳନ କରାଯାଇଥାଏ ବୋଲି ପଟ୍ଟାମୁଣ୍ଡାଇ ମଙ୍ଗଳା ମଣ୍ଡପଠାରେ କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରୀରାମ ସେନା ପକ୍ଷରୁ ଆୟୋଜିତ ରଜଉତ୍ସବ ପାଳନ ଅବସରରେ ଆୟୋଜିତ ସଭାରେ ଯୋଗଦେଇ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।



ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ତଥା ସମାଜସେବୀ ରାହାସ ବିହାରୀ ଦାଶଙ୍କ ପୌରହିତ୍ୟ ଓ ସାମ୍ବାଦିକ ଉପେନ୍ଦ୍ର ନାୟକଙ୍କ ସଞ୍ଚାଳନରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ଶ୍ରୀରାମ ସେନାର ଜିଲ୍ଲା ମୁଖ୍ୟ ସାରଦା ପ୍ରସାଦ ରାଉତ ଯୋଗଦେଇ ଶ୍ରୀରାମସେନା ପକ୍ଷରୁ ଆୟୋଜିତ ରଜଉତ୍ସବ ପାଳନ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ସମାଜସେବୀ ଜଗବନ୍ଧୁ ପ୍ରଧାନ, କାଉନସିଲର୍ ବିଦ୍ୟାଧର ସେଠୀ, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରଜଉତ୍ସବ ଓଡ଼ିଆର ସଂସ୍କୃତି ପରମ୍ପରାର ଗାଥା ବହନ କରୁଥିବା ବେଳେ ଏହା ଓଡ଼ିଆ ଅସ୍ମିତାର ପ୍ରତୀକ ବୋଲି ମତବ୍ୟକ୍ତ କରିଥିଲେ।

ଓଡ଼ିଆ ଘରର ପ୍ରତ୍ୟେକ ଝିଅ, ବୋହୂ ଓ ମହିଳାମାନଙ୍କ ପାଇଁ ରଜ ଉତ୍ସବର ସ୍ୱତନ୍ତ୍ରତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ସଂଖ୍ୟାଧିକ ମହିଳାମାନେ ଯୋଗଦେଇ ଉତ୍ସବର ମଜା ନେବା ସହିତ ରଜପାନ ଓ ବିଭିନ୍ନ ପ୍ରକାରର ପିଠା ଖାଇବା ସହିତ ଅନ୍ୟମାନଙ୍କୁ ରଜପାନ ଓ ପିଠା ବାଣ୍ଟିଥିଲେ। ଏହି ରଜଉତ୍ସବରେ ରାଜନଗର ଓ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ରଜଉତ୍ସବର ମଜା ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧାଂଶୁ ଜେନା, ବିମଲ୍ କୁଣ୍ଡୁ, ଭରତ ଭଦ୍ର, ବିଦ୍ୟାଧର ମଲିକ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସମାଜସେବୀ, ସାମ୍ବାଦିକ ଓ ମହିଳାମାନେ ଯୋଗଦେଇଥିଲେ।

## ବେଆଇନ ବାଲି, ମାଟି ଓ ଇଟା ପରିବହନ ଯୋଗୁଁ ନଷ୍ଟ ହେଲାଣି

# ରଣପୁର-ମଥୁରାପୁର ସେତୁ ସଂଯୋଗ ରାସ୍ତା

କୋରେଇ,୧୫।୬ (ସଂଚାର ବ୍ୟୁରୋ): ନଦୀ କୂଳ ଅଞ୍ଚଳରେ ମାଫିଆମାନେ ବେଧଡକ ଭାବେ ଚଳାଇଥିବା ବେଆଇନ୍ ଇଟା, ମାଟି ଓ ବାଲି ଚୋରା ଚାଲାଣ ଯୋଗୁଁ ଏବଂ ପ୍ରଶାସନିକ ସ୍ତରରେ ତଦାରଖ ଅଭାବ ସାଙ୍ଗକୁ ଖାମଖିଆଲି ନୀତିର ସୁଯୋଗ ପାଇଁ ସର୍ବସାଧାରଣଙ୍କ ରାସ୍ତା ନଷ୍ଟ ହେବାରେ ଲାଗିଛି। ମାଫିଆମାନେ ନାନା କୌଶଳ ଅବଲମ୍ବନ କରି ଏବଂ କିଛି ଅସାଧୁ କର୍ମଚାରୀଙ୍କୁ ହାତକରି ଲୁଟି ଚାଲିଛନ୍ତି ସରକାରୀ ଜମିରୁ ମାଟି ଓ ବାଲି। ଯାହାର ଉଦାହରଣ ଦେଖିବାକୁ ମିଳିଛି କୋରେଇ ବ୍ଲକ ରଣପୁର ପଂଚାୟତ ଅନ୍ତର୍ଗତ ରଣପୁର ଠାରୁ ମଥୁରାପୁର ସେତୁକୁ ସଂଯୋଗ କରୁଥିବା ବୈତରଣୀ ନଦୀ ବନ୍ଧ ଉପରିସ୍ଥ ରାସ୍ତା କ୍ଷେତ୍ରରେ।



ଶହ ଶହ ଟ୍ରାକ୍ଟର ଚଳାଚଳ କରିବା ଯୋଗୁଁ ନଦୀ ବନ୍ଧରେ ଆଣ୍ଠୁଏ ଲେଖାଏଁ ଗାଡ଼ ସୃଷ୍ଟି ହୋଇ ଯାତାୟାତରେ ବାଧା ସୃଷ୍ଟି କରିଛି। ଆଖପାଖ ୩୦ଟି ଗ୍ରାମ ଏହି ନଦୀବନ୍ଧ ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏ ସମ୍ପର୍କରେ ବ୍ୟାସନଗର ତହସିଲଦାର, କୋରେଇ ବିଡିଓ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳସମ୍ପଦ ବିଭାଗ ସମସ୍ତେ ଅବଗତ ଥାଇ ମଧ୍ୟ କିଛିବି ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ଏହି ବିପର୍ଯ୍ୟସ୍ତ ନଦୀବନ୍ଧ ରାସ୍ତାରେ ନିତିଦିନ ଯାତାୟାତ କରୁଥିବା ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ଉକ୍ତ ନଦୀ ବନ୍ଧ ଦେଇ ଦିନରାତି ଟ୍ରାକ୍ଟର ଓ ଟ୍ରକ ଯୋଗେ ବାଲି ବାଲି ଓ ମାଟି ପରିବହନ ହେଉଥିଲେ ମଧ୍ୟ ସବୁ ଦେଖି ଅଧିକାରୀ ଚୁପ୍। ଆଗକୁ ବର୍ଷା ଦିନ, ଏହି ରାସ୍ତାରେ ଯାତାୟାତରେ ଅସୁବିଧା ଭୋଗିବା ଥୟ।

ବର୍ଷା ପୂର୍ବରୁ ନଦୀବନ୍ଧ ରାସ୍ତା ମରାମତି ସହ ସୁଦୃଢ଼ କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ହେଲେ ଯାଜପୁର ଜିଲା ପ୍ରଶାସନ ନଦୀ ବନ୍ଧ ମରାମତି କରି ସୁଦୃଢ କରିବାକୁ ଆଗେଇ ଆସିନି। ଏଣୁ ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି।

# ସ୍ୱପ୍ନେଶ୍ୱର ସାହିତ୍ୟ ସଂସଦର ରଜ ଉତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ




ନିଶ୍ଚିନ୍ତକୋଇଲି,୧୫।୬ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ କଟରପଡ଼ା ଗ୍ରାମ ପଞ୍ଚାୟତ ଅର୍ନ୍ତଗତ ମୁରୁଦାବାଦ ଗ୍ରାମର ସିଦ୍ଧ ସ୍ୱପ୍ନେଶ୍ୱର ପୀଠରେ ସଂସଦର ସଭାପତି ଶିକ୍ଷାବିତ୍ ତଥା ସାହିତ୍ୟିକ ଫକୀରଚରଣ ନାୟକଙ୍କ ସଭାପତିତ୍ୱରେ ରଜଉତ୍ସବ, ବ୍ୟାସକବି ଫକୀର ମୋହନଙ୍କ ମହାପ୍ରୟାଣ ଦିବସ ଓ ଚଳିତ ବର୍ଷ ଦର୍ଶମ ଶ୍ରେଣୀ ପରୀକ୍ଷାରେ ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରତିଭା ସମ୍ମାନ ଉତ୍ସବ ଆୟୋଜିତ ହୋଇଥିଲା। ଉକ୍ତ ଉତ୍ସବର ଉଦ୍‌ଘାଟକ ସର୍ବଭାରତୀୟ ଶିକ୍ଷା ସମାଜର ସଭାପତି ତଥା ପ୍ରାକ୍ତନ ପ୍ରଫେସର ଡ଼ଃ.ଯୁଧିଷ୍ଠିର ଖଟୁଆ, ମୁଖ୍ୟବକ୍ତା ଭଦ୍ରକ ସ୍ୱ-ଶାସିତ ମହାବିଦ୍ୟାଳୟ ଇଂରାଜୀ ବିଭାଗ ସହପ୍ରଫେସର ଡ଼ଃ.ପ୍ରଭାମୟୀ ଦେବୀ, ମୁଖ୍ୟଅତିଥି ଭାବେ ସ୍ଥାନୀୟ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଡ଼ଃ ତରୁଲତା ଦେବୀ, ବରେଣ୍ୟ ଅତିଥି ଭାବେ କୁଳସୁକରପଡ଼ା ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନଞ୍ଜୟ ବରାଳ, ସମ୍ମାନୀତ ଅତିଥି ଭାବେ ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ କାକଟପୁର ଶିକ୍ଷାବିଭାଗ ଅଧିକାରୀ ମନୋଜ କୁମାର ସାହୁ ଯୋଗ ଦେଇ କୃତୀ ଛାତ୍ର ଛତ୍ରୀମାନଙ୍କୁ ପ୍ରଶଂସାପତ୍ର, ଉତ୍ତରୀୟ ତଥା ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

ସମ୍ବର୍ଦ୍ଧନାରେ ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧିନରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାନ୍ତପୁର କୃତୀ ଛାତ୍ରୀ ଆଦ୍ୟାଶା ଦାଶ, ଶ୍ରୀଅରବିନ୍ଦ ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରୀ ଅର୍ଚ୍ଚିତା ଜେନା, ଡ଼ଃ ଦେବ୍ ମହାନ୍ତି ପବ୍ଲିକ ସ୍କୁଲର କୃତୀ ଛାତ୍ର ସାଇପ୍ରସାଦ ବଳ ଏବଂ ସ୍ଥାନୀୟ ସେଣ୍ଟ ଜାଭିୟର କଟରପଡ଼ାର କୃତୀ ଛାତ୍ର ଅର୍ପିତ୍ ଆନନ୍ଦ ପାତ୍ର, କ୍ଷେତ୍ରମୋହନ ବିଦ୍ୟାପୀଠ କଟରପଡ଼ାର କୃତୀ ଛାତ୍ରୀ ଗାୟତ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରି ଅତିଥି ମାନେ ସେମାନଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ।

ଦୀଘାରୁ ହଟିଲା 'ଧାମ' ଶବ୍ଦ: ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ଗଣସମ୍ବର୍ଦ୍ଧନା

# ପୁରୀ ହିଁ ବିଶ୍ୱର ଏକମାତ୍ର 'ଶ୍ରୀଜଗନ୍ନାଥ ଧାମ'

■ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଶାସକ ନୁହଁନ୍ତି, ମହାପ୍ରଭୁ ହିଁ ପ୍ରକୃତ ରାଜା

■ ଶାସ୍ତ୍ରୀୟ ପରମ୍ପରାର ସଂରକ୍ଷଣ ପାଇଁ ଆମ ସରକାର ସତର୍କ ପ୍ରହରୀ

ଭୁବନେଶ୍ୱର,୧୫।୬(ସଂଚାର ବ୍ୟୁରୋ): ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ପାଇଁ ଦୃଢ଼ ପଦକ୍ଷେପ ନେଇଥିବାରୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୁରୀ ଟାଉନ ହଲଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଭବ୍ୟ ଗଣସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। 'ଶ୍ରୀ ଜଗନ୍ନାଥ ଭକ୍ତ ସେବା ସଂସ୍ଥାନ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧୁ-ସନ୍ଥ, ଶ୍ରୀମନ୍ଦିରର ସେବାୟତ ମଣ୍ଡଳୀ ଓ ହଜାର ହଜାର ଜଗନ୍ନାଥପ୍ରେମୀ ଭକ୍ତଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ପଶ୍ଚିମବଙ୍ଗର ଦୀଘା ଜଗନ୍ନାଥ ମନ୍ଦିର ନାମରୁ 'ଧାମ' ଶବ୍ଦ ହଟାଇବା ପାଇଁ ମୁଖ୍ୟମନ୍ତ୍ରୀ କରିଥିବା ସଫଳ ଓ ଐତିହାସିକ ହସ୍ତକ୍ଷେପ ପାଇଁ ସଂସ୍ଥାନ ପକ୍ଷରୁ ତାଙ୍କୁ ଗଭୀର କୃତଜ୍ଞତା ପ୍ରକାଶ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରି କହିଥିଲେ ଯେ ସନାତନ ସଂସ୍କୃତି ଓ ଶାସ୍ତ୍ରୀୟ ବିଧିବିଧାନ ଅନୁଯାୟୀ ସମଗ୍ର ବିଶ୍ୱରେ କେବଳ 'ପୁରୀ' ହିଁ ଏକମାତ୍ର ଶ୍ରୀଜଗନ୍ନାଥ ଧାମ। ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ରତା ରହିଛି। ଆମ ସରକାର ଶ୍ରୀ ଜଗନ୍ନାଥ ସଂସ୍କୃତିର ସୁରକ୍ଷା, ପ୍ରସାର ଏବଂ ଶ୍ରୀ ମନ୍ଦିରର ଶାସ୍ତ୍ରୀୟ ପରମ୍ପରାର ସଂରକ୍ଷଣ ପାଇଁ ରାଜ୍ୟ ସରକାର ସର୍ବଦା ପ୍ରହରୀ ସଦୃଶ ଜଗିକି ରହିବେ ବୋଲି ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆଶ୍ୱସ୍ତ କରିଥିଲେ।

ପଶ୍ଚିମବଙ୍ଗର ଦିଘାଠାରେ ନିର୍ମିତ ମନ୍ଦିର ପାଇଁ ଧାମ ଶବ୍ଦର ବ୍ୟବହାର ଓଡ଼ିଆ ଜାତିର ଆଧ୍ୟାତ୍ମିକ ଭାବନାକୁ ଆଘାତ ଦେଇଥିଲା। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଓଡ଼ିଶା ସରକାର ଦୃଢ଼ ହସ୍ତକ୍ଷେପ କରିବା ସହ ପୁରୀ ସାଂସଦ ସମ୍ବିତ ପାତ୍ରଙ୍କ ମାଧ୍ୟମରେ ପଶ୍ଚିମବଙ୍ଗର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାର ସକାରାତ୍ମକ ପ୍ରଭାବ ସ୍ୱରୂପ ପଶ୍ଚିମବଙ୍ଗ ସରକାର ଦିଘା ଜଗନ୍ନାଥ ମନ୍ଦିର ନାମରୁ ଧାମ ଶବ୍ଦକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯେଉଁମାନେ ମହାପ୍ରଭୁଙ୍କୁ ନେଇ ରାଜନୀତି କିମ୍ବା ଅହଂକାର କରିଛନ୍ତି, ସେମାନେ ନିର୍ବାଚନରେ ତା'ର ଫଳ ଭୋଗିଛନ୍ତି, କାରଣ କାଳିଆ ସାଆନ୍ତଙ୍କ ପାଖରେ ଅହଂକାରର କୌଣସି ସ୍ଥାନ ନାହିଁ।

ସରକାର ଗଠନ ପ୍ରଥମ ଦିନରୁ ଶ୍ରୀମନ୍ଦିରର ଚାରିଦ୍ୱାର ଭକ୍ତଙ୍କ ପାଇଁ ଉନ୍ମୁକ୍ତ କରିବା ଏବଂ ପବିତ୍ର ରତ୍ନଭଣ୍ଡାରର ଗଣତିମଣତି ପାଇଁ ପଦକ୍ଷେପ ନେବା ସରକାରଙ୍କ ଆନ୍ତରିକତାକୁ ଦର୍ଶାଏ। ଏଥିସହ ଗରିବ ଓ ବରିଷ୍ଠ ନାଗରିକଙ୍କୁ ନିଶୁଳ୍କ ମହାପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ସେବନ କରାଇବା ପାଇଁ ଆରମ୍ଭ ହୋଇଥିବା 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା' ମାଧ୍ୟମରେ ଅନେକ ଭକ୍ତ ଉପକୃତ ହୋଇସାରିଥିବା ସେ ସୂଚନା ଦେଇଛନ୍ତି। ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଶାସକ ନୁହଁନ୍ତି, ବରଂ ସ୍ୱୟଂ ମହାପ୍ରଭୁ ହିଁ ପ୍ରକୃତ ରାଜା ଏବଂ ମୁଖ୍ୟମନ୍ତ୍ରୀ ଆସନ କ୍ଷମତାର ପ୍ରତୀକ ନୁହେଁ, ବରଂ ଜନସେବାର ଏକ ମାଧ୍ୟମ ବୋଲି ସେ ଭାବବିହ୍ୱଳ ହୋଇ କହିଥିଲେ।

ମୁଖ୍ୟମନ୍ତ୍ରୀ ମଧ୍ୟ ସାଂସଦ ଶ୍ରୀ ପାତ୍ରଙ୍କ ଭୂମିକାକୁ ଉଚ୍ଚ ପ୍ରଶଂସା କରି କହିଥିଲେ ଯେ ପଶ୍ଚିମବଙ୍ଗରେ ନୂତନ ସରକାର ଗଠନ ହେଲା ପରେ ସେ ବ୍ୟକ୍ତିଗତ ଭାବେ ଶ୍ରୀ ପାତ୍ରଙ୍କ ମାଧ୍ୟମରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ପାଖକୁ ଏକ ସ୍ପଷ୍ଟ ପତ୍ର ପ୍ରେରଣ କରିଥିଲେ। ସାଂସଦ ଶ୍ରୀ ପାତ୍ର ଓଡ଼ିଶାବାସୀ ଓ ସେବାୟତଙ୍କ ଭାବନାକୁ ପଶ୍ଚିମବଙ୍ଗ ସରକାରଙ୍କ ନିକଟରେ ଅତି ଯୁକ୍ତିଯୁକ୍ତ ଓ ଶାସ୍ତ୍ରସମ୍ମତ ଭାବେ ଉପସ୍ଥାପନ କରି ଏକ ସାଂସ୍କୃତିକ ସେତୁର କାର୍ଯ୍ୟ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।





ଲୋକ ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟପାଳ ଡ଼ଃ ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ୍ କରି ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି।

## ଲେଡି ପ୍ରୋଟେକ୍ଟ ଟିମ୍‌ର ରଜ ମହୋତ୍ସବ



ଭୁବନେଶ୍ୱର,୧୪।୬(ସଂଚାର ବ୍ୟୁରୋ): ଲେଡି ପ୍ରୋଟେକ୍ଟ ଟିମ୍ (ଏଲପି ଟିମ) ପକ୍ଷରୁ ଚନ୍ଦ୍ରଶେଖରପୁରସ୍ଥିତ ଦୁର୍ଗା ପଡ଼ିଆଠାରେ ରଜ ମହୋତ୍ସବ ଧୂମ୍‌ଧାମ୍‌ରେ ପାଳିତ ହୋଇଛି। ମହୋତ୍ସବରେ କଲୋନୀର ସମସ୍ତ ବର୍ଗର ଲୋକେ ସାମିଲ ହୋଇଥିଲେ। ଅନୁଷ୍ଠାନ ପକ୍ଷରୁ ଚିତ୍ରାଙ୍କନ, ବକ୍ତୃତା, ରଙ୍ଗୋଲି, ପୁଚି, ସ୍କିପିଙ୍ଗ, ମେହନ୍ଦୀ, ବେଲୁନ୍ ଫଟା, ହୁଳହୁଳି, ମ୍ୟୁଜିକ୍ ଚେୟାର, ନୃତ୍ୟ, ଗୀତ ଓ ବିଭିନ୍ନ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଯୁବକଯୁବତୀ, ମହିଳା ଓ ବରିଷ୍ଠ ନାଗରିକ ଭାଗ ନେଇଥିଲେ। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟିମ୍‌ର ସଭାପତି ରମାକାନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, ସମ୍ମାନିତ ଅତିଥି ଭାବେ ବିଜେପି ନେତା ପ୍ରକାଶ ଶ୍ରୀଚନ୍ଦନ, ପୂର୍ବତନ କର୍ପୋରେଟର ନିରୁପମା ଜେନା, ଚନ୍ଦ୍ରଶେଖର ମଣ୍ଡଳ ସଭାପତି ନଗେନ ବିଶୋଇ, ଉପଦେଷ୍ଟା ସମରେନ୍ଦ୍ର ସାହୁ, ଜୋନ ୬ ଏସିପି ମାନସ ରଞ୍ଜନ ପ୍ରଧାନ, ଚନ୍ଦ୍ରଶେଖରପୁର ଥାନାଧିକାରୀ ଗିରୀଶ ଚନ୍ଦ୍ର ମହାରଣା ଯୋଗଦେଇ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଏଲପି ଟିମ୍‌ର ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ସ୍ୱେଚ୍ଛାସେବୀ, ପ୍ରଶାସକ ଓ ବିଭିନ୍ନ ସଂଗଠନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ରଜ ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଟିମ୍‌ର ସମ୍ପାଦକ ଅନିରୁଦ୍ଧ ଲେଙ୍କା ଧନ୍ୟବାଦ ଦେଇଥିବା ବେଳେ ସମସ୍ତ କାର୍ଯ୍ୟକ୍ରମରେ ଟିମ୍‌ର ସଦସ୍ୟସଦସ୍ୟାମାନେ ସହଯୋଗ କରିଥିଲେ।

## ବୃଦ୍ଧାଶ୍ରମରେ ନିଆରା ଢଙ୍ଗରେ ରଜ





ଭୁବନେଶ୍ୱର,୧୫।୬(ସଂଚାର ବ୍ୟୁରୋ): ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ୍ ସ୍ୱର୍ଗତଃ ସନ୍ତୋଷ ଦାସଙ୍କ ଜନ୍ମ ଜୟନ୍ତୀରେ ଅଗ୍ରଣୀ ଶିକ୍ଷାଭିତ୍ତିକ ଅନୁଷ୍ଠାନ ସନ୍ତୋଷ ମେମୋରିଆଲ ଏଜୁକେସନାଲ୍ ଚାରିଟେବ୍‌ଲ ଟ୍ରଷ୍ଟ ପକ୍ଷରୁ ନୀଳାଦ୍ରି ବିହାରସ୍ଥିତ ବୃଦ୍ଧାଶ୍ରମରେ ନିଆରା ଢଙ୍ଗରେ ରଜ ଉତ୍ସବ ପାଳିତ ହୋଇଛି। ଆଜି ସକାଳୁ ଟ୍ରଷ୍ଟର ସଦସ୍ୟମାନେ ବୃଦ୍ଧାଶ୍ରମରେ ପହଞ୍ଚି ପ୍ରଥମେ ଅନ୍ତେବାସୀଙ୍କୁ ପ୍ରସାଧନ ସାମଗ୍ରୀ ଲଗାଇ ସୁସଜ୍ଜିତ କରିବା ସହ ଅନ୍ନ ସେବା ପ୍ରଦାନ କରି ହସଖୁସି ନାଚଗୀତରେ ଅନ୍ତେବାସୀଙ୍କ ସହ ଧୂମ୍‌ଧାମରେ ରଜ ଉତ୍ସବ ପାଳନ କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ଅଂଶୁମାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନଆଇଏଟି ନିର୍ଦ୍ଦେଶକ ଦେବାଶିଷ ପରିଡ଼ା ଯୋଗଦେଇ ସ୍ୱର୍ଗତ ସନ୍ତୋଷ ଦାସଙ୍କ ସ୍ମୃତି ଚାରଣ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁକାନ୍ତ ରାଉତ ଯୋଗଦେଇ ବନ୍ଧୁତ୍ୱର ଶ୍ରେଷ୍ଠ ନିଦର୍ଶନ ଥିଲେ ସନ୍ତୋଷ ଦାସ ବୋଲି କହିଥିଲେ। ଟ୍ରଷ୍ଟର ଟ୍ରଷ୍ଟି ଅମୂଲ୍ୟ କୁମାର ସାହୁ, ଅମିତା ଦାସ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମଶାଲ ପକ୍ଷରୁ ରଜ ମହୋତ୍ସବ



ଭୁବନେଶ୍ୱର,୧୫।୬(ସଂଚାର ବ୍ୟୁରୋ): ସାମାଜିକ ଅନୁଷ୍ଠାନ 'ମଶାଲ' ପକ୍ଷରୁ ୨୬ତମ ରାଜ୍ୟସ୍ତରୀୟ ରଜ ମହୋତ୍ସବ ବହୁ ଜାକଜମକରେ ପାଳିତ ହୋଇଯାଇଛି। ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ପରିସରରେ ରଜ ସଂକ୍ରାନ୍ତି ଅବସରରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମ୍ୟ ପରିବେଶ ମଧ୍ୟରେ ଦୋଳି ଖେଳ, ଖିଲି ପାନ, ଅଳତା ଲଗାଇବା, ପିଠା ଷ୍ଟଲ୍ ଆଦି ଖୋଲାଯାଇଥିଲା। ଲୋକମାନେ ପିଠା ଖାଇବା ସହ ଦୋଳି ଖେଳିବା ସହ ନାଚ ଗୀତର ମଜା ନେଇଥିଲେ। ଏହି ମହୋତ୍ସବକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଓ ଅନ୍ୟତମ ଅତିଥି ଭାବେ ସିନେ ତାରକା ହରିହର ମହାପାତ୍ର ଯୋଗଦେଇ ନିଜ ନିଜର ବକ୍ତବ୍ୟରେ ରଜ ମହୋତ୍ସବ ପାଳନର ମାହାତ୍ମ୍ୟ ଓ ଓଡ଼ିଶାରେ ଏହାର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଏହି ଅବସରରେ ଥାଇଲାଣ୍ଡନିବାସୀ ତଥା ଜଗନ୍ନାଥ ସଂସ୍କୃତି ଓ ଓଡ଼ିଶାର ହସ୍ତଶିଳ୍ପକୁ ବାହାରେ ପ୍ରଚାର ପ୍ରସାର କରୁଥିବା ଅନୀତା ବୋଷଙ୍କୁ ମଶାଲ ପ୍ରତିଭା ସମ୍ମାନ-୨୦୨୬ ଓ ଏମଜିଏମ୍ ଗ୍ରୁପର ଅଧ୍ୟକ୍ଷା ସୀମା ମହାନ୍ତିଙ୍କୁ ଶ୍ରେଷ୍ଠ ସାଧବାଣୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

■ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬

## ଭୁବନେଶ୍ୱରରେ ସପ୍ତାହବ୍ୟାପୀ ଯୋଗ ମହୋତ୍ସବ ଆରମ୍ଭ

ଭୁବନେଶ୍ୱର,୧୫।୬(ସଂଚାର ବ୍ୟୁରୋ): ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପାଳନ ପୂର୍ବରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଯୋଗ ମହୋତ୍ସବ ସମିତିର ମିଳିତ ସହଯୋଗରେ ସ୍ଥାନୀୟ କଳିଙ୍ଗ ଷ୍ଟାଡ଼ିୟମର ଇନ୍‌ଡୋର ଆଥ୍‌ଲେଟିକ୍ସ ସେଣ୍ଟରଠାରେ ସପ୍ତାହବ୍ୟାପୀ ଯୋଗ ମହୋତ୍ସବର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଛି। କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଓଡ଼ିଶା ଯୋଗ ମହୋତ୍ସବ ସମିତି ସଭାପତି ଆଲୋକ ଦାସ, ସମ୍ପାଦକ ଡ. ଦେବକାନ୍ତ ବେହେରା ଓ ରାଜ୍ୟ ସଂଗଠକ ପ୍ରେମାନନ୍ଦ ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ସହ ଅଂଶଗ୍ରହଣକାରୀଙ୍କୁ ଯୋଗାଭ୍ୟାସ ଓ ଶପଥ ପାଠ କରାଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନ ଓ କ୍ରୀଡ଼ା ମନ୍ତ୍ରୀ ଶ୍ରୀ ସୂରଜଙ୍କ ନେତୃତ୍ୱରେ ଏହି ସପ୍ତାହବ୍ୟାପୀ ଯୋଗ ମହୋତ୍ସବ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଜୁନ୍ ୨୧ରେ କଳିଙ୍ଗ ଷ୍ଟାଡ଼ିୟମଠାରେ ଭବ୍ୟ ସମାରୋହରେ ଅନ୍ତର୍ଜାତୀୟ ଯୋଗ ମହୋତ୍ସବ ୨୦୨୬ ପାଳିତ ହେବ। ଏହି ଅବସରରେ କ୍ରୀଡ଼ା ମନ୍ତ୍ରୀ କହିଛନ୍ତି ଯେ ପ୍ରତ୍ୟେକ ଦିନ ଆମକୁ ଯୋଗ କରିବାର ଆବଶ୍ୟକତା ଅଛି ଓ ଆଜିର ଦିନରେ ସମାଜକୁ ସୁସ୍ଥ ରଖିବାକୁ ହେଲେ ବ୍ୟକ୍ତିଗତ ସୁସ୍ଥତାର ମଧ୍ୟ ଆବଶ୍ୟକତା ରହିଛି। ବ୍ୟକ୍ତିଗତ ଭାବେ ସୁସ୍ଥ ରହିବା ହିଁ ସାମୂହିକ ସୁସ୍ଥତା ପାଇବା। ବ୍ୟକ୍ତିଗତ ସୁସ୍ଥତା ପାଇଁ ଯୋଗଠାରୁ ଆଉ ବଡ଼ ମାଧ୍ୟମ ଆଉ କିଛି ନାହିଁ ବୋଲି ସେ କହିଛନ୍ତି।



● ସରପଞ୍ଚ ଚାମେଲି ଓଝା ପ୍ରସଙ୍ଗ

## ୧୭ରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରିବ ଯୁବ କଂଗ୍ରେସ

ଭୁବନେଶ୍ୱର,୧୫।୬(ସଂଚାର ବ୍ୟୁରୋ): ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ସୂଚନା ଦେଇଛନ୍ତି ଯେ ଆସନ୍ତା ୧୭ ତାରିଖରେ ତିଖିରି ସରପଞ୍ଚ ଚାମେଲୀ ଓଝାଙ୍କୁ ନ୍ୟାୟ ପ୍ରଦାନ ଦାବିରେ କେନ୍ଦ୍ରାପଡ଼ା ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ। ଏନେଇ ଶ୍ରୀ ପାତ୍ର କହିଛନ୍ତି ଯେ ଜନପ୍ରିୟ ମହିଳା ସରପଞ୍ଚ ଚାମେଲିଙ୍କ ବିରୋଧରେ ପ୍ରଶାସନ ଲାଗିପଡ଼ିବା ଦୁର୍ଭାଗ୍ୟଜନକ। ସେ ତାଙ୍କ ପଞ୍ଚାୟତର ସମସ୍ୟାକୁ ନେଇ ମହାକାଳପଡ଼ା ବିଡ଼ିଓଙ୍କ ନିକଟରେ ଉପସ୍ଥାପନ କରୁଥିବା ବେଳେ ବିଡିଓ ତାଙ୍କ ନାମରେ ମିଥ୍ୟା ମକଦ୍ଦମା ରୁଜୁ କରିଛନ୍ତି। ସ୍ଥାନୀୟ ବିଧାୟକଙ୍କ ଚାପରେ ବିଡିଓ ଉଦ୍ଦେଶ୍ୟମୂଳକ ଭାବେ ଚାମେଲିଙ୍କୁ ହଇରାଣ ହରକତ କରୁଥିଲେ। ସେଦିନ ବିଧାୟକଙ୍କ ଇଙ୍ଗିତରେ ବ୍ଲକ କାର୍ଯ୍ୟାଳୟରେ କେତେକ ବିଜେପି ଗୁଣ୍ଡା ଚାମେଲିଙ୍କ ଫୋନ୍ ଛଡ଼ାଇବା ସହ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଚାମେଲିଙ୍କ ଫୋନ୍‌ରେ କ'ଣ ଏପରି କଥା ରହିଛି ଯେ ତାଙ୍କ ଫୋନ୍‌କୁ ପୁଲସ ଜବତ କରିଛି। ଅନ୍ୟପକ୍ଷରେ ଚାମେଲିଙ୍କ ସାନ ଭାଇଙ୍କୁ ବିନା କାରଣରେ ଜେଲରେ ଭର୍ତ୍ତି କରାଯାଇଛି।

ସେହିପରି ଚାମେଲୀ ମହାକାଳପଡ଼ା ବିଧାୟକଙ୍କ ନାମରେ ଯେଉଁ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ତାକୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଡିଜିପି ବିଚାରକୁ ନେଲେନାହିଁ। ଜଣେ ମହିଳା ସରପଞ୍ଚଙ୍କୁ ବିଜେପି ବିଧାୟକ କେଉଁଭଳି ଲାଞ୍ଛିତ, ହଇରାଣ ହରକତ କରୁଥିଲେ ଓ ମାନସିକ ନିର୍ଯାତନା ଦେଉଥିଲେ, ତା' ଖୋଲାଖୋଲି ଚାମେଲି ଗଣମାଧ୍ୟମରେ କହିସାରିଛନ୍ତି। ଚାମେଲି ନିଜ ଜୀବନ ପ୍ରତି ବିପଦ ଅଛି ବୋଲି ବାରମ୍ବାର ଗଣମାଧ୍ୟମରେ କହୁଛନ୍ତି। ସୁତରାଂ ନାରୀଶକ୍ତି ବନ୍ଦନର ଡିଣ୍ଡିମ ପିଟୁଥିବା ବିଜେପିର ଅସଲ ମୁଖାର ପର୍ଦ୍ଦାଫାସ ହୋଇଛି ବୋଲି ଶ୍ରୀ ପାତ୍ର କହିଛନ୍ତି। ସେହିପରି ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ ଚାମେଲିଙ୍କୁ ନିଃସର୍ତ୍ତ ଖଲାସ କରାଯିବା ସକାଶେ ଦାବି କରିବା ସହ ତାଙ୍କ ବିରୋଧରେ ସମସ୍ତ ମିଥ୍ୟା ଅଭିଯୋଗକୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଏଥିସହ ଘଟଣାର ନ୍ୟାୟିକ ତଦନ୍ତ କରାଯାଇ ମହାକାଳପଡ଼ାର ବିଧାୟକ, ବିଡିଓ, ଥାନାଧିକାରୀ ଓ ଏସ୍‌ପିଙ୍କୁ ପରିସରଭୁକ୍ତ କରିବା ସକାଶେସେ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ କେଦାର ଦଳାଇ ମଧ୍ୟ ଉପସ୍ଥିତ ଥିଲେ।





## ଦୁଇଦିନିଆ ଓଡ଼ିଶା ଗସ୍ତରେ ବରିଷ୍ଠ ଉପନିର୍ବାଚନ ଆୟୁକ୍ତ

■ ଏସଆଇଆର ପ୍ରକ୍ରିୟାର କରିବେ ସମୀକ୍ଷା



ଭୁବନେଶ୍ୱର,୧୫।୬(ସଂଚାର ବ୍ୟୁରୋ): ଆସନ୍ତାକାଲି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଭାରତର ବରିଷ୍ଠ ଉପନିର୍ବାଚନ ଆୟୁକ୍ତ ଜ୍ଞାନେଶ ଭାରତୀ। ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିବେ। ଏହି ଗସ୍ତ କାଳରେ ଉପନିର୍ବାଚନ ଆୟୁକ୍ତ ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ନିର୍ବାଚକ ପଞ୍ଜିକରଣ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଗସ୍ତ ସୂଚୀ ଅନୁଯାୟୀ, ଆସନ୍ତାକାଲି ଅର୍ଥାତ୍ ଜୁନ୍ ୧୬ ତାରିଖରେ ରାଜଧାନୀ ଭୁବନେଶ୍ୱରଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଉପନିର୍ବାଚନ ଆୟୁକ୍ତ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ନିର୍ବାଚକ ପଞ୍ଜିକରଣ ଅଧିକାରୀମାନଙ୍କ ସହ ସ୍ୱତନ୍ତ୍ର ସଘନ ସଂଶୋଧନର ବର୍ତ୍ତମାନ ସ୍ଥିତି ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିବେ। ଏଥିସହ ସେ ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଅଧିକାରୀମାନଙ୍କୁ ଆବଶ୍ୟକୀୟ ଦିଗଦର୍ଶନ ଦେବେ। ସେହିପରି ଜୁନ୍ ୧୭ ତାରିଖରେ ଶ୍ରୀ ଭାରତୀ ଗଞ୍ଜାମ ଜିଲ୍ଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ସେ କ୍ଷେତ୍ର ସ୍ତରରେ ଚାଲିଥିବା ସଂଶୋଧନ ପ୍ରକ୍ରିୟାର ଅଗ୍ରଗତି ପରଖିବେ ଓ ସ୍ଥାନୀୟ ନିର୍ବାଚନ ପ୍ରଶାସନ ସହ ସ୍ୱତନ୍ତ୍ର ଭାବେ ଆଲୋଚନା କରିବେ। ଭୋଟର ତାଲିକାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ କେତେ ଦୂର ଆଗେଇଛି, ସେ ନେଇ ଜିଲ୍ଲାୱାରୀ ରିପୋର୍ଟ ଯାଞ୍ଚ କରାଯିବ।

## କେନାଲରୁ ୧୮ ଫୁଟର ବଉଳା କୁମ୍ଭୀର ଉଦ୍ଧାର



ରାଜନଗର, ୧୫।୬ (ସଂଚାର ବ୍ୟୁରୋ) : କେନାଲରୁ ୧୮ ଫୁଟର ବଉଳା କୁମ୍ଭୀର ଉଦ୍ଧାର । କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଜରିମୂଳ ଗାଁ ନିକଟସ୍ଥ କେନାଲରୁ କୁମ୍ଭୀରରୁ ଉଦ୍ଧାର କରିଛି ରାଜନଗର ବନବିଭାଗ। ଗତ କିଛିଦିନ ହେବ ଏହି କୁମ୍ଭୀରଟି ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ମାଛ ଖାଇବା ପାଇଁ ଏଠାକୁ ଚାଲି ଆସିଥିଲା । ସ୍ଥାନୀୟ ଲୋକେ କୁମ୍ଭୀର ଭୟରେ କେନାଲ ପାର ହୋଇ ତାଙ୍କ ଜମିକୁ ଯାଇ ପାରୁନଥିଲେ। ଗତ ଦୁଇ ବର୍ଷ ତଳେ ଏହି ସ୍ଥାନରୁ କୁମ୍ଭୀରଟି ଜଣେ ମହିଳାଙ୍କୁ ମଧ୍ୟ ଟାଣି ନେଇଥିଲା। ଅଭିଯୋଗ ପରେ କୁମ୍ଭୀରକୁ ଧରିବା ପାଇଁ ବାରମ୍ବାର ଉଦ୍ୟମ କରି ମଧ୍ୟ ବନବିଭାଗ ଫେଲ ମାରିଥିଲା। ଆଜି କେନାଲର ଦୁଇ ପାର୍ଶ୍ୱରେ ଜାଲ ଦେଇ କୁମ୍ଭୀରକୁ ଉଦ୍ଧାର କରିବାରେ ବନ ବିଭାଗ ସଫଳ ହୋଇଛି।





## ବିଶ୍ୱ ରକ୍ତଦାତା ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଭୁବନେଶ୍ୱର,୧୫।୬ (ସଂଚାର ବ୍ୟୁରୋ): ବିଶ୍ୱ ରକ୍ତଦାତା ଦିବସରେ ଓଡ଼ିଶା ରକ୍ତ କେନ୍ଦ୍ର, ଭୁବନେଶ୍ୱର ମହାନଗର ନିଗମ (ବିଏମସି) ରକ୍ତ କେନ୍ଦ୍ର, ମିଶନ୍ ରକ୍ତଦାନ ଓ ୱରି ଫ୍ରି ୱେଲନେସ୍ ସେଣ୍ଟର ପକ୍ଷରୁ ମିଳିତ ଭାବେ ପାତ୍ରପଡ଼ାସ୍ଥିତ ୱରି ଫ୍ରି ୱେଲନେସ୍ ସେଣ୍ଟର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ସେଣ୍ଟରର ମୁଖ୍ୟ ନାରାୟଣ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରକୁ ବିଏମସି ରକ୍ତ କେନ୍ଦ୍ରର ଅଧିକାରୀ ଡାକ୍ତର କଲ୍ୟାଣ କୁମାର ସରକାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଶିଷ୍ଟ ଗାନ୍ଧୀବାଦୀ ପ୍ରହଲ୍ଲାଦ ସିଂହ, ଜାତୀୟ ଯୁବ ପ୍ରକଳ୍ପର ରାଷ୍ଟ୍ରୀୟ ଟ୍ରଷ୍ଟି ମଧୁସୂଦନ ଦାସ, ସିନିୟର ୱେଲନେସ୍ କୋଚ୍ କଳ୍ପନା ସିଂହ ଓ ଯୁବ ସମାଜସେବୀ ସୋମ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉପସ୍ଥିତ ଅତିଥିମାନେ ରକ୍ତଦାନର ମହତ୍ତ୍ୱ, ଏହାର ସାମାଜିକ ଆବଶ୍ୟକତା ଓ ଜୀବନ ରକ୍ଷାରେ ଏହାର ଅପରିହାର୍ଯ୍ୟ ଭୂମିକା ସମ୍ପର୍କରେ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରିଥିଲେ।

ଶିବିର ପରିଚାଳନାରେ ଗୁନୁ ଆଚାର୍ଯ୍ୟ, ବିଭୂତି ଭୂଷଣ ସାହୁ, ହରପ୍ରସାଦ ମହାପାତ୍ର, ରଶ୍ମିତା ସାହୁ ଓ ଅନ୍ୟାନ୍ୟ ସହଯୋଗୀ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ସମସ୍ତ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ନିୟମିତ ରକ୍ତଦାନ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ରକ୍ତଦାନ ପାଇଁ ପ୍ରେରିତ କରିବାର ଶପଥ ନେଇଥିଲେ।

ବିପଜ୍ଜନକ ହାତରେ ମଇଳା ସଫା ପ୍ରଥାର ହେବ ଉଚ୍ଛେଦ

## ଯାନ୍ତ୍ରିକ ସଫେଇକୁ ପ୍ରୋତ୍ସାହିତ କରିବ 'ଗରିମା'

ଭୁବନେଶ୍ୱର,୧୫।୬(ସଂଚାର ବ୍ୟୁରୋ): ମୁଖ୍ୟ ସଫେଇ କର୍ମଚାରୀଙ୍କ ସୁରକ୍ଷା, ମର୍ଯ୍ୟାଦା ଓ ସାମଗ୍ରିକ କଲ୍ୟାଣ ନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ରାଜ୍ୟର ସମସ୍ତ ସହରାଞ୍ଚଳରେ 'ଗରିମା' ଯୋଜନାର କାର୍ଯ୍ୟାନ୍ୱୟନକୁ ଜୋରଦାର କରିଛି। ଏହି ଅଭିନବ ପ୍ରୟାସର ଉଦ୍ଦେଶ୍ୟ ହାତରେ ବିପଜ୍ଜନକ ମଇଳା ସଫା କରିବା ପ୍ରଥାର ଉଚ୍ଛେଦ କରି ଯାନ୍ତ୍ରିକ ସଫେଇ ସେବାକୁ ପ୍ରୋତ୍ସାହିତ କରିବା ଏବଂ ସହରର ସ୍ୱଚ୍ଛତା ଓ ଜନସ୍ୱାସ୍ଥ୍ୟ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସଫେଇ କର୍ମଚାରୀଙ୍କୁ ବ୍ୟାପକ ସାମାଜିକ ସୁରକ୍ଷା ପ୍ରଦାନ କରିବା। ଏହି ନୂତନ ଅଭିଯାନର ଅଂଶସ୍ୱରୂପ ବିଭାଗ ପକ୍ଷରୁ ସମସ୍ତ ମୁଖ୍ୟ ସଫେଇ କର୍ମଚାରୀଙ୍କ ସାର୍ବଜନୀନ ଚିହ୍ନଟ ଓ ପଞ୍ଜୀକରଣ କରାଯାଉଛି। ଏହାଦ୍ୱାରା ପ୍ରତ୍ୟେକ ଯୋଗ୍ୟ କର୍ମଚାରୀଙ୍କୁ କଲ୍ୟାଣ ଓ ସୁରକ୍ଷା ବ୍ୟବସ୍ଥାର ପରିସରଭୁକ୍ତ କରାଯାଇପାରିବ। ହାତରେ ମଇଳା ସଫା କରିବା ଓ ବିପଜ୍ଜନକ ବର୍ଜ୍ୟବସ୍ତୁ ପରିଚାଳନା ସହ ଜଡ଼ିତ ବିପଦକୁ ଦୂର କରିବା ପାଇଁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସୁଦୂରପ୍ରସାରୀ ଯାନ୍ତ୍ରିକ ସଫେଇ ମେସିନ ଓ ଆଧୁନିକ ପରିମଳ ପ୍ରଯୁକ୍ତିବିଦ୍ୟା ଯୋଗାଇ ଦିଆଯାଉଛି। କର୍ମଚାରୀମାନଙ୍କ ସୁରକ୍ଷା ରକ୍ଷା କରିବା ଓ ବୃତ୍ତିଗତ ସ୍ୱାସ୍ଥ୍ୟ ଓ ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡ ଅନୁପାଳନ ନିଶ୍ଚିତ କରିବା ପାଇଁ ଉପଯୁକ୍ତ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି।



ଏହି ସୂଚନା ଦେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଗରିମା ଯୋଜନା ପ୍ରତ୍ୟେକ ସଫେଇ କର୍ମଚାରୀଙ୍କ ମର୍ଯ୍ୟାଦା, ସୁରକ୍ଷା ଓ ସାମାଜିକ ସୁରକ୍ଷା ନିଶ୍ଚିତ କରିବା ପାଇଁ ସରକାରଙ୍କ ସଙ୍କଳ୍ପବଦ୍ଧତାକୁ ପ୍ରତିଫଳିତ କରେ। ଏହି ସମ୍ମୁଖ ଭାଗର କର୍ମଚାରୀମାନେ ସେହି ଅଦୃଶ୍ୟ ନାୟକ, ଯେଉଁମାନେ ଆମ ସହରଗୁଡ଼ିକୁ ସ୍ୱଚ୍ଛ ଓ ସୁସ୍ଥ ରଖନ୍ତି। କୌଣସି କର୍ମଚାରୀ ଯେପରି ବିପଜ୍ଜନକ ହାତରେ ମଇଳା ସଫା କରିବା ପ୍ରଥାର ସମ୍ମୁଖୀନ ନ ହୁଅନ୍ତି ଓ ପ୍ରତ୍ୟେକ ସଫେଇ କର୍ମଚାରୀ ଓ ସେମାନଙ୍କ ପରିବାର ଯେପରି ଗୃହ, ସ୍ୱାସ୍ଥ୍ୟସେବା, ବୀମା ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ସୁବିଧା ପାଇପାରିବେ, ତାହା ନିଶ୍ଚିତ କରିବା ଆମର ଦାୟିତ୍ୱ। ଗରିମା ମାଧ୍ୟମରେ ଆମେ ଏକ ଆଧୁନିକ, ଯାନ୍ତ୍ରିକ ଓ ମାନବୀୟ ପରିମଳ ବ୍ୟବସ୍ଥା ଗଠନ କରୁଛୁ, ଯେଉଁଠାରେ ପ୍ରତ୍ୟେକ କର୍ମଚାରୀଙ୍କୁ ସମ୍ମାନ ଓ ଗର୍ବର ସହ ଗ୍ରହଣ କରାଯିବ। ଗରିମା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସ୍ଥାୟୀ ଗୃହ ନିମନ୍ତେ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)' ସହ ଯୋଡ଼ାଯାଉଛି ବୋଲି ମନ୍ତ୍ରୀ ଡ. ମହାପାତ୍ର କହିଛନ୍ତି।

■ ପୋଡାମରାଇ-ଆଳକଣା ପୋଷ୍ଟ ଅଫିସ ବନ୍ଦ

## ପୋଷ୍ଟମାଷ୍ଟର ନିଖୋଜ, ଡାକଘର ଆଗରେ ଜମାକାରୀ

ଆଳି,୧୫।୬ (ସଂଚାର ବ୍ୟୁରୋ) : କେନ୍ଦ୍ରାପଡ଼ା ଜିଲା ଆଳି ପୋଷ୍ଟଅଫିସ ଅଧୀନରେ ଥିବା ପୋଡାମରାଇ -ଆଳକଣା ଶାଖା ଡାକଘରେ ତାଲା ଝୁଲାଇ ଦେଇ ଫେରାର ହୋଇ ଯାଇଛନ୍ତି ପୋଷ୍ଟମାଷ୍ଟର । ପୋଷ୍ଟମାଷ୍ଟର ତାଲା ଝୁଲାଇ ଦେବା ପରେ ପୋଷ୍ଟାଲ ଇନ୍ସପେକ୍ଟର ପହଞ୍ଚି ଶାଖା ଡାକଘରେ ଆଉ ଗୋଟେ ତାଲା ମାରି ଦେଲେ । ଡାକଘରେ ଦୁଇ ଦୁଇଟି ତାଲା ଝୁଲୁଥିବା ବେଳେ ଚିନ୍ତାରେ ରହିଛନ୍ତି ଜମାକାରୀ । ସାତଦିନ ହେବ ତାଲା ଝୁଲୁଥିବାରୁ ଚିନ୍ତାରେ ପଡି ଯାଇଛନ୍ତି ଶହଶହ ଜମାକାରୀ । ସାଧାରଣ ଲୋକମାନେ ବିଭିନ୍ନ ସଂସ୍ଥାରେ ଅର୍ଥ ଜମାକରି ହରାଇବା ପରେ ପୋଷ୍ଟଅଫିସକୁ ଭରସା କରି ବିଭିନ୍ନ ଯୋଜନାରେ ଅର୍ଥ ଜମା ରଖୁଥିଲେ । କିନ୍ତୁ ପୋଷ୍ଟମାଷ୍ଟର ତାଲା ପକାଇ ଦେଇ ଫେରାର ହେବା ଘଟଣାକୁ ନେଇ ଜମାକାରୀ ଚିନ୍ତାରେ ପଡି ଯାଇଛନ୍ତି । ଜମାକାରୀଙ୍କ ପାସବୁକ ପୋଷ୍ଟମାଷ୍ଟରଙ୍କ ନିକଟରେ ଥିବାରୁ ସେମାନଙ୍କ ଜମାଅର୍ଥ ଅଛି ନା ହଡ଼ପ ହୋଇଯାଇଛି ତାହାକୁ ନେଇ ଚିନ୍ତାରେ ପଡି ଯାଇଛନ୍ତି । ପୋଷ୍ଟ ମାଷ୍ଟର ପଙ୍କଜ ସାହା ଘରୁ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ଆଳି ଥାନାରେ ଅଭିଯୋଗ ହୋଇଥିବା ବେଳେ ଡାକଘର ଅର୍ଥ ହଡ଼ପ ନେଇ ପୋଷ୍ଟାଲ ଇନିସପେକ୍ଟର ଆଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

ମଙ୍ଗଳବାର ୧୬ ଜୁନ୍ ୨୦୨୬, ଭୁବନେଶ୍ୱର
Tuesday 16 June 2026, Bhubaneswar



# ଟିଏମ୍‌ସି ବିଦ୍ରୋହୀଙ୍କୁ ଏନ୍‌ସିପିଆଇ ଢାଲ



ପଶ୍ଚିମବଙ୍ଗ ରାଜନୀତିରେ ଏକ ବଡ଼ ଭୂମିକମ୍ପ ଘଟିଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୨୦ ଜଣ ବିଦ୍ରୋହୀ ଲୋକସଭା ସାଂସଦ ଜାତୀୟ ନାଗରିକ ଦଳ ଭାରତ (ଏନ୍‌ସିପିଆଇ) ସହ ମିଶ୍ରଣ ଘୋଷଣା କରିଛନ୍ତି। ଏହି ପଦକ୍ଷେପ କେବଳ ଏକ ଦଳୀୟ ବିଭାଜନ ନୁହେଁ, ବରଂ ଭାରତୀୟ ରାଜନୀତିର ଆଇନଗତ ଏବଂ ରାଜନୈତିକ କୌଶଳର ଏକ ଉଦାହରଣ। ଏହି ବିଦ୍ରୋହ ମମତା ବାନାର୍ଜୀଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କରୁଛି ଏବଂ ଏନ୍‌ଡିଏ ସରକାରକୁ ଲୋକସଭାରେ ଶକ୍ତିଶାଳୀ ସମର୍ଥନ ପ୍ରଦାନ କରୁଛି। କିନ୍ତୁ ପ୍ରଶ୍ନ ହେଉଛି - କାହିଁକି ଏହି ବିଦ୍ରୋହୀ ସାଂସଦମାନେ ଏକ ଅଜ୍ଞାତ ତ୍ରିପୁରା-ଆଧାରିତ ଦଳ ଏନ୍‌ସିପିଆଇ ସହ ମିଶିଲେ?

ପ୍ରଥମତଃ, ଏହା ଏକ ବୁଦ୍ଧିମତ୍ତାପୂର୍ଣ୍ଣ ଆଇନଗତ କୌଶଳ। ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ (ଆଣ୍ଟି-ଡିଫେକ୍ସନ୍ ଆଇନ) ଅନୁଯାୟୀ, ଏକ ଦଳର ଦୁଇ-ତୃତୀୟାଂଶ ସଦସ୍ୟ ଅନ୍ୟ ଏକ ଦଳ ସହ ମିଶ୍ରଣ କଲେ ଅଯୋଗ୍ୟ ଘୋଷିତ ହୁଅନ୍ତି ନାହିଁ। ଟିଏମ୍‌ସିର ୨୮ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୨୦ ଜଣ ଏହି ସଂଖ୍ୟା ଅତିକ୍ରମ କରିଛନ୍ତି। ସେମାନେ ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲାଙ୍କୁ ପତ୍ର ଦେଇ ପୃଥକ ଆସନ ଏବଂ ସ୍ୱୀକୃତି ମାଗିଛନ୍ତି। ସିଧାସଳଖ ବିଜେପି ବା ଏନ୍‌ଡିଏ ସହ ଯୋଗଦେଲେ ଆଇନଗତ ଜଟିଳତା ସୃଷ୍ଟି ହୋଇପାରେ ବୋଲି ବୁଝି ସେମାନେ ଏହି ପଥ ବାଛିଛନ୍ତି। ଏନ୍‌ସିପିଆଇ ଏକ ନିବନ୍ଧିତ କିନ୍ତୁ ଅସ୍ୱୀକୃତ ଦଳ ହୋଇଥିବାରୁ ଏହା ଆଇନଗତ ଢାଲ ପ୍ରଦାନ କରୁଛି। ବରିଷ୍ଠ ସାଂସଦ ସୁଦୀପ ବନ୍ଦ୍ୟୋପାଧ୍ୟାୟ କହିଛନ୍ତି ଯେ ଏହା ଆଇନଗତ ଫ୍ରେମ୍ୱର୍କ ଅନୁଯାୟୀ ହୋଇଛି ଏବଂ ପରେ ଟିଏମ୍‌ସି ନାମ ଓ ଚିହ୍ନ ପାଇଁ ଆଦାଲତରେ ଲଢ଼ିବେ।

ଦ୍ୱିତୀୟତଃ, ଏହା ରାଜନୈତିକ ଅସନ୍ତୋଷର ପରିଣାମ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଟିଏମ୍‌ସିର ଭୟଙ୍କର ପରାଜୟ ପରେ ଦଳ ଭିତରେ ଅସନ୍ତୋଷ ବଢ଼ିଥିଲା। ମମତା ବାନାର୍ଜୀ ଏବଂ ଅଭିଷେକ ବାନାର୍ଜୀଙ୍କ କେନ୍ଦ୍ରୀୟ ନିୟନ୍ତ୍ରଣ, ଦୁର୍ନୀତି ଅଭିଯୋଗ, ସ୍ଥାନୀୟ ସମସ୍ୟା ସମାଧାନରେ ବିଫଳତା ଏବଂ କେନ୍ଦ୍ର ସରକାରଙ୍କ ସହ ସମ୍ପର୍କର ଅଭାବ ବିଦ୍ରୋହୀଙ୍କୁ ଉତ୍ସାହିତ କରିଛି। ସେମାନେ ନିଜ ନିର୍ବାଚନ କ୍ଷେତ୍ରରେ କେନ୍ଦ୍ରୀୟ ପ୍ରକଳ୍ପ ଏବଂ ପ୍ରଗତି ପାଇଁ ଏନ୍‌ଡିଏ ସହ ସହଯୋଗ କରିବାକୁ ଚାହୁଁଛନ୍ତି। କାକୋଲି ଘୋଷ ଦାସ୍ତିଦାର କହିଛନ୍ତି ଯେ ସେମାନେ ଦେଶର ସ୍ୱାର୍ଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏନ୍‌ଡିଏ ସହ କାର୍ଯ୍ୟ କରିବେ।

ତୃତୀୟତଃ, ଏନ୍‌ସିପିଆଇ ଏକ ଛୋଟ ଦଳ ହୋଇଥିବାରୁ ଏହା ବିଦ୍ରୋହୀଙ୍କୁ ପୃଥକ ପରିଚୟ ଦେଉଛି ଏବଂ ସେମାନଙ୍କୁ ମମତାଙ୍କ ନିୟନ୍ତ୍ରଣରୁ ମୁକ୍ତ କରୁଛି। ଏହା ବିଜେପିକୁ ମଧ୍ୟ ସହଜ କରୁଛି - ସେମାନେ ସଂସଦରେ ସମର୍ଥନ ପାଆନ୍ତି କିନ୍ତୁ ପଶ୍ଚିମବଙ୍ଗରେ ସିଧାସଳଖ ସଂଗଠନ ବିସ୍ତାରର ଆବଶ୍ୟକତା ନଥାଏ। ଏହି ମିଶ୍ରଣ ଏନ୍‌ସିପିଆଇକୁ ଏନ୍‌ଡିଏର ଦ୍ୱିତୀୟ ବୃହତ୍ତମ ସହଯୋଗୀ କରିପାରେ।

ଏହି ଘଟଣା ଟିଏମ୍‌ସିର ଭବିଷ୍ୟତକୁ ପ୍ରଭାବିତ କରିବ। ଯଦି ଆଦାଲତ ବିଦ୍ରୋହୀଙ୍କୁ ବୈଧ ବୋଲି ଘୋଷଣା କରେ ତେବେ ଦଳର ବିଭାଜନ ଗମ୍ଭିର ହୋଇପାରେ। ଏହା ଭାରତୀୟ ରାଜନୀତିରେ ଆଇନଗତ ଫାଙ୍କି ଏବଂ ବ୍ୟବହାରିକ କୌଶଳର ଉଦାହରଣ ଦେଉଛି। ବିଦ୍ରୋହୀମାନେ ଦାବି କରୁଛନ୍ତି ଯେ ସେମାନେ ଜନତାର ସେବା ପାଇଁ ଏହି ପଦକ୍ଷେପ ନେଇଛନ୍ତି, କିନ୍ତୁ ଏହା ଦଳୀୟ ବିଶ୍ୱାସଘାତକତା ବୋଲି ମମତା ଶିବିର ଅଭିଯୋଗ କରୁଛି।

ଶେଷରେ, ଏହି ଘଟଣା ଦେଖାଉଛି ଯେ ରାଜନୀତିରେ କ୍ଷମତା ଏବଂ ପ୍ରଗତିର ସନ୍ତୁଳନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ବିଦ୍ରୋହୀମାନେ ନିଜ ନିର୍ବାଚନ କ୍ଷେତ୍ରରେ ବିକାଶ ଆଣିପାରନ୍ତି ଏବଂ ଜନସେବା କରନ୍ତି ତେବେ ଏହା ସଫଳ ହେବ। ଅନ୍ୟଥା ଏହା କେବଳ ଏକ ଅସ୍ଥାୟୀ କୌଶଳ ହୋଇ ରହିଯିବ। ପଶ୍ଚିମବଙ୍ଗର ଜନତା ଏବଂ ଦେଶ ଏହି ପରିବର୍ତ୍ତନର ପରିଣାମ ଦେଖିବାକୁ ଅପେକ୍ଷା କରିଛି।

# ଓଡ଼ିଆ ସାହିତ୍ୟର ଟମାସ୍ ହାର୍ଡି 'ଫକୀରମୋହନ ସେନାପତି'



**ଯୁଧିଷ୍ଠିର ମହାରଣା**

ଦିନଥିଲା ଓଡ଼ିଆ ଭାଷା ଗଭୀର ସଙ୍କଟରେ ପଡ଼ିଯାଇଥିଲା, ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କେବଳ ମାନିବା ପାଇଁ ନାରାଜ ନଥିଲେ କିଛି ପଡ଼ୋଶୀ ଭାଷାଭାଷୀ ସେ ସମୟର ପ୍ରଭାବୀ ରାଜ୍ୟର ସାହିତ୍ୟ ଗୋଷ୍ଠୀ। ଏପଟେ ଓଡ଼ିଶାରେ ଓଡ଼ିଆ ଭାଷାରେ ସେପରି ପୁସ୍ତକ, ଗ୍ରନ୍ଥ ପ୍ରକାଶିତ ହୋଇପାରିନଥିଲା। ଖୋଦ ଓଡ଼ିଆ ମାଟିରେ ହିନ୍ଦୀ ଠାରୁ ଉର୍ଦ୍ଦୁ, ତେଲଗୁ ଠାରୁ କନ୍ନଡ଼, ମରାଠୀ, ଗୁଜୁରାଟୀ, ଅନେକ ଭାଷାଭାଷୀଙ୍କ ଏଠାରେ ଏକ ପ୍ରକାର ପ୍ରଭାବ ଓ ରାଜୁତି ଚାଲିଥିଲା। ସେହିପରି ଏକ ସନ୍ଧୀକ୍ଷଣ ଓ ଗୁରୁତ୍ୱପୂର୍ଣ୍ଣ ସମୟରେ ବ୍ୟାସକବି ଫକୀର ମୋହନ ସେନାପତି କେବଳ ଲେଖନୀ ଚାଳନା କରି ଓଡ଼ିଆ ଭାଷା ସମୃଦ୍ଧ କରିନଥିଲେ ବରଂ ନିଜ ମାତୃଭାଷାକୁ ରକ୍ଷା କରିବା ସହ ଏହାର ପ୍ରଚାର ପ୍ରସାର ପାଇଁ ପଡ଼ୋଶୀ ପ୍ରଭାବୀ ସାହିତ୍ୟିକଙ୍କ ସହ ଲଢ଼େଇ ଆରମ୍ଭ କରିଥିଲେ। ପରିଣାମ ସ୍ୱରୂପ ଓଡ଼ିଆ ଭାଷା ନିଜ ଅଖଣ୍ଡତା ସାବ୍ୟସ୍ତ କରିଥିଲା ଓ ରାଜ୍ୟରେ ମାତୃଭାଷାର ଆଦର ବଢ଼ିଥିଲା। ଭିକ୍‌ଟୋରିଆନ ଯୁଗର ବ୍ରିଟିସ ସାହିତ୍ୟିକମାନେ ଫକୀରମୋହନଙ୍କ ସାମସମୟିକ। ଭିକ୍‌ଟୋରିଆନ ଔପନ୍ୟାସିକମାନଙ୍କ ପରି ଫକୀରମୋହନ ମଧ୍ୟ ଥିଲେ ବାସ୍ତବବାଦୀ ସ୍ରଷ୍ଟା। ଡ.ମାୟାଧର ମାନସିଂହ, ତାଙ୍କୁ ବ୍ରିଟିସ ଔପନ୍ୟାସିକ ଟମାସ ହାର୍ଡିଙ୍କ ସହ ତୁଳନା କରିଛନ୍ତି। କାରଣ ଦୁହେଁ ଲୌକିକ ଭାଷା ବ୍ୟବହାର କରୁଥିଲେ ଏବଂ ମାଟି ଓ ପ୍ରକୃତି ସହ ଘନିଷ୍ଠ ଭାବେ ସମ୍ପୃକ୍ତ ନରନାରୀଙ୍କୁ ନେଇ ସାହିତ୍ୟ ରଚନା କରୁଥିଲେ। ସାହିତ୍ୟର ଅଧିକାଂଶ ବିଭାଗରେ ଲେଖନୀ ଚାଳନା କରିଥିଲେ ହେଁ ତାଙ୍କୁ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ପ୍ରତିଷ୍ଠାତା କୁହାଯାଏ।



ବ୍ୟକ୍ତିଗତ ଜୀବନରେ ସେ ଦୁଃଖ, ଦୁର୍ଦ୍ଦିନ, ଦୁଃସ୍ଥିତି ସହ ଲଢ଼ି ଲଢ଼ି ଆଗକୁ ବଢ଼ିଥିଲେ ଏବଂ ଶୀର୍ଷରେ ପହଞ୍ଚିପାରିଥିଲେ। ବୟସ ଏକ ବର୍ଷ ପାଞ୍ଚ ମାସ ହୋଇଥିବା ବେଳେ ସେ ପିତାଙ୍କୁ ହରାଇଥିଲେ। ପିତା ରଥଯାତ୍ରା ଦେଖିବା ପାଇଁ ପୁରୀ ଆସିଥିଲେ। ଫେରିବା ବେଳେ ଭୁବନେଶ୍ୱରରେ ଓଲାଉଠା ବା ହଇଜା ରୋଗରେ ପ୍ରାଣ ହରାଇଥିଲେ। ପିତାଙ୍କ ମୃତ୍ୟୁ ଖବର ଶୁଣି ମାତା ଶଯ୍ୟାଶାୟୀ ହୋଇଥିଲେ। କିଛି ଦିନ ପରେ ତାଙ୍କର ମଧ୍ୟ ପରଲୋକ ହୋଇଥିଲା। ଅନାଥ ଶିଶୁ ଫକୀରମୋହନଙ୍କର ଭାର ଗ୍ରହଣ କରିଥିଲେ, ପିତାମହୀ କୁଚିଳା ଦେଈ। ଶିଶୁ ଫକୀରମୋହନ ଗ୍ରହଣି, ଅର୍ଶ ଭଳି ଯନ୍ତ୍ରଣାଦାୟକ ରୋଗରେ କଷ୍ଟ ପାଉଥିଲେ। ତାଙ୍କ ମୂଳ ନାମ ଥିଲା ବ୍ରଜମୋହନ। ପିତାମହୀ, ତାଙ୍କର ଚିକିତ୍ସା କରାଇ କରାଇ କୌଣସି ଫଳ ନ ପାଇବାରୁ ଶେଷରେ ପୀରଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଦେଇଥିଲେ। ତହାପରେ ଚମତ୍କାରୀ ଘଟିଥିଲା। କ୍ରମଶଃ ସୁସ୍ଥ ହୋଇଥିଲେ ସେ ଏବଂ ନାମ ବଦଳିଥିଲା ଫକୀରମୋହନକୁ। ଶିଶୁ ଫକୀରମୋହନ ଫକିର ବେଶ ଧାରଣ କରି ଘର ଘର ବୁଲି ଭିକ ମାଗୁଥିଲେ। ଭିକରେ ମିଳୁଥିବା ଚାଉଳ ବିକ୍ରି ହୋଇ, ମିଳୁଥିବା ଅର୍ଥରେ ପୀରଙ୍କ ଶିରଣି ପ୍ରସ୍ତୁତ ହେଉଥିଲା।

ବହୁ ବିଳମ୍ବରେ ତାଙ୍କର ଚାଟଶାଳୀ ପଢ଼ା ଆରମ୍ଭ ହୋଇଥିଲା। ତାହା ମଧ୍ୟ ଥିଲା ଏକ କଷ୍ଟଦାୟକ ଅନୁଭୂତି। ବଡ଼ବାପା, ତାଙ୍କ ପ୍ରତି ଥିଲେ ଅତି ନିଷ୍ଠୁର। ମାସ ଶେଷରେ ଅବଧାନେ ପଇସା ମାଗିଲେ, କହୁଥିଲେ କି ପାଠ ପଢ଼ୁଛ? ପଠିରେ ମାଡ଼ ଚିହ୍ନ ନାହିଁ। ପଇସା କ'ଣ ମାଗୁଛ? ଏହାର ପରିଣାମ ସ୍ୱରୂପ ଅବଧାନେ ଅକାରଣେ ବେତ ଧରି ପ୍ରବଳ ମାଡ଼ ଚଢ଼ାଉଥିଲେ। ଫକୀରମୋହନଙ୍କ ବିକଳ ଚିତ୍କାର ଉଭୟ ବଡ଼ବାପା ଓ ବଡ଼ମାଆଙ୍କୁ ଆନନ୍ଦିତ କରୁଥିଲା। ପୁଣି ଶୈଶବରେ ହିଁ ପଢ଼ା ବନ୍ଦ କରାଇ ପାଲ ସିଲେଇ କାମରେ ନିୟୋଜିତ କରାଯାଇଥିଲା। ଏସବୁ ସତ୍ତ୍ୱେ ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଆଗକୁ ବଢ଼ି ମଣିଷ ହୋଇଥିଲେ। ସାରା ଜୀବନ ଦୁଃଖ ସହି ପାଠକଙ୍କୁ ଆମୋଦିତ କରି, ୧୯୧୮ ଜୁନ୍ ଆଜିର ଦିନରେ ଏ ସଂସାରରୁ ବିଦାୟ ନେଇଥିଲେ ଏହି ମହାନ କାଳଜୟୀ ସାହିତ୍ୟିକ। ଓଡ଼ିଆ ସାହିତ୍ୟକୁ ନୂତନ ସର୍ଜନା ଦେବା ଓ ପଡ଼ୋଶୀଙ୍କ ଭାଷା ଆକ୍ରମଣକୁ ସହ୍ୟ କରି ନିଜ ମାତୃଭାଷାକୁ ଆଗେଇ ନେଇ ପାରିଥିବା ଏହି ମହାନ କାଳଜୟୀ ସାରସ୍ୱତ ସାହିତ୍ୟ ଜଗତର ଶ୍ରେଷ୍ଠ ଅମୃତ ପୁରୁଷଙ୍କ ପରଲୋକ ତିଥିରେ କୋଟି କୋଟି ଓଡ଼ିଆ ଭାଷାଭାଷୀ ଭାଇ-ଭଉଣୀଙ୍କ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋବାଇଲ୍:୯୪୩୭୧୬୩୫୨୮**

# ଦେଶ ପାଇଁ ଉତ୍ସର୍ଗୀକୃତ ଜୀବନ: ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ



**ଅସିତ ମହାନ୍ତି**

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଜୁନ୍ ୧୬ ତାରିଖ ଏକ ଗଭୀର ସ୍ମୃତି ବହନ କରେ। ଏହି ତାରିଖଟି ହେଉଛି ସେହି ଦିନ ଯେତେବେଳେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ(୫ନଭେମ୍ବର ୧୮୭୦ - ୧୬ ଜୁନ୍ ୧୯୨୫) ଏହି ଦୁନିଆରୁ ବିଦାୟ ନେଇଥିଲେ। ତାଙ୍କର ଜୀବନ କେବଳ ଜଣେ ବ୍ୟକ୍ତିର ନୁହେଁ, ବରଂ ଏକ ଯୁଗର ଚେତନା ଥିଲା। ତାଙ୍କ ଆଇନଗତ ବୃତ୍ତିରେ ଅପାର ସଫଳତା ହାସଲ କରିବା ପରେ, ସେ ସବୁକିଛି ପରିତ୍ୟାଗ କରି ଜାତିର ସେବାକୁ ନିଜର ଧର୍ମ କରିଥିଲେ। ସେ ଗାନ୍ଧୀଜୀଙ୍କ ଅସହଯୋଗ ଆନ୍ଦୋଳନରେ ନିଜର ଧନ, ନିଜର ଆରାମ ଏବଂ ସ୍ୱାସ୍ଥ୍ୟକୁ ମଧ୍ୟ ବଳିଦାନ ଦେଇଥିଲେ। ସେ ସେହି ନେତାମାନଙ୍କ ମଧ୍ୟରେ ଥିଲେ ଯେଉଁମାନେ ଭାରତୀୟ ରାଜନୀତିକୁ କେବଳ ପ୍ରତିବାଦର ରାଜନୀତି ନୁହେଁ, ଗଠନମୂଳକ ରାଜନୀତିର ପଥ ଦେଖାଇଥିଲେ।

ଚିତ୍ତରଞ୍ଜନ ଦାସଙ୍କୁ 'ଦେଶବନ୍ଧୁ' ବୋଲି ଡକାଯାଇଥିଲା କାରଣ ସେ ତାଙ୍କ ଜୀବନକୁ ଦେଶ ସେବା ଏବଂ ଲୋକଙ୍କ କଲ୍ୟାଣ ପାଇଁ ଉତ୍ସର୍ଗ କରିଥିଲେ। ଏହି ଉପାଧି ତାଙ୍କୁ ଲୋକମାନେ ଦେଇଥିଲେ, ଯେଉଁମାନେ ତାଙ୍କୁ ପ୍ରକୃତରେ 'ଦେଶର ବନ୍ଧୁ' ବୋଲି ମାନିଥିଲେ। ଚିତ୍ତରଞ୍ଜନ ଦାସ ଜଣେ ସଫଳ ଓକିଲ ଥିଲେ ଯିଏ ସ୍ୱାଧୀନତା ସଂଗ୍ରାମରେ ନିଜକୁ ଉତ୍ସର୍ଗ କରିବା ପାଇଁ ନିଜର ଧନସମ୍ପତ୍ତି ଏବଂ ଆରାମଦାୟକ ଜୀବନ ତ୍ୟାଗ କରିଥିଲେ। ସେ ଆଲିପୁର ବୋମା ମାମଲାରେ ଅରବିନ୍ଦ ଘୋଷଙ୍କୁ ପକ୍ଷଭୁକ୍ତ କରିଥିଲେ ଏବଂ ଆଇନଗତ ଏବଂ ରାଜନୈତିକ ମଞ୍ଚରେ ବ୍ରିଟିଶ ଶାସନ ବିରୁଦ୍ଧରେ ଲୋକଙ୍କ ସ୍ୱର ଉଠାଇଥିଲେ। ତାଙ୍କର ତ୍ୟାଗ ଏବଂ ସମର୍ପଣ ତାଙ୍କୁ ଲୋକଙ୍କ ମଧ୍ୟରେ ଅତ୍ୟନ୍ତ ଲୋକପ୍ରିୟ କରିଥିଲା।

ତାଙ୍କର ସର୍ବୋତ୍ତମ ଗୁଣ ଥିଲା ଯେ ସେ କେବଳ ପ୍ରତିବାଦ ରାଜନୀତି କରିନଥିଲେ, ବରଂ ଗଠନମୂଳକ ରାଜନୀତିର ପଥ ଦେଖାଇଥିଲେ। ସେ ସ୍ୱରାଜ ପାର୍ଟି ପ୍ରତିଷ୍ଠା କରିଥିଲେ ଯାହା ଦ୍ୱାରା ଭାରତୀୟ ଲୋକମାନେ ବ୍ରିଟିଶ ବିଧାନସଭାରେ ପ୍ରବେଶ କରି ସ୍ୱର ଉଠାଇପାରିବେ। ସେ ଗରିବ ଏବଂ ବଞ୍ଚିତଙ୍କୁ ସାହାଯ୍ୟ କରିଥିଲେ, ଏବଂ ଶିକ୍ଷା ଏବଂ ସାମାଜିକ ସଂସ୍କାରକୁ ପ୍ରୋତ୍ସାହିତ କରିଥିଲେ। ଏହି କାରଣରୁ ଲୋକମାନେ ତାଙ୍କୁ 'ଦେଶବନ୍ଧୁ' ବୋଲି ଡାକୁଥିଲେ, ଯାହାର ଅର୍ଥ 'ଦେଶର ବନ୍ଧୁ'। ଐତିହାସିକ ଏବଂ ଜୀବନୀକାରଙ୍କ ମତରେ, ୧୯୨୨ ମସିହାରେ ଯେତେବେଳେ ସେ ସ୍ୱରାଜ ପାର୍ଟି ପ୍ରତିଷ୍ଠା କରିଥିଲେ ଏବଂ ଜାତୀୟ ଉଦ୍ଦେଶ୍ୟ ପାଇଁ ସମ୍ପୂର୍ଣ୍ଣ ଭାବରେ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ, ସେତେବେଳେ ଭାରତୀୟ ଜନସାଧାରଣ ତାଙ୍କୁ ଏହି ଉପାଧି ପ୍ରଦାନ କରିଥିଲେ। ଏହା କୌଣସି ଆନୁଷ୍ଠାନିକ ଉପାଧି ନଥିଲା, ବରଂ ଏକ ସାର୍ବଜନୀନ ଭାବନା ଥିଲା ଯାହା ତାଙ୍କ ତ୍ୟାଗ ଏବଂ ସେବା ପ୍ରତି ତାଙ୍କର ସମ୍ମାନର ପ୍ରତୀକ ଥିଲା।

ଚିତ୍ତରଞ୍ଜନ ଦାସଙ୍କ ସର୍ବଶ୍ରେଷ୍ଠ ଅବଦାନ ଥିଲା ଯେ ସେ ସ୍ୱାଧୀନତା ସଂଗ୍ରାମକୁ ଏକ ଜନସଂଘର୍ଷରେ ପରିଣତ କରିଥିଲେ। ସେ ବିଶ୍ୱାସ କରୁଥିଲେ ଯେ ସମାଜରେ ଶିକ୍ଷା, ସମାନତା ଏବଂ ନ୍ୟାୟ ପ୍ରତିଷ୍ଠିତ ନ ହେଲେ କେବଳ ରାଜନୈତିକ ସ୍ୱାଧୀନତା ଯଥେଷ୍ଟ ନୁହେଁ। ଏହି ଚିନ୍ତାଧାରା ତାଙ୍କୁ ସ୍ୱରାଜ ଦଳ ଖୋଜିବାକୁ ପ୍ରେରଣା ଦେଇଥିଲା, ଯାହା ଭାରତୀୟ ଲୋକଙ୍କୁ ବ୍ରିଟିଶ ବିଧାନସଭାରେ ପ୍ରବେଶ କରିବାକୁ ଏବଂ ସ୍ୱର ଉଠାଇବାକୁ ସକ୍ଷମ କରିଥିଲା। ଏହି ପଦକ୍ଷେପ ସେତେବେଳେ ସାହସିକ ଥିଲା, କାରଣ ଏହା ସ୍ୱାଧୀନତା ଆନ୍ଦୋଳନକୁ ଏକ ନୂତନ ପରିମାଣ ଦେଇଥିଲା। ତାଙ୍କର ଚରିତ୍ର ଆଜି ମଧ୍ୟ ଆମକୁ ପ୍ରେରଣା ଦେଇ ଆସୁଛି। ସେ କ୍ଷମତା ଲୋଭ କିମ୍ବା ବ୍ୟକ୍ତିଗତ ମହତ୍ୱାକାଂକ୍ଷା ଦ୍ୱାରା ପରିଚାଳିତ ନଥିଲେ। ତାଙ୍କ ଜୀବନ ତ୍ୟାଗ, ସଚ୍ଚୋଟତା ଏବଂ ଲୋକଙ୍କ ପ୍ରତି ସମର୍ପଣର ପ୍ରତୀକ ଥିଲା। ଆଜି ଯେତେବେଳେ ଆମେ ଗଣତନ୍ତ୍ରର ଅବସ୍ଥାକୁ ଦେଖୁ, ଆମେ ଅନୁଭବ କରୁ ଯେ ଏପରି ଚରିତ୍ର ପୂର୍ବ ଅପେକ୍ଷା ଅଧିକ ଆବଶ୍ୟକ।



ସାମ୍ପ୍ରତିକ ରାଜନୀତି ଏବଂ ଗଣତନ୍ତ୍ରର ବିଡ଼ମ୍ବନା - ଆଜି ଭାରତରେ ଗଣତନ୍ତ୍ରର ସ୍ୱଭାବ ପରିବର୍ତ୍ତନ ହେଉଥିବା ପରି ମନେହୁଏ। ଗଣତନ୍ତ୍ରର ଅର୍ଥ କେବଳ ନିର୍ବାଚନ ଆୟୋଜନ ନୁହେଁ, ବରଂ ଲୋକଙ୍କ ସ୍ୱର ଶୁଣିବା ଏବଂ ସମ୍ମାନ କରିବା। କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ, ଗଣତନ୍ତ୍ର ଧୀରେ ଧୀରେ ଏକ ଔପଚାରିକତାରେ ପରିଣତ ହେଉଛି। ସଂସଦ ଏବଂ ରାଜ୍ୟ ସଭାଗୁଡ଼ିକ, ଯାହା ଜନସାଧାରଣଙ୍କ ଆକାଂକ୍ଷାର ମଞ୍ଚ ହେବା ଉଚିତ, ଏବେ କ୍ଷମତା ଖେଳ ପାଇଁ ଆଖଡ଼ା ପାଲଟିଛି। ବିରୋଧୀଙ୍କ ସ୍ୱରକୁ ଦମନ କରିବା, ଗଣମାଧ୍ୟମକୁ ନିୟନ୍ତ୍ରଣ କରିବା ଏବଂ ଜନସାଧାରଣଙ୍କ ପ୍ରଶ୍ନକୁ ଅଣଦେଖା କରିବା - ଏସବୁ ଗଣତନ୍ତ୍ରର ଆତ୍ମାକୁ ଦୁର୍ବଳ କରୁଛି। ଚିତ୍ତରଞ୍ଜନ ଦାସ କହିଥିଲେ ଯେ ସ୍ୱାଧୀନତା କେବଳ ରାଜନୈତିକ ଅଧିକାର ନୁହେଁ, ବରଂ ଲୋକଙ୍କ ସାମାଜିକ ଏବଂ ଆର୍ଥିକ ମୁକ୍ତିର ପଥ। ଆଜି ଯେତେବେଳେ ଆମେ ବେକାରୀ, ମୁଦ୍ରାସ୍ଫୀତି ଏବଂ ଅସମାନତା ବୃଦ୍ଧି ପାଉଛି, ସେତେବେଳେ ମନେହୁଏ ଯେ ଗଣତନ୍ତ୍ର ତାର ମୂଳ ଆତ୍ମାରୁ ଦୂରେଇ ଯାଉଛି। ଲୋକଙ୍କ ସମସ୍ୟାକୁ ପାର୍ଶ୍ୱରେ ରଖାଯାଇଛି, ଯେତେବେଳେ ଶକ୍ତି କେନ୍ଦ୍ରଗୁଡ଼ିକ କେବଳ ନିଜ ସ୍ୱାର୍ଥ ପୂରଣ କରିବାରେ ଧ୍ୟାନ ଦେଉଛନ୍ତି।

ଗଣତନ୍ତ୍ରର ଧାରଣାର ଅବକ୍ଷୟ - ଜନସାଧାରଣ ଅଂଶଗ୍ରହଣ ହେଉଛି ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି। କିନ୍ତୁ ଯେତେବେଳେ ଜନସାଧାରଣ କେବଳ ଭୋଟ ଦେବା ପର୍ଯ୍ୟନ୍ତ ସୀମିତ ହୋଇଯାଆନ୍ତି, ଏବଂ ସେମାନଙ୍କ ସ୍ୱରକୁ ଅଣଦେଖା କରାଯାଏ, ସେତେବେଳେ ଏହା ଗଣତନ୍ତ୍ର ନୁହେଁ, ବରଂ ଏହାର ଏକ ଛାୟା ହୋଇଯାଏ। ଆଜି, ଆମେ ଦେଖୁଛୁ ଯେ ଗଣତନ୍ତ୍ରର ଧାରଣା ଧୀରେ ଧୀରେ ବିଲୁପ୍ତ ହେବାକୁ ଯାଉଛି।

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ମଧ୍ୟ କ୍ଷମତାର ଚାପ ଆଗରେ ମୁଣ୍ଡ ନୁଆଁଇବା ପରି ଦେଖାଯାଉଛି। ସ୍ୱାଧୀନ ସାମ୍ବାଦିକତା ବର୍ତ୍ତମାନ ପ୍ରାୟୋଜିତ ଖବର ଦ୍ୱାରା ବଦଳାଯାଇଛି। ଲୋକଙ୍କ ଅଧିକାର ସୁରକ୍ଷାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ନ୍ୟାୟପାଳିକା ମଧ୍ୟ କେତେକ ସମୟରେ କ୍ଷମତାର ଚାପରେ ଦୁର୍ବଳ ହେଉଥିବା ପରି ଦେଖାଯାଉଛି। ଏହି ପରିସ୍ଥିତି ଚିନ୍ତାଜନକ, କାରଣ ଗଣତନ୍ତ୍ରର ମୂଳଦୁଆ ହେଉଛି ନ୍ୟାୟ ଏବଂ ସ୍ୱାଧୀନତା। ଦେଶବନ୍ଧୁଙ୍କ ଆଦର୍ଶ ଏବଂ ଆଜିର ଆବଶ୍ୟକତା - ଏପରି ସମୟରେ, ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ଜୀବନୀ ଆମକୁ ମନେ ପକାଇ ଦିଏ ଯେ ରାଜନୀତି କେବଳ କ୍ଷମତା ହାସଲ କରିବାର ଏକ ମାଧ୍ୟମ ନୁହେଁ, ବରଂ ଲୋକଙ୍କ ସେବା କରିବାର ଏକ ପଥ। ତାଙ୍କ ତ୍ୟାଗ ଏବଂ ସମର୍ପଣ ଆମକୁ ଶିକ୍ଷା ଦିଏ ଯେ ଜଣେ ପ୍ରକୃତ ନେତା ହେଉଛନ୍ତି ଯିଏ ବ୍ୟକ୍ତିଗତ ସ୍ୱାର୍ଥରୁ ଉପରକୁ ଉଠି ଦେଶର ସ୍ୱାର୍ଥକୁ ସର୍ବୋପରି ସ୍ଥାନ ଦିଅନ୍ତି। ଯଦି ଆଜିର ରାଜନୀତିରେ ଚିତ୍ତରଞ୍ଜନ ଦାସଙ୍କ ଭଳି ବ୍ୟକ୍ତିତ୍ୱ ଅଛନ୍ତି, ତେବେ ଗଣତନ୍ତ୍ରର ଆତ୍ମା ପୁନର୍ଜୀବିତ ହୋଇପାରିବ। ଆମକୁ ଏପରି ନେତା ଆବଶ୍ୟକ ଯେଉଁମାନେ ଲୋକଙ୍କ ସମସ୍ୟାକୁ ନିଜର ବୋଲି ବୁଝନ୍ତି, ଯେଉଁମାନେ କ୍ଷମତା ପାଇଁ ନୁହେଁ, ସେବା ପାଇଁ ରାଜନୀତି କରନ୍ତି।

ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ମୃତ୍ୟୁ ବାର୍ଷିକୀ କେବଳ ଏକ ସ୍ମାରକୀ ନୁହେଁ, ବରଂ ଏହା ଆତ୍ମନିରୀକ୍ଷଣ ପାଇଁ ଏକ ସୁଯୋଗ ପ୍ରଦାନ କରେ। ଏହା ଆମକୁ ବିଚାର କରିବାକୁ ବାଧ୍ୟ କରେ ଯେ ଆମେ ସେହି ଗଣତନ୍ତ୍ରକୁ ସଂରକ୍ଷଣ କରିପାରିବୁ କି ନାହିଁ ଯାହା ପାଇଁ ସେ ତାଙ୍କ ଜୀବନ ଉତ୍ସର୍ଗ କରିଥିଲେ। ଆଜି, ଯେତେବେଳେ ଗଣତନ୍ତ୍ର ଦୁର୍ବଳ ହେଉଛି, ଯେତେବେଳେ ଲୋକଙ୍କ ସ୍ୱର ଦମନ କରାଯାଉଛି, ଯେତେବେଳେ କ୍ଷମତାର କେନ୍ଦ୍ରଗୁଡ଼ିକ କେବଳ ନିଜ ସ୍ୱାର୍ଥ ପାଇଁ ଚିନ୍ତିତ - ଆମକୁ ଦେଶବନ୍ଧୁଙ୍କ ଭଳି ନିଃସ୍ୱାର୍ଥପର ଏବଂ ସଚ୍ଚୋଟ ନେତା ଆବଶ୍ୟକ। ତାଙ୍କ ଜୀବନ ଆମକୁ ଶିକ୍ଷା ଦିଏ ଯେ ଗଣତନ୍ତ୍ର କେବଳ ଏକ ବ୍ୟବସ୍ଥା ନୁହେଁ, ବରଂ ଲୋକଙ୍କ ଆତ୍ମା। ଯଦି ଆମେ ଏହାକୁ ସଂରକ୍ଷଣ କରିବାକୁ ଚାହୁଁ, ତେବେ ଆମକୁ ତାଙ୍କ ଆଦର୍ଶକୁ ଗ୍ରହଣ କରିବାକୁ ପଡ଼ିବ। ତେଣୁ, ଜୁନ୍ ୧୬ ତାରିଖରେ ତାଙ୍କ ଶ୍ରାଦ୍ଧ ବାର୍ଷିକୀରେ, ଆମେ କେବଳ ଶ୍ରଦ୍ଧାଞ୍ଜଳି ଦେବା ଉଚିତ ନୁହେଁ ବରଂ ଗଣତନ୍ତ୍ରକୁ ସୁରକ୍ଷା ଦେବା, ଲୋକଙ୍କ ସ୍ୱରକୁ ବୃଦ୍ଧି କରିବା ଏବଂ ରାଜନୀତିକୁ ସେବାର ଏକ ମାଧ୍ୟମ ଭାବରେ ପୁନଃସ୍ଥାପିତ କରିବା ପାଇଁ ପ୍ରତିଜ୍ଞା ନେବା ଉଚିତ। ଏହା ହେବ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି।

**ସ୍ତମ୍ଭକାର ଏବଂ ଆବାହକ, ଓଡ଼ିଆ ଭାଷା**
**ସୁରକ୍ଷା ଅଭିଯାନ, ସୁଜନପୁର, ଯାଜପୁର**
**ମୋବାଇଲ୍:୯୪୩୭୨୮୦୨୮**

# କଟକୀ ରଜ



**ପ୍ରଫେସର ଡାକ୍ତର ସମ୍ରାଟ କର**

ରଜ ଓଡ଼ିଆ ଜନଜୀବନର ବାର୍ତ୍ତାବହ ପାର୍ବଣ। ଦଶହରା ପରେ ସହର ସଂସ୍କୃତିରେ ବିଶେଷକରି କଟକରେ ରଜର ସ୍ଥାନ ନିଆରା। କେବଳ ଗ୍ରାମାଞ୍ଚଳ ନୁହେଁ କଟକ ପରି ସର୍ବବୃହତ୍ତ ସହରରେ ରଜ ନିଜର ସ୍ୱତନ୍ତ୍ରତା ବଜାୟ ରଖିଥାଏ। ହଜାର ବର୍ଷର ସହର କଟକ। ଦଶହରା, ବାଲିଯାତ୍ରା ପରେ କଟକରେ ରଜ ଏକ ମହା ଯାକଜମକର ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ। ବଜାରରେ ତ ସହଯେ ରଜର ଢ଼େର ପୂର୍ବରୁ ଗହଳି। ରଜ ପୋଡ଼ପିଠା ଠାରୁ ପାନ, ଦୋଳି ଖେଳ ଠାରୁ ପୁଚି ଖେଳ, ଫିଲ୍ମ ଦେଖା ଠାରୁ ବନ୍ଧୁଙ୍କ ସହ ଗମାତ ଆଉ ଖାଶି ମାଂସର ତୁଣ ଭିତରେ ରଜ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ପିଲାଦିନରେ ବାପାଙ୍କ ସହ ରଜ ବୁଲିଛି। ହେତୁ ପାଇବା ପରେ ଜେଜଙ୍କ ସହରରେ ରଜ ବୁଲା ଭିତରେ ଝାପ୍‌ସା ମନେ ପଡୁଛି ଅନେକ କାହାଣୀର କଥା। ଚାନ୍ଦିନୀଚୌକରେ ଥିଲା ବସ୍‌ଷ୍ଟାଣ୍ଡ। ପ୍ରକାଣ୍ଡକାୟ ବରଗଛ ମୂଳେ ରୁବୁ ମିଆଁର ଖାଶି ମାଂସ ତାହା ପୁଣି ତାଳଗଛ ପତ୍ରରେ ପ୍ୟାକିଂ ହେଉଥିଲା। ପୋଡପିଠାର ବାସ୍ନା ସହର ସାରା ବାସର ସୁରଭି ମେଲାଇ ଥିବାବେଳେ ସହର ଭିତରେ ଅନେକ ପୋଖରୀ ଗାଡ଼ିଆ ଭିତରେ ମାଛ ଧରା ହୋଇ ଘରେ ଘରେ ରନ୍ଧା ହେଉଥିଲା। ସେତେବେଳେ କଟକ ସହର ନଥିଲା ଥିଲା ଏକା ଗାଁ। ମହାନଦୀର ଫ୍ୟାରେଦ ରୋଡ଼ରେ ଝିଅ ଝିଆଣୀମାନେ ଆସୁଥିଲେ ରଜ ବୁଲିବାକୁ। ସେତେବେଳେ କଉ ଫିଲ୍ମ ହଲ ଥିଲା ନା କଉ କେବୁଲ ଟିଭିରେ ଫିଲ୍ମ ଦେଖା। ନାଟକ ଦେଖା ଭିତରେ ଖୋଜା ପଡୁଥିଲା ଯାତ୍ରା ସୁଆଙ୍ଗ, ରାମଲୀଳା ଠାରୁ ଚମ୍ପୁର ଗାଆଣ ବଜାଣା ହେଲେ ସେ ସବୁ ବର୍ତ୍ତମାନ ଇତିହାସର କାହାଣୀ। ବର୍ତ୍ତମାନର ରଜକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି। ସହର ସାରା ପ୍ରକାଣ୍ଡକାୟ ସପିଂ ମଲ୍‌ର ଡ୍ରେସ୍ ସୋରୁମ୍ ଭିତରେ ହଜିଯାଉଛି ରଜ ସମୟର ସେଦିନର କାସ୍ଥାଲୁଗା, ତନ୍ତୁବୁଣା ଶାଢ଼ୀ ନହେଲେ କଲିକତି ଗାମୁଛା। ସତରେ କୁଆଡ଼େ ଗଲା ସେଦିନର ରଜ ?

ସହର ସାରା ଭର୍ତ୍ତି ହୋଇଥିଲା ନାଲି ଗୋଡ଼ିରାସ୍ତା। ସଞ୍ଜ ହେଲେ ରାସ୍ତା କଡ଼ର ଖୁଣ୍ଟରେ ଲଗାଯାଉଥିଲା କିରୋସିନି ତେଲ ଭର୍ତ୍ତିର ଲଣ୍ଠନ ପରି ଆଲୁଅ ବତୀ। ବର୍ତ୍ତମାନ ତ ସବୁଠି ହାଇମାକ୍ସ ଲାଇଟ। ତଥାପି ବନ୍ଧୁବାନ୍ଧବଙ୍କ ସଙ୍ଗୁଳିବାର ଦିବସ ରଜ ନିଜର ପରିଚୟକୁ ହରାଇନାହିଁ। ବନ୍ଧୁବାନ୍ଧବ ଖୋଜା ପଡୁଥିଲେ ଏହି ଦିନରେ। ଆସୁଥିଲେ ବାଡ଼ିବଗିଚାର ଫଳଫୁଲୁରୀ ସହ ନିଜ ଅଞ୍ଚଳର ନାମଜାଦା ଜିନିଷ ନେଇ ବନ୍ଧୁଘରକୁ। ହେଲେ ବର୍ତ୍ତମାନ ମିଠା ଦରବ ଭିତରେ ଏଟିଏମ୍‌ରୁ ଟଙ୍କା ଉଠା ହୋଇ କ୍ଷଣିକ ଭିତରେ ରଜର ବେଭାର ଭର୍ତ୍ତି ହୋଇଯାଉଛି। ସେତେବେଳେ କଉ ଛିଡ଼ା ହୋଇଥିଲା ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ? କ୍ୱଚିତ୍ ବସ ମୁଣ୍ଡ ଟେକି ଯାଉଥିଲେ ଚାନ୍ଦିନୀଚୌକ ଛକକୁ। ଖାଲି ପାଦରେ ଚାଲି ଚାଲି ଯିବାକୁ ପଡୁଥିଲା ଢ଼େର ବାଟ। ତେବେ କଟକ ସହରରେ ଅନେକ ସ୍ଥାନରେ ପ୍ରକାଣ୍ଡକାୟ ବରଓହଳ ଭିତରେ ତିଆରି ହେଉଥିଲା ରଜ ଦୋଳି। ଝିଅଝିଆଣୀମାନେ ସେଇଠି ହିଁ ସାରି ଦେଉଥିଲେ ଗୋଟିଏ ଦିନ। ମଜାମଜିଲିସ୍ ଭିତରେ ଖୋଜା ପଡୁଥିବା ରଜ ବର୍ତ୍ତମାନକୁ ଦେଖିଲେ ମନେପଡ଼ୁଛି ଢ଼େର କଥା। ମହାନଦୀ ଓ କାଠଯୋଡ଼ିରେ ଏହାଭିତରେ ବିତିଗଲାଣି ଅନେକ ଦିନ। ଦୁଇଟି ନଈର ସୁଅରେ ବୋହିଗଲାଣି ଅନେକ ପାଣି ତଥାପି ଖୋଜା ପୁଡୁଛି ସେଦିନର ସମୟକୁ। ରଜରେ ଖାଣ୍ଟି କଟକିଆଣୀ ହାତରେ ତିଆରି କରୁଥିଲା ପୋଡପିଠା, କାକରା, ବିଭିନ୍ନ ପିଠାପଣା ସହ ରଜର ଖାନ୍‌ଦାନୀ ଶାଗୁଆତିର ଝୋଳା ସପରିବାର ସହ ମଜା କାଟିବା ଭିତରେ ଝିଅଝିଆଣୀଙ୍କ ଗହଳ ଖୁସିର ମାହଲକୁ ବଢ଼ାଇ ଦେଉଥିଲା। ହେଲେ ସତରେ କୁଆଡ଼େ ଗଲା ସେ ଦିନ ଗୁଡ଼ା ? କଟକର ଦୁଇ ପଟରେ ଥିବା ମସ୍ତବଡ଼ ପଡ଼ିଆରେ କଟକିଆ ଯୁଆନ ଭେଣ୍ଡା ଟୋକାମାନେ ବାଗୁଡ଼ି ଖେଳରେ ତିନିଦିନ ନିଜକୁ ହଜାଇ ଦେଉଥିଲେ। ବର୍ତ୍ତମାନ ବାଗୁଡ଼ି ଖେଳ କଥା କହିଲେ ସମସ୍ତେ ଥରେ ଚିନ୍ତା କରିବେ ସତରେ ଏ ଜିନିଷଟି କ'ଣ ? ତଥାପି ରଜ ନିଜର ଗୌରବ ହରାଇନାହିଁ।



କଟକି ସଂସ୍କୃତିରେ ଭାଇଚାରାର ସହର ଭିତରେ ହଜାରେ ବର୍ଷର ପରମ୍ପରାକୁ ନେଇ ଗଢ଼ି ଉଠିଥିବା ରଜ ପାର୍ବଣ ଦଶହରା ଓ ବାଲିଯାତ୍ରା ପରେ ଅନ୍ୟତମ ମହାପାର୍ବଣ ରୂପରେ ନିଜର ସ୍ଥାନ ସ୍ୱତନ୍ତ୍ର ଭାବରେ ଗଢ଼ି ତୋଳିଛି। ରଜକୁ ନେଇ କଟକିଆଣୀ ଦେଖିଥିବା ସ୍ୱପ୍ନକୁ ସାକାର କରିଥାଏ ତା ମରଦ ମଣିଷଟି। ଘରର ସବୁକିଛି ଖୋଜିଆଣି କିଣି ଦେଇ ଘରଣୀର ମନ ନେଇ ମଜା ମଜିଲିସ୍ ଭିତରେ ରଜ ପର୍ବକୁ କିପରି କାଟି ଦିଅନ୍ତି ଯେ କାହାକୁ ସତରେ ଜଣାପଡ଼େ ନାହିଁ। କଟକରେ ରଜ ସହର ନୁହେଁ ବରଂ ଗ୍ରାମ୍ୟ ସଂସ୍କୃତିର ଛାପ ଦେଖିବାକୁ ମିଳିଥାଏ। ସଂସ୍କୃତି ଓ ପରମ୍ପରା ଭିତରେ ମାଆ ଗଡ଼ଚଣ୍ଡୀ, କଟକଚଣ୍ଡୀ, କାଳିଗଳି କାଳୀ ଓ ଗଡେଶ୍ୱର ମହାଦେବଙ୍କୁ ନେଇ ପୂଜା ନୈବେଦ୍ୟ ଅର୍ପଣ କରିବାକୁ ରଜରେ କେହିବି ଭୁଲି ନଥାନ୍ତି। କର୍ମକ୍ଳାନ୍ତ ଜୀବନ ଭିତରେ ବିଶ୍ରାମର ଅବକାଶ ସୃଷ୍ଟି କରିଥାଏ ରଜ। ପ୍ରାଚୀନ ସଂସ୍କୃତିର ଗୌରବ ଗାଥାକୁ ବଜାୟ ରଖି ସ୍ୱତନ୍ତ୍ର ଭାବରେ ବନ୍ଧୁମେଳନର ଓ ମିତଣୀଙ୍କୁ ଭେଟ କରିବାର ଅପୂର୍ବ ସୁଯୋଗ ସୃଷ୍ଟି କରିଥାଏ ଏହି ରଜ। ବର୍ତ୍ତମାନର ଚାକଚକ୍ୟଭରା ସଂସ୍କୃତି ଓ ସୂଚନା ପ୍ରଯୁକ୍ତିର କୌଶଳ ଭିତରେ ରଜ କିନ୍ତୁ ନିଜର ସ୍ୱତନ୍ତ୍ରତା ହରାଇ ନାହିଁ। ତଥାପି ଖୋଜୁଛି ସେଦିନର ବନ୍ଧୁମାନଙ୍କୁ ସେ ସମୟର ଉଜାଣୀ ସୁଅରେ ହଜି ଯାଇଥିବା ମୁହୂର୍ତ୍ତକୁ। ତଥାପି ଭାଇଚାରାର ସହର କଟକରେ ହଜି ନାହିଁ ରଜର ମଉଜା ପୁଚିଖେଳ, ବାଗୁଡ଼ିର ଗୁରୁ ଗର୍ଜନ ଭିତରେ ଫିଲ୍ମ ହଲର ଡାଇଲଗ୍ ଓ ସିଡ଼ି କ୍ୟାସେଟ୍‌ର ଅତ୍ୟାଧୁନିକ ମ୍ୟୁଜିକ୍ ଭିତରେ ମନଭିତରକୁ ଚାଲି ଆସୁଛି ସେ ସମୟର ସାଂସ୍କୃତିକ ମୁହୂର୍ତ୍ତ। ମୋ ବାପା ଦିବଂଗତ ପ୍ରଫେସର ଗୋପାଳ ଚନ୍ଦ୍ର କର ଯେ କି ସମଗ୍ର ଭାରତର ଜଣେ ସୁନାମଧନ୍ୟ ମାନସିକ ରୋଗ ଚିକିତ୍ସକ ତଥା ମନସ୍ତତ୍ତ୍ୱବିଦ୍ୟାର କୃତୀତ୍ୱ ବିଦ୍ୱାନବିମଣ୍ଡିତ ପ୍ରତିଭା ମା' ଡକ୍ଟର ଗାୟତ୍ରୀ ଦେବୀ ଜଣେ ପ୍ରଥିତ ଯଥା ସମାଜସେବିକା, ଲେଖିକା ଓ ଆଇନବିତ୍, ସେହିମାନଙ୍କ ଅଭୁଲା ସ୍ନେହ ଓ ମୋ କୁନି ଜୀବନକୁ ଚହଲାଇ ଦେଇଥିବା ଜୀବନ ସ୍ମୃତିର ମାର୍ଗପୁରୋଧାଙ୍କ ସ୍ନେହ ଏହି ରଜରେ ମୁଁ ଅନୁଭବ କରିଥାଏ। ମହାପାର୍ବଣର ସ୍ୱାକ୍ଷର ବହନ କରିଥିବା ରଜ ନିଜର ସ୍ଥାନ ସ୍ୱତନ୍ତ୍ର ଭାବରେ ବଜାୟ ରଖିଥିବାବେଳେ ତଥାପି ସେ ଦିନର ସମୟ ଓ ବନ୍ଧୁବର୍ଗଙ୍କ ଭିତରେ ମନେ ପଡ଼ିଯାଉଛି ଅନେକ ସ୍ମୃତି। କାଳର କରାଳ ଗର୍ଭରେ ଇତିହାସ ପାଲଟିଯାଇଥିବା ରଜ ମହାପାର୍ବଣ ଭାବରେ କଟକିଆଙ୍କ ପାଖରେ ନିଜ ସ୍ଥାନ ସ୍ୱତନ୍ତ୍ର ଭାବରେ ବଜାୟ ରଖିଛି। ଏହାକୁ କେହି ବି ଭୁଲିପାରିବେ ନାହିଁ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ**
**ମୋବାଇଲ୍:୯୯୩୨୪୩୩୩୩୩**

# ପାଠ୍ୟପୁସ୍ତକରେ ଖ୍ରୀପୂ ୨୬୦୦ରେ ଡ୍ୟାନ୍ସିଂ ଗାର୍ଲ

## ଛାତ୍ରଛାତ୍ରୀଙ୍କୁ ବିଭ୍ରାନ୍ତ କରିବା ନେଇ ଉଠିଲା ଅଭିଯୋଗ

**ନୂଆଦିଲ୍ଲୀ,୧୫।୬ଃ** ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ (ଏନସିଇଆରଟି) ନବମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ପ୍ରକାଶ କରିଥିବା ପୁସ୍ତକରେ ଏକ 'ଡ୍ୟାନ୍ସିଂ ଗାର୍ଲ'ର ଚିତ୍ର ରଖିବାକୁ ନେଇ ବିଭିନ୍ନ ମହଲରେ ବିତର୍କ ସୃଷ୍ଟି ହୋଇଛି। ବିତର୍କ ସୃଷ୍ଟି କରିଥିବା ଚିତ୍ରଟି ହେଉଛି ସିନ୍ଧୁ ସଭ୍ୟତାର ଏକ ପ୍ରସିଦ୍ଧ କଳାକୃତି। ତେବେ ଚିତ୍ରଟି ବସ୍ତ୍ରହୀନ ଥିବାରୁ ଏହା ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ପକାଇବ ବୋଲି ପର୍ଯ୍ୟବେକ୍ଷକମାନେ ମତଦେବା ପରେ ଏହି ବିତର୍କ ଆରମ୍ଭ ହୋଇଛି। ଏନସିଇଆରଟି ପକ୍ଷରୁ ନବମ ଶ୍ରେଣୀ ଛାତ୍ରଛାତୀଙ୍କ ପାଇଁ 'ମଧୁରିମା' ଶୀର୍ଷକରେ ଏକ ପାଠ୍ୟପୁସ୍ତକ ପ୍ରକାଶ କରିଛି। ଏଥିରେ ଗୋଟିଏ ଅଧ୍ୟାୟ ରହିଛି ହିଷ୍ଟ୍ରି ଅଫ୍ ଆର୍ଟ୍ସ ବା କଳାର ଇତିହାସ। ଏହି ଅଧ୍ୟାୟରେ ମହେଞ୍ଜୋଦାରୋର ଭଗ୍ନାବଶେଷରୁ ଉଦ୍ଧାର ମୂଳ ବ୍ରୋଞ୍ଜ୍ ସ୍ଥାପତ୍ୟର ଚିତ୍ର ପ୍ରକାଶିତ କରାଯାଇଛି। ତେବେ ସ୍ଥାପତ୍ୟ ତୁଳନାରେ ପୁସ୍ତକରେ ପ୍ରକାଶିତ ଚିତ୍ରରେ ଶାରୀରିକ ବୈଶିଷ୍ଟ୍ୟ ଅଧିକ ପ୍ରଦର୍ଶିତ ହୋଇଛି। ସ୍ଥାପତ୍ୟରେ କଳାତ୍ମକତା ପ୍ରଦର୍ଶିତ ହେଉଥିବା ବେଳେ ପୁସ୍ତକରେ ଚିତ୍ରଟି ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ କଳାର ବୀପରିତ ଦିଗକୁ ଦର୍ଶାଉଛି ବୋଲି ପର୍ଯ୍ୟବେକ୍ଷକମାନେ ମତବ୍ୟକ୍ତ କରିଛନ୍ତି। କାରଣ ଚିତ୍ରର ଶାରୀରିକ ଅଙ୍ଗଭଙ୍ଗୀରେ ଅଶାଳୀନତା ସ୍ପଷ୍ଟ ବୋଲି ସେମାନେ ଦାବି କରିଛନ୍ତି। ଏତଦବ୍ୟତୀତ ଏହି ଚିତ୍ରଟିର ପାଖାପାଖି ସମାନ ସଂସ୍କରଣ ଏନ୍‌ସିଇଆରଟିର ଷଷ୍ଠଶ୍ରେଣୀ



ସୋସିଆଲ ସାଇନ୍ସ ବହିରେ ମଧ୍ୟ ସ୍ଥାନ ପାଇଥିବାରୁ ଏହା ଆଉ ଏକ ବିବାଦ ସୃଷ୍ଟି କରିଛି। ଏନସିଇଆରଟିର ଷଷ୍ଠଶ୍ରେଣୀ ସୋସିଆଲ ସାଇନ୍ସ ବହି ପାଠ୍ୟପୁସ୍ତକ ବିକାଶ କମିଟିର ମୁଖ୍ୟ ଇତିହାସ ଲେଖକ ମାଇକେଲ ଡାନିନୋ କହିଛନ୍ତି ଯେ, ସେ ଯେତେବେଳେ ସୋସିଆଲ ସାଇନ୍ସ ବହି ବିକାଶ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରୁଥିଲେ ସେତେବେଳେ ଏହି ଚିତ୍ରଟି ଛୋଟ ଛାତ୍ରଛାତ୍ରୀଙ୍କ ପାଇଁ ବୟସ-ଉପଯୁକ୍ତ ନୁହେଁ ବୋଲି ତାଙ୍କୁ କୁହାଯାଇଥିଲା। ଡାନିନୋ କହିଛନ୍ତି ଯେ ତାଙ୍କ ଦଳ ଏହି ମୂଲ୍ୟାଙ୍କନ ସହିତ ସହମତ ହୋଇନାହାନ୍ତି। ଏଯାଏ ଶିକ୍ଷକମାନେ ଶିକ୍ଷାଗତ ସାମଗ୍ରୀରେ ମୂଳ ଚିତ୍ର ଅନ୍ତର୍ଭୁକ୍ତ କରିବା ସମ୍ପର୍କରେ କୌଣସି ଅଭିଯୋଗ କରିନାହାନ୍ତି ବୋଲି ସେ କହିଛନ୍ତି। ୯ମ ଶ୍ରେଣୀ ପାଠ୍ୟପୁସ୍ତକରେ ଚିତ୍ରଣ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଡାନିନୋ ଯୁକ୍ତି ବାଢ଼ିଛନ୍ତି ଯେ, ଚିତ୍ରକୁ ପରିବର୍ତ୍ତନ କରିବା ଦ୍ୱାରା ଐତିହାସିକ ଭାବରେ ଗୁରୁତ୍ୱପୂର୍ଣ୍ଣ କଳାକୃତିର ପ୍ରତିନିଧିତ୍ୱରେ ପରିବର୍ତ୍ତନ ହୁଏ। ତେବେ ଛାତ୍ରଛାତ୍ରୀମାନଙ୍କ ନିକଟରେ ସାଂସ୍କୃତିକ ଐତିହ୍ୟକୁ କିପରି ଉପସ୍ଥାପିତ କରାଯିବ ସେ ବିଷୟରେ ଚିନ୍ତା କରିବାକୁ ପଡ଼ିବ। ପାଠ୍ୟପୁସ୍ତକରେ 'ଡ୍ୟାନ୍ସିଂ ଗାର୍ଲ' ଚିତ୍ରଟିକୁ ପ୍ରାୟ ଖ୍ରୀପୂ ୨୬୦୦ ବେଳର ମୋହେଞ୍ଜୋ-ଦାରୋର ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଭାବରେ ଚିହ୍ନଟ କରାଯାଇଛି। ତେବେ ଏନସିଇଆରଟି ପକ୍ଷରୁ ଏନେଇ କୌଣସି ବିବୃତି ଜାରି କରିନାହିଁ।

### ସୁନ୍ଦର ପିଚାଇଙ୍କୁ ବିରୋଧ

## ଭାଷଣ ଆରମ୍ଭରୁ ଉଠିଗଲେ ଛାତ୍ର



**ୱାଶିଂଟନ, ୧୫।୬ଃ** ଗୁଗଲ ସିଇଓ ସୁନ୍ଦର ପିଚାଇଙ୍କୁ ଅପମାନର ଶରବ୍ୟ ହେବାକୁ ପଡ଼ିଛି। ଆମେରିକାର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରେ ଏକ ସ୍ନାତକ ଉତ୍ସବ ଚାଲିଥିଲା। ମୈଦାନରେ ଛାତ୍ରଛାତ୍ରୀ ଏକାଠି ହୋଇଥିଲେ। ମଞ୍ଚ ସଜ୍ଜା ଯାଇଥିଲା। ଗୁଗଲ ସିଇଓ ସୁନ୍ଦର ପିଚାଇ ତାଙ୍କ ଭାଷଣ ଆରମ୍ଭ କରିବାକୁ ଆଉ କିଛି ସମୟ ବାକି ଥିଲା। ମାତ୍ର ସେତିକିବେଳେ କିଛି ଛାତ୍ର ନାରାବାଜି ଦେବା ଆରମ୍ଭ କରିଥିଲେ। ଏହା ପରେ ଉତ୍ସାହ ମାହୋଲ ଉତ୍ତେଜନାରେ ବଦଳିଥିଲା। କିଛି ଛାତ୍ର ବ୍ୟାକ୍ ଆଉଟ୍ କରିଥିଲେ। ଫଳରେ କାର୍ଯ୍ୟକ୍ରମ ପ୍ରଭାବିତ ହୋଇଥିଲା। ମିଡିଆ ରିପୋର୍ଟ ଅନୁସାରେ, ସୁନ୍ଦର ପିଚାଇ ମଞ୍ଚ ଉପରକୁ ଚଢ଼ି ଭାଷଣ ଆରମ୍ଭ କରିଥିଲେ। ଏହି ସମୟରେ ଛାତ୍ର ପ୍ରଦର୍ଶନ ଆରମ୍ଭ କରିଥିଲେ। ତାଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। କିଛି ଛାତ୍ର ମୈଦାନ ଛାଡି ଚାଲିଯାଇଥିଲେ। କେବଳ ସୁନ୍ଦର ପିଚାଇ ନୁହଁନ୍ତି, କାର୍ଯ୍ୟକ୍ରମରେ ସାମିଲ ଅତିଥି ମଧ୍ୟ ସେମାନଙ୍କ ଭାଷଣ ସମୟରେ ସମାନ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଛାତ୍ରମାନେ ଇସ୍ରାଏଲୀ ସରକାରଙ୍କ ସହିତ ଗୁଗଲର ଚୁକ୍ତିନାମାକୁ ବିରୋଧ କରିଛନ୍ତି। କେତେକ ମୁକ୍ତ ପାଲେଷ୍ଟାଇନ ବୋଲି ମଧ୍ୟ ସ୍ଲୋଗାନ ଦେଇଛନ୍ତି। ଏହାକୁ ପ୍ରତିବାଦ କରି ଛାତ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

### ଏକାଡେମୀରେ ଦେଖା, ସ୍ନାପଚାଟରେ ବନ୍ଧୁତା

## ନାବାଳିକାକୁ ନାବାଳକର ଦୁଷ୍କର୍ମ ଓ ବ୍ଲାକମେଲ୍ !

**ହୋସିଆରପୁର,୧୫।୬ଃ** ଜଣେ ଏକାଦଶ ଶ୍ରେଣୀର ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇ ପ୍ରଥମେ ଦୁଷ୍କର୍ମ ଏବଂ ପରେ ଆପତ୍ତିଜନକ ଭିଡିଓ ଭାଇରାଲ୍ କରିବା ନାଁରେ ବ୍ଲାକମେଲିଂ କରୁଥିବା ଅଭିଯୋଗ ହୋଇଛି। ଏହି ଅଭାବନ ଘଟଣାରେ ପୋଲିସ ତତ୍ପରତା ଦେଖାଇ ଅଭିଯୁକ୍ତ ନାବାଳକକୁ ଗିରଫ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ପୀଡ଼ିତା ୧୬ ବର୍ଷୀୟା ନାବାଳିକା ଏବଂ ଅଭିଯୁକ୍ତ ନାବାଳକ ଉଭୟ ଏକ ଘରୋଇ କୋଚିଂ ଏକାଡେମୀରେ ପାଠ ପଢୁଥିଲେ। ଅଭିଯୁକ୍ତ ଜଣକ ଛାତ୍ରୀଙ୍କଠାରୁ ଶ୍ରେଣୀରେ ସିନିୟର ଥିଲା। ଗତ ବର୍ଷ ଅକ୍ଟୋବର ମାସରେ ଅଭିଯୁକ୍ତ ସ୍ନାପଚାଟ୍ ମାଧ୍ୟମରେ ଛାତ୍ରୀଙ୍କୁ ଫ୍ରେଣ୍ଡ ରିକୁଏଷ୍ଟ ପଠାଇଥିଲା। ଧୀରେ ଧୀରେ ଦୁହିଁଙ୍କ କଥାବାର୍ତ୍ତା ବଢ଼ିବା ସହ ଏକାଡେମୀ ବାହାରେ ଦେଖା ସାକ୍ଷାତ ମଧ୍ୟ ଆରମ୍ଭ ହୋଇଥିଲା। ଏହି ସମୟରେ ଅଭିଯୁକ୍ତ ନାବାଳକ ଜଣକ ଛାତ୍ରୀଙ୍କ ବିଶ୍ୱାସ ଜିତି ବିଭିନ୍ନ ବାହାନାରେ ଟଙ୍କା ମଧ୍ୟ ମାଗୁଥିଲା।

ଗତ ବର୍ଷ ଡିସେମ୍ବର ୧୫ ତାରିଖରେ ଅଭିଯୁକ୍ତ ନାବାଳକ ଜଣକ ଛାତ୍ରୀଙ୍କୁ ନିଜ ବାଇକ୍ରେ ବସାଇ ନିଜ ଜେଜେମା'ଙ୍କ ଘରକୁ ନେଇଯିବା ବୋଲି କହିଥିଲା। ମାତ୍ର ସେଠାରେ ସେ ଛାତ୍ରୀଙ୍କ ଇଚ୍ଛା ବିରୁଦ୍ଧରେ ବଳପୂର୍ବକ ଦୁଷ୍କର୍ମ କରିଥିଲା। ପୀଡ଼ିତା ଜଣକ ପ୍ରବଳ ବିରୋଧ କରିଥିଲେ ମଧ୍ୟ ଅଭିଯୁକ୍ତ ଜଣକ ଶୁଣି ନ ଥିଲା। କେବଳ ଏତିକି ନୁହେଁ ନାବାଳିକାର କିଛି ଆପତ୍ତିଜନକ ଭିଡିଓ ମଧ୍ୟ ମୋବାଇଲରେ ରେକର୍ଡ କରିନେଇଥିଲା। ଏହି ଘଟଣା ପରେ ଲୋକଲଜ୍ଜା ଏବଂ ଭୟରେ ଛାତ୍ରୀ ଜଣକ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଭିଡିଓଟିକୁ ଇଣ୍ଟରନେଟ୍ରେ ଭାଇରାଲ୍ କରିଦେବାର ଧମକ ଦେଇ କ୍ରମାଗତ ଭାବେ ବ୍ଲାକମେଲ୍ କରିବା ସହ ଟଙ୍କା ଦାବି କରିଆସୁଥିଲା। ଭୟଭୀତ ହୋଇ ପୀଡ଼ିତା ଦୀର୍ଘ ଦିନ ଧରି ଚୁପ୍ ରହିବା ପରେ ଶେଷରେ ନିଜ ମା'ଙ୍କୁ ସବୁ କଥା ଜଣାଇଥିଲେ।

## ଥାନା ଭିତରେ ଝିଅଙ୍କୁ ଛୁରିଭୁସି ହତ୍ୟାକଲେ ବାପା



**ଲକ୍ଷ୍ନୌ,୧୫।୬ଃ** ଉତ୍ତରପ୍ରଦେଶର ବାନ୍ଦା ଜିଲା ଅନ୍ତର୍ଗତ ବଦୌସା ଥାନା ଭିତରେ ଶୁକ୍ରବାର ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ତାଙ୍କ ବାପା ଛୁରିଭୁସି ହତ୍ୟା କରିଛନ୍ତି। ବାନ୍ଦା ଏସ୍‌ପି ପଲାଶ ବଂଶଲଙ୍କ କହିବା ଅନୁଯାୟୀ, ଶିବାନୀ ନାମ୍ନୀ ଉକ୍ତ ଯୁବତୀଙ୍କର ଜଣେ ପଡ଼ୋଶୀ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଗତ ମେ' ୧୮ରେ ଯୁବକ ଜଣକ ଶିବାନୀଙ୍କୁ ନେଇ ପଳାଇଥିଲେ। ପରିବାରର ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଖୋଜାଖୋଜି ପରେ ଗତ ୧୨ ତାରିଖରେ ଶିବାନୀଙ୍କୁ ଉଦ୍ଧାର କରି ବଦୌସା ଥାନାକୁ ଆଣିଥିଲା। ପୋଲିସ ମାମଲା ସମ୍ପର୍କରେ ଆଲୋଚନା ପାଇଁ ଶିବାନୀଙ୍କ ମା'ବାପାଙ୍କୁ ଥାନାକୁ ଡାକିଥିଲା। ଆଲୋଚନା ସମୟରେ ଯୁବତୀଙ୍କ ବାପା ସତ୍ୟକୁମାର ଚୌହାନ ଛୁରି ବାହାର କରି ଯୁବତୀଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଶିବାନୀ ମାଆଙ୍କ ଅଭିଯୋଗ ଆଧାରରେ ସତ୍ୟକୁମାରଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଛି।

## ବାଂଲା ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତାଙ୍କୁ ବିମାନବନ୍ଦରରେ ଅଟକ

**ନୂଆଦିଲ୍ଲୀ, ୧୫।୬ଃ** ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ୍ ରହମାନଙ୍କ ନୀତି ଓ ରଣନୀତି ସମ୍ପର୍କିତ ପରାମର୍ଶଦାତା ଜାହେଦ୍ ଉର୍ ରହମାନଙ୍କୁ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତୀୟ ବିମାନବନ୍ଦରରେ କିଛି ସମୟ ପାଇଁ ଅଟକ ରଖାଯାଇଥିଲା। ଗୃହ ମନ୍ତ୍ରଣାଳୟ ପକ୍ଷରୁ ପରେ ତାଙ୍କୁ ପ୍ରବେଶ ପାଇଁ ଅନୁମତି ମିଳିଥିଲେ ମଧ୍ୟ ସେ ଭାରତରେ ନ ରହି କଲୋମ୍ବୋ ଦେଇ ଢାକା ଫେରିଯିବାକୁ ନିଷ୍ପତ୍ତି ନେଇଛନ୍ତି।

ବାଂଲାଦେଶୀ ଗଣମାଧ୍ୟମ 'ପ୍ରଥମ ଆଲୋ' ଏବଂ 'ଦି ଡେଲି ଷ୍ଟାର୍'ର ରିପୋର୍ଟ ଅନୁଯାୟୀ, ରବିବାର ସନ୍ଧ୍ୟାରେ ଜାହେଦ୍ ଉର୍ ରହମାନ ଏକ ଅନ୍ତର୍ଜାତୀୟ ବୈଠକରେ ଯୋଗଦେବା ପାଇଁ ନୂଆଦିଲ୍ଲୀରେ ପହଞ୍ଚିଥିଲେ।



ବିମାନବନ୍ଦରରେ ପହଞ୍ଚିବା ପରେ ଭାରତୀୟ ଇମିଗ୍ରେସନ କର୍ତ୍ତୃପକ୍ଷ ତାଙ୍କୁ ପ୍ରାୟ ୨.୫ ଘଣ୍ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ। ଢାକା ଏବଂ ନୂଆଦିଲ୍ଲୀର କୂଟନୈତିକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିମାନବନ୍ଦରରେ ଅଟକ ରହିବା ପରେ ଦୁଇ ଦେଶର ଉଚ୍ଚ ପଦାଧିକାରୀଙ୍କ ହସ୍ତକ୍ଷେପ ଫଳରେ ତାଙ୍କୁ ଭାରତରେ ପ୍ରବେଶ କରିବାକୁ ଅନୁମତି ମିଳିଥିଲା।

ଆଗୁଆ ସୂଚନା ଥାଇ ମଧ୍ୟ ଇମିଗ୍ରେସନ ଯାଞ୍ଚ ସମୟରେ ଜାହେଦଙ୍କୁ ଅଟକାଯାଇଥିଲା ଓ ଦୀର୍ଘ ସମୟ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନଥିଲା। ତେବେ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ସେ କୌଣସି କୂଟନୈତିକ ପାସପୋର୍ଟ ବିନା ଯାତ୍ରା କରିଥିଲେ। ବର୍ତ୍ତମାନ ସୁଦ୍ଧା ଭାରତ ସରକାର କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ଘଟଣା ଉପରେ କୌଣସି ବିବୃତି ଜାରି କରାଯାଇ ନାହିଁ।

## ସୁପ୍ରିମକୋର୍ଟରେ ଅଯୋଧ୍ୟା ରାମ ମନ୍ଦିର ଦାନଚୋରି



**ନୂଆଦିଲ୍ଲୀ,୧୫।୬ଃ** ଅଯୋଧ୍ୟା ଶ୍ରୀରାମ ମନ୍ଦିର ଦାନ ହଡ଼ପ ମାମଲା ସୁପ୍ରିମକୋର୍ଟକୁ ପହଞ୍ଚିଛି। କରାଯାଇଥିବା ଅଭିଯୋଗରେ ଏକ ଏତଲା (ଏଫଆଇଆର) ରୁଜୁ କରାଯିବା ଓ କୋର୍ଟଙ୍କ ଦେଖାରେଖାରେ ତଦନ୍ତ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ଆବେଦନ ଦାଖଲ ହୋଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ସମ୍ବୋଧିତ କରି ଲେଖା ଯାଇଥିବା ଆବେଦନକୁ ଆଡଭୋକେଟ-ଅନ୍-ରେକର୍ଡ ଅନୂପ ପ୍ରକାଶ ଅୱସ୍ଥି ଦାଖଲ କରିଛନ୍ତି। ଏଥିରେ ସେ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି ଯେ ସେଣ୍ଟ୍ରାଲ ବ୍ୟୁରୋ ଅଫ ଇନଭେଷ୍ଟିଗେସନ (ସିବିଆଇ) ଭଳି କୌଣସି ବଡ଼ ଯାଞ୍ଚ ଏଜେନ୍ସିଙ୍କ ଦ୍ୱାରା ସ୍ୱତନ୍ତ୍ର ତଦନ୍ତ ନିର୍ଦ୍ଦେଶ ଦେବାକୁ ବିଚାର କରନ୍ତୁ। ମନ୍ଦିରର ମହତ୍ୱକୁ ଉଲ୍ଲେଖ କରି ଆବେଦନରେ କୁହାଯାଇଛି ଯେ ଶ୍ରୀରାମ ଜନ୍ମଭୂମି ମନ୍ଦିରକୁ ଦିଆଯାଇଥିବା ଦାନ ସମ୍ପର୍କିତ ମାମଲା ସାଧାରଣ ଆର୍ଥିକ ହେରଫେର ଭଳି ପ୍ରଶ୍ନରୁ ଉର୍ଦ୍ଧ୍ୱରେ। ଏହା ଅଗଣିତ ଭକ୍ତଙ୍କ ଆସ୍ଥା ସହିତ ଜଡିତ। ଏଥିଲାଗି ଆବେଦନକାରୀ ବିଚାରବିଭାଗୀୟ ହସ୍ତକ୍ଷେପ ଦାବି କରିଛନ୍ତି।

## ଅଭିଜିତ ଦୀପକେଙ୍କୁ ଚାପୁଡ଼ା ମାଡ଼



**ଜୟପୁର, ୧୫।୬ଃ** ରାଜସ୍ଥାନର ରାଜଧାନୀ ଜୟପୁରରେ ସୋମବାର ଦିନ 'କକ୍ରୋଚ୍ ଜନତା ପାର୍ଟି'ର ବିକ୍ଷୋଭ ପ୍ରଦର୍ଶନ ସମୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଆନ୍ଦୋଳନ ଚାଲିଥିବା ବେଳେ ଦଳର ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କୁ ଦୁଇ ଜଣ ଯୁବକ ଚାପୁଡ଼ା ମାରିଛନ୍ତି। ସୂଚନା ଅନୁଯାୟୀ, ଅଭିଜିତ ଯେତେବେଳେ ସମର୍ଥକମାନଙ୍କ କାନ୍ଧରେ ବସି ସଭାସ୍ଥଳ ଶହୀଦ ସ୍ମାରକୀ ଆଡ଼କୁ ଯାଉଥିଲେ, ସେହି ସମୟରେ ଭିଡ଼ ଭିତରେ ଲୁଚି ରହିଥିବା ଦୁଇ ଜଣ ଯୁବକ ତାଙ୍କ ନିକଟକୁ ଆସି ତାଙ୍କୁ ଚାପୁଡ଼ା ମାରିଥିଲେ। ଏହି ଅପ୍ରତ୍ୟାଶିତ ଘଟଣା ଯୋଗୁଁ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଜିତଙ୍କ ସମର୍ଥକମାନେ ତୁରନ୍ତ ସକ୍ରିୟ ହୋଇ ଉଭୟ ଆକ୍ରମଣକାରୀଙ୍କୁ କାବୁ କରିନେଇଥିଲେ ଓ ସେମାନଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏହି ଘଟଣା ପରେ କିଛି ସମୟ ପାଇଁ ଆନ୍ଦୋଳନ ସ୍ଥଳରେ ଭୟ ଓ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଅପ୍ରୀତିକର ପରିସ୍ଥିତି ସତ୍ତ୍ୱେ ଅଭିଜିତ ଦୀପକେ ମଞ୍ଚକୁ ଆସି ସମର୍ଥକମାନଙ୍କୁ ସମ୍ବୋଧିତ କରିଥିଲେ। ସେ କହିଥିଲେ ଯେ, ଆକ୍ରମଣ ଯୋଗୁଁ ସେମାନଙ୍କର ଆନ୍ଦୋଳନ ଅଟକିବ ନାହିଁ। ସେ ମଞ୍ଚରୁ ନୂଆ ରଣନୀତି ଘୋଷଣା କରି କହିଛନ୍ତି, ଦଳ ପକ୍ଷରୁ ଲୋକେ ଆସନ୍ତା ଜୁନ୍ ୨୦ ତାରିଖରେ ବହୁ ସଂଖ୍ୟାରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ।

## ନାବାଳକଙ୍କ ପାଇଁ ବ୍ୟାନ ହେବ ସୋସିଆଲ ମିଡ଼ିଆ

**ଲଣ୍ଡନ, ୧୫।୬ଃ** ପିଲାମାନଙ୍କ ମାନସିକ ଓ ସାମାଜିକ ସୁସ୍ଥତା ସମ୍ପର୍କରେ ବଢ଼ୁଥିବା ଚିନ୍ତା ମଧ୍ୟରେ ଯୁକେ ସରକାର ଏକ ବଡ଼ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମର୍ ଘୋଷଣା କରିଛନ୍ତି ଯେ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ପ୍ରତିବନ୍ଧକ ଲଗାଯିବ। ପିଲାମାନଙ୍କୁ ଅନଲାଇନ୍ ଜଗତର ନକାରାତ୍ମକ ପ୍ରଭାବରୁ ରକ୍ଷା କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ରିପୋର୍ଟ ଅନୁଯାୟୀ, ଏହି ବ୍ୟାନ ଅନେକ ଲୋକପ୍ରିୟ ବିଶ୍ୱସ୍ତରୀୟ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଉପରେ ପ୍ରଯୁଜ୍ୟ ହେବ। ଏଥିରେ ଟିକ୍‌ଟକ୍, ଇନଷ୍ଟାଗ୍ରାମ, ଫେସବୁକ, ଏକ୍ସ, ୟୁଟ୍ୟୁବ୍, ସ୍ନାପଚାଟ, ଥ୍ରେଡ, ଟ୍ୱିଚ୍, କିକ୍, ରେଡିଟ୍ ଆଦି ଅନ୍ତର୍ଭୁକ୍ତ। ସରକାର କେବଳ ସୋସିଆଲ ମିଡିଆ ପର୍ଯ୍ୟନ୍ତ ଏହାର ପରିସର ସୀମିତ ରଖିବାକୁ ଚାହୁଁନାହାନ୍ତି। ପ୍ରସ୍ତାବିତ ନିୟମାବଳୀରେ କିଛି ଗେମିଂ ଆପ୍ ଉପରେ ପ୍ରତିବନ୍ଧକ ଲଗାଇବାର ସମ୍ଭାବନା ରହିଛି।

## ନାଗରିକଙ୍କୁ ଗ୍ରହଣ କରୁନି ବାଂଲାଦେଶ



**ଗୌହାଟୀ,୧୫।୬ଃ** ଆସାମର ମନକାଚର ସେକ୍ଟରରେ ଭାରତ-ବାଂଲାଦେଶ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜିଛି। ଦୁଇ ଦେଶ ସୀମାର 'ନୋ ମ୍ୟାନସ୍ ଲ୍ୟାଣ୍ଡ'ରେ ୯ ଜଣ ବାଂଲାଦେଶୀ ନାଗରିକ ଫଶି ରହିଛନ୍ତି। ବର୍ଡର ଗାର୍ଡ ବାଂଲାଦେଶ (ବିଜିବି) ସେମାନଙ୍କୁ ଦେଶକୁ ଫେରାଇନେବାକୁ ମନା କରୁଛି। ଏହି ସମସ୍ୟାର ସମାଧାନ ନିମନ୍ତେ ଭାରତର ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସଏଫ) ଓ ବିଜିବି ମଧ୍ୟରେ ଫ୍ଲାଗମିଟିଂ ପରେ ଫ୍ଲାଗ ମିଟିଂ ଅନୁଷ୍ଠିତ ହେଉଛି। ତଥାପି ମିଟିଂରୁ କୌଣସି ନିଷ୍କର୍ଷ ବାହାରି ପାରୁନି।

ଭାରତ-ବାଂଲାଦେଶ ସୀମାର ନୋ ମ୍ୟାନସ୍ ଲ୍ୟାଣ୍ଡରେ ରବିବାର ୯ ଜଣ ଲୋକଙ୍କୁ ଦେଖା ଯାଇଥିଲା। ଏମାନଙ୍କୁ ଦେଖିବା ପରେ ବିଏସଏଫ ଓ ବିଜିବି ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏକ ଭାଇରାଲ ଭିଡିଓରେ ସୀମାରେ ଅଟକି ରହିଥିବା ଲୋକଙ୍କ ମଧ୍ୟରୁ ଜଣେ ଆମେ ବାଂଲାଦେଶୀ ବୋଲି କହୁଥିବା ସ୍ପଷ୍ଟ ଶୁଣା ଯାଉଛି। ଗତ ଦିନମାନଙ୍କରେ ବିଏସଏଫ ସୀମା ପାର କରିବାକୁ ଉଦ୍ୟମ କରୁଥିବା ଲୋକଙ୍କୁ ଧରି ବାଂଲାଦେଶ ପଠାଉଛି। ଗତ ସପ୍ତାହରେ ଆସାମ ପୋଲିସ ଓ ବିଏସଏଫର ମିଳିତ କାର୍ଯ୍ୟାନୁଷ୍ଠାନରେ ୨୧ ଜଣ ଅନୁପ୍ରବେଶକାରୀଙ୍କୁ ରୋକା ଯାଇଥିଲା।

## ଆକାଶରେ ୨ ହେଲିକପ୍ଟର ଧକ୍କା, ୬ ମୃତ

**ରିଓ,୧୫।୬ଃ** ରବିବାର ବ୍ରାଜିଲର ରିଓ ଡି ଜେନେରିଓରେ ଦୁଇଟି ହେଲିକପ୍ଟର ମୁହାଁମୁହିଁ ଧକ୍କା ହୋଇଛନ୍ତି। ଏଥିରେ ୬ ଜଣଙ୍କର ମୃତ୍ୟୁ ଘଟିଛି। ଧକ୍କା ହେବା ଫଳରେ ହେଲିକପ୍ଟର ଦ୍ୱୟରେ ନିଆଁ ଲାଗିଯାଇଥିଲା। ଏହାସହ ରାସ୍ତାରେ ଖସି ପଡିଥିଲା। ଫଳରେ ରାସ୍ତାରେ ଯାଉଥିବାଅନେକ ଗାଡିରେ ମଧ୍ୟ ହେଲିକପ୍ଟରରୁ ନିଆଁ ଲାଗିଯାଇଥିଲା।

ଦମକଳ ବାହିନୀର କହିବାନୁସାରେ, ଦୁଇଟି ହେଲିକପ୍ଟର ଆକାଶରେ କୌଣସି କାରଣକୁ ପରସ୍ପରକୁ ଧକ୍କା ଦେଇଥିଲେ। ଏହାପରେ ଉଭୟ ଏକ ପାର୍କିଂ ପାଖ ରାସ୍ତାରେ ଖସି ପଡିଥିଲେ। ଫଳରେ ସେଠାରେ ଥିବା୨୦ଟି ଗାଡିରେ



ନିଆଁ ଲାଗିଯାଇଥିଲା। ଯେଉଁଥିରେ ୬ ଜଣ ପ୍ରାଣ ହରାଇଥିବା ସୂଚନା ମିଳିଛି। ସମସ୍ତ ମୃତକ ବିମାନର କ୍ରୁ ସଦସ୍ୟ ଅଟନ୍ତି।

ସ୍ଥାନୀୟ ଗଣମାଧ୍ୟମ ହେଲିକପ୍ଟର ଦୁର୍ଘଟଣାର ଅନେକ ଫଟୋ ସେୟାର କରିଛନ୍ତି। ଯେଉଁଥିରେ ଦେଖିବାକୁ ମିଳିଛି ଯେ, ରାସ୍ତାରେ ଖସି ପଡିବା ପରେ ସବୁଆଡେ କଳା ଧୂଆଁ ଖେଳିଯାଇଛି। କାରଣ ଦୁର୍ଘଟଣା ପରେ ଅନେକ ଗାଡିରେ ନିଆଁ ଲାଗିଯାଇଥିଲା।

ଅନ୍ୟ ଏକମିଡିଆ କହିଛି ଯେ, ହେଲିକପ୍ଟର ଦ୍ୱୟ ଧକ୍କା ହେଲା ପରେ ପ୍ରବଳ ବିସ୍ଫୋରଣ ହୋଇଥିଲା। ଏହାପରେ ସେମାନେ ଅନେକ ଇ କାର୍ ଉପରେ ଖସି ପଡିଥିଲେ। ତେବେ ରାସ୍ତାରେ ଯାଉଥିବା କେହି ବ୍ୟକ୍ତି ଏଥିରେ ମୃତାହତ ହୋଇନଥିବା ଜଣା ପଡିଛି।

## ଏନ୍‌ସିପିରେ ୨୦ ସାଂସଦ ମିଶିବା ଅଗଣତାନ୍ତ୍ରିକଃ ଆରଜେଡି



**ନୂଆଦିଲ୍ଲୀ,୧୫।୬ଃ** ତୃଣମୂଳ କଂଗ୍ରେସର ୨୦ ବିଦ୍ରୋହୀ ସାଂସଦ 'ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି (ଏନସିପି) ରେ ସାମିଲ ହେବାକୁ ନେଇ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି)ର ବରିଷ୍ଠ ସାଂସଦ ମନୋଜ କୁମାର ଝା କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଯେଉଁ ରାଜନୈତିକ ଦଳ ଦୁଇଟି ବିଧାନସଭା ନିର୍ବାଚନକୁ ମିଶାଇ ମୋଟ ୮୦୦ଟି ଭୋଟ୍ ପାଇବାକୁ ସକ୍ଷମ ହୋଇନଥିଲା, ସେହି ଦଳ ରାତାରାତି ୨୦ ଜଣ ସାଂସଦଙ୍କୁ ନିଜର କରିନେଇଛି। ଯଦି ଏଭଳି ଜାରି ରହେ, ତେବେ ଦେଶରେ ଗଣତନ୍ତ୍ର ବୋଲି କିଛି ରହିବ ନାହିଁ। ଆରଜେଡି ସାଂସଦ କହିଛନ୍ତି ଯେ, ଗତକାଲି ପର୍ଯ୍ୟନ୍ତ ଭାରତରେ ଏହି ଦଳର ନାମ କେହି କେବେ ଶୁଣି ନଥିଲେ। ଯଦି ଦଳ ବଦଳ ପ୍ରକ୍ରିୟା ସାଧାରଣ କଥା ପାଲଟିଯାଏ, ତେବେ ଆମ ଗଣତନ୍ତ୍ରର ଭବିଷ୍ୟତ କ'ଣ ହେବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ୮୦୦ ଭୋଟ୍ ପାଇଥିବା ଏକ ଅନାମଧ୍ୟେୟ ଦଳକୁ ହଠାତ ୨୦ ଜଣ ସାଂସଦ ମିଳିଯିବା ଗଣତନ୍ତ୍ର ନୁହେଁ, ବରଂ ଗଣତନ୍ତ୍ରର ପରିହାସ ବୋଲି ମନୋଜ ଝା କହିଛନ୍ତି। ଯଦି ଏଭଳି ଅନୈତିକ ଧାରାକୁ ସ୍ୱାଭାବିକ ବୋଲି ଗ୍ରହଣ କରାଯାଏ, ତେବେ ଆଗାମୀ ଦିନରେ ଦେଶର ବଡ଼ ବଡ଼ ରାଜନୈତିକ ଦଳ ମଧ୍ୟ ସଂକଟରେ ପଡ଼ିବେ ବୋଲି ସାଂସଦ ଚେତାଇ ଦେଇଛନ୍ତି।

## ସ୍କାଏଡାଇଭିଂ ବିମାନ ଦୁର୍ଘଟଣା, ପାଇଲଟଙ୍କ ସମେତ ୧୨ ମୃତ

**ମିସୌରୀ,୧୫।୬ଃ** ଆମେରିକାରେ ଏକ ଭୟଙ୍କର ବିମାନ ଦୁର୍ଘଟଣା ହୋଇଛି, ଯେଉଁଥିରେ ୧୨ ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣା ଆମେରିକାର ମିସୌରୀରେ ବଟଲର ମେମୋରିଆଲ ଏୟାରପୋର୍ଟ ପାଖରେ ଘଟିଛି। ଭାରତୀୟ ସମୟରେ ସକାଳ ୧୧ଟା ୩୦ରେ ଏହି ଭୟଙ୍କର ବିମାନ ଦୁର୍ଘଟଣାରେ ୧୨ ଜଣଙ୍କ ଜୀବନ ନେଇଛି। ବିମାନି ସ୍କାଏଡାଇଭିଂ ପାଇଁ ଟେକଅପ୍ କରିଥିଲା। ଏହାର କିଛି ସମୟ ପରେ ଆକଶରୁ ଖସି ପଡି ପ୍ଲେନରେ ନିଆଁ ଲାଗି ଯାଇଥିଲା। ବିମାନଟି ଖଣ୍ଡ ଖଣ୍ଡ ହୋଇଯାଇଛି। ବିମାନଟି ଏକ ଘରୋଇ ବିମାନବନ୍ଦରରୁ ଉଡ଼ାଣ ଭରିଥିଲା। ବଟଲର୍ ସହରର ଜନସଂଖ୍ୟା ପ୍ରାୟ ୪୩୦୦ ଏବଂ ବେଟ୍ସ କାଉଣ୍ଟିରେ ୧୭୦୦୦ ଲୋକ ଅଛନ୍ତି। ଏହି ଅଞ୍ଚଳରେ ସ୍କାଏଡାଇଭିଂ କେବଳ ୮ ରୁ ୯ ମାସ ପାଇଁ ଉପଲବ୍ଧ। ମାର୍ଚ୍ଚ ଶେଷ କିମ୍ବା ଏପ୍ରିଲ ଆରମ୍ଭରେ ଆରମ୍ଭ ହୁଏ।

## ହିଜବୁଲ୍ଲା ହେଡକ୍ୱାର୍ଟର୍ସରେ ଏୟାରଷ୍ଟ୍ରାଇକ୍



**ବିରୁଟ୍,୧୫।୬ଃ** ରବିବାର ଇସ୍ରାଏଲ ଏୟାରଫୋର୍ସ ଏକ ଭିଡିଓ ପୋଷ୍ଟ୍ କରିଛି। ଯେଉଁଥିରେ ବେରୁତରେ ଇସ୍ରାଏଲ କରିଥିବା ଏୟାର ଷ୍ଟ୍ରାଇକ୍ ଦେଖିବାକୁ ମିଳିଛି। ଆକ୍ରମଣରେ ହିଜବୁଲାହର ହେଡକ୍ୱାର୍ଟର୍ କୁହାଯାଉଥିବା ଏକ ବିଲ୍ଡିଂକୁ ସେନା ଧ୍ୱଂସ କରିଦେଇଛି। ଏକ୍ସରେ ପୋଷ୍ଟ କରାଯାଇଥିବା ଭିଡିଓରେ ଦେଖିବାକୁ ମିଳିଛି ଯେ, ବିଲ୍ଡିଂଟି ବିରୁଟ୍‌ର ଦାହିୟେ ଅଞ୍ଚଳରେ ରହିଥିଲା। ଏହା ଉପରେ ଇସ୍ରାଏଲ ଏୟାର ଫୋର୍ସ ଷ୍ଟ୍ରାଇକ୍ କରିଥିଲେ। ଯେଉଁଥିରେ ବିଲ୍ଡିଂରେ ବିସ୍ଫୋରଣ ହୋଇଥିଲା। ଫଳରେ ଆଖପାଖ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲ। ଇସ୍ରାଏଲ ଏୟାର ଫୋର୍ସ କହିଛି ଯେ, ବିଲ୍ଡିଂଟି ହିଜବୁଲ୍ଲାହ ହେଡ୍ କ୍ୱାର୍ଟର୍ ଥିଲା। ଏଥିରେ ଅନେକ ଆତଙ୍କବାଦୀ ବସବାସ କରୁଥିଲେ। ଇସ୍ରାଏଲ ଉପରେ ଆକ୍ରମଣ ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଲେବାନନର ଜାତୀୟ ନ୍ୟୁଜ୍ ଏଜେନ୍ସି କହିଛି ଯେ, ଇସ୍ରାଏଲ ଏକ ଆପାର୍ଟମେଣ୍ଟରେ ଷ୍ଟ୍ରାଇକ୍ କରିଛି। ଏହା ହିଜବୁଲ୍ଲାହର ମୁଖ୍ୟାଳୟ ପାଖରେ ଥିଲା। ଭିଡିଓରେ ଆହୁରି ମଧ୍ୟ ଗହଳି ଏବଂ ଗାଡି ମଟର ଚଳପ୍ରଚଳ କରୁଥିବା ସମୟରେ ଆକ୍ରମଣ ହୋଇଥିବା ଦେଖିବାକୁ ମିଳିଛି।

# ରକେଟ୍ ବେଗରେ ବଢ଼ିବ ଘରୋଇ ବଜାର ଦର

## ଏଲ୍ ନିନୋକୁ ନେଇ ଚିନ୍ତିତ ଅର୍ଥନୀତିଜ୍ଞ

**ନୂଆଦିଲ୍ଲୀ,୧୫।୬ଃ** ଏଲ୍-ନିନୋକୁ ନେଇ ଚିନ୍ତା ବଢ଼ି ଚାଲିଛି। ଏହା ମଧ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷରେ କୃଷି ଜିଡିପି ସ୍ଥିର ରହିବ କିମ୍ବା ସାମାନ୍ୟ କମ୍ ହୋଇଯାଇପାରେ। ଇଣ୍ଡିଆନ୍ କାଉନ୍ସିଲ୍ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟର୍ନ୍ୟାସ୍ନାଲ ଇକୋନୋମିକ୍ ରିଲେସନ୍ସର ପ୍ରଫେସର ଏବଂ ଏଗ୍ରିକଲ୍ଚରାଲ କଷ୍ଟ ଆଣ୍ଡ୍ ପ୍ରାଇସେସ୍ କମିସନ୍‌ର ପୂର୍ବତନ ଅଧ୍ୟକ୍ଷ ଅଶୋକ ଗୁଲାଟି ଏହି ଚେତାବନୀ ଦେଇଛନ୍ତି।



ଏହାଦ୍ୱାରା ଦେଶର ମୋଟ ଘରୋଇ ଉତ୍ପାଦ ବି ଖସିଯାଇପାରେ ବୋଲି ସେ କହିଛନ୍ତି।

ସେ କହିଛନ୍ତି ଯେ, ବର୍ଷା କେବେ ଓ କେଉଁଠାରେ କେତେ ମାତ୍ରାରେ ହେବ, ଉକ୍ତ ଆଧାରରେ କୃଷି ଜିଡିପି ଅଭିବୃଦ୍ଧି ପ୍ରାୟ 'ଶୂନ' କିମ୍ବା ନେଗେଟିଭ ରହିପାରେ। ଆଇଏମ୍‌ଡି ମଜଭୁତ ଏଲ୍ ନିନୋ ଅନୁମାନ କରିଛି। ତେଣୁ ଚାଷକାର୍ଯ୍ୟ ପାଇଁ ବର୍ଷ ୨୦୨୬-୨୭ ଅତ୍ୟନ୍ତ ଖରାପ ରହିପାରେ। ଉକ୍ତ ଚାଷୀମାନଙ୍କ ପାଇଁ ଏହା ଅତ୍ୟନ୍ତ ଖରାପ ରହିବ।

୨୦୨୬ରେ ମରୁଡ଼ି ପରିସ୍ଥିତି ଉପୁଜିପାରେ ବୋଲି ଗୁଲାଟି ଚିନ୍ତା ପ୍ରକଟ କରିଛନ୍ତି। ଚାଷୀଙ୍କ ଆୟ ପ୍ରଭାବିତ ହେବ। ସମଗ୍ର ଅର୍ଥବ୍ୟବସ୍ଥା ଉପରେ ବି ନକାରାତ୍ମକ ପ୍ରଭାବ ପଡ଼ିବ। ଘରୋଇ ଚାହିଦାରେ ଗ୍ରାମୀଣ ଅର୍ଥବ୍ୟବସ୍ଥାର ପ୍ରଧାନ ଭୂମିକା ରହିଥାଏ। ଅଧିକାଂଶ ଖାଉଟି ସାମଗ୍ରୀ ବିକ୍ରିରେ ୩୦ରୁ୪୦% ଯୋଗଦାନ ରଖିଥାଏ ଗ୍ରାମୀଣ ବଜାର। କୃଷି ଅର୍ଥନୀତି ପ୍ରଭାବିତ ହେବା ଫଳରେ ସମଗ୍ର ଅର୍ଥନୀତିରେ ଚାହିଦା ଖସିବା ସମ୍ଭାବନା ରହିଛି। ଏହା ଦେଶର ଜିଡିପିକୁ ସଂକୁଚିତ କରିପାରେ। ଚାଷୀ ଆୟ ଦୁଇ ଗୁଣା କରିବା ପାଇଁ ଉଦ୍ଦିଷ୍ଟ କମିଟିର ପୂର୍ବତନ ଅଧ୍ୟକ୍ଷ ଏବଂ ବର୍ତ୍ତମାନ କର୍ଣ୍ଣାଟକ ଏଗ୍ରିକଲ୍ଚରାଲ ପ୍ରାଇସ୍ କମିସନ୍ର ଅଧ୍ୟକ୍ଷ ଅଶୋକ ଦଲୱାଇ କହିଲେ, ଦୁର୍ବଳ ମୌସୁମୀ କାରଣରୁ ସୋୟାବିନ, ହରଡ଼, ବିରି ଏବଂ କପା ଭଳି ଫସଲ ବଡ଼ ମାତ୍ରାରେ ପ୍ରଭାବିତ ହୋଇପାରେ। ଲମ୍ବା ସମୟ ଧରି ମରୁଡ଼ି ଯୋଗୁ ଫସଲ ଉତ୍ପାଦନ ଏବଂ ଚାଷୀ ଆୟ କମିଯିବ। ସେ ଆହୁରି କହିଲେ ଯେ, ବର୍ଦ୍ଧିତ ଇନ୍ଧନ ଦର ଯୋଗୁ ଚାଷଜମିକୁ ପ୍ରସ୍ତୁତ କରିବା, ମେଶିନ୍ ଜରିଆରେ ଚାଷକାର୍ଯ୍ୟ କରିବା ଏବଂ ଡିଜେଲ ଦ୍ୱାରା ଜଳସେଚନ ପମ୍ପ ସେଟ୍ ପରିଚାଳନା ଖର୍ଚ୍ଚ ବଢ଼ୁଛି।

ତ୍ରିରାଷ୍ଟ୍ରୀୟ 'ଏ' ଦିନିକିଆ ସିରିଜ୍

# ସୁପର୍ ଓଭର୍‌ରେ ହାରିଲା ଭାରତ



ଡାମ୍ବୁଲା,୧୫।୬: ଚଳିତ ତ୍ରିରାଷ୍ଟ୍ରୀୟ 'ଏ' ଦିନିକିଆ ସିରିଜ୍‌ରେ ଆଜି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏକ ମୁକାବିଲା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଭ୍ରମଣକାରୀ ଭାରତ ସୁପର୍ ଓଭର୍‌ରେ ପରାଜୟ ବରଣ କରିଛି। ଉଭୟ ଦଳ ନିର୍ଦ୍ଧାରିତ ଓଭର୍ ଶେଷ ସୁଦ୍ଧା ସମାନ ସଂଖ୍ୟକ ରନ୍ ସଂଗ୍ରହ କରିବା ଫଳରେ ମ୍ୟାଚ୍‌ଟି ସୁପର୍ ଓଭର୍‌କୁ ଯାଇଥିଲା। ଏଥିରେ ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୧୭ ରନ୍ କରିଥିବା ବେଳେ ଭାରତ ମାତ୍ର ୯ ରନ୍ କରିବାରେ ସକ୍ଷମ ହୋଇଥିଲା। ଏଥିସହ ଭାରତ ଦ୍ୱିତୀୟ ପରାଜୟ ବରଣ କରିଥିବା ବେଳେ ଶ୍ରୀଲଙ୍କା ତା'ର ଦ୍ୱିତୀୟ ବିଜୟ ହାସଲ କରିଛି।

ପ୍ରଥମେ ଭାରତକୁ ବ୍ୟାଟିଂ ପାଇଁ ଶ୍ରୀଲଙ୍କା ଆହ୍ୱାନ ଦେବା ପରେ ଭ୍ରମଣକାରୀ ଦଳ ଧାର୍ଯ୍ୟ ୫୦ ଓଭର୍ ଖେଳିନପାରି ୪୯.୨ ଓଭର୍‌ରେ ୨୬୫ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ପ୍ରାରମ୍ଭିକ ପର୍ଯ୍ୟାୟ ବ୍ୟାଟ୍ସମ୍ୟାନ୍‌ମାନେ ବିଫଳ ହୋଇଥିବା ବେଳେ ସାତ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ପ୍ରିୟାଂଶ ଶେଜ୍ ୬୬ଟି ବଲ୍ ଖେଳି ୭୨ ରନ୍‌ର ବଳିଷ୍ଠ ଇନିଂସ ଖେଳିଥିଲେ। ତାଙ୍କର ଏହି ଇନିଂସରେ ୩ଟି ଚୌକା ଓ ୨ଟି ଛକା ରହିଥିଲା। ଏହାଛଡ଼ା ନବମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ବିପ୍ରରାଜ ନିଗମ ୪୯ ବଲ୍‌ରେ ୬ ଚୌକା ଜରିଆରେ ୫୧ ରନ୍ କରିଥିଲେ। ଉଭୟ ଅଷ୍ଟମ ୱିକେଟ୍‌ରେ ୧୦୪ ରନ୍ ଯୋଡ଼ିଥିଲେ। ଏହାଛଡ଼ା ଋତୁରାଜ ଗାଏକୱାଡ୍ ୩ଟି ଚୌକା ଜରିଆରେ ୩୭ ରନ୍ କରିଥିବା ବେଳେ ଅଧିନାୟକ ତିଳକ ବର୍ମା ସମାନ ସଂଖ୍ୟକ ଚୌକା ମାଧ୍ୟମରେ ୨୩ ଏବଂ ଆୟୁଷ ବଦୋନୀ ୧୫ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ମହେଶ ଶିରାକ୍ଷ ଓ ବିଜୟକାନ୍ତ ବିୟସକାନ୍ତ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଦଳ ୫୦ ଓଭର୍‌ରେ ୯ ୱିକେଟ୍ ହରାଇ ୨୬୫ ରନ୍ କରିଥିଲା। ଦଳ ପକ୍ଷରୁ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ୍ ସାଦିରା ସମରବିକ୍ରମା ୧୧୩ଟି ବଲ୍‌ର ସମ୍ମୁଖୀନ ହୋଇ ୭ଟି ଚୌକା ସହ ୯୩ ରନ୍‌ର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିଲେ। ତାଙ୍କ ବ୍ୟତୀତ ଅନ୍ୟ କେହି ବିଶେଷ ଅବଦାନ ଦେଇନଥିଲେ ହେଁ ଓପନର ନିରୋଶନ୍ ଡିକୱେଲା ୬ଟି ଚୌକା ସହ ୩୬, ଓ୍ୱାନ୍ଦୁ ସାହାନ୍ ୨୫, ଅନ୍ୟତମ ଓପନର ଆବିଷ୍କା ଫର୍ଣ୍ଣାଣ୍ଡୋ ୨୨, ଚାମିକା ଗୁଣାଶେକର ୧୮ ଏବଂ ବିଶେନ୍ ହାଲାମବାଗେ ୪ଟି ଚୌକା ସହ ୧୭ ରନ୍ କରିଥିଲେ। ଭାରତ ପକ୍ଷରୁ ବଦୋନୀ ୨ଟି ଏବଂ ଅର୍ଶଦ ଖାନ୍, ନିଶାନ୍ତ ସିନ୍ଧୁ, ନିଗମ, ଅନୁକୂଳ ରୟ ଓ ସୂର୍ଯ୍ୟାଂଶ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ସାଦିରାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

# 'ଲଙ୍ଗ୍ ରେଞ୍ଜ୍ ଲ୍ୟାଣ୍ଡ ଆଟାକ୍ କ୍ରୁଜ୍ ମିସାଇଲ'ର ସଫଳ ଫ୍ଲାଇଟ୍ ଟେଷ୍ଟ



ଚାନ୍ଦିପୁର, ୧୫।୬ (ସଂଚାର ବ୍ୟୁରୋ): ପ୍ରତିରକ୍ଷା କ୍ଷେତ୍ରରେ ଭାରତର ବଡ଼ ସଫଳତା। ଓଡ଼ିଶା ମାଟିରୁ 'ଲଙ୍ଗ ରେଞ୍ଜ ଲ୍ୟାଣ୍ଡ ଆଟାକ୍ କ୍ରୁଜ୍ ମିସାଇଲ'ର ସଫଳ ପରୀକ୍ଷଣ। ସ୍ୱଦେଶୀ କ୍ରୁଜ୍ ମିସାଇଲର ସଫଳ ଫ୍ଲାଇଟ ଟେଷ୍ଟ। ଭାରତୀୟ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ ପକ୍ଷରୁ ଭଦ୍ରକ ଧାମରା ସ୍ଥିତ ଏପିଜେ ଅବଦୁଲ କଲାମ ଦ୍ୱୀପରୁ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ 'ଲଙ୍ଗ ରେଞ୍ଜ ଲ୍ୟାଣ୍ଡ ଆଟାକ୍ କ୍ରୁଜ୍ ମିସାଇଲ'ର ସଫଳ ଫ୍ଲାଇଟ ଟେଷ୍ଟ କରାଯାଇଛି। ଏହି ପରୀକ୍ଷଣ ସମୟରେ ମିସାଇଲ ତା'ର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବା ସହ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ସଫଳ ପ୍ରଦର୍ଶନ କରିଛି। ଏହା ଭାରତର ଦୂରଗାମୀ ସଠିକ୍ ଆକ୍ରମଣ କ୍ଷମତାକୁ ଆହୁରି ମଜଭୁତ କରିଛି। ଡିଆରଡିଓ ଦ୍ୱାରା ପ୍ରସ୍ତୁତ ଏହି ମିସାଇଲର ସମସ୍ତ ସବ୍-ସିଷ୍ଟମରେ ଭାରତୀୟ ଶିଳ୍ପସଂସ୍ଥାଗୁଡ଼ିକର ବଡ଼ ଯୋଗଦାନ ରହିଛି। ଏହି ସଫଳତା 'ଆତ୍ମନିର୍ଭର ଭାରତ' ଅଭିଯାନକୁ ନୂଆ ଗତି ଦେବା ସହ ଦେଶର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢ଼ିବନି ଖରା...

ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ସ୍କୁଲ ଜୁନ ୧୮ରେ ଖୋଲିବାକୁ ଥିବା ବେଳେ ଏହା ପୂର୍ବରୁ ପିଲାମାନଙ୍କୁ ପାଠ୍ୟପୁସ୍ତକ ବିତରଣକୁ ମଧ୍ୟ ନିଶ୍ଚିତ କରିବା ପାଇଁ ବ୍ୟବସ୍ଥା କରାଯାଉଥିବା ମନ୍ତ୍ରୀ ଗଣ୍ଡ କହିଛନ୍ତି। ସ୍କୁଲ ଖୋଲିବା ପୂର୍ବରୁ ସରକାର ଶିକ୍ଷାଗତ କାର୍ଯ୍ୟକଳାପକୁ ସୂଚନା ରୂପେ ପରିଚାଳନା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଆବଶ୍ୟକ ଶିକ୍ଷା ସାମଗ୍ରୀ ବିନା ବିଳମ୍ବରେ ଯୋଗାଇ ଦେବା ଉପରେ ଫୋକସ କରୁଥିବା ଜଣାପଡ଼ିଛି।

### ଶୁକ୍ରବାର ମଧ୍ୟପ୍ରାଚ୍ୟ...

ହଟାଇବ- ଏଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ସର୍ତ୍ତରେ ଦୁଇ ଦେଶ ରାଜି ହୋଇଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ଫ୍ରାନ୍ସର ଆଲପସ୍‌ରେ ଅନୁଷ୍ଠିତ ହେବାକୁ ଥିବା ଜି-ସେଭେନ୍ (ଜି-୭) ବୈଠକରେ ଯୋଗଦେବାକୁ ଯିବା ପୂର୍ବରୁ ଇରାନ୍ ଓ ଆମେରିକା ଯୁଦ୍ଧଶେଷ ଚୁକ୍ତିନାମାରେ ସ୍ୱାକ୍ଷର କରିବାକୁ ରାଜି ହୋଇଥିବା ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଆମେରିକା ଓ ଇରାନ ମଧ୍ୟରେ ଶାନ୍ତିଚୁକ୍ତି ପାଇଁ ବାଟ ଫିଟିଛି। ଏବେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଖୋଲିବ। ଆମେରିକୀୟ ନୌସେନା ଇରାନର ତୈଳ ବନ୍ଦରଗୁଡ଼ିକ ଉପରେ ଯେଉଁ କଟକଣା ଲଗାଇଥିଲା, ତାହାକୁ ବି ହଟାଇ ଦିଆଯିବ। ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥରେ ଟ୍ରମ୍ପ୍ ଲେଖିଛନ୍ତି ଯେ ସମସ୍ତଙ୍କୁ ଅଭିନନ୍ଦନ। ଯେଉଁମାନେ ଶାନ୍ତି ଚୁକ୍ତିରେ ସାମିଲ ଥିଲେ ସମସ୍ତଙ୍କୁ ଶୁଭେଚ୍ଛା। ଏବେ ଚୁକ୍ତି ସରିଛି। ହର୍ମୁଜ୍ ଦେଇ ଚଳାଚଳ ଉପରେ କୌଣସି ଟିକସ ଲାଗିବ ନାହିଁ। ଆମେରିକା ନୌସେନାକୁ ଏଠାରୁ ତୁରନ୍ତ ହଟାଇ ଦିଆଯାଇଛି। ବିଭିନ୍ନ ଦେଶର ଜାହାଜ ଏହି ଷ୍ଟ୍ରେଟ୍ ଦେଇ ଏବେ ପରିବହନ କରିପାରିବେ। ପଶ୍ଚିମ ଏସିଆ ଶାନ୍ତି ପାଇଁ ନିରନ୍ତର ମଧ୍ୟସ୍ଥତା ଜାରି ରଖିଥିବା ପାକିସ୍ତାନ କହିଛି ଯେ ଉଭୟ ଦେଶ ପରସ୍ପରକୁ ସୁହାଉଥିବା ୧୪ଟି ସର୍ତ୍ତରେ ସହମତ ହେବା ପରେ ଶାନ୍ତିଚୁକ୍ତିରେ ସ୍ୱାକ୍ଷର କରିବାକୁ ରାଜି ହୋଇଛନ୍ତି। ସେହି ୧୪ଟି ସର୍ତ୍ତ ମଧ୍ୟରେ ଇରାନ୍‌ର ତୈଳ, ପେଟ୍ରୋକେମିକାଲ୍ ଓ ଏଥିସହ ଜଡ଼ିତ ରପ୍ତାନୀ ଉପରେ ଲାଗିଥିବା କଟକଣା ହଟାଯିବା, ଇରାନକୁ ନିଜର ଆର୍ଥିକ ସ୍ଥିତି ସୁଧାରିବା ପାଇଁ ସବୁ ସୁବିଧା ପ୍ରଦାନ କରିବା, ୬୦ ଦିନର ଆଲୋଚନା ମଧ୍ୟରେ ଇରାନର ଜବତ ହୋଇଥିବା ୨୪ ବିଲିୟନ ଡଲାରକୁ ବି ଛଡ଼ାଯିବା ଆଦି ପ୍ରସଙ୍ଗ ରହିଛି। ଆମେରିକା ଓ ଇରାନ ଯୁଦ୍ଧ ବନ୍ଦ ଲାଗି ଉଦ୍ଦିଷ୍ଟ ଶାନ୍ତିଚୁକ୍ତି ପାଇଁ ରାଜି ହୋଇଛନ୍ତି ବୋଲି ଟ୍ରମ୍ପ ଘୋଷଣା କରିବା ପରେ ବିଶ୍ୱର ତୈଳ ତଥା ଷ୍ଟକ୍ ବଜାର ଉପରେ ଏହାର ସକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଛି। ବିଶ୍ୱ ତୈଳ ବେଞ୍ଚମାର୍କ ଅନୁଯାୟୀ ବ୍ରେଣ୍ଟ କ୍ରୁଡ ଫ୍ୟୁଚର୍ସ ୩.୫୮ ଡଲାର (୪.୧%) ହ୍ରାସ ପାଇ ବ୍ୟାରେଲ୍ ପିଛା ୮୩.୭୫ ଡଲାରକୁ ଖସିଆସିଛି। ଏହି ସମାନ ସମୟରେ ଆମେରିକା ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଅଟ୍ କ୍ରୁଡ ୪.୦୧ ଡଲାର (୪.୭୨%) ହ୍ରାସ ପାଇ ବ୍ୟାରେଲ ପିଛା ୮୦.୮୭ ଡଲାରକୁ ଖସିଛି। ସେହିଭଳି ଷ୍ଟକ ବଜାରରେ ଶେୟାର ମୂଲ୍ୟରେ ବୃଦ୍ଧି ଘଟିଛି। ବିଶ୍ୱର ପ୍ରଥମ ଟ୍ରିଲିଅନେୟାର ଏଲନ ମସ୍କ ସ୍ପେଶଏକ୍ସର ଶେୟାର ମୂଲ୍ୟ ହଠାତ୍ ବଢ଼ିଯାଇଛି। ସେହିଭଳି ଡାଓଜୋନ୍ସ ଇଣ୍ଡଷ୍ଟ୍ରିର ଶେୟାର ହାରାହାରି ୭୦୨ ପଏଣ୍ଟ ବୃଦ୍ଧି ଘଟିଛି। ରିପୋର୍ଟ ଅନୁଯାୟୀ, ୩୦ଟି ଷ୍ଟକ୍ ସୂଚକାଙ୍କ ସୋମବାର କାରବାର ଶେଷ ସୁଦ୍ଧା ସେମାନଙ୍କ ସର୍ବକାଳୀନ ରେକର୍ଡ ବୃଦ୍ଧି କରିଥିଲେ। ଇରାନ-ଆମେରିକା ଶାନ୍ତି ଚୁକ୍ତି ପାଇଁ ରାଜି ହୋଇଥିବାରୁ ସାରା ବିଶ୍ୱ ଏହାକୁ ସ୍ୱାଗତ କରିଛି।

### ରେଳ ଯାତ୍ରା ନୁହେଁ...

ବାନ୍ଧି ରଖିଛନ୍ତି। ଏହି ତୀର୍ଥଯାତ୍ରା ସାରା ଦେଶରେ ଆୟୋଜିତ ହେଉଥିବା ମହାନ ରାଷ୍ଟ୍ରୀୟ ସଂକଳ୍ପ, 'ସୋମନାଥ ସ୍ୱାଭିମାନ ପର୍ବ'ର ଏକ ଗୌରବମୟ ଅଂଶ, ଯାହା ଭାରତୀୟ ଇତିହାସର ଦୁଇଟି ପ୍ରମୁଖ ମାଇଲଖୁଣ୍ଟକୁ ସ୍ମରଣ କରାଉଛି। ପ୍ରଥମଟି ହେଉଛି, ବର୍ଷ ୧୦୨୬ରେ ମହମ୍ମଦ ଗଜନୀଙ୍କ ଦ୍ୱାରା ସୋମନାଥ ମନ୍ଦିର ଉପରେ ହୋଇଥିବା ପ୍ରଥମ ବର୍ବର ଆକ୍ରମଣର ୧ ହଜାର ବର୍ଷ ଏବଂ ଦ୍ୱିତୀୟଟି ହେଉଛି, ସ୍ୱାଧୀନତା ପରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରେରଣାରେ ଏହି ଭବ୍ୟ ମନ୍ଦିରର ପୁନଃପ୍ରତିଷ୍ଠାର ୭୫ତମ ବାର୍ଷିକୀ। ଏହି ଦେଶବ୍ୟାପୀ ସାଂସ୍କୃତିକ ମହୋତ୍ସବ ଅନ୍ତର୍ଗତ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ସାରା ଦେଶରେ ଏକ ବ୍ୟାପକ ଗଣ-ତୀର୍ଥଯାତ୍ରାର ବ୍ୟବସ୍ଥା କରାଯାଉଛି, ଯେଉଁଥିରେ ଓଡ଼ିଶାର ଏହି ସ୍ୱତନ୍ତ୍ର ଟ୍ରେନ ଭଳି ଲକ୍ଷ୍ନୌରୁ ୧ ହଜାର ୮ ଓ ଦିଲ୍ଲୀରୁ ପ୍ରାୟ ୧୧୦୦ ଶ୍ରଦ୍ଧାଳୁ ମଧ୍ୟ ପବିତ୍ର ପ୍ରଭାସ ପାଟଣ ଅଭିମୁଖେ ବାହାରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବିକାଶ ଭି, ବିରାସତ ଭି'ର ମନ୍ତ୍ର ଆଜି ସୋମନାଥଠାରେ ଅତ୍ୟାଧୁନିକ ଭବ୍ୟ ପ୍ରଦର୍ଶନୀ ଶାଳା, ମ୍ୟୁଜିୟମ, ସମୁଦ୍ର ଦର୍ଶନ ପଥ ଓ ପ୍ରସାଦ ଯୋଜନା ଜରିଆରେ ବିଶ୍ୱସ୍ତରୀୟ ଯାତ୍ରୀ ଭିତ୍ତିଭୂମିର ବିକାଶ କରି ପ୍ରମାଣିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ସେ ଆହୁରି କହିଛନ୍ତି ଯେ ଓଡ଼ିଶା ଓ ସୋମନାଥ ମଧ୍ୟରେ ଏକ ଅତୁଟ ଆଧ୍ୟାତ୍ମିକ ସେତୁ ସ୍ଥାପନ କରିବା ପାଇଁ ଏକାମ୍ର କ୍ଷେତ୍ରର ବିନ୍ଦୁସାଗରର ପବିତ୍ର ଜଳ ଓ ପ୍ରାଚୀନ ଶୈବ ପରମ୍ପରାର ଜୀବନ୍ତ ପ୍ରତୀକ କେଦାରଗୌରୀ ମନ୍ଦିରର ପବିତ୍ର ମାଟି ଏହି ସ୍ୱତନ୍ତ୍ର ଟ୍ରେନ ମାଧ୍ୟମରେ ପ୍ରଭୁ ସୋମନାଥଙ୍କ ଚରଣରେ ଅର୍ପଣ ପାଇଁ ପଠାଯାଉଛି। ଏହି ଯାତ୍ରାରେ ସାମିଲ ଥିବା ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ 'ଓଁ ନମଃ ଶିବାୟ' ପୁସ୍ତିକା ପ୍ରଦାନ କରାଯାଇଛି। ସୋମନାଥ ପୀଠରେ ଶ୍ରଦ୍ଧାଳୁମାନେ ମନ୍ଦିର ଦର୍ଶନ ସହ ଭବ୍ୟ ଆଳତି, ପବିତ୍ର ରୁଦ୍ରାଭିଷେକ, ଅଖଣ୍ଡ ଓଁକାର ଜପ ଏବଂ ମନ୍ଦିରର ସ୍ୱର୍ଣ୍ଣିମ ଇତିହାସକୁ ଜୀବନ୍ତ କରୁଥିବା ଆଧୁନିକ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'ର ଏକ ଦିବ୍ୟ ଅନୁଭୂତିର ସାକ୍ଷୀ ହେବେ।

### ଛତିଶଗଡ଼ ସୀମାରେ...

ତାର ଓ ଅନ୍ୟାନ୍ୟ ସାମଗ୍ରୀ ରହିଛି। ଏହି ଅସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଆନ୍ଧ୍ର-ଓଡ଼ିଶା ସୀମା ବିଶେଷ ଜୋନାଲ କମିଟି (ଏଓବିଏସ୍‌ଜେଡ୍‌ସି) ମାଓବାଦୀଙ୍କର ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏହି ସାମଗ୍ରୀ ସାଧାରଣ ଜନତା ଓ ସୁରକ୍ଷା ବାହିନୀଙ୍କୁ ଟାର୍ଗେଟ କରିବା ପାଇଁ ଗଚ୍ଛିତ ରଖାଯାଇଥିବା ଅନୁମାନ କରାଯାଉଛି।ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିର୍ଦ୍ଦେଶିତ ଲକ୍ଷ୍ୟ ଅନୁଯାୟୀ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ମାଲକାନଗିରି ଜିଲ୍ଲାକୁ ନକ୍ସଲମୁକ୍ତ ଘୋଷଣା କରାଯାଇଛି। ଜାନୁଆରୀ ୨୦୨୫ ରୁ ୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ୨ ଜଣ ନକ୍ସଲ ଗିରଫ ହୋଇଥିବା ବେଳେ ୨୩ ଜଣ ନକ୍ସଲ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଭବିଷ୍ୟତରେ ମାଓବାଦୀ କାର୍ଯ୍ୟକଳାପର ପୁନରାବୃତ୍ତି ରୋକିବା ପାଇଁ ଏସଓଜି, ଡିଭିଏଫ୍ ଓ ବିଏସଏଫ୍ ପକ୍ଷରୁ ଅଞ୍ଚଳରେ ନିୟମିତ କମ୍ବିଂ ଓ ସର୍ଚ୍ଚ ଅପରେସନ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ମାମଲା ରଦ୍ଦ ପାଇଁ...

୨୦୨୦ ଜୁଲାଇରେ ଦିଲ୍ଲୀ କୋର୍ଟରେ ପ୍ରଥମେ ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ। ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଏହି ମାମଲା କଟକ ଫ୍ୟାମିଲି କୋର୍ଟକୁ ସ୍ଥାନାନ୍ତର ହୋଇଥିଲା। ଅନ୍ୟପକ୍ଷରେ ବର୍ଷା ମଧ୍ୟ ଅନୁଭବ ଓ ତାଙ୍କ ପରିବାର ବିରୋଧରେ କଟକ କୋର୍ଟରେ ଘରୋଇ ହିଂସା ଓ ନିର୍ଯ୍ୟାତନାର ମାମଲା ଦାୟର କରି ମାସିକ ଭରଣପୋଷଣ ଦାବି କରିଥିଲେ। ତେବେ କୋର୍ଟରେ ମାମଲା ଚାଲିଥିବା ବେଳେ ଦୁହେଁ ସୋସିଆଲ ମିଡିଆରେ ଭିଡିଓ ଓ ପୋଷ୍ଟ ମାଧ୍ୟମରେ ପରସ୍ପର ଉପରେ ଆରୋପ ପ୍ରତ୍ୟାରୋପ ଲଗାଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ହାଇକୋର୍ଟଙ୍କୁ ଏଥିରେ ହସ୍ତକ୍ଷେପ କରି ଉଭୟଙ୍କୁ ଏଭଳି ଭିଡିଓ ପୋଷ୍ଟ ନ କରିବାକୁ ନିର୍ଦ୍ଦେଶ ଦେବାକୁ ପଡ଼ିଥିଲା। ତେବେ ୨୦୨୩ ସେପ୍ଟେମ୍ବରରେ କଟକ ଫ୍ୟାମିଲି କୋର୍ଟ ଅନୁଭବଙ୍କ ଛାଡ଼ପତ୍ର ଆବେଦନକୁ ଖାରଜ କରିଦେଇଥିଲେ। ଯାହାପରେ ସେ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ଏବେ କେନ୍ଦ୍ରାପଡ଼ାବାସୀଙ୍କୁ...

ଲେଖି ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ତାଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇବା ସହ ଇଜ୍ଜତ ମାଗିଥିବା ଓ ସେଥିରେ ସେ ରାଜି ନ ହେବାରୁ ନିଜର କର୍ମୀଙ୍କୁ ଲଗାଇ ମୋବାଇଲ ଛଡ଼ାଇବା ସହ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ଚାମେଲି ଗତ ୨୦୧୭ରୁ ବିଜେପି ରାଜନୀତିରେ ଥିବା ବେଳେ ତାଙ୍କ ବିରୋଧରେ ମଧ୍ୟ ଏକାଧିକ ମାମଲା ରହିଛି। ଏହିସବୁ ମାମଲା କିଏ ଓ କାହିଁକି କରିଥିଲେ, ତାହା ଅନୁସନ୍ଧାନ ସାପେକ୍ଷ। ତେବେ ଜଣେ ମହିଳା ସରପଞ୍ଚଙ୍କୁ ବିଡିଓ ଦୁର୍ବ୍ୟବହାର କରିବା, ପୁଲିସ୍ ମାଡ଼ ମାରିବା ଓ ବିଜେପି କର୍ମୀ ସର୍ବସମ୍ମୁଖରେ ମୋବାଇଲ୍ ଛଡ଼ାଇବା ପାଇଁ ଟଣାଓଟରା କରିବା ଘଟଣା ଏବେ ରାଜ୍ୟ ରାଜନୀତିକୁ ସରଗରମ କରିଛି। ବିଜେଡି ଓ କଂଗ୍ରେସର ନେତାମାନେ ତୁହାକୁ ତୁହା କେନ୍ଦ୍ରାପଡ଼ା ଗସ୍ତ କରୁଛନ୍ତି। ଏଭଳି ସ୍ଥିତିରେ ସାଂସଦ ବୈଜୟନ୍ତ ପଣ୍ଡା ତୁରନ୍ତ ଏଥିରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି ହେଉଛି। କାରଣ ବୈଜୟନ୍ତଙ୍କ କେନ୍ଦ୍ରାପଡ଼ା ରାଜନୀତିରେ ସବୁ ଦଳର ନେତାଙ୍କ ସହ ଭଲ ସମ୍ପର୍କ ଥିବା ବେଳେ ତାଙ୍କରି ଉଦ୍ୟମରୁ ହିଁ ମହାକାଳପଡ଼ା ଆସନ ବିଜେପି ଖାତାକୁ ଆସିଛି। ଦଳମତ ନିର୍ବିଶେଷରେ ବୈଜୟନ୍ତଙ୍କର ଗ୍ରହଣୀୟତା ଥିବାରୁ ସେ ଏଥିରେ ହସ୍ତକ୍ଷେପ କଲେ ମାମଲାର ଅନ୍ତ ଘଟିବ ବୋଲି ଆଲୋଚନା ହେଉଛି।

### ପାର୍ଥସାରଥି ସାମନ୍ତରାୟଙ୍କୁ...

ବିଧାୟକଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳେ। ହେଲେ ଚାମେଲି ଦେଇଥିବା ଅଭିଯୋଗରେ ବିଧାୟକଙ୍କ ୭ ଅନୁଗତଙ୍କ ନାମ ଉଲ୍ଲେଖ ଥିବା ବେଳେ ସେଥିରେ ପାର୍ଥସାରଥିଙ୍କ ନାମ ନ ଥିଲା। କେଉଁ ଆଧାରରେ ତାଙ୍କୁ ଗିରଫ କରାଯାଇଛି, ସେନେଇ ସ୍ପଷ୍ଟ ସୂଚନା ନ ଥିବା ବେଳେ ବିଡିଓ ଚାମ୍ବରଙ୍କ ସିସିଟିଭି ଫୁଟେଜ ଆଧାରରେ ଏହି ଗିରଫଦାରୀ ହୋଇଛି ବୋଲି କୁହାଯାଉଛି। ସେପଟେ ଟିକରପଙ୍ଗା ସରପଞ୍ଚ ଜ୍ୟୋତିରଞ୍ଜନ ଖଟୁଆ ଘଟଣା ଦିନର ଘଟଣାକ୍ରମକୁ ନେଇ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଘଟଣା ସମୟରେ ସେ ବିଡିଓଙ୍କ କାର୍ଯ୍ୟାଳୟ ଭିତରେ ଥିଲେ। ଚାମେଲି ବିଡିଓଙ୍କୁ ତାଙ୍କର କୌଣସି କାର୍ଯ୍ୟର ପେମେଣ୍ଟ ନେଇ ପ୍ରଶ୍ନ ପଚାରିଥିଲେ ଆଉ ସେ ତା'ର ଭିଡିଓ ରେକର୍ଡିଂ କରୁଥିଲେ। ସେହି ସମୟରେ ତାଙ୍କ ଦଳର କର୍ମୀମାନେ ବିଡିଓଙ୍କ ଚ୍ୟାମ୍ବରକୁ ଆସି ଚାମେଲିଙ୍କ ହାତରୁ ମୋବାଇଲ ଛଡ଼ାଇଥିବା ସହ ତାଙ୍କୁ ଗାଳିଗୁଲଜ କରିଥିଲେ। ଏସବୁ ସିସିଟିଭିରେ ରେକର୍ଡ ହୋଇଛି ବୋଲି ମଧ୍ୟ ସେ ଅଭିଯୋଗ କରିଛନ୍ତି।

■ ଆରଜି କର ହସ୍ପିଟାଲ ମାମଲା

# ଅପରାଧସ୍ଥଳ ଯାଞ୍ଚକଲା ସିବିଆଇ



କୋଲକାତା,୧୫।୬ (ସଂଚାର ବ୍ୟୁରୋ):ମେ ୨୧ ତାରିଖରେ ବହୁଚର୍ଚ୍ଚିତ ଆରଜି କର ହସ୍ପିଟାଲ ଯୁବତୀ ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ କୋଲକାତା ହାଇକୋର୍ଟ ଦେଇଥିବା ତଦନ୍ତ ନିର୍ଦ୍ଦେଶର ଅଂଶ ଭାବରେ ସୋମବାର ସିବିଆଇର ଏକ ଦଳ ହସ୍ପିଟାଲ ପରିଦର୍ଶନ କରି ଅପରାଧସ୍ଥଳ ଯାଞ୍ଚ କରିଛନ୍ତି। ସିବିଆଇ ସୂତ୍ର ଅନୁଯାୟୀ, ଘଟଣା ଦିନ ଡ୍ୟୁଟିରେ ଥିବା ହସ୍ପିଟାଲ କର୍ମଚାରୀ ଓ ସୁରକ୍ଷାକର୍ମୀଙ୍କୁ ପଚରାଉଚରା କରାଯାଇଛି। ଅନେକଙ୍କ ବୟାନ ରେକର୍ଡ କରାଯାଇଛି। ଡିଜିଟାଲ ଏବଂ ଫରେନ୍‌ସିକ ପ୍ରମାଣ ସଂଗ୍ରହ କରାଯାଇଛି। ସ୍ୱତନ୍ତ୍ର ସିବିଆଇ ଦଳ ହସ୍ପିଟାଲର ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ଘଟଣା ଦିନର ଓ ପୂର୍ବ ଦିନର ଡ୍ୟୁଟି ରୋଷ୍ଟର ଯାଞ୍ଚ କରିଛି। ଉଲ୍ଲେଖନୀୟ ଯେ, ୨୦୨୪ ଅଗଷ୍ଟ ମାସରେ କୋଲକାତାର ଆରଜି କର ହସ୍ପିଟାଲରେ ଯୁବତୀ ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା କରାଯାଇଥିଲା। ପ୍ରାରମ୍ଭିକ ତଦନ୍ତ ପରେ କୋଲକାତା ପୁଲିସ ସଞ୍ଜୟ ରାୟକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛି। ତେବେ ପୀଡିତାଙ୍କ ପିତାମାତା ସିବିଆଇ ତଦନ୍ତରେ ସନ୍ତୁଷ୍ଟ ନଥିଲେ। ସେମାନେ ଘଟଣାର ତଦନ୍ତ ପାଇଁ ଏକ ନୂତନ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ ପାଇଁ ଆବେଦନ କରିଥିଲେ। ମେ ୨୧ ତାରିଖରେ କୋଲକାତା ହାଇକୋର୍ଟର ବିଚାରପତି ଶମ୍ପା ସରକାର ଏବଂ ବିଚାରପତି ତୀର୍ଥଙ୍କର ଘୋଷଙ୍କୁ ନେଇ ଗଠିତ ଏକ ଡିଭିଜନ ବେଞ୍ଚ ନୂତନ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜୁନ୍ ୨୫ ସୁଦ୍ଧା ତଦନ୍ତର ଅଗ୍ରଗତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

## ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳ ହେବ ଦୀଘା

କୋଲକାତା,୧୫।୬(ସଂଚାର ବ୍ୟୁରୋ):ଜିଲ୍ଲାରେ ଅବସ୍ଥିତ ଦୀଘାକୁ ନିକଟ ଭବିଷ୍ୟତରେ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ



କେନ୍ଦ୍ର ଭାବରେ ବିକଶିତ କରାଯିବ। ମନ୍ଦାରମଣି ଏବଂ ତାଜପୁର ବେଳାଭୂମିକୁ ପୁନର୍ବାର ସଜାଡ଼ିବା ପାଇଁ ମଧ୍ୟ ଯୋଜନା ଚାଲିଛି। ଦୀଘା-ଶଙ୍କରପୁର ବିକାଶ ପ୍ରାଧିକରଣର ଅଧିକାରୀଙ୍କ ସହ ଏକ ବୈଠକ ପରେ ରବିବାର ରାତିରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ଘୋଷଣା କରିଛନ୍ତି। ପ୍ରାୟ ଦୁଇଘଣ୍ଟା ଧରି ଚାଲିଥିବା ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ମେଦିନୀପୁର ଜିଲ୍ଲାରେ ପର୍ଯ୍ୟଟନ, କୃଷି ଏବଂ ଶିଳ୍ପ କ୍ଷେତ୍ରରେ ଅପାର ସମ୍ଭାବନା ରହିଛି। ଉପଯୁକ୍ତ ବିକାଶ ସହିତ ଜିଲ୍ଲା ରାଜ୍ୟକୁ ନେତୃତ୍ୱ ଦେଇପାରିବ। ମୁଖ୍ୟମନ୍ତ୍ରୀ ଦୀଘା ଷ୍ଟେଟ୍ ଜେନେରାଲ୍ ହସ୍ପିଟାଲର ଖରାପ ସ୍ଥିତି ବିଷୟରେ ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ, ପାଞ୍ଚଟି ଆଇସିୟୁ ବେଡ୍ ଓ ବିଶେଷଜ୍ଞ ଡାକ୍ତର ଯୋଗାଇବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଦୀଘା ପରିଦର୍ଶନ କରୁଥିବା ପର୍ଯ୍ୟଟକଙ୍କଠାରୁ ଆଦାୟ କରାଯାଉଥିବା ୧୦ ଟଙ୍କା ବିକାଶ ଶୁଳ୍କ ଜୁଲାଇ ୧ ରୁ ବନ୍ଦ କରାଯିବ ବୋଲି ସେ ଘୋଷଣା କରିଛନ୍ତି।

## ଡିସେମ୍ବର ସୁଦ୍ଧା ପୌରସଭା ନୂତନ ବୋର୍ଡ

କୋଲକାତା,୧୫।୬(ସଂଚାର ବ୍ୟୁରୋ) : ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ, କୋଲକାତା ମ୍ୟୁନିସିପାଲ କର୍ପୋରେସନ ବର୍ତ୍ତମାନ ଏକ ଅଚଳାବସ୍ଥାରେ ରହିଛି। ଡିସେମ୍ବର ୭ ସୁଦ୍ଧା ରାଜ୍ୟ ନିର୍ବାଚନ କମିଶନ ଆଇନ ଅନୁଯାୟୀ ନୂତନ ପୌରସଭା ବୋର୍ଡକୁ କ୍ଷମତା ହସ୍ତାନ୍ତର କରିବେ। ଅର୍ଥାତ କୋଲକାତାରେ ପୌରସଭା ନିର୍ବାଚନ ଆଗାମୀ ଛଅ ମାସ ମଧ୍ୟରେ ସମାପ୍ତ ହେବ।

# ନନ୍ଦୀଗ୍ରାମରୁ ଆରମ୍ଭ ହେଲା ଜନ କଲ୍ୟାଣ ଶିବିର



କୋଲକାତା,୧୫।୬(ସଂଚାର ବ୍ୟୁରୋ):ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସୋମବାର ନନ୍ଦିଗ୍ରାମରୁ ରାଜ୍ୟବ୍ୟାପୀ 'ଜନ କଲ୍ୟାଣ ଶିବିର' ଆନୁଷ୍ଠାନିକ ଶୁଭାରମ୍ଭ କରିଛନ୍ତି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜୁନ୍ ୧୫ ରୁ ଜୁନ୍ ୧୭ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଶିବିରଗୁଡ଼ିକ ରାଜ୍ୟର ପ୍ରାୟ ୧୧୦୦ ସ୍ଥାନରେ ଏକକାଳୀନ ଆୟୋଜନ କରାଯାଇଛି, ଯାହାର ଲକ୍ଷ୍ୟ ହେଉଛି ମୋଟ ୫୪ଟି ପ୍ରମୁଖ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଯୋଜନାର ସେବା ଏବଂ ଲାଭ ଲୋକଙ୍କୁ ଯୋଗାଇବା। ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଉଲ୍ଲେଖ କରି କହିଛନ୍ତି ଯେ, ସାଧାରଣ ଜନତା ଜୁଲାଇ ମାସରୁ ଆୟୁଷ୍ମାନ ଭାରତ କାର୍ଡ ପାଇବେ। ଏହି କାର୍ଡ ବାର୍ଷିକ ୫ ଲକ୍ଷ ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ପ୍ରଦାନ କରିବ। ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ ଅନ୍ନପୂର୍ଣ୍ଣା ପ୍ରକଳ୍ପର କାମ ଆରମ୍ଭ ହୋଇସାରିଛି। ସୋମବାର ସକାଳ ସୁଦ୍ଧା ପ୍ରାୟ ୭୯ ଲକ୍ଷ ମହିଳା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୩ ହଜାର ଟଙ୍କା ସ୍ଥାନାନ୍ତର କରାଯାଇଛି। ଜୁଲାଇ ୧ରୁ 'ବିକ୍‌ଶିତ ଭାରତ' କାର୍ଯ୍ୟକ୍ରମ ଅଧୀନରେ ନିଯୁକ୍ତି ସୁଯୋଗ ୧୦୦ ଦିନରୁ ୧୨୫ ଦିନକୁ ବୃଦ୍ଧି କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଏହି ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ଆବଣ୍ଟନ ଭାବରେ ୮ ହଜାର ୫୦୦ କୋଟି ଟଙ୍କା ମିଳିଛି।



## ଇଡିରେ ହାଜର ହେଲେ ଅଭିଷେକ

କୋଲକାତା,୧୫।୬(ସଂଚାର ବ୍ୟୁରୋ):ପ୍ରାଥମିକ ଶିକ୍ଷକ ନିଯୁକ୍ତି ଦୁର୍ନୀତି ସମ୍ପର୍କରେ ଅଭିଷେକ ବାନାର୍ଜୀ ଇଡି ନିକଟରେ ହାଜର ହୋଇଛନ୍ତି। ପୂର୍ବରୁ ଜାରି ହୋଇଥିବା ସମନରେ ତାଙ୍କୁ ସୋମବାର ସକାଳ ୧୧ଟା ସୁଦ୍ଧା ସଲ୍ଟଲେକ୍ ସିଜିଓ କମ୍ପ୍ଲେକ୍ସ ମଧ୍ୟରେ ଥିବା ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ପାଳନ କରି ସେ ତାଙ୍କ କାଳିଘାଟ ବାସଭବନରୁ ସଲ୍ଟଲେକ୍ ସିଜିଓ କମ୍ପ୍ଲେକ୍ସ ଅଭିମୁଖେ ବାହାରିଥିଲେ। ତାଙ୍କ ଗାଡ଼ି ସକାଳ ୧୧ଟା ପୂର୍ବରୁ କମ୍ପ୍ଲେକ୍ସରେ ପ୍ରବେଶ କରିଥିଲା ଏବଂ ସେ ସିଧାସଳଖ ତଦନ୍ତ ସଂସ୍ଥାର କାର୍ଯ୍ୟାଳୟକୁ ଯାଇଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦୀର୍ଘ ଦିନ ଧରି ପ୍ରାଥମିକ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ଅଭିଯୋଗର ତଦନ୍ତ କରିଆସୁଛି। ଏହି ମାମଲାରେ ପୂର୍ବତନ ଶିକ୍ଷା ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ସମେତ ଶିକ୍ଷା କ୍ଷେତ୍ରର ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ପୂର୍ବରୁ ଗିରଫ କରାଯାଇଛି। ରବିବାର ବିଧାନସଭାରେ ଦସ୍ତଖତ ଜାଲିଆତି ଅଭିଯୋଗ ମାମଲାରେ ସିଆଇଡି ତାଙ୍କୁ ଭବାନୀ ଭବନରେ ଦୀର୍ଘ ସମୟ ପାଇଁ ପଚରାଉଚରା କରିଥିଲା।

# ଶୁଭେନ୍ଦୁଙ୍କ ସଭାରେ ମମତାଙ୍କ ଭାଉଜ



କୋଲକାତା, ୧୫।୬ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରଥମଥର ପାଇଁ ଶୁଭେନ୍ଦୁ ଅଧିକାରୀ କୋଲକାତା ମ୍ୟୁନିସିପାଲ୍ କର୍ପୋରେସନ୍ (କେଏମ୍‌ସି)ରେ ପାଦ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ତୃଣମୂଳ ପରିଷଦର ସଦସ୍ୟମାନଙ୍କୁ ଦେଖିବାକୁ ମିଳିଥିଲା। ସୋମବାର ଦିନର କାର୍ଯ୍ୟକ୍ରମରେ ୭୩ ନମ୍ବର ୱାର୍ଡର କାଉନସିଲର ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଭାତୃବଧୂ କାଜରୀ ବାନାର୍ଜୀ ଯୋଗ ଦେଇଥିଲେ। କେଏମ୍‌ସି କାଉନସିଲର ଓ ପୂର୍ବତନ ମେୟର ଫିରହାଦ ହାକିମ, କାଉନସିଲର ଅନନ୍ୟା ବାନାର୍ଜୀ ଏବଂ ଜୁଇ ବିଶ୍ୱାସ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶଶି ପାଞ୍ଜାଙ୍କ ଝିଅ ଏବଂ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟଙ୍କ ପୁଅ ଯୋଗ ଦେଇଥିଲେ। ପୂର୍ବତନ ତୃଣମୂଳ ବିଧାୟକ ଦେବାଶିଷ କୁମାର ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଏହି କୋଲକାତା ମ୍ୟୁନିସିପାଲ କର୍ପୋରେସନ କାର୍ଯ୍ୟକ୍ରମରେ 'ସ୍ୱଚ୍ଛତା ସେ ସ୍ୱାଗତ' ଅଭିଯାନର ଶୁଭାରମ୍ଭ କରିଥିଲେ। ଶୁଭେନ୍ଦୁ ଅଧିକାରୀଙ୍କ ସହିତ ମଞ୍ଚରେ ଫିରହାଦ ହାକିମ ଯିଏ ସମ୍ପ୍ରତି କୋଲକାତା ମ୍ୟୁନିସିପାଲ କର୍ପୋରେସନର ମେୟର ପଦରୁ ଇସ୍ତଫା ଦେଇଛନ୍ତି ଏବଂ କୋଲକାତା ଦକ୍ଷିଣର ସାଂସଦ ମାଲା ରାୟ। ମଞ୍ଚରେ ସନ୍ଦିପନ ସାହା ଏବଂ ଜାଭେଦ ଖାନ ମଧ୍ୟ ଉପସ୍ଥିତ ଥିଲେ।

ଅଖିଳ ଭାରତୀୟ ସୈନିକ ସ୍କୁଲ୍ ହକି ଟୁର୍ଣ୍ଣାମେଣ୍ଟ

# ସୈନିକ ସ୍କୁଲ ଭୁବନେଶ୍ୱର ଚାମ୍ପିଅନ୍

ଭୁବନେଶ୍ୱର,୧୫।୬(ସଂଚାର ବ୍ୟୁରୋ): ସୈନିକ ସ୍କୁଲ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଅଖିଳ ଭାରତୀୟ ସୈନିକ ସ୍କୁଲ ଅନ୍ତଃ ଗ୍ରୁପ୍ ହକି ପ୍ରତିଯୋଗିତା-୨୦୨୬ ଆଜି ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ କମ୍ରେଡ୍ ବିକ୍ରମ ସିଂହ ଡେପୁଟି ଡାଇରେକ୍ଟର ଜେନେରାଲ, ଏନ.ସି.ସି. ଡାଇରେକ୍ଟରେଟ୍ ଓଡ଼ିଶା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଭାରତର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ସମସ୍ତ ସୈନିକ ସ୍କୁଲ କ୍ୟାଡେଟ୍‌ମାନଙ୍କୁ ଖେଳୁଆଡ଼ ମନୋଭାବ, ଶୃଙ୍ଖଳା ଓ ସେମାନଙ୍କ ଦଳଗତ ଉତ୍ତମ କାର୍ଯ୍ୟ ଲାଗି ପ୍ରଶଂସା କରିବା ସହ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ସିନିଅର ବାଳକ ବିଭାଗରେ ସୈନିକ ସ୍କୁଲ ଭୁବନେଶ୍ୱର ଚାମ୍ପିଅନ ହୋଇଥିବା ବେଳେ ସୈନିକ ସ୍କୁଲ ବିଜାପୁର ରନର୍ସଅପ୍, ସିନିଅର ବାଳିକା ବିଭାଗରେ ସୈନିକ ସ୍କୁଲ ସମ୍ବଲପୁର




ଚାମ୍ପିଅନ୍ ହୋଇଥିବାବେଳେ ସୈନିକ ସ୍କୁଲ ଘୋରାଖାଲ ରନର୍ସଅପ୍ ହୋଇଥିଲେ। ଜୁନିଅର ବାଳକ ବିଭାଗରେ ସୈନିକ ସ୍କୁଲ ପୁରୁଲିଆ ଚମ୍ପିଆନ ଓ ସୈନିକ ସ୍କୁଲ ସିଲଭାସା ରନର୍ସଅପ୍ ହୋଇଥିଲେ। ପଦ୍ମଶ୍ରୀ ଡ. ଦିଲୀପ ତିର୍କୀ ହକି ଇଣ୍ଡିଆର ପ୍ରେସିଡେଣ୍ଟ୍ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଫାଇନାଲ୍ ଖେଳରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ସୈନିକ ସ୍କୁଲ ଭୁବନେଶ୍ୱରର ସିନିଅର ବିଭାଗର ଖେଳାଳିଙ୍କୁ ସେମାନଙ୍କର ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ନେଇ ପ୍ରଶଂସା କରିଥିଲେ। ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର୍ ମଧୁସୂଦନ ପାଢ଼ୀ ଓଡ଼ିଶା ସୈନିକ ସ୍କୁଲର ସମସ୍ତ ପୁରାତନ ଛାତ୍ର ଓ ଅଭିଭାବକ ଖେଳରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ପ୍ରେରଣା ଯୋଗାଇଥିଲେ। କର୍ଣ୍ଣେଲ ପଙ୍କଜ କୁମାର ପ୍ରିନ୍ସିପାଲ ସୈନିକ ସ୍କୁଲ ଭୁବନେଶ୍ୱର, କମାଣ୍ଡର ମନୋରମା ପୋଖରିଆ, ଭାଇସ୍ ପ୍ରିନ୍ସିପାଲ, ଲେ.କର୍ଣ୍ଣଲ୍ ପ୍ରୀତମ୍ କାମ୍ବେଲେ, ମୁଖ୍ୟ ପ୍ରଶାସକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସମସ୍ତ ଖେଳର ଆୟୋଜନ କରିବା ସହ ଖେଳାଳିଙ୍କ ମନୋବଳ ବଢ଼ାଇଥିଲେ।

ସୈନିକ ସ୍କୁଲ ଭୁବନେଶ୍ୱର, ସୈନିକ ସ୍କୁଲ ସମ୍ବଲପୁର ଓ ସୈନିକ ସ୍କୁଲ ପୁରୁଲିଆ ଆଗକୁ ହେବାକୁ ଥିବା ନେହରୁ କପ୍ ହକି ଟୁର୍ଣ୍ଣାମେଣ୍ଟରେ ସିନିଅର ଓ ଜୁନିଅର ବିଭାଗରେ ଖେଳିବା ପାଇଁ ମନୋନିତ ହୋଇଛନ୍ତି। ପରିଶେଷରେ କର୍ଣ୍ଣେଲ ପଙ୍କଜ କୁମାର ବିଭିନ୍ନ ସ୍କୁଲରୁ ଆସିଥିବା ଟିମ୍, ଅଫିସିଆଲ୍ସ, ସମସ୍ତ ଅତିଥି ଓ ସୈନିକ ସ୍କୁଲର ସମସ୍ତ କର୍ମଚାରୀଙ୍କୁ ସେମାନଙ୍କର ଉତ୍କୃଷ୍ଟ ସହଯୋଗ ନିମନ୍ତେ ଧନ୍ୟବାଦ ଦେଇଥିଲେ।

■ ଟ୍ରାକ୍ଟର ମରାମତି ବେଳେ ଅଘଟଣ

# ରୁଟର ମେସିନରେ ଗୁଡ଼ାଇ ହୋଇ ଯୁବକ ମୃତ

ନୀଳଗିରି, ୧୫।୬ (ସଂଚାର ବ୍ୟୁରୋ) : ଟ୍ରାକ୍ଟରରେ ଲାଗିଥିବା ରୁଟର ମେସିନ ମରାମତି କରୁଥିବା ବେଳେ ଘଟିଲା ଅଘଟଣ। ବଡ଼ଭାଇ ଆଗରେ ଚାଲିଗଲା ସାନଭାଇର ଜୀବନ। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଦକ୍ଷିଣ ନରସିଂହପୁର ଗ୍ରାମରେ । ମୃତକ ହେଲେ ରାଜେନ୍ଦ୍ର ସଲଙ୍କ ସାନପୁଅ ପ୍ରଶାନ୍ତ ସଲ ଓରଫ ପିଣ୍ଟୁ। ସୂଚନା ଅନୁସାରେ, ବଡ଼ ଭାଇ ସାଙ୍ଗରେ ଟ୍ରାକ୍ଟର ରୁଟର କାମ କରୁଥିବା ବେଳେ ହଠାତ ମେସିନରେ ଫସି ଫସିଯାଇଥିଲେ ପିଣ୍ଟୁ। ଏହା ଦେଖି ବଡ଼ ଭାଇ ସଙ୍ଗେ ସଙ୍ଗେ ଗାଡ଼ି ଷ୍ଟାର୍ଟ ବନ୍ଦ କରିଥିଲେ। ମାତ୍ର ସେତେବେଳକୁ ବେଳକୁ ରୁଟର ମେସିନରେ ଗୁଡ଼ାଇ ହୋଇଯାଇଥିଲେ ପିଣ୍ଟୁ । ହେଲେ ବଡ଼ ଭାଇ ବାହାର କରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ନୀଳଗିରି ଦମକଳ ବାହିନୀ ପହଞ୍ଚିବା ବେଳକୁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ତେବେ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଶବ ଜବତ କରି ପୋଷ୍ଟମୋର୍ଟମ ପାଇଁ ପଠାଇଛି।



# ବେନିୟମ ବିବାହ ପଞ୍ଜିକରଣ ଅଭିଯୋଗ, ମାତିଛନ୍ତି ଦଲାଲ

ଦିଗପହଣ୍ଡି, ୧୫।୬ (ସଂଚାର ବ୍ୟୁରୋ) : ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ବେନିୟମ ଭାବେ ବିବାହ ପଞ୍ଜିକରଣ କରାଯାଉଥିବା ବେଳେ ପଞ୍ଜିକରଣ ପାଇଁ ଦଲାଲଗିରି ବହୁ ମାତ୍ରାରେ ବଢ଼ିଯାଇଛି । କାର୍ଯ୍ୟାଳୟରେ ପ୍ରତି ସପ୍ତାହର ବୁଧବାର ଓ ଗୁରୁବାର ୨ ଦିନ ବିବାହ ପଞ୍ଜିକରଣ କରାଯାଉଥିବା ବେଳେ ବିବାହ ପଞ୍ଜିକରଣ ଅଧିକାରୀ ଭାବେ ବ୍ଲକର ଅତିରିକ୍ତ ବିଡ଼ିଓ ଉମେଶ ଚନ୍ଦ୍ର ସେଠୀ ନିଯୁକ୍ତି ହୋଇଛନ୍ତି । ପଞ୍ଜୀକୃତ ଶ୍ରମିକ ମାନେ ବିବାହ କଲେ ଜିଲା ଶ୍ରମ ବିଭାଗ ପକ୍ଷରୁ ୫୦ ହଜାର ଟଙ୍କା ମିଳୁଥିବା ଯୋଗୁଁ ଦିନକୁ ଦିନ ବ୍ଲକରେ ବିବାହ ପଞ୍ଜିକରଣ ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ବେନିୟମ ଭାବେ ବିବାହ ପଞ୍ଜିକରଣ ହେଉଥିବା ଯୋଗୁଁ ସାନଖେମୁଣ୍ଡି 'କୁକୁଡାଖଣ୍ଡି ଓ ଚିକିଟି ବ୍ଲକ ଅଧିନ ବିଭିନ୍ନ ଗ୍ରାମାଞ୍ଚଳର ବହୁ ସଂଖ୍ୟକ ମହିଳା ପୁରୁଷ ଏହି ବ୍ଲକ କାର୍ଯ୍ୟାଳୟକୁ ବିବାହ ପଞ୍ଜିକରଣ ପାଇଁ ଦଲାଲ ମାନଙ୍କ ମାଧ୍ୟମରେ ଆସି ବିବାହ ପଞ୍ଜିକରଣ କରୁଛନ୍ତି। ଏଥି ନିମନ୍ତେ ସେମାନଙ୍କୁ ୪ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି।

ଏପରିକି ୨/୩ ଟି ଛୁଆଥିବା ବୟସ୍କା ମହିଳା ମାନେ ମଧ୍ୟ ଶ୍ରମ ବିଭାଗ ଠାରୁ ଟଙ୍କା ପାଇବା ଆଶାରେ ଅଳ୍ପଦିନ ପୂର୍ବରୁ ବିବାହ କରିଥିବା ବିବାହ ନିମନ୍ତ୍ରଣ ପତ୍ର ଛପାଇ ବିବାହ ପଞ୍ଜିକରଣ କାର୍ଯ୍ୟାଳୟରେ ସତ୍ୟପାଠ ଦାଖଲ କରିବା ପରେ ସେମାନଙ୍କୁ ବିବାହ ପଞ୍ଜିକରଣ ସାର୍ଟିଫିକେଟ ମିଳିଯାଉଛି। ଗ୍ରାମାଞ୍ଚଳରୁ ଆସୁଥିବା ଅଶିକ୍ଷିତ ମହିଳାମାନଙ୍କ ଠାରୁ ବିବାହ ପଞ୍ଜିକରଣ ସାର୍ଟିଫିକେଟ କରାଇଦେବି କହି ୪ ହଜାର ଟଙ୍କା ଲେଖାଏଁ ଆଦାୟ କରୁଥିବା ଅଭିଯୋଗ ହୋଇଛି।ଏନେଇ ବିବାହ ପଞ୍ଜିକରଣ ଅଧିକାରୀ ତଥା ଅତିରିକ୍ତ ବିଡ଼ିଓ ଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗ ନିରାଧାର। ନିର୍ଦ୍ଦିଷ୍ଟ ଅଭିଯୋଗ ମିଳିଲେ ତଦନ୍ତ କରାଯିବ। ବିବାହ ପଞ୍ଜିକରଣ ନିମନ୍ତେ ଅନଲାଇନ୍ ରେ ଆବେଦନକାରୀ ସରକାରୀ ଦେୟ ଦାଖଲ କରି ରସିଦ ପ୍ରଦାନ କରୁଛନ୍ତି। ୨୦ ବର୍ଷ ରୁ ଉର୍ଦ୍ଧ୍ୱ ଆବେଦନକାରୀଙ୍କ ସମ୍ପର୍କରେ କ୍ଷେତ୍ରୀୟ ତଦନ୍ତ କରାଯିବା ପରେ ପଞ୍ଜିକରଣ ପରେ ପଞ୍ଜିକରଣ କରାଯାଉଛି ।

କୌଣସି ଦଲାଲ ଆବେଦନକାରୀଙ୍କ ଠାରୁ ଅର୍ଥ ଆଦାୟ କରିବା ତାଙ୍କ ଦୃଷ୍ଟିକୁ ଆସିନାହିଁ । ପଞ୍ଜିକରଣ ନୀତି ନିୟମ ଅନୁସାରେ ଆବେଦନକାରୀ ପ୍ରଦାନ କରିଥିବା ସମସ୍ତ ନଥିପତ୍ର ଯାଞ୍ଚ କରାଯିବା ସହ ଉପସ୍ଥିତ ସାକ୍ଷ୍ୟମାନଙ୍କ ବୟାନ ନିଆଯିବା ପରେ ସାର୍ଟିଫିକେଟ ପ୍ରଦାନ କରାଯାଉଥିବା ସେ କହିଛନ୍ତି।ପ୍ରାୟତଃ କିଛି ଆଇନଜୀବୀ ଆବେଦନକାରୀମାନଙ୍କ ସହ ଅଫିସ ଆସି ସେମାନଙ୍କ ଦରଖାସ୍ତ ଦାଖଲ କରୁଛନ୍ତି । ତେଣୁ କୌଣସି ଆବେଦନକାରୀଙ୍କ ଠାରୁ ଅର୍ଥ ଆଦାୟ କରାଯିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

# ସୂଚନା ଅଭାବରୁ ସରକାରୀ ଯୋଜନା ଫିକା

## ଅସ୍ତରଙ୍ଗରେ ଚାଲିଛି ଦଲାଲ ରାଜ୍

## ଚାଷୀ ଜାଣିଲା ନାହିଁ ଯୋଜନା, ଦଲାଲ ଉଠାଇଲା ସବ୍‌ସିଡ଼ି




କାକଟପୁର/ଅସ୍ତରଙ୍ଗ,୧୫।୬ (ସଂଚାର ବ୍ୟୁରୋ): ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଜନହିତକର ଯୋଜନା ଆଣୁଛନ୍ତି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ୧୫ଟି ଗ୍ରାମ ପଞ୍ଚାୟତରେ ସେହି ଯୋଜନା ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁନି। ସୂଚନା ଅଭାବ ଓ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଯୋଜନା ଫିକା ପଡୁଛି।

ପ୍ରାଣୀ ସମ୍ପଦ ବିଭାଗର କାମଧେନୁ ଓ ଗୁହାଳ ଯୋଜନା, କୃଷି ବିଭାଗର ବିଭିନ୍ନ ବିହନ ଓ ସବସିଡ଼ି, ଉଦ୍ୟାନ ବିଭାଗର ଖତ, ନଡିଆ ଗଛ, ପାନ ଓ ଲଙ୍କା ଚାଷ ସହାୟତା ଭଳି ଶହ ଶହ ଯୋଜନା ରହିଛି। ସରକାରୀ ଗାଇଡଲାଇନ୍ କହୁଛି ଯୋଗ୍ୟ ହିତାଧିକାରୀଙ୍କୁ ସିଧା ଲାଭ ଦେବାକୁ। କିନ୍ତୁ ବାସ୍ତବ ଚିତ୍ର ଅଲଗା।

ଅଭିଯୋଗ ଅନୁଯାୟୀ କିଛି କୁଜି ନେତା ଓ ଦଲାଲ ପ୍ରତିଦିନ ଅସ୍ତରଙ୍ଗ ବ୍ଲକ, ପ୍ରାଣୀ ଚିକିତ୍ସାଳୟ, କୃଷି ଓ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଦୌଡୁଛନ୍ତି। ମିଥ୍ୟା କାଗଜପତ୍ର ଓ ଫଟୋ ସଂଲଗ୍ନ କରି ସେମାନେ ସରକାରୀ ସୁବିଧା ହଡପ କରି ନିଜ ପକେଟ ଗରମ କରୁଛନ୍ତି। ଗ୍ରାମାଞ୍ଚଳର ଚାଷୀ ଓ ଦିନ ମଜୁରିଆ ଯୋଜନା ସମ୍ପର୍କରେ ଅଜ୍ଞାତ ଥିବାରୁ ସେମାନେ ବଞ୍ଚିତ ହେଉଛନ୍ତି। କାହିଁକି ସରକାରୀ ଯୋଜନା ସାଧାରଣ ଲୋକେ ଜାଣୁନାହାନ୍ତି? ପଞ୍ଚାୟତ ସ୍ତରେ ପ୍ରଚାର କାହିଁକି ହେଉନି? ସରକାରୀ ଅଧିକାରୀ କାହିଁକି ସୂଚନା ଦେବାକୁ ଚାହୁଁନାହାନ୍ତି? ଏହି ପ୍ରଶ୍ନର ଉତ୍ତର ପ୍ରଶାସନ ଦେବା ଦରକାର। ସମୟ ଆସିଛି ପ୍ରଶାସନ ଏହା ଉପରେ ନଜର ଦେଉ। ନଚେତ ଯୋଜନା କାଗଜରେ ହିଁ ରହିଯିବ, ଲୋକଙ୍କ ପାଖରେ ପହଞ୍ଚିବ ନାହିଁ।

## ମଦ ବିରୋଧୀ ମହିଳାଙ୍କ ଦ୍ୱାରା ମଦ ଜବତ ଓ ଥାନାକୁ ହସ୍ତାନ୍ତର



ନବରଙ୍ଗପୁର/ତେନ୍ତୁଳୀଖୁଣ୍ଟି,୧୫।୬ (ସଂଚାର ବ୍ୟୁରୋ): ତେନ୍ତୁଳୀଖୁଣ୍ଟି ସଦର ମହାକୁମା ଖଣ୍ଡିଆଗୁଡ଼ା ଗ୍ରାମଠାରେ ଦୀର୍ଘ ଦିନ ଧରି ବେଆଇନ ମଦ କାରବାର ଚାଲିଆସୁଥିବା ଏକ ଭଡା ଘରୁ ଦୁଇ ବସ୍ତା ପାଉଚ ମଦକୁ ତେନ୍ତୁଳୀଖୁଣ୍ଟି ଗ୍ରାମପଞ୍ଚାୟତର ମଦ ବିରୋଧୀ ମହିଳାମାନଙ୍କ ଦ୍ୱାରା ଠାବ କରାଯାଇଥିଲା। ତେନ୍ତୁଳୀଖୁଣ୍ଟି ଥାନା ଅଧିକାରୀ ପ୍ରଣବ କୁମାର ଟୁଡୁଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ତୁରନ୍ତ ସେହି ସ୍ଥାନକୁ ଡକାଇଥିଲେ। ଥାନା ଅଧିକାରୀ ଶ୍ରୀ ଟୁଡୁ ତାଙ୍କର ପୁଲିସ ଟିମକୁ ନେଇ ସେହି ସ୍ଥାନରେ ପହଂଚି ପାଉଚ ମଦ ଜବତ କରିଥିଲେ। ଏହିପରି ମଦ ବିରଧୀ ମହିଳାଙ୍କୁ ତେନ୍ତୁଳୀଖୁଣ୍ଟି ଅଞ୍ଚଳବାସୀ ସ୍ୱାଗତ ଜଣାଇବା ସହ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ସେମାନଙ୍କୁ ପୂର୍ଣ୍ଣ ମାତ୍ରାରେ ସହଯୋଗ କରିବାର ପ୍ରତିଶୃତି ଦେଇଥିଲେ। ସେହିପରି ସବୁ ଅଞ୍ଚଳରେ ଏଭଳି ପ୍ରୟାସ ଜାରି ରହିଲେ ତେନ୍ତୁଳୀଖୁଣ୍ଟି ବ୍ଲକ ଅଞ୍ଚଳ ସମ୍ପୂର୍ଣ୍ଣ ମଦ ମୁକ୍ତ ହୋଇଯିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ରାତି ଅନ୍ଧାରରେ ଟାୱାର ଲୁଟ୍
## ଦମ୍ପତି ଗିରଫ, ୨୪ ବ୍ୟାଟେରୀ ଜବତ



କାକଟପୁର/ଅସ୍ତରଙ୍ଗ,୧୫।୬ (ସଂଚାର ବ୍ୟୁରୋ): ରାତି ଅନ୍ଧାରରେ ମୋବାଇଲ ଟାୱାରକୁ ଟାର୍ଗେଟ କରି ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି କରୁଥିବା ଏକ ଦମ୍ପତିଙ୍କୁ ପୁରୀ ଜିଲ୍ଲା କାକଟପୁର ଥାନା ପୁଲିସ ଧରିଛି। ଗିରଫ ହୋଇଥିବା ଦମ୍ପତି ହେଲେ କଟକ ସଦର ଥାନା ଇନ୍ଦିରାଗାଁ କୁରଙ୍ଗ ଶାସନର ବାପିନା ଭୋଇ ଓରଫ ପାପୁନା ଓ ତାଙ୍କ ପତ୍ନୀ ସିଲା ଭୋଇ।

ପୁଲିସ ସୂତ୍ରୁ ପ୍ରକାଶ ଯେ, ଗତ ରାତ୍ର ୧୪/୧୫ ଜୁନ୍ ରାତିରେ କାକଟପୁର ଥାନା ଅନ୍ତର୍ଗତ ବାଲିସିରିଆ ଗାଁର ମୋବାଇଲ ଟାୱାରର ଟେକନିସିଆନ ଦିଲୀପ କୁମାର ସେଠୀ କାମକୁ ଆସି ଦେଖିଲେ ଯେ ଟାୱାର ପିପିସି ଘର ତାଲା ଭାଙ୍ଗି ହୋଇଯାଇଛି ଓ ୨୪ଟି ୬ଶହ ଏଏଚ କୋସଲାଇଟ୍ ବ୍ୟାଟେରୀ ଚୋରି ହୋଇଯାଇଛି। ଚୋରମାନେ ଏକ ପିକଅପ୍ ଭ୍ୟାନ୍ ଓଡି ୦୫ ସିକେ ୧୬୬୧ ଓ ଗୋଟିଏ ସ୍କୁଟି ଓଡି ୦୨ ଡିପି ୯୧୨୬ରେ ଆସିଥିଲେ। ଅସ୍ତରଙ୍ଗ ଥାନା ଅଞ୍ଚଳର ଦିଲୀପ କୁମାର ସେଠୀ ଏନେଇ ଥାନାରେ ଅଭିଯୋଗ କରିଥିଲେ। କାକଟପୁର ଥାନାରେ କେସ୍ ନମ୍ବର ୨୧୫ ଧାରା ୩୩୧(୪)/୩୦୫(୩)/୫ ବିଏନଏସ ଅନୁଯାୟୀ ମାମଲା ରୁଜୁ ପରେ ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ଚୋରି ଯାଇଥିବା ୨୪ଟି ବ୍ୟାଟେରୀ, ୫୦-୬୦ ମିଟର କପର କେବୁଲ, ୫୦୫୦ଟଙ୍କା ନଗଦ, ଦୁଇଟି ଓପୋ ମୋବାଇଲ ସହ ଚୋରିରେ ବ୍ୟବହୃତ ପିକଅପ୍ ଭ୍ୟାନ୍ ଓ ସ୍କୁଟି ଜବତ କରାଯାଇଛି। ସୋମବାର ଅପରାହ୍ନରେ ଦୁହିଁଙ୍କୁ କୋର୍ଟ ଚାଲାଣ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି ବୋଲି କାକଟପୁର ଥାନାଅଧିକାରୀ ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ଅପହରଣର ୧୫ ଦିନ ପରେ
## ମାଟିତଳୁ ମୃତଦେହ ଉଦ୍ଧାର



- ପରକୀୟା ପ୍ରୀତି ଯୋଗୁ ସାଙ୍ଗ ନେଲା ସାଙ୍ଗର ଜୀବନ
- ୨ ଅଭିଯୁକ୍ତ ଗିରଫ, ଜଣେ ଫେରାର

ନୀଳଗିରି,୧୫।୬ (ସଂଚାର ବ୍ୟୁରୋ): ଅପହରଣ ୧୫ ଦିନ ଧରି ପୋଲିସ ମୋବାଇଲ ଟ୍ରାକିଂ କଲା ପରେ ଖବର ପାଇ ଅଭିଯୁକ୍ତ ସ୍ୱାମୀ ସ୍ତ୍ରୀ ମହାରାଷ୍ଟ୍ର ରେ ଅଛନ୍ତି ଜାଣିଲାପରେ ଏକ ଟିମ ଯାଇ ସେଠାରେ ସ୍ୱାମୀ ଓ ସ୍ତ୍ରୀଙ୍କୁ ଗିରଫ କରି ଆଜି ସକାଳେ ବରମପୁରଥାନାରେ ପହଁଚି ଥିଲେ। ପରେ ଦୁହିଁଙ୍କୁ ଜାରା କରିବା ପରେ ସବୁ କଥା ମାନି ଯାଇଥିଲେ। ଆଜି ଅପରାହ୍ନ୧.୩୦ମିନିଟ ସମୟ ରେ ବରମପୁର ଓ ଉଦଳା ପୁଲିସ ମିଳିତ ଭାବେ ମାଜିଷ୍ଟ୍ରେଟ ତପନ କୁମାର ବାରିକ, ନୀଳଗିରି ଭାରପ୍ରାପ୍ତ ଏସ ଡି ପିଓ ତଥା ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଏସପି ପ୍ରମୋଦ କୁମାର ମଲ୍ଲିକ, ବରମପୁର ଆଇଆଇସି ପ୍ରମଦା ନାୟକ, ଉଦଳା ଏଏସଆଇ ଏଲ ଆର ସୋରେନ ଓ ସାଇଣ୍ଟିଫିକ ଦଳଙ୍କ ଉପସ୍ଥିତରେ ମାଟି ତଳୁ ନିଖୋଜ ବୀରେନ୍ଦ୍ରର ମୃତ ଶରୀରକୁ ଉଦ୍ଧାର କରିଛି।

ଗତ ମାସ ୨୫ ତାରିଖ ରାତିରେ ବିରେନ୍ଦ୍ରଙ୍କୁ ଅପହରଣ ପରେ ତାଙ୍କୁ ମୟୁରଭଞ୍ଜ ଜିଲ୍ଲାର ଉଦଳା ଅଞ୍ଚଳର ଏକ ନିଛାଟିଆ ସ୍ଥାନକୁ ନେଇ ହତ୍ୟା କରାଯାଇଥିବା ସହ ମୃତଦେହକୁ ଉଦଳା ଥାନା ବଡ଼ସିଙ୍ଗାହାରିଆ ଅଞ୍ଚଳରେ ନିଛାଟିଆ ସ୍ଥାନ ମାଟିତଳେ ପୋତି ଦିଆଯାଇଥିଲା। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଘଟଣାରେ ସମ୍ପୃକ୍ତ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାଟି ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପରକ୍ରିୟା ପ୍ରୀତି ଯୋଗୁ ସାଙ୍ଗ ଯୋଜନା ମୁତାବକ କପ୍ତିପଦା ଅଞ୍ଚଳକୁ ତାକୁ ବାଟରେ ମାରି ଅଭିଯୁକ୍ତଙ୍କ ଶୁଶୁର ଘର ନିକଟରେ ପୋତି ଦେଇଥିଲା। ପରେ ସ୍ୱାମୀ ସ୍ତ୍ରୀ ଦୁହେଁ ଫେରାର ହୋଇଯାଇଥିଲେ। ଉକ୍ତ ଘଟଣାର ଅଭିଯୁକ୍ତ ମୈତ୍ର ବୀରେନ୍ଦ୍ର ମଢେଇ, ସ୍ତ୍ରୀ ସୀତା ମଢ଼େଇଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ସହଯୋଗୀ ଫେରାର ଥିବା ଜଣାପଡିଛି।ଅପରପକ୍ଷରେ ବରହ ମପୁର ପୋଲିସ ପକ୍ଷରୁ ୭୫/୨୬ ମାମଲା ରୁଜୁ କରି ତଦନ୍ତ ଚାଲିଛି।

## ଏସଆଇଆର-୨୦୨୬ ଅଭିଯାନରେ ସାମିଲ ହେଲେ ଶିଳ୍ପମନ୍ତ୍ରୀ



ପାରାଦୀପ,୧୫।୬ (ସଂଚାର ବ୍ୟୁରୋ): ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର )-୨୦୨୬ ଅଭିଯାନରେ ଓଡିଶା ସରକାର ଙ୍କ ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସାମିଲ ହୋଇଛନ୍ତି। ସ୍ଥାନୀୟ ବିଏଲଓ ଙ୍କ ଦ୍ୱାରା ଏହି ପ୍ରକ୍ରିୟା ରେ ସାମିଲ ହେବା ସହ ବିଏଲଓ ମାନଙ୍କୁ ସକ୍ରିୟ ସହଯୋଗ କରିବା ପାଇଁ ସେ ଜିଲ୍ଲାବାସୀଙ୍କୁ ଆହ୍ୱାନ କରିଛନ୍ତି। ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିବାରେ ଜନସହଭାଗିତାର ଗୁରୁତ୍ୱ ଉଲ୍ଲେଖ କରି ସେ ଭୋଟରମାନଙ୍କୁ ପରିଗଣନା ଫର୍ମର ବଣ୍ଟନ, ଯାଞ୍ଚ ଓ ଦାଖଲ ପ୍ରକ୍ରିୟାରେ ବିଏଲଓ ମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ, ପ୍ରତ୍ୟେକ ଭୋଟରଙ୍କ ସହଯୋଗ ଏକ ସଠିକ୍, ଅନ୍ତର୍ଭୁକ୍ତିମୂଳକ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଅତ୍ୟନ୍ତ ଆବଶ୍ୟକ, ଯାହାଦ୍ୱାରା କୌଣସି ଯୋଗ୍ୟ ଭୋଟର ବାଦ ନ ପଡନ୍ତି।

## ହେଲ୍ଥ ଫର ୟୁ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର

**୧୦୩ ୟୁନିଟ୍ ରକ୍ତ ସଂଗୃହୀତ**



ବାଲିଆପାଳ,୧୫।୬ (ସଂଚାର ବ୍ୟୁରୋ): ରକ୍ତ ଦାନ, ମହତ ଦାନ, ରକ୍ତ ବଞ୍ଚାଏ ସତ ଜୀବନ। ଆପଣଙ୍କର ରକ୍ତ ଆପଣଙ୍କର ଅଜାଣତରେ ଆଉ କାହାର ଜୀବନ ବଞ୍ଚାଇବାରେ ସହାୟକ ହେବ। ରକ୍ତ ଦାନ କରି ଅନ୍ୟର ଜୀବନ ବଞ୍ଚାଇବା, ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଯେମିତି ନ ହୁଏ ତଥା ରକ୍ତ ଅଭାବରୁ କାହାର ଜୀବନ ଯେମିତି ନ ଯାଏ ବା ଥାଲାସେମିଆ ରୋଗରେ ଆକ୍ରାନ୍ତ ଥିବା ଭାଇ ଭଉଣୀ ମାନଙ୍କର ଯେମିତି ରକ୍ତର ସମସ୍ୟା ନ ହୁଏ ସେଇ ଚିନ୍ତାଧାରା ନେଇ ଆଜି ହେଲ୍ଥ ଫର ୟୁ ଫାଉଣ୍ଡେସନ ପରିବାର ତରଫରୁ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ଅନ୍ତର୍ଗତ ଖଗଡାପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି।

ଏଥିରୁ ସମୁଦାୟ ୧୦୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ବେଳେ ସଙ୍ଗଠନର ସଭାପତି-ମାନସ ରଞ୍ଜନ ଧଳ, ସମ୍ପାଦକ- ସୁବାଶିଷ ରାଉଳ, ବୃଦ୍ଧାଶ୍ରମର ମୁଖ୍ୟ ପରିଚାଳକ- ତରଣି କର ଓ ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କ ପ୍ରଚେଷ୍ଟା ତଥା ଅଞ୍ଚଳବାସୀଙ୍କର ରକ୍ତ ଦାତା ଭାବରେ ଉପସ୍ଥିତି ଏହି ମହାନ କାର୍ଯ୍ୟକୁ ସଫଳ କରାଇଥିଲେ। ଗ୍ରାମର ମୁଖ୍ୟ ଇଂ- ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ଓ ଡଃ ମୌମୀ ଚେଙ୍ଗଦାର ଏହାକୁ ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର ରକ୍ତ ଭଣ୍ଡାରରୁ ଆସିଥିବା ଭାଗିରଥି ମାଝୀ, ରାଜେଶ ମିଶ୍ର, ବସନ୍ତ କୁମାର ଜେନା, ଅଭିରାମ ପଣ୍ଡା, ଡଃ ମୌମୀ ଚେଙ୍ଗଦାରଙ୍କ ଅଧ୍ୟକ୍ଷତାରେ ଏହି ରକ୍ତ ଦାନ ଶିବିର ପରିଚାଳନା କରାଯାଇଥିଲା। ଏହି ରକ୍ତ ଦାନ ଶିବିରରେ ରକ୍ତଦାତା ସାଜି ଶ୍ରେଷ୍ଠ କର୍ମରେ ଯେଉଁ ମହାନ ହୃଦୟବାନ ଭାଇ ଭଉଣୀମାନେ ଯୋଡ଼ି ରକ୍ତ ଦାନ ଶିବିରକୁ ସଫଳ କରାଇଛନ୍ତି ତାଙ୍କୁ ହେଲ୍ଥ ଫର ୟୁ ଫାଉଣ୍ଡେସନ ସାଧୁବାଦ ଜଣାଇଛନ୍ତି।

## ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗ

ବାରିପଦା,୧୫।୬ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଟାଉନଥାନା ଅନ୍ତର୍ଗତ ଭାଲୁବସା ଗ୍ରାମରେ ଶୌଚ କରିବାକୁ ଯାଇଥିବା ନାବାଳିକା ୪ ଯୌନପିପାସୁଙ୍କ ଦ୍ୱାରା ଅପହରଣ ଏବଂ ଦୁଷ୍କର୍ମ ଅଭିଯୋଗ ହୋଇଥିବା ଥାନାରେ ପିଡିତାଙ୍କ ପରିବାର ତରଫରୁ ଅଭିଯୋଗ ହୋଇଅଛି । ସୂଚନାଯୋଗ୍ୟ ଭାଲୁବସା ଗ୍ରାମର ଗୋଟିଏ ପରିବାରର ଦୁଇ ନାବାଳିକା ଭଉଣୀ ରବିବାର ଦିନ ମଧ୍ୟାହ୍ନରେ ଶୌଚ ପାଇଁ ଗାଁ ପାଖ ପୋଖରୀକୁ ଯାଇଥିଲେ। ହଠାତ୍ ୪ ଜଣ ଯୁବକ ଆସି ସାନ ଭଉଣୀକୁ ଟେକି ନେଇ ଦୁଷ୍କର୍ମ କରିଥିଲେ । ପରେ ୪ଟା ପାଖାପାଖି ସମୟରେ ଦୁଇଟି ବାଇକ୍‌ରେ ସେମାନେ ଆସି ଗାଁ ପାଖ ଏକ ଗଛମୂଳେ ମୂର୍ମୁଷୁ ଅବସ୍ଥାରେ ଫୋପାଡି ଦେଇ ଦ୍ରୁତ ଗତିରେ ଖସି ପଳାଇଥିଲେ। ବାଳିକା ନିସ୍ତେଜ ଅବସ୍ଥାରେ ପଡ଼ିଥିବା ଦେଖି ଗାଁ ଲୋକେ ପରିବାରକୁ ଖବର ଦେଇଥିଲେ । ରାଇରଙ୍ଗପୁର ଟାଉନ ଥାନା ଖବର ପାଇ ପିସିଆର ଭ୍ୟାନରେ ମୂର୍ମୂଷୁ ନାବାଳିକାକୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଏ ନେଇ ରାଇରଙ୍ଗପୁର ଟାଉନ ଥାନା ପକ୍ଷରୁ ଏକ ମାମଲା କେଶ ନମ୍ବର ୧୦୯/୨୬ ରୁଜୁ ହୋଇଛି। ପୁଲିସ ୩ ଜଣ ଯୁବକଙ୍କୁ ଉଠାଇ ଥାନାରେ ଅଟକ ରଖିଥିବା ବେଳେ ଜଣେ ଫେରାର ଅଛି । ପୁଲିସ ତଦନ୍ତ ଜାରି ରଖିଛି।

ଘଟଣାକୁ ନେଇ ବିଜେଡ଼ିର ଏକ ଅନୁଧ୍ୟାନ ଦଳ ଜିଲ୍ଲା ସଭାପତି ଡାକ୍ତର ଦେବାଶିଷ ମାରାଣ୍ଡି, ପ୍ରାକ୍ତନ ମନ୍ତ୍ରୀ ୱାସନ୍ତୀ ହେମ୍ବ୍ରମ, ରାଜ୍ୟ ବିଜେଡି ସଂପାଦକ ନିନା ଦାସ, କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁଙ୍କ ନେତୃତ୍ୱରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ପିଡିତାର ପିତା, ମାତା, ଭଉଣୀ ଏବଂ ପିଡିତାକୁ ସାକ୍ଷାତ କରିଥିଲେ। ଏଥି ସହିତ ଥାନାକୁ ଯାଇ ଆଇଆଇସି ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ପିଡିତାର ଡାକ୍ତରୀ ମାଇନା ୧୨ ଘଣ୍ଟା ବିଳମ୍ବ ନେଇ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ। ପିଡିତାକୁ ତୁରନ୍ତ ନ୍ୟାୟ ନ ମିଳିଲେ ଖୁବ ଶିଘ୍ର ବିଜେଡି ସମଗ୍ର ମୟୂରଭଂଜ ଜିଲ୍ଲାରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଆଇଆଇସିଙ୍କୁ ସୂଚନା ଦେଇଥିଲେ ।

**୧୮ରେ ଖୋଲିବ ବିଦ୍ୟାଳୟ**

## ପିଲାଙ୍କ ନିକଟରେ ପହଞ୍ଚିନି ବିଷୟଭିତ୍ତିକ ବହି

କାକଟପୁର/ଅସ୍ତରଙ୍ଗ,୧୫।୬ (ସଂଚାର ବ୍ୟୁରୋ): ଆସନ୍ତା ୧୮ତାରିଖରେ ସ୍କୁଲ ଘଣ୍ଟି ବାଜିବ, ପିଲାମାନେ ନୂଆ ଡ୍ରେସ୍ ପିନ୍ଧି ବିଦ୍ୟାଳୟ ଯିବେ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବହୁ ସରକାରୀ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ହାତରେ ଏପର୍ଯ୍ୟନ୍ତ ଚଳିତ ବର୍ଷର ଅନେକ ବିଷୟଭିତ୍ତିକ ବହି ପହଞ୍ଚିନାହିଁ। ଚଳିତ ଶିକ୍ଷାବର୍ଷରେ ପାଠ୍ୟକ୍ରମ ବଦଳିଥିବାରୁ ପୁରୁଣା ବହି ବି କାମରେ ଆସୁନାହିଁ। ଫଳରେ ସ୍କୁଲ ଖୋଲିବା ପୂର୍ବରୁ ହିଁ ପାଠପଢାର ଭିତ୍ତି ଦୋହଲି ଉଠିଛି।

ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ କହିଛନ୍ତି, ଓଡ଼ିଆ, ଗଣିତ, ଇଂରାଜୀ, ପରିବେଶ ବିଜ୍ଞାନ, ସାମାଜିକ ବିଜ୍ଞାନ ଆଦି ସମସ୍ତ ବିଷୟର ନୂଆ ବହି ଆସିବା କଥା। କିନ୍ତୁ ଏପର୍ଯ୍ୟନ୍ତ ବ୍ଲକର ଅଧିକାଂଶ ସ୍କୁଲରେ ଗୋଟିଏ ବି ସେଟ୍ ବହି ପହଞ୍ଚିନାହିଁ। ଅଳ୍ପ କିଛି ବହି ପିଲାଙ୍କୁ ବଣ୍ଟନ ହୋଇଛି। ପିଲାମାନେ କିଛି ନୂଆ ବହି ଓ ଖାଲି ଖାତା ଧରି କ୍ଲାସରେ ବସିଲେ କିପରି ପାଠ ଶିଖିବେ? ଶିକ୍ଷକମାନେ ବ୍ଲାକ୍ ବୋର୍ଡରେ ଲେଖି ପଢାଇଲେ ବି ପିଲାଙ୍କ ପାଖରେ ସମସ୍ତ ବିଷୟ ଭିତ୍ତିକ ବହି ନଥିଲେ ଘରେ ରିଭିଜନ୍ କରିପାରିବେନି।

ଅଭିଭାବକମାନେ ଅଭିଯୋଗ କରିଛନ୍ତି ଯେ ସରକାର ପ୍ରତିବର୍ଷ ମାଗଣା ବହି ଯୋଗାଣର ବଡ ବଡ କଥା କହୁଛନ୍ତି, କିନ୍ତୁ ଠିକ୍ ସମୟରେ ବହି ପହଞ୍ଚୁନାହିଁ। ଶିକ୍ଷା ବର୍ଷ ଆରମ୍ଭରୁ ହିଁ ଏଭଳି ଅବ୍ୟବସ୍ଥା ପିଲାଙ୍କ ପାଠପଢ଼ା ଉପରେ ଗଭୀର ପ୍ରଭାବ ପକାଇବ। ସରକାର ଏ ଦିଗରେ ତୁରନ୍ତ ଦୃଷ୍ଟି ଦେଇ ବହି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆବଶ୍ୟକ ବୋଲି ସମସ୍ତେ ଦାବି କରିଛନ୍ତି।

**ବିଶ୍ୱ ରକ୍ତଦାତା ଦିବସ ପାଳିତ**

## ସମ୍ମାନିତ ହେଲେ ନିୟମିତ ରକ୍ତଦାତା




ଖୋରଧା,୧୫।୬ (ସଂଚାର ବ୍ୟୁରୋ): "ରକ୍ତର କୌଣସି ବିକଳ୍ପ ନାହିଁ ଜଣେ ସୁସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିବା ଏକ ୟୁନିଟ୍ ରକ୍ତ ଅନ୍ୟ ଜଣଙ୍କ ଜୀବନରେ ନୂତନ ଆଶା ସଞ୍ଚାର କରିପାରେ।" ଏହି ମହାନ ସନ୍ଦେଶକୁ ନେଇ ଆଜି ଖୋରଧାରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଓଡ଼ିଶା ରକ୍ତ କେନ୍ଦ୍ରରେ ରକ୍ତଦାତା, ସ୍ୱାସ୍ଥ୍ୟକର୍ମୀ, ଡାକ୍ତର, ସାମାଜିକ କର୍ମୀ ଏବଂ ବିଭିନ୍ନ ସଂଗଠନର ପ୍ରତିନିଧିମାନେ ଏକତ୍ରିତ ହୋଇ ରକ୍ତଦାନର ମହତ୍ତ୍ୱକୁ ନେଇ ଆଲୋଚନା କରିଥିଲେ। ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ଜୟ ନାରାୟଣ ପାଢ଼ୀ ଅନୁଷ୍ଠାନିକ ଭାବେ ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରେ ନୂତନ ଭାବରେ ନିର୍ମିତ ଓଡ଼ିଶା ରକ୍ତ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଦୀର୍ଘ ବର୍ଷ ଧରି ରକ୍ତଦାନ କରି ଅନେକ ଅସହାୟ ରୋଗୀଙ୍କ ଜୀବନ ରକ୍ଷାରେ ସହଯୋଗ କରିଥିବା ରକ୍ତଦାତା ଦିଲ୍ଲୀପ କୁମାର ପଟ୍ଟନାୟକ, ପ୍ରସନ୍ନ କୁମାର ପାଇକରାୟ, ପ୍ରଭାତ କୁମାର ପାଣିଗ୍ରାହୀ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଶୁଭକାନ୍ତ ମହାପାତ୍ର, ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ, ନିମେଇ ମହାରଣା ଓ ଅନ୍ୟ ସ୍ୱେଚ୍ଛାସେବୀ ରକ୍ତଦାତାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

ଶେଷରେ ରକ୍ତଦାନର ମହତ୍ତ୍ୱ ନେଇ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା ଏବଂ ପ୍ରତ୍ୟେକ ନାଗରିକଙ୍କୁ ବର୍ଷକୁ ଅତି କମରେ ଥରେ ରକ୍ତଦାନ କରିବା ପାଇଁ ଅନୁରୋଧ କରାଯାଇଥିଲା। ବିଶ୍ୱ ରକ୍ତଦାତା ଦିବସ ଅବସରରେ ଖୋରଧାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାନବିକତା, ସେବା ଓ ସାମାଜିକ ଦାୟିତ୍ୱବୋଧର ଏକ ଉଜ୍ଜ୍ୱଳ ଉଦାହରଣ ପାଲଟିଥିବା ବେଳେ "ରକ୍ତଦାନ ମହାଦାନ" ବାର୍ତ୍ତାକୁ ସମାଜରେ ଆହୁରି ଦୃଢ଼ କରିଛି।

## ଶିବା ସମ୍ପୂର୍ଣ୍ଣ ଫାଉଣ୍ଡେସନର ରଜ ମଉଜ



ବାଲିଅନ୍ତା,୧୫।୬ (ସଂଚାର ବ୍ୟୁରୋ): ଆଜି "ଚତୁର୍ଥ ଜୟଦେବ ରଜ ମହୋତ୍ସବ" ଜୟଦେବ ନିର୍ବାଚନ ମଣ୍ଡଳୀ, ସତ୍ୟଭାମାପୁର ପଞ୍ଚାୟତ, ଗୋଡଳବିନ୍ଧା ସ୍ଥିତ ଶ୍ରୀ ସୀତାରାମେଶ୍ୱର ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଜନତା ପାର୍ଟି, ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ମିଶ୍ର, ଓ ସମ୍ମାନିତ ଅତିଥି ଭାବେ ଭାରତୀୟ ଜନତା ପାର୍ଟି, ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ସାଧାରଣ ସମ୍ପାଦିକା ଶ୍ରୀମତୀ ମାନସୀ ମଞ୍ଜରୀ ପାଢ଼ୀ, ପୂର୍ବତନ ମନ୍ତ୍ରୀ ଡ଼ା ଅରବିନ୍ଦ ଢ଼ାଲି ଯୋଗଦେଇଥିଲେ। ଏହି ସଭାକୁ ଶିବା ସମ୍ପୂର୍ଣ୍ଣା ଫାଉଣ୍ଡେସନର ନିର୍ଦ୍ଦେଶିକା ଝିଲ୍ଲୀ ପ୍ରଧାନ ପରିଚାଳନା କରିଥିଲେ। ଅତିଥି ମାନେ ଆମ ଓଡ଼ିଆ ସଂସ୍କୃତି, ପରମ୍ପରାର ପର୍ବ 'ରଜ' ବିଷୟରେ ଅଭିଭାଷଣ ରଖିଥିଲେ। ସାଧାରଣ ଜ୍ଞାନ, ମ୍ୟୁଜିକଚେୟାର, ନୃତ୍ୟ, ଚିତ୍ରାଙ୍କନ, ଝୋଟି, ହୁଳହୁଳି, କାନ୍ଦଣା ଆଦି ବିଭିନ୍ନ ବିଭାଗର କୃତି ପ୍ରତିଭା ମାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି ରଜ ଉତ୍ସବ ରେ ବହୁ ସଂଖ୍ୟାରେ ମହିଳ, ପୁରୁଷ ଓ କିଶୋର କିଶୋରୀ ମାନେ ଉପସ୍ଥିତ ଥିଲେ। ଓଡ଼ିଶି ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଗୋଟିପୁଅ ନୃତ୍ୟ ଓ ଗାୟତ୍ରୀ ମନ୍ତ୍ର ଆଦି ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରାଯାଇଥିଲା। ରଜ ଦୋଳି ଖେଳିବା ସହିତ ବିଭିନ୍ନ ପ୍ରକାର ପିଠା, ରଜ ପାନ, ଚାଟ, ଗୁପଚୁପ, ବରା, ମଟରଶୁପ ଆଦି ଖାଦ୍ୟ ବ୍ୟଞ୍ଜନର ମଜା ନେଇଥିଲେ।

## ସପ୍ତଶଯ୍ୟା ମହୋତ୍ସବରେ ନୃତ୍ୟ ଶ୍ରୀ ଡ୍ୟାନ୍ସ ଏକାଡେମୀ ସମ୍ମାନିତ



ଫୁଲବାଣୀ,୧୫।୬ (ସଂଚାର ବ୍ୟୁରୋ): ସପ୍ତଶଯ୍ୟା ମହୋତ୍ସବ ଓଡ଼ିଶାର ଏକ ପ୍ରସିଦ୍ଧ ଧାର୍ମିକ ଓ ସାଂସ୍କୃତିକ ଉତ୍ସବ। ଏହା ଢେଙ୍କାନାଳ ଜିଲ୍ଲାର ଐତିହାସିକ ଓ ପବିତ୍ର ସପ୍ତଶଯ୍ୟା ପୀଠରେ ପାଳିତ ହୋଇଥାଏ। ଏହି ମହୋତ୍ସବକୁ ଦିବ୍ୟାଂସୀ ଡ୍ୟାନ୍ସ ଏକାଡେମୀ ତରଫରୁ ଭୁବନେଶ୍ୱର ସ୍ଥିତ ରବିନ୍ଦ୍ର ମଣ୍ଡପରେ ବହୁ ଆଡମ୍ବର ସହ ପାଳନ କରାଯାଇଥିଲା।

ଓଡ଼ିଶୀ, ଲୋକନୃତ୍ୟ, ସାଂସ୍କୃତିକ ଐଶ୍ୱର୍ଯ୍ୟକୁ ଏକାଠି ପ୍ରଦର୍ଶନ କରୁଥିବା ଏକ ଅନନ୍ୟ ଉତ୍ସବ ଭାବେ ପରିଚିତ। ଏହି ମହୋତ୍ସବରେ ଓଡିଶାର ଅନେକ ସାଂସ୍କୃତିକ ଅନୁଷ୍ଠାନ ଯୋଗ ଦେଇଥିଲେ। ସେଥି ମଧ୍ୟରେ କନ୍ଧମାଳ ଜିଲ୍ଲା ବାଲିଗୁଡାର ନୃତ୍ୟ ଶ୍ରୀ ଡ୍ୟାନ୍ସ ଏକାଡେମୀର ଗୁରୁ କେଦାର ନାଥ ନାୟକଙ୍କ ଦ୍ୱାରା ଓଡ଼ିଶୀ ଶିକ୍ଷା ପ୍ରାପ୍ତ କରିଥିବା ଛାତ୍ରୀ ଆଂଶି ସଭ୍ରାଂଶି ପାତ୍ର, ଜ୍ୟୋତିର୍ମୟୀ ପାଢ଼ୀ, ଅଙ୍କିତା ନାୟକ, ଶୁଭଶ୍ରୀ ପଣ୍ଡା, ସୁରଞ୍ଜନା ବାରିକ, ସୋମନା ସୋନାକ୍ଷୀ ପଣ୍ଡା, ସୋନମ ପଣ୍ଡା, ସାଇ ସ୍ନିଗ୍ଧା ପ୍ରଧାନ ଏବଂ ଶିଷ୍ୟା ଅନ୍ୱେଷା ଚୌଧୁରୀ ଉଭୟ ଏକକ ଏବଂ ଡାଳଗତ ନୃତ୍ୟ ଉଚ୍ଚକୋଟିର ନୃତ୍ୟ ପ୍ରଦର୍ଶନ କରି ସମସ୍ତ ମାନ୍ୟଗଣ୍ୟ ଶାସ୍ତ୍ରୀୟ ଗୁରୁ ମାନଙ୍କ ପ୍ରଶଂସା ସାଉଁଟିବା ସହ ପୁରସ୍କାର ମଧ୍ୟ ଅର୍ଜନ କରିଥିଲେ। ସେହି ଛାତ୍ରୀ ମାନଙ୍କୁ ସୁଦୂର କନ୍ଧମାଳ ଜିଲ୍ଲା ବାଲିଗୁଡାରୁ ନେଇ ଭୁବନେଶ୍ୱର ରବିନ୍ଦ୍ର ମଣ୍ଡପ ପର୍ଯ୍ୟନ୍ତ ପହଞ୍ଚାଇ ଥିବା ଗୁରୁ କେଦାରନାଥ ନାୟକଙ୍କୁ ମଧ୍ୟ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ପ୍ରସିଦ୍ଧ ଗୁରୁ ମିନାକ୍ଷୀ ବେହେରା, ଗୁରୁ ଅଶୋକ ଘୋଷାଲ, ଗୁରୁ ସୁକାନ୍ତ କୁଣ୍ଡୁ, ଗୁରୁ ଅନିରୁଦ୍ଧ ଦାସ, ଗୁରୁ ଶ୍ରୀକାନ୍ତ ଦାସ ପ୍ରମୁଖ ଯୋଗ ଦେଇ ଥିଲେ ।

## ଜଡ଼ିବାଲି ଗାଁରେ ପାଞ୍ଚଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



ନୀଳଗିରି,୧୫।୬ (ସଂଚାର ବ୍ୟୁରୋ): ପ୍ରତି ବର୍ଷ ଭଳି ରଜଅବସରରେ ନୀଳଗିରି ବ୍ଲକ ଅନ୍ତର୍ଗତ ଜଡିବାଲି ଗାଁ ପକ୍ଷରୁ ପାଞ୍ଚ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜଡିବାଲି ଖେଳ ପଡ଼ିଆ ରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୀଳଗିରିପୂର୍ବତନ ବିଧାୟକ ସୁକାନ୍ତ ନାୟକ, ମୁଖ୍ୟ ବକ୍ତା ଭାବେ ସମାଜସେବୀ ଅଜିତ ପାତ୍ର, ସମ୍ମାନିତ ଅତିଥି ପୂର୍ବତନ ଏସ୍ ଡି ସି ଅଧ୍ୟକ୍ଷ ମଦନ ମୋହନ ମାଝୀ, ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ସ୍ଥାନୀୟସରପଞ୍ଚ ସଞ୍ଜୟ ସିଂ, ଏବଂ ଗଙ୍ଗାଧର ମିଶ୍ର ଉପସ୍ଥିତ ରହି ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ସହ ଫିତା କାଟି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଖ ପାଖ ଅଞ୍ଚଳରୁ ୧୦ଟି ଟିମ ଅଂଶ ଗ୍ରହଣ କରିବେ, ଉକ୍ତ ଖେଳ ପାଞ୍ଚ ଦିନ ଚାଲିବ ବୋଲି ସୂଚନା ମିଳିଛି। କମିଟି ପକ୍ଷରୁ ଖେଳାଳି ମାନଙ୍କ ପାଇଁ ଥଣ୍ଡା ପାଣି ଏବଂ ସରବତ ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ କମିଟିର ସଦସ୍ୟ ଦିପୁ ଦଣ୍ଡିକ୍, ଶ୍ରୀକାନ୍ତ ଦେହୁରୀ, ହିମାଂଶୁ ସେଠୀ, ସୁମିତ୍ ମହାନ୍ତି, ସୁନିଲ୍ ପାତ୍ର, ପ୍ରଭାସ ମହାନ୍ତିଙ୍କ ସମେତ ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ସହଯୋଗ କରିଥିଲେ।

## ସୁଦର୍ଶନ ଦାରୁ ପୀଠରେ ରଜ ମହୋତ୍ସବ



ବାଲିଅନ୍ତା,୧୫।୬ (ସଂଚାର ବ୍ୟୁରୋ) ବାଲିଅନ୍ତା ବ୍ଲକ ଗଡ଼ କଣ୍ଟୁଣିଆ ସ୍ଥିତ ସୁଦର୍ଶନ ଦାରୁ ପୀଠ ପରିସରରେ ଗ୍ରିନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ପଞ୍ଚମ ବାର୍ଷିକ ରଜ ମହୋତ୍ସବ ଆୟୋଜନ ହୋଇଛି । ଏନେଇ କୁଆଖାଇ ନଦୀ ପଠାରେ ୧୦ଟି ଦୋଳି ସଜ୍ଜାଯାଇଛି। ଏହି ଅବସରରେ ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ସମିତି ସଭ୍ୟ ରଞ୍ଜନ କୁମାର ମୋହପାତ୍ର,ସୁବ୍ରତ ମହାନ୍ତି, ପରିବେଶବିତ ଦିଲ୍ଲୀପ ଶ୍ରୀଚନ୍ଦନ, ପ୍ରମୋଦ ପାଢ଼ୀ ସୁରେଶ ପଣ୍ଡା,ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟି ଅଶୋକ କୁମାର ସାହୁ, କୋଷାଧ୍ୟକ୍ଷ ଚକ୍ରଧର ନାୟକ, ରଞ୍ଜିତ ସାହୁ, ନାରାୟଣ ବେହେରା, ପ୍ରଦୀପ କୁମାର ମହାନ୍ତି, ଜଗନ୍ନାଥ ବେହେରା, ଅଶୋକ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଯୁବତୀ ଏବଂ ମହିଳାମାନଙ୍କ ମଧ୍ୟରେ ପୁଞ୍ଚି, ଝୋଟି, ରଜ ସଜବାଜ ଏବଂ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅତିଥିବୃନ୍ଦ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ସୋନପୁର ସ୍ୱର୍ଣ୍ଣ ଶିଖା ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ରୁମୁକୁଝୁମା ଦର୍ଶକମାନଙ୍କୁ ବିମୋହିତ କରିଥିଲା।

# ସୋମନାଥ ସ୍ୱାଭିମାନ ପର୍ବ ଅବସରରେ ମୟୂରଭଞ୍ଜରୁ ତୀର୍ଥଯାତ୍ରାରେ ଗଲେ ୩୦ ଶ୍ରଦ୍ଧାଳୁ




ବାରିପଦା,୧୫।୬ (ସଂଚାର ବ୍ୟୁରୋ): ସୋମନାଥ ସ୍ୱାଭିମାନ ପର୍ବ ଅବସରରେ ଚଳିତ ମାସ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ତୀର୍ଥଯାତ୍ରା କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାରୁ ୩୦ ଜଣ ଶ୍ରଦ୍ଧାଳୁ ଯୋଗଦେଇ ପବିତ୍ର ସୋମନାଥ ଧାମ ଦର୍ଶନ ପାଇଁ ଯାତ୍ରା କରିଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ ।

ଉଦ୍‌ଘାଟନୀ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ନାୟକ କହିଥିଲେ ଯେ, ସୋମନାଥ ସ୍ୱାଭିମାନ ପର୍ବ କେବଳ ଏକ ତୀର୍ଥଯାତ୍ରା ନୁହେଁ, ବରଂ ଏହା ଶ୍ରଦ୍ଧା, ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଐତିହ୍ୟର ଏକ ସୁନ୍ଦର ସମନ୍ୱୟ । ଏଭଳି ଯାତ୍ରା ମାଧ୍ୟମରେ ଲୋକମାନେ ନିଜର ଆଧ୍ୟାତ୍ମିକ ଚେତନାକୁ ସୁଦୃଢ଼ କରିବା ସହ ଭାରତର ସମୃଦ୍ଧ ସାଂସ୍କୃତିକ ଓ ଧାର୍ମିକ ପରମ୍ପରା ସହ ଅଧିକ ନିବିଡ଼ ଭାବେ ଯୋଡ଼ି ହୋଇପାରିବେ । ଏହା ସାମାଜିକ ସରସତା, ନୈତିକ ମୂଲ୍ୟବୋଧ ଏବଂ ଜାତୀୟ ଏକତାର ଭାବନାକୁ ମଧ୍ୟ ଅଧିକ ସୁଦୃଢ଼ କରିଥାଏ । ଭାରତର ପ୍ରାଚୀନ ଧାର୍ମିକ ଓ ସାଂସ୍କୃତିକ ପରମ୍ପରା ବିଶ୍ୱ ଦରବାରରେ ଦେଶର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହି ପରମ୍ପରାର ସଂରକ୍ଷଣ ଓ ପ୍ରସାର ସହ ନୂତନ ପିଢ଼ି ମଧ୍ୟରେ ଆଧ୍ୟାତ୍ମିକ ମୂଲ୍ୟବୋଧର ବିକାଶ ପାଇଁ ଏଭଳି ଯାତ୍ରା ବେଶ୍ ସହାୟକ ହେବ ।

ଏହି କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କଲେକ୍ଟର ମାନସୀ ତରାଇ ମଧ୍ୟ ଉପସ୍ଥିତ ରହି ଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କର ଯାତ୍ରା ସୁସ୍ଥ, ସୁରକ୍ଷିତ ଓ ମଙ୍ଗଳମୟ ହେଉ ବୋଲି କାମନା କରିଥିଲେ । ଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ ଏହି ସୁଯୋଗ ପାଇଁ ଆନନ୍ଦ ପ୍ରକାଶ କରିଥିଲେ ଏବଂ ପବିତ୍ର ସୋମନାଥ ଧାମ ଦର୍ଶନ ନିଜ ଜୀବନର ଏକ ସ୍ମରଣୀୟ ଅନୁଭୂତି ହେବ ବୋଲି ମତବ୍ୟକ୍ତ କରିଥିଲେ।

# ରାଜ୍ୟରେ ଏଲ୍-ନିନୋର ପ୍ରଭାବ କମ୍ ରହିବ!

● ତଥାପି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

● ଜଳସେଚନ ପରିଚାଳନା ପାଇଁ ଟାସ୍କଫୋର୍ସ ଗଠିତ



ଭୁବନେଶ୍ୱର, ୧୫।୬ (ସଂଚାର ବ୍ୟୁରୋ): ଖରିଫ ଫସଲ ଋତୁ-୨୦୨୬ ପାଇଁ ରାଜ୍ୟର ପ୍ରସ୍ତୁତି, ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷାର ସ୍ଥିତି, ଆକଳନ ଓ ଏଲ୍-ନିନୋଜନିତ ସମ୍ଭାବ୍ୟ ପ୍ରଭାବର ମୁକାବିଲା ନେଇ ଆଜି ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଏଲ୍ ନିନୋର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଆଗୁଆ ପ୍ରସ୍ତୁତି ଓ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଏଲ୍-ନିନୋ ହେଉଛି ମହାସାଗରୀୟ ଜଳର ତାପମାତ୍ରା ବୃଦ୍ଧି ଯୋଗୁଁ ସୃଷ୍ଟ ଏକ ଜଳବାୟୁଜନିତ ଘଟଣା, ଯାହା ବିଶ୍ୱସ୍ତରରେ ପାଣିପାଗ ଓ ବର୍ଷାର ପରିମାଣକୁ ପ୍ରଭାବିତ କରିଥାଏ ଓ ଭାରତରେ ମୌସୁମୀ ବର୍ଷା ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ବୈଠକରେ ଆଇଏମଡି ପକ୍ଷରୁ ଦୈନିକ, ସାପ୍ତାହିକ, ମାସିକ ଓ ଦୀର୍ଘମିଆଦୀ ମୌସୁମୀ ବର୍ଷା ପୂର୍ବାନୁମାନ ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା। ଓଡ଼ିଶାର ଉପକୂଳ କେତେକ ଅଞ୍ଚଳରେ ମୌସୁମୀ ବର୍ଷା ଆରମ୍ଭ ହୋଇଛି ଓ ଅନ୍ୟ ଅଞ୍ଚଳରେ ବର୍ଷା ହେବା ନେଇ ସ୍ଥିତି ଅନୁକୂଳ ରହିଥିବା ସୂଚନା ଦିଆଯାଇଥିଲା। ଆଇଏମଡି ଆକଳନ ଓ ବୈଠକରେ ଆଲୋଚନା ଅନୁଯାୟୀ, ଏଲ-ନିନୋ ପ୍ରଭାବରେ ଚଳିତ ବର୍ଷ ଦେଶରେ ସାମଗ୍ରିକ ଭାବେ ସାଧାରଣଠାରୁ କିଛି କମ୍ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ପୂର୍ବ ବର୍ଷଗୁଡ଼ିକର ତଥ୍ୟ ଓ ବିଶ୍ଳେଷଣ ଆଧାରରେ ଜଣାଯାଉଛି ଯେ ଓଡ଼ିଶାରେ ଏଲ୍-ନିନୋର ପ୍ରଭାବ ବିଶେଷ ପଡ଼ିବ ନାହିଁ କିନ୍ତୁ ଏଲ-ନିନୋ ପ୍ରଭାବରୁ କମ୍ ବର୍ଷା ହେଲେ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପକ୍ଷରୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ବର୍ଷାର ସ୍ଥିତି, ଜଳଭଣ୍ଡାରର ଜଳସ୍ତର, କୃଷି କାର୍ଯ୍ୟକଳାପର ନିୟମିତ ସମୀକ୍ଷା ସହ ଆବଶ୍ୟକ ପୂର୍ବ ପ୍ରସ୍ତୁତି ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ସାମଗ୍ରିକ ଜଳ ପରିଚାଳନା ଓ ଜଳସେଚନ କାର୍ଯ୍ୟକ୍ରମର ନିରନ୍ତର ସମୀକ୍ଷା ଓ ଆବଶ୍ୟକ ପରାମର୍ଶ ପ୍ରଦାନ ପାଇଁ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି କମିଟି ଜଳ ଉପଲବ୍ଧତା, ଖରିଫ୍ ଓ ରବି ପାଇଁ ଜଳସେଚନ ପ୍ଲାନିଂ, ଜଳସେଚନ କ୍ଷମତା ବୃଦ୍ଧି ଓ ଚାଷୀମାନଙ୍କ ପାଇଁ ଜଳର ସର୍ବୋତ୍ତମ ବ୍ୟବହାର ସୁନିଶ୍ଚିତ କରିବା ଦିଗରେ ସଚେତନ କରିବାକୁ କାର୍ଯ୍ୟ କରିବ। ଏଥିରେ ଜଳସମ୍ପଦ ବିଭାଗ ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବା ସହ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ ତଥା ବରିଷ୍ଠ ଅଧିକାରୀମାନେ ସଦସ୍ୟ ରହିବେ।

କୃଷି ବିଭାଗର ସୂଚନାନୁଯାୟୀ, ଚଳିତ ଖରିଫରେ ଓଡ଼ିଶାରେ ମୋଟ ୫୭.୮ ଲକ୍ଷ ହେକ୍ଟର ଚାଷ କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି। ଏଥିସହ ୩୯.୦୪ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇବାର ଲକ୍ଷ୍ୟ ରହିଛି। ଚଳିତ ଖରିଫ ଋତୁ ପାଇଁ ୨ ଲକ୍ଷ ୬୬ ହଜାର ୭୮୦ କ୍ୱିଣ୍ଟାଲ ବିହନ ଯୋଗାଣର ଯୋଜନା କରାଯାଇଛି। ଅଦ୍ୟାବଧି ୧ ଲକ୍ଷ ୧୮ ହଜାର ୭୮୭ କ୍ୱିଣ୍ଟାଲରୁ ଅଧିକ ବିହନ ଚାଷୀମାନଙ୍କ ପାଇଁ ଉପଲବ୍ଧ କରାଯାଇଛି। ସେହିପରି ଆବଶ୍ୟକ ପରିସ୍ଥିତିର ମୁକାବିଲା ପାଇଁ ୧୪ ହଜାର ୩୫୦ କ୍ୱିଣ୍ଟାଲ ବିହନ ସଂରକ୍ଷିତ ରଖାଯାଇଛି।

## ରଥଯାତ୍ରା ପୂର୍ବରୁ ଆକ୍ସନ ମୋଡ୍‌ରେ ପୁରୀ ପୁଲିସ

# ୨୪ ଘଣ୍ଟାରେ ୨୩ ଅଭିଯୁକ୍ତ ଗିରଫ



ଭୁବନେଶ୍ୱର, ୧୫।୬ (ସଂଚାର ବ୍ୟୁରୋ): ରଥଯାତ୍ରା ପୂର୍ବରୁ ଆକ୍ସନ ମୋଡ୍‌କୁ ଆସିଛି ପୁରୀ ପୁଲିସ। ପୁରୀ ସହରକୁ ଅପରାଧମୁକ୍ତ କରିବା ଦିଗରେ ନେଇଛି ବଡ଼ ପଦକ୍ଷେପ। ସିଟି ସବଡିଭିଜନ୍‌ର ବିଭିନ୍ନ ଥାନାରେ ୮ଟି ମାମଲା ରୁଜୁ ହୋଇଛି। ୨୪ ଘଣ୍ଟାରେ ୨୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଉକ୍ତ ଅଭିଯୁକ୍ତମାନଙ୍କ ନାଁରେ ଏକାଧିକ ମାମଲା ରହିଛି। ଅଭିଯୁକ୍ତମାନଙ୍କଠାରୁ ଖଣ୍ଡା, ଛୁରୀ, ଲୁହା ରଡ୍, କୋରେକ୍ସ ବୋତଲ, ମଦ ଆଦି ମଧ୍ୟ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୁରୀ ଏସପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ପୁଲିସ 'କ୍ଲିନ୍ ସିଟି ଡ୍ରାଇଭ୍'କୁ ଜୋରଦାର କରିଛି। ସହରକୁ ଅପରାଧମୁକ୍ତ ଓ ସୁରକ୍ଷିତ ରଖିବା ପାଇଁ ପୁଲିସ ଆକ୍ସନ ମୋଡ୍‌କୁ ଆସିଛି। ସେପଟେ ଶ୍ରୀମନ୍ଦିର ଆଗରେ ଭକ୍ତଙ୍କୁ ଦଲାଲ ଲୁଟିବା ଘଟଣାରେ ସିଂହଦ୍ୱାର ଥାନା ପୁଲିସ ପକ୍ଷରୁ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କୁ ଶୋଷଣ କରୁଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖାଯାଇଛି। ଚଢ଼ାଉ ସମୟରେ ପୁଲିସ ବିପୁଳ ପରିମାଣର ମାରଣାସ୍ତ୍ର ଓ ନିଶାଦ୍ରବ୍ୟ ସହ ୩ଟି ଖଣ୍ଡା, ୪ଟି ଛୁରୀ, ଲୁହା ରଡ଼, କୋରେକ୍ସ ବୋତଲ ସହ ୭୫୦ ଲିଟରରୁ ଅଧିକ ମଦ ଜବତ କରିଛି। ଚଳିତ ବର୍ଷ ୩୦୭ ଜଣ ଅସାମାଜିକଙ୍କୁ ଗିରଫ କରାଯାଇଛି। କୋରେକ୍ସ କାରବାର ପାଇଁ ୧୯ଟି ମାମଲାରେ ୨୯ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୧୬୦୦ରୁ ଅଧିକ ବୋତଲ ଜବତ କରାଯାଇଛି।

# ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା



ନବରଙ୍ଗପୁର, ୧୫।୬ (ସଂଚାର ବ୍ୟୁରୋ) : ରଜର ଖୁସି ଭିତରେ ଆସିଛି ଏକ ହୃଦୟ ବିଦାରକ ଖବର। ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଘଟିଛି ଲୋମହର୍ଷଣକାରୀ ଘଟଣା। ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିବା ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏପରିକି ହତ୍ୟା ପରେ ଯୁବତୀଙ୍କ ମୃତଦେହକୁ ଘର ବାରିପଟେ ଫିଙ୍ଗି ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଏହି ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ଅନ୍ୟପଟେ ଦୋଷୀଙ୍କୁ ନ ଧରିବା ପର୍ଯ୍ୟନ୍ତ ମୃତଦେହକୁ ନଛାଡ଼ିବା ଜିଦ୍‌ରେ ଅଡ଼ିବସିଛନ୍ତି ପରିବାର ଲୋକେ। ଗତକାଲି ରାତିରେ ପହିଲି ରଜରେ ଦୋଳି ଖେଳିବାକୁ ସାଙ୍ଗସାଥୀଙ୍କ ସହ ଯୁବତୀ ଜଣଙ୍କ ଯାଇଥିଲେ। ତେବେ ସେ ଆଉ ଘରକୁ ଫେରି ନ ଥିଲେ, ବରଂ ଆଜି ସକାଳୁ ଘର ବାରିପଟେ ତାଙ୍କ ମୃତଦେହ ପଡ଼ିଥିବା ପ୍ରଥମେ ତାଙ୍କ ଭାଇ ଦେଖିବାକୁ ପାଇଥିଲେ। ଯୁବତୀଙ୍କ ପାଟିରୁ ରକ୍ତ ବାହାରିଥିବା ଓ ବେକ ଫୁଲିଯାଇଥିବା ଦେଖି ସେ ଗାଁ ଲୋକଙ୍କୁ ଡାକିଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲେ। ଖବର ପାଇ କୋଡ଼ିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ଘଟଣାର ତଦନ୍ତ କରୁଛି। ନବରଙ୍ଗପୁର ଏସପି ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ କୋଡ଼ିଙ୍ଗା ପୁଲିସ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟ ପକ୍ଷରେ ଯୁବତୀଙ୍କର ଜଣେ ସାଙ୍ଗଙ୍କ କହିବା ଅନୁସାରେ, ଗତକାଲି ରାତି ୯ଟାରେ ଉଭୟ ମିଶି ଗାଁ ମୁଣ୍ଡରେ ବନ୍ଧା ହୋଇଥିବା ରଜଦୋଳି ଝୁଲିବାକୁ ଯାଇଥିଲେ। ଯୁବତୀ ଜଣଙ୍କ କାହାକୁ କିଛି ନ କହି ମଝିରେ ଏକା ଚାଲିଯାଇଥିଲା। ସେ ଘରକୁ ଚାଲିଯାଇଥିବ ଭାବି ସେ ମଧ୍ୟ ତା' ଘରକୁ ଫେରିଆସିଥିବା ସାଙ୍ଗ ଜଣଙ୍କ କହିଛନ୍ତି।

# ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ: ୩ ଅଟକ



ରାଇରଙ୍ଗପୁର, ୧୫।୬ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରେ ଘଟିଛି ଏକ ଅଭାବନୀୟ ଘଟଣା। ଜଣୈକା ନାବାଳିକାଙ୍କ ପ୍ରତି ଦୁଷ୍କର୍ମ ହୋଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ଅଭିଯୋଗ ମୁତାବକ, ଦୁଇ ଭଉଣୀ ଗାଁ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ସେଠାରେ ୪ ଜଣ ଯୁବକ ପହଞ୍ଚି ବଳପୂର୍ବକ ସାନ ଭଉଣୀକୁ ଉଠାଇ ନେଇ ଦୁଷ୍କର୍ମ କରିଛନ୍ତି। ପରେ ସେମାନେ ଅତି ଅମାନୁଷିକ ଭାବେ ତାଙ୍କୁ ଗାଁ ନିକଟରେ ଫିଙ୍ଗି ଦେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିବା ପୀଡ଼ିତାଙ୍କ ବାପା କହିଛନ୍ତି। ତେବେ ଏହି ଘଟଣାରେ ଭିନ୍ନ ବୟାନ ଦେଇଛି ପୁଲିସ। ପୁଲିସ୍ ପକ୍ଷରୁ କୁହାଯାଇଛି ଯେ ପୀଡ଼ିତାଙ୍କ ପୁରୁଷ ବନ୍ଧୁ ଓ ତାଙ୍କର ଜଣେ ସହଯୋଗୀ ମିଶି ଦୁଇ ଭଉଣୀଙ୍କୁ ବାଇକ ଯୋଗେ ନିଛାଟିଆ ଜାଗାକୁ ନେଇ କଥା ହେଉଥିଲେ। ପରେ ପୀଡିତା ଓ ଅଭିଯୁକ୍ତ ଏସକେ ମକବୁଲ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ଅନ୍ୟ ଜଣେ ଯୁବକ ଏସକେ ଟିପୁ ଓ ପୀଡ଼ିତାଙ୍କ ଭଉଣୀ ଦୀର୍ଘ ସମୟ ଅପେକ୍ଷା କରିବା ପରେ ମଧ୍ୟ ନ ଆସିବାରୁ ସେମାନେ ଘରକୁ ଫେରିଥିଲେ। ଘରକୁ ଯାଇ ଏସକେ ଟିପୁ ଅନ୍ୟ ଦୁଇ ସହଯୋଗୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକେ ପୁଲିସକୁ ଖବର ଦେବା ପରେ ପୁଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରି ତିନି ଜଣ ଯୁବକ ଏସକେ ମକବୁଲ, ଏସକେ ଟିପୁ ଓ ଏସକେ ଓମାନଙ୍କୁ ଅଟକ ରଖିଛି। ସେହିପରି ଏହି ଘଟଣାରେ ଅନ୍ୟ ଜଣେ ଏସକେ ଜାଭେଦ୍ ଏବେ ଫେରାର ଅଛନ୍ତି। ଏନେଇ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି ଅତିରିକ୍ତ ଏସପି ଦୀପକ କୁମାର ଗଛାୟତ। ତେବେ ପରିବାର ଲୋକଙ୍କ ଅଭିଯୋଗ ଓ ପୁଲିସର ବୟାନ ମେଳ ଖାଉ ନ ଥିବାବେଳେ ପ୍ରକୃତ ଘଟଣା କ'ଣ, ତାହା ଅଧିକ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ।

# ଗଛରେ ଝୁଲୁଛି ମେଡିକାଲ କର୍ମଚାରୀଙ୍କ ମୃତଦେହ

ଭବାନୀପାଟଣା, ୧୫।୬ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଉଦେପୁର-ଗୋପୀନାଥପୁର କେନାଲ ନିକଟସ୍ଥ ଏକ ଗଛରୁ ସୋମବାର ଜଣେ ମେଡିକାଲ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତି ଜଣଙ୍କ ଭବାନୀପାଟଣାସ୍ଥିତ ସହିଦ ରେଣ୍ଡୋମାଝୀ ମେଡିକାଲ କଲେଜର କର୍ମଚାରୀ ଶଶାଙ୍କ ଶେଖର ହୋତା ବୋଲି ଜଣାପଡ଼ିଛି। ତାଙ୍କ ନିଜ ଘର ଗଞ୍ଜାମ ଜିଲ୍ଲା ବୋଲି ସୂଚନା ମିଳିଛି। ଖବର ପାଇ ସ୍ଥାନୀୟ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଇନ୍ଧନ ଯୋଗାଣରେ ବାଧା ନ ଉପୁଜାଇବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୧୫।୬ (ସଂଚାର ବ୍ୟୁରୋ): ସ୍ୱାସ୍ଥ୍ୟସେବା, ଆମ୍ବୁଲାନ୍ସ, ଅଗ୍ନିଶମ ଭଳି ଗୁରୁତ୍ୱପୂର୍ଣ୍ଣ ସେବାଗୁଡ଼ିକ ବିଦ୍ୟୁତ ବିଭ୍ରାଟ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ସଂଯୋଗ ପାଇଁ ଡିଜି ସେଟ୍ ଓ ପରିବହନ ପାଇଁ ପେଟ୍ରୋଲ/ଡିଜେଲ ଉପରେ ନିର୍ଭର କରିଥାନ୍ତି। ଉପଯୁକ୍ତ ସମୟରେ ପେଟ୍ରୋଲ କିମ୍ବା ଡିଜେଲ ଅଭାବରୁ ଚିକିତ୍ସା ସେବା ଓ ରୋଗୀସେବାରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ ଏବଂ ମାନବ ଜୀବନ ହାନି ମଧ୍ୟ ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଅଧ୍ୟକ୍ଷ ଅମ୍ରିତ ଋତୁରାଜ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ର ଧାରା ୩୪(ଇ) ଅନୁଯାୟୀ ଜିଲ୍ଲାର ସମସ୍ତ ତୈଳ ବିପଣନ କମ୍ପାନୀ, ଖୁଚୁରା ବିକ୍ରେତା ଓ ଡିଲରମାନଙ୍କୁ ଅତ୍ୟାବଶ୍ୟକ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ଇନ୍ଧନ (ଡିଜେଲ/ପେଟ୍ରୋଲ) ଯୋଗାଣ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।

ହସ୍ପିଟାଲ, ପଞ୍ଜିକୃତ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ, ଅଗ୍ନିଶମ ସେବା, ଆମ୍ବୁଲାନ୍ସ, ଶିକ୍ଷାନୁଷ୍ଠାନ ଛାତ୍ରାବାସ ପରି ସଂସ୍ଥାକୁ ଇନ୍ଧନ ଦେବା ପାଇଁ ଅନୁରୋଧକୁ ପ୍ରତ୍ୟାଖ୍ୟାନ କଲେ ଏହି ତୈଳ ଯୋଗାଣକାରୀ ସଂସ୍ଥା ଉପରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ନିର୍ଦ୍ଦେଶର ଅବମାନନା କଲେ ଏକ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ଜରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବ। ଏପରି ବାଧା ସୃଷ୍ଟି ଦ୍ୱାରା ଜୀବନ ହାନି କିମ୍ବା ଆକସ୍ମିକ ବିପଦ ସୃଷ୍ଟି ହେବାର ଆଶଙ୍କା ଥିବାରୁ ତେବେ ଖିଲାପକାରୀଙ୍କ ବିରୋଧରେ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡର ପ୍ରାବଧାନ ରହିଛି। ଏହି ଆଇନର କଡ଼ାକଡ଼ି ପାଳନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଚକରାଘାଟିରେ ଦୁର୍ଘଟଣା

# ଜଣେ ମୃତ, ସମବେଦନା ଜଣାଇଲେ ବିଧାୟକ



ଭଞ୍ଜନଗର, ୧୫।୬ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାର ଭଞ୍ଜନଗର କୁଲାଡ଼ ମୁଖ୍ୟ ରାସ୍ତାର ତୁଳସିପଲ୍ଲୀ ଛକ ନିକଟରେ ଆଜି ଅପରାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବାଇକ୍ ଓ ସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ବାଇକ୍ ଚାଳକ ଜଣଙ୍କ ପ୍ରାଣ ହରାଇଛନ୍ତି। ମୃତକ ଜଣଙ୍କ ହେଲେ ଜାମପଲ୍ଲୀର ଚନ୍ଦନ ଗୌଡ଼ (୧୯)।

ଅନ୍ୟପକ୍ଷରେ ସାଇକେଲ ଚାଳକ ଜଣଙ୍କ ଆହତ ହୋଇ ଭଞ୍ଜନଗର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ଖବର ପାଇ ଭଞ୍ଜନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଯୁବକ ଜଣଙ୍କ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଡ୍ରାଇଭର ବାବୁଲା ଗୌଡଙ୍କ ପୁତ୍ର ହୋଇଥିବାରୁ ଶ୍ରୀ ନାୟକ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଘଟଣାରୁ ପ୍ରକାଶ ଯେ ଆଜି ଅପରାହ୍ନରେ ଚନ୍ଦନ ଚକରାଘାଟି ବୁଲିଯିବାକୁ ବାହାରିଥିଲେ। ନିଜ ଗ୍ରାମଠାରୁ ମାତ୍ର ୧ କିମି ଦୂର ତୁଳସୀପଲ୍ଲୀଠାରେ ଚନ୍ଦନ ବାଇକ ଆଗକୁ ହଠାତ୍ ଜଣେ ସାଇକେଲ ଚାଳକ ଚାଲିଆସିଥିଲେ। ଫଳରେ ଉଭୟ ଆହତ ହୋଇଥିଲେ। ଏହାପରେ ସେମାନଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମେଡିକାଲରେ ଚନ୍ଦନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ୨୦ରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ ମୋଦି

● ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବେ

● ରାଷ୍ଟ୍ରପତିଙ୍କ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିବେ



ଭୁବନେଶ୍ୱର, ୧୫।୬ (ସଂଚାର ବ୍ୟୁରୋ): ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଉପରେ ଅଧିକ ଗୁରୁତ୍ୱ ଦେଇ ବାରମ୍ବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ସମୃଦ୍ଧ ଓଡ଼ିଶା ଗଢ଼ିବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀ ଯେଉଁ ପ୍ରୟାସ ଜାରି ରଖିଛନ୍ତି, ସେଥିପାଇଁ ସାରା ଓଡ଼ିଶାବାସୀ ତାଙ୍କ ଉପରେ କୃତଜ୍ଞ। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୨ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସନ୍ତା ୨୦ରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ପ୍ରଥମେ ମୟୂରଭଞ୍ଜର ପାହାଡ଼ପୁରରେ ହେଲିପ୍ୟାଡ୍‌ରେ ଅବତରଣ କରିବେ। ସେଠାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗାଁ ପରିଦର୍ଶନରେ ଯିବେ। ଉକ୍ତ ଗ୍ରାମରେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତାଇ ରାଷ୍ଟ୍ରପତିଙ୍କ ପରିବାର ଓ ଗାଁ ଲୋକଙ୍କ ସହ ଶ୍ରୀ ମୋଦି ଆଲୋଚନା କରିବେ। ଏହାପରେ ସେ ସେଠାରୁ ବାହାରି ଦାଣ୍ଡବୋସରେ ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂରଣ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ସେ ଏକ ଜନସଭାକୁ ମଧ୍ୟ ସମ୍ବୋଧିତ କରିବା ପରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଜି ରାଜ୍ୟ ବିଜେପିର ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି।

# ବ୍ରିଜ୍ ବାଡ଼ାକୁ ପିଟିଲା ଅଟୋ, ଡ୍ରାଇଭର ସହ ୪ ଗୁରୁତର

ବାଲୁଗାଁ, ୧୫।୬ (ସଂଚାର ବ୍ୟୁରୋ): ବ୍ରିଜ ବାଡ଼ା ସହ ଏକ ଯାତ୍ରୀବାହୀ ଅଟୋ ପିଟିହେବା ଫଳରେ ଡ୍ରାଇଭର ସମେତ ମୋଟ ୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ବାଲୁଗାଁ ଥାନା ଅନ୍ତର୍ଗତ ଛେଡାପଦର ଗ୍ରାମ ନିକଟସ୍ଥ ଜଞ୍ଜିର ବ୍ରିଜ୍ ନିକଟରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମିଳିଥିବା ସୂଚନାନୁଯାୟୀ, ଅଟୋଟି ଖାରିବନ୍ଧରୁ ବାଲୁଗାଁ ଅଶୋକ ନଗର ଅଭିମୁଖେ ଯାତ୍ରା କରୁଥିଲା। ଜଞ୍ଜିର ବ୍ରିଜ୍ ନିକଟରେ ହଠାତ୍ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଅଟୋଟି ସିଧା ଯାଇ ବ୍ରିଜ୍‌ର ପଥର ୱାଲ୍‌ରେ ପିଟି ହୋଇଯାଇଥିଲା। ଯାହା ଫଳରେ ଅଟୋରେ ବସିଥିବା ଯାତ୍ରୀ ବାହାରକୁ ଛିଟିକି ପଡ଼ିଥିଲେ। ତୁରନ୍ତ ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ବାଲୁଗାଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ସମସ୍ତ ଆହତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଆହତଙ୍କ ମଧ୍ୟରେ ତିନି ଜଣ ମହିଳା ଅଛନ୍ତି। ଡ୍ରାଇଭର ଜଣଙ୍କ ବାଲୁଗାଁ ଥାନା ଖାରିବନ୍ଧ ଗ୍ରାମର ବାସିନ୍ଦା ହୋଇଥିବା ବେଳେ ଆହତ ତିନି ମହିଳା ବାଲୁଗାଁ ଏନ୍ଏସି ଅନ୍ତର୍ଗତ ଅଶୋକ ନଗର ଅଞ୍ଚଳର ବୋଲି ଜଣାପଡ଼ିଛି।

## ■ ସୈନିକ ସ୍କୁଲ ରାସ୍ତାରେ ସିରିଜ ଦୁର୍ଘଟଣା

# ୪ଜଣଙ୍କ ଉପରେ ମାଡ଼ିଗଲା କାର

ଭୁବନେଶ୍ୱର, ୧୫।୬ (ସଂଚାର ବ୍ୟୁରୋ) : ରାଜଧାନୀ ଭୁବନେଶ୍ୱରସ୍ଥିତ ସୈନିକ ସ୍କୁଲ ରାସ୍ତାରେ ଏକ ଭୟଙ୍କର ସିରିଜ୍ ଦୁର୍ଘଟଣା ଘଟିଛି। ସୋମବାର ରାତିରେ ଏକ କାର ଦ୍ରୁତଗତିରେ ମାଡ଼ି ଆସି ଚା' ପିଉଥିବା ୪ଜଣଙ୍କ ଉପରେ ମାଡି ଯାଇଥିଲା। ଏପରିକି କାର୍‌ଟି ଭାରସାମ୍ୟ ହରାଇ ଏକ ଅଟୋ ଏବଂ ଏକାଧିକ ବାଇକ୍ ଉପରେ ଚଢ଼ି ଯାଇଥିଲା। ଫଳରେ ଦୁର୍ଘଟଣାରେ ୪ଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଦୁର୍ଘଟଣା ପରେ ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ୪୦ ଟନ୍ ମାଙ୍ଗାନିଜ୍ ଜବତ, ମାଫିଆ ଫେରାର



ବଡ଼ବିଲ, ୧୫।୬ (ସଂଚାର ବ୍ୟୁରୋ) : କେନ୍ଦୁଝର ଜିଲ୍ଲାର ବଡ଼ବିଲ ଉତ୍ତମ ସିଂ ହଟିଂ ଅଞ୍ଚଳରେ ଖଣି, ପୋଲିସ୍ ଏବଂ ବନ ବିଭାଗର ମିଳିତ ଚଢ଼ାଉରେ ପ୍ରାୟ ୪୦ ଟନ୍ ଚୋରା ମାଙ୍ଗାନିଜ୍ ଓର୍ ଜବତ କରାଯାଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ହୋଇଥିବା ଏହି ଚଢ଼ାଉ ବେଳେ ଗୋଟିଏ ଲୋଡର୍, ଗୋଟିଏ ୧୬ ଚକିଆ ହାଇୱା ଏବଂ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ମଧ୍ୟ ସିଜ୍ କରାଯାଇଛି।

ସୂଚନା ଅନୁଯାୟୀ, ଉତ୍ତମ ସିଂ ହଟିଂ ଅଞ୍ଚଳର ସରକାରୀ ଜମି ଜବରଦଖଲରେ ଥିବା ଏକ ଘର ପରିସରରେ ବିପୁଳ ପରିମାଣର ଚୋରା ମାଙ୍ଗାନିଜ୍ ଗଚ୍ଛିତ ରହିଥିବା ଖବର ପାଇ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ଭୁବନାନନ୍ଦ ନାଏକଙ୍କ ଉପସ୍ଥିତିରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତେବେ ଚଢ଼ାଉ ସମ୍ପର୍କରେ ପୂର୍ବ ସୂଚନା ପାଇ ମୁଖ୍ୟ ଅଭିଯୁକ୍ତ ସମେତ ଖଣିଜ ମାଫିଆମାନେ ଫେରାର ହୋଇଯାଇଥିବା ଜଣାପଡ଼ିଛି। ପ୍ରାଥମିକ ତଦନ୍ତରୁ କାରୋ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ବେଆଇନ ଭାବେ ମାଙ୍ଗାନିଜ୍ ଉତ୍ତୋଳନ କରାଯାଉଥିବା ଏବଂ ପରେ ଏହାକୁ ଏହି ଘରେ ଗଚ୍ଛିତ ରଖି ଚୋରା ଚାଲାଣ କରାଯାଉଥିଲା ବୋଲି ବନ ବିଭାଗ କହିଛି। ଏହି ଚୋରା କାରବାରରେ ରଞ୍ଜନ କୁମାର ତନ୍ତୀ ନାମକ ଜଣେ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା କୁହାଯାଉଛି । ସେ ଏବେ ଫେରାର ଅଛି। ଜବତ ମାଙ୍ଗାନିଜ ଓରର ଆନୁମାନିକ ମୂଲ୍ୟ ପ୍ରାୟ ୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ଜବତ ଖଣିଜ ଦ୍ରବ୍ୟ ଓ ଯାନବାହନଗୁଡ଼ିକୁ ବନ ବିଭାଗ ନିଜ ହେପାଜତକୁ ନେଇଥିବାବେଳେ ଘଟଣାର ଅଧିକ ତଦନ୍ତ ଚାଲିଛି ବୋଲି ବଡ଼ବିଲ ରେଞ୍ଜର୍ ସଞ୍ଜୀବ କୁମାର ରାଉତ୍ କହିଛନ୍ତି । ଫେରାର ଅଭିଯୁକ୍ତଙ୍କୁ ଧରିବା ପ୍ରଶାସନର ଚେଷ୍ଟା ଜାରି ରହିଛି।

## ● ଚାଷଜମିରେ କାଳ ସାଜିଲା ବଜ୍ରପାତ

# ନାବାଳକ ମୃତ, ଦୁଇ ଗୁରୁତର

ଅମରପାଲି, ୧୫।୬ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ କମିରା ଗ୍ରାମରେ ଗତକାଲି ଅପରାହ୍ନରେ ଘଟିଥିବା ବଜ୍ରପାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଦୁଇ ଜଣ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ କମିରା ପଞ୍ଚାୟତ ଅନ୍ତର୍ଗତ ବିକଳପୁର ଗ୍ରାମର ନେପାଳ କଅଁରଙ୍କ ସାନ ପୁଅ ନରେଶ (୧୫)। ସେହିପରି ଗୁରୁତର ଭାବେ ଆହତ ହୋଇଥିବା ଦୁଇ ଜଣ ହେଲେ କମିରା ଗ୍ରାମର ବନମାଳୀ ଗୁରୁଙ୍କ ପୁଅ ଅଜୟ (୨୪) ଓ ବିକାଶ ପ୍ରଧାନ (୧୮)। ସେମାନେ ବର୍ତ୍ତମାନ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ମିଳିଥିବା ସୂଚନାନୁଯାୟୀ, ଗତକାଲି ଅପରାହ୍ନରେ କମିରା ଗ୍ରାମର ଏକ ଚାଷଜମିରେ ଧାନ ଚାଷ ପାଇଁ ନରେଶ, ଅଜୟ ଓ ବିକାଶ ଖତ ପକାଉଥିଲେ। ଏହି ସମୟରେ ହଠାତ୍ ପାଗ ବିଗିଡ଼ିଯାଇ ବଜ୍ରପାତ ଘଟିଥିଲା। ଫଳରେ ଏହି ବଜ୍ରପାତରେ ୩ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ସେମାନଙ୍କୁ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ନରେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଅଜୟ ଓ ବିକାଶଙ୍କ ଚିକିତ୍ସା ଜାରି ରହିଛି। ବିକାଶଙ୍କ ମାତାପିତା ନ ଥିବାରୁ ସେ ତାଙ୍କ ମାମୁଘର କମିରାରେ ରହୁଥିଲେ। ନରେଶଙ୍କ ମୃତଦେହର ସୋନପୁର ମେଡିକାଲରେ ବ୍ୟବଚ୍ଛେଦ କରାଯାଇ ଆଜି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## ହାତୀ ଉପଦ୍ରବରେ ଟିକାବାଲି ଅଞ୍ଚଳରେ ଆତଙ୍କ

# ଲୋକଙ୍କ ରୋଜଗାର ବନ୍ଦ, ବନ ବିଭାଗ ଉପରେ ଅସନ୍ତୋଷ



କନ୍ଧମାଳ, ୧୫।୬ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଟିକାବାଲି ରେଞ୍ଜ ଅଞ୍ଚଳରେ ଗତ କିଛି ଦିନ ହେବ ଏକ ଗୋଠଛଡ଼ା ଦନ୍ତା ହାତୀ ଉପଦ୍ରବ ଚଳାଇଛି। ଗଜରାଜ ଭୟରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଆଖିରୁ ନିଦ ହଜିଯାଇଥିବା ବେଳେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିବା ଗରିବ ଲୋକଙ୍କ ରୋଜଗାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।

ମିଳିଥିବା ସୂଚନାନୁସାରେ, ପୂର୍ବରୁ ଜି. ଉଦୟଗିରି ରେଞ୍ଜର୍ କୁର୍ମିଙ୍ଗିଆ ଅଞ୍ଚଳରେ ଏକ ୨୩ଟିକିଆ ହାତୀପଲ ଡେରା ଜମାଇଥିଲେ। କିନ୍ତୁ ଗତ ୪/୫ ଦିନ ହେବ ଟିକାବାଲି ରେଞ୍ଜ ଅଞ୍ଚଳକୁ ସେଥି ମଧ୍ୟରୁ ଏକ ଦନ୍ତା ପଶିଆସି ବ୍ୟାପକ ଉତ୍ପାତ ମଚାଉଛି। ଦନ୍ତାଟି ଦିନବେଳା ଜଙ୍ଗଲରେ ଲୁଚି ରହୁଥିବା ବେଳେ ରାତି ହେଲେ ଗ୍ରାମ ଆଡ଼କୁ ଆସୁଛି। କିଛି ଦିନ ତଳେ ଏହି ଦନ୍ତା ପିକରଡ଼ି ପଞ୍ଚାୟତ ଅନ୍ତର୍ଗତ ପାଙ୍ଗାବିଦୀଙ୍ଗିଆର ନନ୍ଦ ପ୍ରଧାନ ଓ ଲମ୍ବାକୁପା ଗ୍ରାମର ବଳ ମଲିକଙ୍କ ଘର ଭାଙ୍ଗିବା ସହ ଫସଲ ନଷ୍ଟ କରିଦେଇଥିଲା। ଏହାପରେ ପିକରଡ଼ି, ରୁଦାବିଦୀଙ୍ଗିଆ ଓ ବୁଡ଼ାମାହା ଅଞ୍ଚଳରେ ମଧ୍ୟ ହାତୀଟି ଉତ୍ପାତ କରିଥିଲା। ସେହିପରି ଦୁଇ ଦିନ ତଳେ ବାଡ଼ିମୁଣ୍ଡା ପଞ୍ଚାୟତ ଅଞ୍ଚଳରେ ମଧ୍ୟ ଦନ୍ତାଟି ଫସଲ ନଷ୍ଟ କରିବା ସହ ବାହାଡ଼ାସାହି ପଞ୍ଚାୟତର ଅଲରସାହି ଗ୍ରାମର ସଚିନ୍ଦ୍ର ପ୍ରଧାନ ଓ ଗଙ୍ଗାଧର ପ୍ରଧାନଙ୍କ ଘର ଓ ଗୁହାଳ ଭାଙ୍ଗି ଧୂଳିସାତ୍ କରିଦେଇଛି। ଗତକାଲି ରାତି ପ୍ରାୟ ୧୦ଟା ସମୟରେ ଗାର୍ଡିଙ୍ଗିଆ ପଞ୍ଚାୟତର ମଣ୍ଡାଗୁଡ଼ା ଓ ପଙ୍ଗାନଜୁ ଗାର୍ଡିଙ୍ଗିଆ ଆଦି ଅଞ୍ଚଳରେ ଦନ୍ତାଟି ଚଳପ୍ରଚଳ କରିବା ସହ ପାଣିତୁଲା ପ୍ରଧାନ ଏବଂ ଶୁଆଲି ପ୍ରଧାନଙ୍କ ଘର ଭାଙ୍ଗିଦେଇଛି। ଏଥିସହ ଉକ୍ତ ଦନ୍ତା ବିଚିତ୍ର କହଁର, ଥାମାସ ଦିଗାଲ, ପ୍ରକାଶ ଦେହୁରୀ ଓ କବିରାଜ ଦେହୁରୀଙ୍କର ବହୁ ପରିମାଣର ଫସଲ ନଷ୍ଟ କରିଛି। ଏବେ ଆମ୍ବ, ପଣସ, ଶାଳମଞ୍ଜି, ଆମ୍ବ ଟାଙ୍କୁଆ, ଶାଳପତ୍ର ଓ ସିଆଳି ପତ୍ର ସଂଗ୍ରହର ସମୟ। ସ୍ଥାନୀୟ ଲୋକେ ବଣ ଜଙ୍ଗଲ ବୁଲି ଏସବୁ ସଂଗ୍ରହ କରିବା ସହ ଆମ୍ବୁଲ, ଆମ୍ବସଢ଼ା, କୁଇଲି ଓ ଶାଳପତ୍ର/ସିଆଁଳି ପତ୍ରର ଖଲି-ଦନା ତିଆରି କରି ବଜାରରେ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। କିନ୍ତୁ ଏବେ ଦନ୍ତା ଭୟରେ ଲୋକେ ଜଙ୍ଗଲକୁ ଯାଇପାରୁ ନଥିବାରୁ ସେମାନଙ୍କର ରୋଜଗାରର ପନ୍ଥା ବନ୍ଦ ହୋଇଯାଇଛି। ହାତୀ ଉପଦ୍ରବ ସମ୍ପର୍କରେ ବନ ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା ସଠିକ୍ ସମୟରେ ବନ କର୍ମଚାରୀ ପହଞ୍ଚୁ ନ ଥିବାରୁ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଟିକାବାଲି ବନପାଳ ଦୁର୍ଗାପ୍ରସାଦ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଗତ ୩/୪ ଦିନ ହେବ ବନ ବିଭାଗ ସଦଳବଳ ଡ୍ରୋନ୍ ସହାୟତାରେ ହାତୀର ଗତିବିଧି ଉପରେ ନଜର ରଖିଥିଲା। ସଦ୍ୟ ସୂଚନାନୁଯାୟୀ, ଦନ୍ତାଟି ଜି.ଉଦୟଗିରି ରେଞ୍ଜ ଅଞ୍ଚଳକୁ ଫେରିଯାଇଛି। ତେବେ ସେ ଯାହାହେଉ, ଦନ୍ତା ଚାଲିଯାଇଥିବା ବନ ବିଭାଗ କହୁଥିଲେ ମଧ୍ୟ ତା' ଯୋଗୁଁ ଲୋକେ ଭୋଗିଥିବା କ୍ଷୟକ୍ଷତିର ସଠିକ୍ ଆକଳନ କରି ପ୍ରଭାବିତ ଗରିବ ଚାଷୀ ଓ ଗ୍ରାମବାସୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପ୍ରେମିକାକୁ ହତ୍ୟା ଦୁଇ ଗିରଫ

ଯୋଡ଼ା, ୧୫।୬ (ସଂଚାର ବ୍ୟୁରୋ) : ବଡ଼ବିଲ ଝାଡଗାଁରେ ପ୍ରେମିକାକୁ ହତ୍ୟା କରି ଜଙ୍ଗଲରେ ପୋତିବା ଘଟଣାରେ ଦୁଇ ଗିରଫ। ମୁଖ୍ୟ ଅଭିଯୁକ୍ତ ସଂଗ୍ରାମର ୨ ସହଯୋଗୀଙ୍କୁ ଗିରଫ କରିଛି ବଡ଼ବିଲ ପୋଲିସ । ଘଟଣାରେ ବ୍ୟବହୃତ ବାଇକ ଜବତ ହୋଇଛି। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି ଝାଡଗାଁର ରାହୁଲ ନାଏକ ଓ କୃଷ୍ଣା ନାଏକ । ଉଭୟ ଯୁବତୀଙ୍କ ମୃତଦେହ ପୋତିବାରେ ମୁଖ୍ୟ ଅଭିଯୁକ୍ତ ସଂଗ୍ରାମ ଆଲଦାକୁ ସହଯୋଗ କରିଥିଲେ। ହତ୍ୟାକାଣ୍ଡର ୨୬ ଦିନ ପରେ ରଇଡ଼ା ଜଙ୍ଗଲର ଏକ ଖାଲରୁ ଯୁବତୀଙ୍କ କଙ୍କାଳ ମିଳିଥିଲା। ମୁଖ୍ୟ ଅଭିଯୁକ୍ତ ତଥା ଯୁବତୀଙ୍କ ପ୍ରେମିକ ସଂଗ୍ରାମ ଆଲଦାକୁ ଗିରଫ କରିଥିଲା ପୋଲିସ। ଘଟଣା ଦିନ ସଂଗ୍ରାମ, ରାହୁଲ ଓ କୃଷ୍ଣା ମିଶି ନିଶାସେବନ କରିଥିଲେ। ପରେ ସଂଗ୍ରାମ ଯୁବତୀଙ୍କୁ ଭେଟିବାକୁ ଯାଇଥିବା ବେଳେ ଅନ୍ୟ ଦୁଇଜଣ ଫୁଟବଲ ପଡ଼ିଆରେ ଅପେକ୍ଷା କରୁଥିଲେ। କିଛି ସମୟ ପରେ ସଂଗ୍ରାମ ଫେରି ଆସି ଯୁବତୀକୁ ହତ୍ୟା କରିଥିବା କଥା ସେମାନଙ୍କୁ ଜଣାଇଥିଲା। ପରେ ୩ଜଣ ମିଶି ମୃତଦେହକୁ ପତ୍ର ଦ୍ୱାରା ଢାଙ୍କି ଦେଇ ପଳାଇଥିଲେ। ପରବର୍ତ୍ତୀ ସମୟରେ ହତ୍ୟାରେ ବ୍ୟବହୃତ ଛୁରୀକୁ କମାରଯୋଡା ଅଞ୍ଚଳରେ ଫିଙ୍ଗିବା ସହ ରକ୍ତଲାଗିଥିବା ପୋଷାକକୁ ବଳିତା ଡ୍ୟାମରେ ପକାଇ ଦେଇଥିଲେ। ରାତିରେ ସଂଗ୍ରାମ ମୃତଦେହକୁ ବାଇକରେ ନେଇ ସିଦ୍ଧମଠ ଜଙ୍ଗଲକୁ ଯାଇଥିବା ବେଳେ ରାହୁଲ ଓ କୃଷ୍ଣା ମଧ୍ୟ ଏକ ବାଇକରେ ଯାଇ ସହଯୋଗ କରିଥିଲେ ।

## ■ ପୁରୀ ବ୍ଲୁ ଫ୍ଲାଗ ବିଚରେ ସ୍ନାନ ବେଳେ ଅଘଟଣ

# ରିପ୍ କରେଣ୍ଟରେ ପଡ଼ି ଭାସିଯିବାରୁ ଚାଲିଗଲା ପର୍ଯ୍ୟଟକଙ୍କ ଜୀବନ

ପୁରୀ, ୧୫।୬ (ସଂଚାର ବ୍ୟୁରୋ): ପୁଣି ପୁରୀ ସମୁଦ୍ରରେ ସ୍ନାନ କରୁଥିବା ବେଳେ ଅଘଟଣ। ବ୍ଲୁ ଫ୍ଲାଗ ବିଚରେ ସ୍ନାନ କରୁଥିବା ବେଳେ ଘଟିଛି ଅଘଟଣ। ରିପ୍ କରେଣ୍ଟରେ ପଡ଼ି ଜଣେ ନାବାଳକ ପର୍ଯ୍ୟଟକର ଚାଲିଯାଇଛି ଜୀବନ। ମୃତ ପର୍ଯ୍ୟଟକ ଜଣକ ହେଲେ ଛତିଶଗଡ଼ର ପିୟୁଷ କୁମାର। ଅଗ୍ନିଶମ ବିଭାଗ କର୍ମଚାରୀ ଓ ଲାଇଫ ଗାର୍ଡ ମୃତଦେହ ଉଦ୍ଧାର କରି ପୁରୀ ହସ୍ପିଟାଲ କୁ ପଠାଇଛନ୍ତି। ସୋମବାର ଅପରାହ୍ନରେ ବ୍ଲୁ ଫ୍ଲାଗ ବିଚରେ ପିୟୁଷ ସ୍ନାନ କରୁଥିଲେ। ଏକ ବଡ଼ ଲହଡ଼ି ଆସିବାରୁ ପିୟୁଷ ରିପ୍ କରେଣ୍ଟରେ ପଡ଼ି ସମୁଦ୍ର ଭିତରକୁ ଭାସି ଯାଇଥିଲେ। ପରିବାର ଲୋକେ ଚିତ୍କାର କରିବା ପରେ ସେଠାରେ ଉପସ୍ଥିତ ଥିବା ଲାଇଫ ଗାର୍ଡ ତୁରନ୍ତ ସମୁଦ୍ର ଭିତରକୁ ଯାଇ ତାଙ୍କୁ ଉଦ୍ଧାର କରିଥିଲେ। ପରେ ପୁରୀ ହସ୍ପିଟାଲକୁ ପଠାଯାଇଥିଲା। ତେବେ ହସ୍ପିଟାଲରେ ନାବାଳକକୁ ଡାକ୍ତର ମୃତ ଘୋଷଣା କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ହର୍ମୁଜ ଖୋଲିଲେ ଭାରତରେ ଶସ୍ତା ହେବ ପେଟ୍ରୋଲ୍-ଡିଜେଲ୍



ନୂଆଦିଲ୍ଲୀ,୧୫।୬: ଆମେରିକା-ଇରାନ ଚୁକ୍ତି ଘୋଷଣା ହେବା ମାତ୍ରେ ଅଶୋଧିତ ତେଲ ମୂଲ୍ୟରେ ବଡ଼ ଧରଣର ହ୍ରାସ ଘଟିଛି। ସୋମବାର ପ୍ରାରମ୍ଭିକ କାରବାର ସମୟରେ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତେଲ ଦର ୪%ରୁ ଅଧିକ ହ୍ରାସ ପାଇଛି। ଏବେ ଦେଖିବାକୁ ବାକି ରହିଲା କେନ୍ଦ୍ର ସରକାର ପେଟ୍ରୋଲ ଏବେ ଡିଜେଲ ଦାମ କମ କରି ଭାରତର ସାଧାରଣ ଜନତାଙ୍କୁ କେବେ ସୁଦ୍ଧା ଆଶ୍ୱସ୍ତି ଦେଉଛନ୍ତି।

ମଧ୍ୟପ୍ରାଚ୍ୟ ଉପରୁ ଯୁଦ୍ଧର ବାଦଲ ହଟିବା ଖବର ଆସିବା ମାତ୍ରେ ବ୍ରେଣ୍ଟ କ୍ରୁଡ୍ (ଉପସାଗରୀୟ ଦେଶରୁ ଆମଦାନୀ ତୈଳ) ୪%ରୁ ଅଧିକ ହ୍ରାସ ପାଇଛି। ବ୍ୟାରେଲ ପିଛା ପ୍ରାୟ ୮୩.୭୫ ଡଲାରକୁ ଚାଲିଆସିଛି। ସେହିପରି ଡବ୍ଲ୍ୟୁଟିଆଇ କ୍ରୁଡ୍ ପ୍ରାୟ ୫% ହ୍ରାସ ପାଇ ବ୍ୟାରେଲ ପିଛା ପ୍ରାୟ ୮୦.୮୭ ଡଲାର ହୋଇଯାଇଛି। କେନ୍ଦ୍ରୀୟ ପେଟ୍ରୋଲିୟମ ମନ୍ତ୍ରଣାଳୟର ସୂତ୍ର ଅନୁଯାୟୀ, ସରକାର ସ୍ଥିତି ଉପରେ ନଜର ରଖିଛନ୍ତି। ହର୍ମୁଜ ପ୍ରଣାଳୀରେ ଉତ୍ତେଜନା ସମୟରେ ଦେଶର ତୈଳ ବିପଣନ କମ୍ପାନିଗୁଡ଼ିକ ବଡ଼ କ୍ଷତି ସହିଛନ୍ତି। କେନ୍ଦ୍ର ସରକାର ମଧ୍ୟ ଉତ୍ପାଦ ଶୁଳ୍କ ହ୍ରାସ କରିଥିଲେ। କ୍ଷତି ନିୟନ୍ତ୍ରଣ ବାହାରକୁ ଗଲା ପରେ ଦର ବୃଦ୍ଧି କରାଯାଇଥିଲା। ଏହି କ୍ଷତିକୁ ଗୋଟିଏ ଦିନରେ ଭରଣା କରାଯାଇପାରିବ ନାହିଁ। ସୂତ୍ର ଅନୁସାରେ ଆଗକୁ ଯଦି ସବୁକିଛି ଠିକ୍ ରହେ, ତେବେ ସରକାର ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ଦେବେ। ବର୍ତ୍ତମାନ ପରିସ୍ଥିତି ଉପରେ ନଜର ରଖାଯାଇଛି, ଏବେ ସଙ୍କଟର ବାଦଲ ହଟୁଛି। ସ୍ଥିତି ସୁଧୁରିଲେ ନିଶ୍ଚିତ ଭାବେ ପେଟ୍ରୋଲ ଏବଂ ଡିଜେଲ ଦାମ ମଧ୍ୟ କମିବ। ସୂତ୍ରରୁ ଜଣାପଡ଼ିଛି ଯେ ଭାରତର ତୈଳ ବିପଣନ କମ୍ପାନିଗୁଡ଼ିକ ନିକଟରେ ପଶ୍ଚିମ ଏସିଆ ସଙ୍କଟ ସମୟରେ ହୋଇଥିବା କ୍ଷତିର ଭରଣା କରୁଛନ୍ତି। ସେତେବେଳେ ବୈଶ୍ୱିକ ସ୍ତରରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ପ୍ରାୟ ୧୨୦ ଡଲାରରେ ପହଞ୍ଚି ଯାଇଥିଲା। ମେ ମଧ୍ୟଭାଗରୁ ପେଟ୍ରୋଲ ଏବେ ଡିଜେଲ ଦର ଲିଟର ପିଛା ପ୍ରାୟ ୭ରୁ ୮ ଟଙ୍କା ବୃଦ୍ଧି ପାଇଛି। ଅଶୋଧିତ ତେଲ ଦର ହ୍ରାସ ପାଇବା ସହ ଯଦି ଏଥିରେ ସ୍ଥିରତା ରହେ, ତେବେ କମ୍ପାନିଗୁଡ଼ିକର କ୍ଷତି ଖୁବ୍ ଶୀଘ୍ର ଭରଣା ହୋଇଯିବ।

ଉଲ୍ଲେଖଯୋଗ୍ୟ ଯେ ଭାରତ ନିଜର ଆବଶ୍ୟକତାର ୮୫%ରୁ ତେଲ ଆମଦାନୀ କରିଥାଏ। ଆମେରିକା-ଇରାନ ମଧ୍ୟରେ ଚୁକ୍ତିନାମା ଘୋଷଣା ହେବା ପରେ ଅନ୍ତର୍ଜାତୀୟ ସ୍ତରରେ ତେଲ ଦର କମିଛି, କିନ୍ତୁ ଆମଦାନୀ ଖର୍ଚ୍ଚ ଏବେ ମଧ୍ୟ ଟଙ୍କା-ଡଲାର ବିନିମୟ ମୂଲ୍ୟ ଏବଂ ଅଧିକ ପରିବହନ ଓ ବୀମା ଖର୍ଚ୍ଚ ଦ୍ୱାରା ପ୍ରଭାବିତ ହେଉଛି। ସୂତ୍ର ଅନୁଯାୟୀ, ସରକାର ପ୍ରତ୍ୟେକ ଦିଗ ଉପରେ ନଜର ରଖିଛନ୍ତି। ଏଥିପାଇଁ ଆଉ କିଛି ସମୟ ଲାଗିବ।

ଉଲ୍ଲେଖଯୋଗ୍ୟ ଯେ, ନିକଟରେ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଥିଲେ ଯେ ବୈଶ୍ୱିକ ସ୍ତରରେ ଯଦି ଦୀର୍ଘ ସମୟ ପର୍ଯ୍ୟନ୍ତ ଅଶୋଧିତ ତେଲର ମୂଲ୍ୟ କମ ରହେ, ତେବେ ଗ୍ରାହକମାନେ ଉପକୃତ ହୋଇପାରିବେ। କ୍ରୁଡ୍ ଦର କ୍ରମାଗତ ଭାବେ ହ୍ରାସ ପାଇଲେ ତୈଳ କମ୍ପାନିଗୁଡ଼ିକର ଆର୍ଥିକ ସ୍ଥିତି ଭଲ ହେବ। ଯଦି ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ କିଛି ମାସ ପର୍ଯ୍ୟନ୍ତ ବ୍ୟାରେଲ ପିଛା ୮୦ରୁ ୮୫ ଡଲାର ମଧ୍ୟରେ ରହେ, ତେବେ ଭାରତରେ ପେଟ୍ରୋଲ ଏବେ ଡିଜେଲ ଦାମ ପ୍ରାୟ ୨ରୁ ୫ ଟଙ୍କା ପର୍ଯ୍ୟନ୍ତ କମିପାରେ।




# ୮ କମ୍ପାନିର ମୂଲ୍ୟ ୧.୯୦ ଲକ୍ଷ କୋଟିକୁ ବୃଦ୍ଧି

ମୁମ୍ବାଇ,୧୫।୬: ଗତ ସପ୍ତାହରେ ଷ୍ଟକ୍ ବଜାରରେ ବୃଦ୍ଧି ଯୋଗୁଁ ଦେଶର ଶ୍ରେଷ୍ଠ ୧୦ କମ୍ପାନିରୁ ୮ କମ୍ପାନିର ମୂଲ୍ୟ ୧.୯୦ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି। ଏଥିରେ ଘରୋଇ କ୍ଷେତ୍ରର ଆଇସିଆଇସିଆଇ ବ୍ୟାଙ୍କ ସବୁଠୁ ଅଧିକ ଲାଭ ସହିତ ଏହି ତାଲିକାରେ ସବୁଠୁ ଉପରେ ରହିଛି। ଆଇସିଆଇସିଆଇ ବ୍ୟାଙ୍କର ମୂଲ୍ୟ ସବୁଠୁ ଅଧିକ ୫୬,୨୨୩ କୋଟି ଟଙ୍କା ବୃଦ୍ଧି ପାଇ ମୋଟ ୯.୬୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏଚଡିଏଫ୍‌ସି ବ୍ୟାଙ୍କର ବଜାର ପୁଞ୍ଜି ୩୮,୫୭୧ କୋଟି ବୃଦ୍ଧି ପାଇ ୧୧.୮୯ ଲକ୍ଷ କୋଟିରେ ପହଞ୍ଚିଛି। ଏହାବ୍ୟତୀତ ଏସବିଆଇ, ବଜାଜ ଫାଇନାନ୍ସ, ଭାରତୀ ଏୟାରଟେଲ, ଲାର୍ସନ ଆଣ୍ଡ ଟୁବ୍ରୋ, ହିନ୍ଦୁସ୍ତାନ ୟୁନିଲିଭର ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ବଜାର ମୂଲ୍ୟ ବୃଦ୍ଧି ପାଇଛି। ତେବେ ଗତ ସପ୍ତାହରେ ଟିସିଏସ୍ ଓ ଏଲଆଇସିର ବଜାର ମୂଲ୍ୟ ହ୍ରାସ ପାଇଛି। ଗତ ସପ୍ତାହର ମୂଲ୍ୟାଙ୍କନ ଦୃଷ୍ଟିରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ତାଲିକାର ଶୀର୍ଷରେ ରହିଛି।

ଏହାପରେ ଏଚଡିଏଫସି ବ୍ୟାଙ୍କ, ଭାରତୀ ଏୟାରଟେଲ୍, ଆଇସିଆଇସିଆଇ ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଟିସିଏସ୍, ବଜାଜ ଫାଇନାନ୍ସ, ଲାର୍ସନ୍ ଆଣ୍ଡ୍ ଟୁବ୍ରୋ, ହିନ୍ଦୁସ୍ତାନ ୟୁନିଲିଭର ଓ ଏଲଆଇସି ରହିଛନ୍ତି। ଗତ ସପ୍ତାହରେ ସେନସେକ୍ସ ୧୨୮୪.୬୧ (୧.୭୩%) ପଏଣ୍ଟ ଓ ନିଫ୍ଟି ୨୫୬.୨ (୧%) ପଏଣ୍ଟ ବୃଦ୍ଧି ପାଇଥିଲା। ଶୁକ୍ରବାର ସେନସେକ୍ସ ୧୬୯୫ ପଏଣ୍ଟ ବୃଦ୍ଧି ପାଇ ୭୫,୫୨୭ରେ ବନ୍ଦ ହୋଇଥିଲା, ନିଫ୍ଟି ୪୬୧ ପଏଣ୍ଟ ବୃଦ୍ଧି ପାଇ ୨୩,୬୨୨ରେ ପହଞ୍ଚିଥିଲା।

# ପାଇକାରୀ ମୁଦ୍ରାସ୍ଫୀତି ୯.୬୮%କୁ ବୃଦ୍ଧି

ନୂଆଦିଲ୍ଲୀ,୧୫।୬:ମେ ମାସରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇ ୯.୬୮ ପ୍ରତିଶତ ହୋଇଛି। ଏପ୍ରିଲ୍‌ରେ ତାହା ୮.୨୬ ପ୍ରତିଶତ ଥିଲା। ଇନ୍ଧନ, ଶସ୍ୟ ଓ ତେଲ ମହଙ୍ଗା ହେବାରୁ ପାଇକାରୀ ମୁଦ୍ରାସ୍ଫୀତି ହାର ୪୩ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଶେଷ ଥର ପାଇଁ ରୁଷ୍-ୟୁକ୍ରେନ ଯୁଦ୍ଧ ପରେ ୨୦୨୨ ସେପ୍ଟେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ୧୦.୭୦ ପ୍ରତିଶତକୁ ବୃଦ୍ଧି ପାଇଥିଲା। ଏବେ ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ଚାଲିଥିବାରୁ ବିଭିନ୍ନ ଜିନିଷର ଦରଦାମ୍ ବଢ଼ୁଛି। ଯୁଦ୍ଧ ଲାଗିରହିଲେ ଦରଦାମ୍ ଆହୁରି ବଢ଼ିବା ଆଶଙ୍କା ରହିଛି। ବାଣିଜ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ଦୈନନ୍ଦିନ ବ୍ୟବହାର କରାଯାଉଥିବା ଜିନିଷର ମୁଦ୍ରାସ୍ଫୀତି ୪.୯୯ ପ୍ରତିଶତ, ଖାଦ୍ୟ ମୁଦ୍ରାସ୍ଫୀତି ୪.୪୯ ପ୍ରତିଶତ, ଇନ୍ଧନ ଓ ଶକ୍ତି ମୁଦ୍ରାସ୍ଫୀତି ୩୦.୩୩ ପ୍ରତିଶତ ଓ ବିନିର୍ମାଣ ସାମଗ୍ରୀ ମୁଦ୍ରାସ୍ଫୀତି ୭.୪୮ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ଚାରିଟି ବର୍ଗରେ ଆସୁଥିବା ଜିନିଷଗୁଡ଼ିକର ପାଇକାରୀ ମୂଲ୍ୟରେ ହେଉଥିବା ପରିବର୍ତ୍ତନ ବିଚାରକୁ ନେଇ ମୁଦ୍ରାସ୍ଫୀତି ହିସାବ କରାଯାଇଥାଏ। ଉଲ୍ଲେଖଯୋଗ୍ୟ, ଯୁଦ୍ଧ ପ୍ରଭାବରେ ଚଳିତ ବର୍ଷ ମେ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ୩.୯୩ ପ୍ରତିଶତକୁ ବୃଦ୍ଧି ପାଇଛି ଯାହା ଗତ ଏପ୍ରିଲ୍‌ରେ ୩.୪୮ ପ୍ରତିଶତ ଥିଲା। ଖୁଚୁରା ମୁଦ୍ରାସ୍ଫୀତି ୫ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ ଧାର୍ଯ୍ୟ କରିଥିବା ୪ ପ୍ରତିଶତ ସୀମାକୁ ମଧ୍ୟ ଅତିକ୍ରମ କରିଛି।



# ଅନିଲ ଅମ୍ବାନୀଙ୍କ ସଂସ୍ଥାର ୨ ଅଧିକାରୀ ଗିରଫ

ମୁମ୍ବାଇ,୧୫।୬: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଅନିଲ ଅମ୍ବାନି ଗ୍ରୁପ୍‌ର ଦୁଇ ଜଣ ଅଧିକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଉଛନ୍ତି ରିଲାଏନ୍ସ ଅନିଲ ଅମ୍ବାନୀ ଗ୍ରୁପ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ସତୀଶ ସେଠ୍ ଓ ଗୌତମ ଭାଇଲାଲ ଡୋଷୀ। ମନି ଲଣ୍ଡରିଂ ମାମଲାରେ ସେମାନଙ୍କୁ ଗିରଫ କରାଯାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ସହ ସମ୍ପର୍କିତ ମାମଲାରେ ସେଠ୍‌ଙ୍କୁ ଓ ରିଲାଏନ୍ସ କମ୍ୟୁନିକେସନ ସହ ଜଡ଼ିତ ମାମଲାରେ ଡୋଷୀଙ୍କୁ ଗିରଫ କରାଯାଇଛି। ସେଠ୍ ଜଣେ ପ୍ରମୁଖ ଅଧିକାରୀ ଥିଲେ। ରିଲାଏନ୍ସ ଗ୍ରୁପ୍‌ର ଏକାଧିକ ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସେ ନେଉଥିଲେ। ଭିତ୍ତିଭୂମି, ଶକ୍ତି ଓ ଆନୁଷଙ୍ଗିକ ସଂସ୍ଥାଗୁଡ଼ିକର ନିଷ୍ପତ୍ତି ପ୍ରକ୍ରିୟାରେ ତାଙ୍କ ଭୂମିକା ରହୁଥିଲା।




ସେହିପରି ଶ୍ରୀ ଡୋଷୀ ଗ୍ରୁପ୍‌ର ଆର୍ଥିକ କାରବାର ସହ ଜଡ଼ିତ ଥିଲେ। ସେ ଟିକସ, ଯୋଜନା, ନିୟମ ପାଳନ ଓ ବିପଦ ପରିଚାଳନା ଭଳି କାର୍ଯ୍ୟର ଦେଖାଶୁଣା କରୁଥିଲେ। ରିଲାଏନ୍ସ ଅନିଲ ଅମ୍ବାନୀ ଗ୍ରୁପ୍‌ର ବିଭିନ୍ନ ସଂସ୍ଥା ପାଇଁ ଦେଶ ଓ ବିଦେଶର ବିଭିନ୍ନ ସଂସ୍ଥାଠାରୁ ଋଣ ଆଣିବା କାଗଜପତ୍ରରେ ସେ ଦସ୍ତଖତ କରୁଥିଲେ। ଇଡି ପକ୍ଷରୁ କୁହାଯାଇଛି ଯେ ଭିତ୍ତିଭୂମି ନିର୍ମାଣ ନାମରେ ଉଠାଯାଇଥିବା ଋଣ ଆତ୍ମସାତ କରିବାରେ ସେଠ୍‌ଙ୍କ ଭୂମିକା ଥିଲା। ରିଲାଏନ୍ସ କମ୍ୟୁନିକେସନ୍‌ସ ଓ ରିଲାଏନ୍ସ ଟେଲିକମ୍ ନାଁରେ ଆସୁଥିବା ଋଣ ହଡ଼କ କରିବାରେ ଡୋଷୀଙ୍କ ଭୂମିକା ରହୁଥିଲା। ଉଭୟଙ୍କୁ ଗିରଫ କରିବା ପରେ ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ସେମାନଙ୍କୁ ଇଡି ରିମାଣ୍ଡ୍‌ରେ ନେଇଛି। ଜଣଙ୍କୁ ମୁମ୍ବାଇ ଓ ଅନ୍ୟ ଜଣଙ୍କୁ ଦିଲ୍ଲୀ ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟରେ ହାଜର କରାଯାଇଥିଲା। ଏହି ମାମଲାରେ ଇଡି ଏହାର ତଦନ୍ତ ଜାରି ରଖିଛି।

# ମେମୋରି ଚିପ୍ ହବ୍ ପାଲଟିବ ଭାରତ

ନୂଆଦିଲ୍ଲୀ,୧୫।୬:ଏଆଇ ଡାଟା ସେଣ୍ଟର ଓ ହାଇପରଫରମାନ୍ସ କମ୍ପ୍ୟୁଟିଂର ବଢୁଥିବା ଆବଶ୍ୟକତା ଭିତରେ ସାରା ଦୁନିଆରେ ମେମୋରି ଚିପ୍ର ଆବଶ୍ୟକତା ଦୃତ ଗତିରେ ବଢିବାରେ ଲାଗିଛି। ଏହାକୁ ଦେଖି ଭାରତ ମଧ୍ୟ ସେମିକଣ୍ଡକ୍ଟର ଓ ମେମୋରି ଚିପ୍ ନିର୍ମାଣ କ୍ଷେତ୍ରରେ ବଡ଼ ନିବେଶ କରିବାର ପ୍ରସ୍ତୁତି କରୁଛି। କେନ୍ଦ୍ର ଇଲୋକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରାଦ୍ୟୋଗିକ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆଗାମୀ ସମୟରେ ଭାରତରେ ମେମୋରୀ ଚିପ୍ ନିର୍ମାଣ ସମ୍ପର୍କିତ ନୂଆ କମ୍ପାନୀ ନିବେଶ କରି ପାରିବେ, ସେଭଳି ପୂର୍ବରୁ ଥିବା କମ୍ପାନୀ ମଧ୍ୟ ନିଜ ପ୍ରଡକ୍ଟ ଉତ୍ପାଦନ କ୍ଷମତାକୁ ବଢାଇବା ଉପରେ କାମ କରିପାରିବ।

ମନ୍ତ୍ରୀଙ୍କ କହିବା ଅନୁସାରେ, ବିଶ୍ୱ ସ୍ତରରେ ମେମୋରୀ ଚିପ୍‌ର ଆବଶ୍ୟକତା ଓ ଯୋଗାଣ ଭିତରେ ବଡ଼ ଧରଣର ପ୍ରାର୍ଥକ୍ୟ ଦେଖିବାକୁ ମିଳିଛି। ବିଶେଷ ଭାବରେ ଏଆଇ ଡାଟା ସେଣ୍ଟର, କ୍ଲାଉଡ୍ କମ୍ପ୍ୟୁଟିଂ, ସୁପର କମ୍ପ୍ୟୁଟର ଓ ହାଇ-ବ୍ୟାଣ୍ଡଓ୍ୱିଡଥ୍ ମେମୋରି ଚିପ୍‌ର ଆବଶ୍ୟକତା ଉଦ୍ୟୋଗ ଜଗତ ଉପରେ ଚାପ ପକାଉଛି। ଏହି କାରଣରୁ ଗତ କିଛି ତ୍ରୟମାସିକରେ ମେମୋରି ଚିପ୍ର ଦାମ୍ ବି ଲଗାତାର ବଢିବାରେ ଲାଗିଛି। ଏହାର ପ୍ରଭାବ ସ୍ମାର୍ଟଫୋନ୍ ଓ ଅନ୍ୟ ଇଲୋକ୍ଟ୍ରୋନିକ୍ସ ଉପକରଣର ଉପରେ ବି ପଡିଛି। ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ସେମି କଣ୍ଡକ୍ଟର ଉଦ୍ୟୋଗର ଇତିହାସରେ ପ୍ରଥମ ଥର କିଛି ବିଶେଷ ପ୍ରକାରର ମେମୋରି ଚିପ୍ର ଅଭାବ ଅନୁଭୂତ ହେଉଛି। ଏଆଇ ଆଧାରିତ ଟେକ୍ନୋଲୋଜିର ବିସ୍ତାର କାରଣରୁ ଡାଟା ପ୍ରୋସେସିଂ ଓ ଷ୍ଟୋରେଜର ଦାବି ରେକର୍ଡ ସ୍ତରରେ ପହଁଞ୍ଚିପାରେ। ଏଭଳି ସ୍ଥିତିରେ ସାରା ଦୁନିଆରେ କମ୍ପାନୀ ଗୁଡିକ ନୂଆ ଉତ୍ପାଦନ ୟୁନିଟ୍ ତିଆରି କରିବା ଓ ଥିବା ପ୍ଲାଣ୍ଟର ବିସ୍ତାର କରିବାରେ ଲାଗିଛନ୍ତି। ତାଙ୍କର କହିବା ଅନୁସାରେ, ହାଇ ବ୍ୟାଣ୍ଡଓ୍ୱିଡଥ୍ ମେମୋରୀ ଚିପ ବ୍ୟବହାର ମୁଖ୍ୟ ରୂପରେ ଏଆଇ ସିଷ୍ଟମ, ଡାଟା ସେଣ୍ଟର, ସୁପର କମ୍ପ୍ୟୁଟର ଓ ଆଡଭାନ୍ସ ଗ୍ରାଫିକ୍ସ ପ୍ରୋସେସିଂ ୟୁନିଟ୍ କରାଯାଏ। ବର୍ତ୍ତମାନ ଏହି ଚିପ୍‌ର ଆବଶ୍ୟକତା ଏତେ ଅଧିକ ଯେ, ବହୁ କମ୍ପାନୀ ନୂଆ ଫ୍ୟାକ୍ଟ୍ରି ଆରମ୍ଭ କରୁଛନ୍ତି।





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୬୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୫୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୬୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୩,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୬୪୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୩,୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୭,୭୯୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୨୮୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୬୪୦ ଓ ୨୨ କ୍ୟାରେଟମୂଲ୍ୟ ୧,୩୩,୫୦୦ଟଙ୍କାରହିଛି।ଅନ୍ୟପଟେରୁପାମୂଲ୍ୟକିଲୋପିଛା ୨,୫୦,୦୦୦ଟଙ୍କାହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୦ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। କୋଲକାତାରେ ପେଟ୍ରୋଲ ଦର ୧୧୩.୪୭ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୮୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୬ ପଇସା ରହିଛି। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

## ଅଣାକାର ପୀଠରେ ରଜର ମଧୁର ସମ୍ମିଳନୀ

# ମାଟିର ସ୍ପନ୍ଦନରେ 'ମୋ ଗାଁ ମୋ ଗର୍ବ'



**କାକଟପୁର/ଅସ୍ତରଙ୍ଗ,୧୫।୬ (ସଂଚାର ବ୍ୟୁରୋ):** ପବିତ୍ର ରଜ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳସାହି ନିକଟସ୍ଥ ଶ୍ରୀ ଶ୍ରୀ ଅଣାକାର ଗାଦିବ୍ରହ୍ମ ପୀଠ ପ୍ରାଙ୍ଗଣରେ "ମୋ ଗାଁ ମୋ ଗର୍ବ" ତରଫରୁ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆବାହକ ଅରୁଣ କୁମାର ବିଶ୍ୱାଳ କହିଛନ୍ତି ଏହି ଗାଦିବ୍ରହ୍ମ ପୀଠରେ ଠିଆ ହୋଇ ମୋ ହୃଦୟ ଆନନ୍ଦରେ ପ୍ଲାବିତ ହୋଇ ଯାଉଛି। ଧରିତ୍ରୀ ମାତା ଯେତେବେଳେ ରଜସ୍ୱଳା ହୋଇ ବସୁଧା ବିଶ୍ରାମ ଗ୍ରହଣ କରନ୍ତି, ସେହି ପବିତ୍ର କ୍ଷଣରେ ଆମେ ତାଙ୍କ ଆରାଧନା କରୁ। ଏଇଟା କେବଳ ପର୍ବ ନୁହେଁ, ଏଇଟା ଆମ ଓଡ଼ିଆ ଅସ୍ମିତାର ସଞ୍ଜୀବନୀ।

'ମୋ ଗାଁ ମୋ ଗର୍ବ'ର ଆଭିମୁଖ୍ୟ ଚତୁଷ୍ଟୟ - ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି ଓ ପରିବେଶ। ଏହି ଚାରି ସ୍ତମ୍ଭ ଉପରେ ହିଁ ଗାଁର ସମୃଦ୍ଧି ନିର୍ଭର କରେ। ବିଦ୍ୟା ଦଦାତି ବିନୟମ୍ - ଶିକ୍ଷା ବିନା ମନୁଷ୍ୟ ପଶୁ ସମାନ। ସେଥିପାଇଁ ଆମେ ଏହି ଅଞ୍ଚଳରେ ୨୨ଟି ସାୟଂକାଳୀନ ମାଗଣା ଶିକ୍ଷା କେନ୍ଦ୍ର ଓ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରିଛୁ। ଗରିବ ପିଲାର ହାତରେ କଲମ ଧରାଇଦେଲେ ସେ ନିଜ ଭାଗ୍ୟର ବିଧାତା ହୋଇପାରେ। ସଂସ୍କୃତି ହେଉଛି ଆମ ଜାତିର ଆତ୍ମା। ଆଜି ଆମ ମା'ମାନେ ଗୋବର ଲିପା ଅଗଣାରେ ଯେଉଁ ଝୋଟି ଓ ଚିତା ଅଙ୍କନ କରୁଛନ୍ତି, ଯେଉଁ ମଣ୍ଡା-ପୋଡପିଠା ତିଆରି କରୁଛନ୍ତି, ତାହା ଆମ ପୂର୍ବପୁରୁଷଙ୍କ ଐତିହ୍ୟର ପ୍ରତୀକ। ରଜ ଦୋଳିର ଟିକ୍ ଟିକ୍ ଶବ୍ଦରେ ଲୁଚି ରହିଛି ମାଟିର ମମତା।

### ଗଛରେ ଅକ୍ଷର ଶିକ୍ଷା ଦେଇ ନୂଆ ପିଢ଼ିକୁ ପ୍ରେରଣା

ପରିବେଶ ହେଉଛି ଆମ ମାତା। ବୃକ୍ଷୋ ରକ୍ଷତି ରକ୍ଷିତଃ। ସେଥିପାଇଁ ଆମେ ଗଛକୁ ଶ୍ରେଣୀଗୃହ କରି କୁନି କୁନି ପିଲାଙ୍କୁ ଓଡ଼ିଆ ବର୍ଣ୍ଣମାଳା ଶିଖାଉଛୁ। ବୃକ୍ଷର ଛାଇରେ ଅକ୍ଷର ଶିଖିଲେ ପିଲା ପ୍ରକୃତିକୁ ଭଲ ପାଇବ, ପରିବେଶକୁ ସମ୍ମାନ ଦେବ।

ସ୍ୱାସ୍ଥ୍ୟ ହିଁ ସମ୍ପଦ। ସୁସ୍ଥ ଶରୀର ରେ ହିଁ ସୁସ୍ଥ ମନ ରହେ। ସୁସ୍ଥ ମନରେ ହିଁ ଦେଶ ଗଢ଼ା ହୁଏ। ମୋର ସ୍ୱପ୍ନ ହେଲା ପ୍ରତି ଗାଁ ଏକ ଆଦର୍ଶ ଗ୍ରାମ ହୋଇ ଉଠୁ। ପ୍ରତି ପିଲା ଶିକ୍ଷିତ ହେଉ, ପ୍ରତି ମହିଳା ସ୍ୱାଭିମାନୀ ହେଉ, ପ୍ରତି ଗଛ ସୁରକ୍ଷିତ ରହୁ। ଗାଁର ଗର୍ବ ହିଁ ଆମର ପ୍ରକୃତ ଗର୍ବ। ଆସନ୍ତୁ ସମସ୍ତେ ମିଳିମିଶି ଆମ ଗାଁକୁ, ଆମ ସଂସ୍କୃତିକୁ, ଆମ ମାଟିକୁ ଆଲୁଅର ଦୀପଶିଖାରେ ଆଲୋକିତ କରିବା ବୋଲି ଆବାହକ ଶ୍ରୀ ବିଶ୍ୱାଳ ମତ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସମାଜସେବୀ ସୌଦାମିନୀ ବିଶ୍ୱାଳ, ମତ୍ସ୍ୟଜୀବି ସଙ୍ଘ ସଭାପତି ପ୍ରସନ୍ନ ବେହେରା, ସମାଜସେବୀ ପ୍ରଦେଶ ବରାଳ ପ୍ରମୁଖ ଉପସ୍ଥିତ ଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଭୋଳାନାଥ ବେହେରା ଓ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଭାତ ଲେଙ୍କା ଓରଫ ପିଣ୍ଟୁ। ପିଲା ମାନେ ଦୋଳି ଖେଳିବା ସହ ପୁଚି, ଲୁଡୁ, ମ୍ୟୁଜିକ ଚେୟାର ସହ ଅନେକ ବିଭାଗ ରେ ଅଂଶ ଗ୍ରହଣ କରିଥିଲେ। ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ବିଭାଗ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଭଳି କାର୍ଯ୍ୟକ୍ରମ ଗାଁର ବିକାଶ ଦିଗରେ ଏକ ମାଇଲି ଖୁଣ୍ଟ ପାଲଟିଛି।

## ଏମଭି ଏମଏସସି ଦିୟା ଏଫ୍‌ରୁ ଅସୁସ୍ଥ ନାବିକ ଉଦ୍ଧାର



**ପାରାଦ୍ୱୀପ,୧୫।୬ (ସଂଚାର ବ୍ୟୁରୋ):** ଭାରତୀୟ କୋଷ୍ଟ ଗାର୍ଡ (ତଟରକ୍ଷୀ ବାହିନୀ) ୧୪ ଜୁନ୍ ୨୬ ଦିନ ଏକ ଦ୍ରୁତ ଏବଂ ସମନ୍ୱିତ ଅପରେସନ ମାଧ୍ୟମରେ ବଙ୍ଗୋପସାଗରରେ ଲାଇବେରିଆ ପତାକା ବିଶିଷ୍ଟ ଜାହାଜ 'ଏମଭି ଏମଏସସି ଦିୟା ଏଫ୍'ରୁ ହୃଦ୍‌ଘାତ (କାର୍ଡିଆକ୍ ଆରେଷ୍ଟ) ଲକ୍ଷଣ ସହ ଗୁରୁତର ଅସୁସ୍ଥ ଥିବା ଜଣେ ନାବିକଙ୍କୁ ସଫଳତାର ସହ ଉଦ୍ଧାର କରିଛି। ୧୪ ଜୁନ୍ ୨୬ ପ୍ରାୟ ଭୋର ୦୨:୦୦ ସମୟରେ ଜାହାଜର କ୍ୟାପଟେନଙ୍କଠାରୁ ଏକ ଅନୁରୋଧ ମିଳିଥିଲା, ଯେଉଁଥିରେ ଶ୍ରୀଲଙ୍କାର କଲମ୍ବୋ ଯାଉଥିବା ୩୯ ବର୍ଷୀୟ ଶ୍ରୀ ଏବି ଭେଙ୍କଟେଶ କ୍ରିଷ୍ଣନଙ୍କ ଜରୁରୀକାଳୀନ ଚିକିତ୍ସା ସେବା ଆବଶ୍ୟକ ଥିବା ବିଷୟରେ ସୂଚନା ଦିଆଯାଇଥିଲା।

ସୂଚନା ପାଇବା ମାତ୍ରେ ଭାରତୀୟ କୋଷ୍ଟ ଗାର୍ଡ ଟିମ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜାହାଜ ସହିତ ଯୋଗାଯୋଗ କରିଥିଲେ ଏବଂ ସମୁଦ୍ର ମଧ୍ୟରେ ତୁରନ୍ତ ଆଶ୍ୱସ୍ତି ପାଇଁ ଟେଲି-ମେଡିସିନ ସେବା ଯୋଗାଇ ଦେଇଥିଲେ। ଏହା ନିଶ୍ଚିତ ହେବା ପରେ ଯେ ସମ୍ପୃକ୍ତ କର୍ମଚାରୀଙ୍କଠାରେ ହୃଦ୍‌ଘାତର ଲକ୍ଷଣ ରହିଛି, ମେଡିକାଲ ଅଫିସର ତାଙ୍କର ଗୁରୁତର ସ୍ୱାସ୍ଥ୍ୟ ଅବସ୍ଥାକୁ ଦୃଷ୍ଟିରେ ରଖି ତୁରନ୍ତ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ।

ରୋଗୀଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇବା ଏବଂ ତାଙ୍କୁ ଉଦ୍ଧାର କରିବା ପାଇଁ ମେଡିକାଲ ସୁବିଧା ଥିବା ଭାରତୀୟ କୋଷ୍ଟ ଗାର୍ଡର ଇଣ୍ଟରସେପ୍ଟର ବୋଟ୍ 'ଆଇସିଜିଏସ ୧୫୮' କୁ ପାରାଦୀପରୁ ତୁରନ୍ତ ନିୟୋଜିତ କରାଯାଇଥିଲା। ସକାଳ ସମୟରେ ସମୁଦ୍ରର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ, ଏହି ଜାହାଜ ପାରାଦୀପ ସମୁଦ୍ର ମଧ୍ୟରେ ବାଣିଜ୍ୟିକ ଜାହାଜ ନିକଟରେ ପହଞ୍ଚି ରୋଗୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

## ଏ ୱାନ ଗ୍ରେଡ ବିଦ୍ୟାର୍ଥୀଙ୍କୁ ବିଧାୟକ ମେଧା ସମ୍ମାନ ପ୍ରଦାନ



**ଧାମନଗର, ୧୫।୬ (ସଂଚାର ବ୍ୟୁରୋ):** ଧାମନଗର ଭାରତୀୟ ଜନତା ପାର୍ଟି ସହରୀ ମଣ୍ଡଳ ତରଫରୁ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଏ ୱାନ ଗ୍ରେଡ ପ୍ରାପ୍ତ ବିଦ୍ୟାର୍ଥୀଙ୍କୁ ବିଧାୟକ ମେଧା ସମ୍ମାନ ପ୍ରଦାନ କରାଯାଇଛି।

ସୋମବାର ବରଷକ ପରେ ଆସିଛି ରଜ ଦିତୀୟ ରଜ ପର୍ବ ପାଳନ ଉପଲକ୍ଷେ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସମୀର କୁମାର ଗୋସ୍ୱାମୀଙ୍କ ସଂଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରେଣ୍ୟ ଅତିଥି ଭାବେ ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ, ମନୋଜ କୁମାର ସିଂହ, ମନ୍ମଥ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ଚଳିତ ବର୍ଷ ବିଜ୍ଞାନ ପରୀକ୍ଷାରେ ବିଭିନ୍ନ ୱର୍ଗର ଏ ୱାନ ଗ୍ରେଡ ପାଇଥିବା ଛାତ୍ରଛାତ୍ରୀ ତଥା ତୃପ୍ତିମୟୀ ରାଉତ, ସାଦିୟା ପରୱେନ୍,ରିତୁପର୍ଣ୍ଣା ରାଉତ ସମେତ ୮ ଜଣଙ୍କୁ ବିଧାୟକ ମେଧା ସମ୍ମାନ ପ୍ରଦାନ ସହ ପ୍ରଶଂସନୀୟ ପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟ ଶିକ୍ଷକ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ଆଖଣ୍ଡଳମଣି ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ



**ତିହିଡି, ୧୫।୬ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲାର ଆରଡ଼ିସ୍ଥିତ ପ୍ରସିଦ୍ଧ ଶୈବପୀଠ ଆଖଣ୍ଡଳମଣି ମନ୍ଦିରରେ ରଜ ସଂକ୍ରାନ୍ତି ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଘଟିଛି। ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଭୋରରୁ ହିଁ ମନ୍ଦିର ପରିସର ଓ ମୁଖ୍ୟ ରାସ୍ତାରେ ଭକ୍ତମାନଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ତେବେ ଭକ୍ତଙ୍କ ସଂଖ୍ୟା ଅନୁପାତରେ ସୁଚାରୁ ବ୍ୟବସ୍ଥା ନଥିବାରୁ ବିଭିନ୍ନ ସ୍ଥାନରେ ଅବ୍ୟବସ୍ଥା ଓ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରବଳ ଖରା ଓ ଅସହ୍ୟ ଗରମ ମଧ୍ୟରେ ହଜାର ହଜାର ଭକ୍ତ ପ୍ରାୟ ଚାରି ଘଣ୍ଟାରୁ ଅଧିକ ସମୟ ଧରି ବ୍ୟାରିକେଡ୍ ମଧ୍ୟରେ ଛିଡ଼ା ହୋଇ ରହିଥିଲେ। ଏହାର ପ୍ରଭାବରେ କେତେକ ମହିଳା, ବୃଦ୍ଧ ଓ ଶିଶୁ ଅସୁସ୍ଥ ହୋଇପଡ଼ିଥିବା ବେଳେ କେହି କେହି ଚେତାଶୂନ୍ୟ ହୋଇଯାଇଥିବା ସୂଚନା ମିଳିଛି। ଦୀର୍ଘ ସମୟ ଧାଡ଼ିରେ ଅପେକ୍ଷା କରିବା ସତ୍ତ୍ୱେ ଦର୍ଶନ କରିପାରି ନ ଥିବାରୁ ଅନେକ ଭକ୍ତ ନିରାଶ ହୋଇ ଫେରିଯାଇଥିଲେ।

### ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ

ଅନ୍ୟପଟେ ଭଦ୍ରକ- ଆଖଣ୍ଡଳମଣି ମୁଖ୍ୟ ରାସ୍ତାରେ ମଧ୍ୟ ତୀବ୍ର ଯାତାୟାତ ସମସ୍ୟା ଦେଖାଦେଇଥିଲା। ବସ୍‌ଷ୍ଟାଣ୍ଡଠାରୁ ମନ୍ଦିର ପ୍ରବେଶ ପଥ ପର୍ଯ୍ୟନ୍ତ ଶହ ଶହ ଗାଡ଼ି ଅଟକି ରହିଥିବାରୁ ଯାତ୍ରୀ ଓ ଭକ୍ତମାନେ ନାହିଁନଥିବା ହଇରାଣର ସମ୍ମୁଖୀନ ହୋଇଥିଲେ।

ରଜ ସଂକ୍ରାନ୍ତି ଭଳି ବଡ଼ ପର୍ବରେ ଭକ୍ତଙ୍କ ସୁବିଧା ପାଇଁ ପାନୀୟ ଜଳ, ବିଶ୍ରାମ ଓ ଛାୟା ବ୍ୟବସ୍ଥା, ଆବଶ୍ୟକ ସ୍ୱାସ୍ଥ୍ୟସେବା ଏବଂ ସୁଚାରୁ ଦର୍ଶନ ବ୍ୟବସ୍ଥା କରାଯିବା ଦରକାର ବୋଲି ସ୍ଥାନୀୟ ଲୋକ ଓ ଶ୍ରଦ୍ଧାଳୁମାନେ ଦାବି କରିଛନ୍ତି।ରଜ ଭଳି ମହାପର୍ବରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଥିବା ସତ୍ତ୍ୱେ ପ୍ରଶାସନିକ ବ୍ୟବସ୍ଥା ପର୍ଯ୍ୟାପ୍ତ ନଥିବା ଅଭିଯୋଗ ହୋଇଛି। ଏହି ଅବ୍ୟବସ୍ଥାକୁ ନେଇ ଭକ୍ତ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରରେ ନବମ ସ୍ୱନକ୍ଷତ୍ର ଦିବସ ପାଳିତ




**ନୀଳଗିରି,୧୫।୬ (ସଂଚାର ବ୍ୟୁରୋ):** ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରର ନବମ ସ୍ୱନକ୍ଷତ୍ର ଦିବସ ମିତ୍ରପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ପରିବାରର ସଭାପତି ବର୍ଷିୟାନ ସାହିତ୍ୟିକ ପ୍ରାବନ୍ଧିକ ଦୟାନିଧି ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅତିଥି ଭାବରେ ନୀଳପ୍ରଭା ସାହିତ୍ୟ ପରିଷଦର ସଭାପତି କବି ଗଙ୍ଗାଧର ଦାସ, ସାହିତ୍ୟିକ ଡ଼. ଭାଗବତ ଦାସ, ପ୍ରାଧ୍ୟାପକ ଡ଼. ଜଗବନ୍ଧୁ ମହାପାତ୍ର, ଶିକ୍ଷୟିତ୍ରୀ ଜୟନ୍ତୀ ମହାପାତ୍ର, ସବିତା ଆଚାର୍ଯ୍ୟ, ବୁଦ୍ଧିଜୀବୀ ଗୋପାଳ ଚନ୍ଦ୍ର ମହାପାତ୍ର, ନାଟ୍ୟକାର ପ୍ରଦୀପ ମିଶ୍ର ମଂଚାସୀନ ଥିଲେ।

ବୁଦ୍ଧିଜୀବୀ ଧୀରେନ୍ଦ୍ର ମୁଦୁଲି, ଦିବ୍ୟଲୋଚନ ମହାପାତ୍ର, ଜ୍ୟୋସ୍ନାରାଣୀ ମୁଦୁଲି, ହିମାଂଶୁ ଶେଖର ରାଉତ, ବିଜୟ କୁମାର ମହାନ୍ତି, ଦେବାଶିଷ ଷଡ଼ଙ୍ଗୀ, ସମରେନ୍ଦ୍ର ବାରିକ, ସୁରେନ୍ଦ୍ର ସିଂ, ସୁଭଦ୍ରା ସିଂ, ବ୍ରଜ ସିଂ, କର୍ଣ୍ଣପୂର୍ଣ୍ଣିମା ସିଂ, କବି ପଦ୍ମଲୋଚନ ପ୍ରଧାନ, କମଳଲୋଚନ ପଣ୍ଡା, ପ୍ରବୀର କମିଲା, ପ୍ରଭାକର ସାହୁ, ଗିରିଶ କୁମାର ଷଡଙ୍ଗୀ, କନକପ୍ରଭା ଷଡଙ୍ଗୀ, ଜୟଶ୍ରୀ ମିଶ୍ର, ଗଗନ କୁମାର ସେଠୀ, ରମେନ୍ଦ୍ର କୁମାର ଦାସ ଯୋଗଦେଇ କବିତା ଆବୃତ୍ତି କରିଥିବାବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବର୍ଷାପ୍ରିୟଦର୍ଶିନୀ ସ, ହେମଲତା ବେହେରାଙ୍କ ସହ ବହୁ ଶ୍ରୋତା ଯୋଗଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପରିବାରର ସମ୍ପାଦକ ଡ଼. ପ୍ରଦୀପ୍ତ କୁମାର ମିଶ୍ର ପରିଚାଳନା କରିଥିଲେ। ଏହି ଅବକାଶରେ "ସ୍ୱର୍ଣ୍ଣଚୂଡ଼" ପୁସ୍ତକ ଉନ୍ମୋଚିତ ହୋଇଥିଲା । ଆଦିବାସୀ ଅଧ୍ୟୁଷିତ ଅଂଚଳରେ ସାହିତ୍ୟର ଏହିପରି କାର୍ଯ୍ୟକ୍ରମକୁ ବହୁ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି ।

## ଜନ୍ମମାଟି ବଙ୍ଗୁଆରୀରେ ରାମକୃଷ୍ଣ ପତିଙ୍କୁ ଶ୍ରଦ୍ଧାଞ୍ଜଳି



**ବାଲିଅନ୍ତା, ୧୫।୬ (ସଂଚାର ବ୍ୟୁରୋ):** ଓଡ଼ିଶାର ସାମ୍ୟବାଦୀ ଆନ୍ଦୋଳନର କର୍ଣ୍ଣଧାର,ବିଶିଷ୍ଟ ଶ୍ରମିକ ନେତା,ପଟିଆବନ୍ଧ ନିର୍ମାଣର ବିଶ୍ୱକର୍ମା, ପୂର୍ବତନ ବିଧାୟକ ତଥା ବଙ୍ଗୁଆରୀ ଗ୍ରାମର ବରପୁତ୍ର ରାମକୃଷ୍ଣ ପତିଙ୍କ ୪୦ ତମ ଶ୍ରାଦ୍ଧୋତ୍ସବ ଆଜି ପ୍ରତ୍ୟୁଷରେ ତାଙ୍କ ଜନ୍ମମାଟି ବଙ୍ଗୁଆରୀ ଠାରେ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଶିକ୍ଷାବିତ୍ ଶତ୍ରୁଘ୍ନ ସାହୁ,ସୁଦାମ ଚରଣ ସାହୁ, ଦୁଃଶାସନ ସାହୁ,ବଂଶୀଧର ସାହୁ,ସାମାଜିକ କର୍ମୀ ମାନସ ରଞ୍ଜନ ମହାନ୍ତି, ସମବାୟବିତ ଅକ୍ଷୟ କୁମାର ଲେଙ୍କା, ଜ୍ୟୋତିଷ ବିଶାରଦ ପଣ୍ଡିତ ପ୍ରେମାନନ୍ଦ ସେନାପତି, ସଙ୍କୀର୍ତ୍ତନ ସାରଥୀ ସରୋଜ କୁମାର ରାଉତରାୟ, ଜନସେବକ କେଦାରନାଥ ସାହୁ,ଓଁକାର ନାଥ ସାହୁ, ମାନସ ରାଉତରାୟ, ସଙ୍କୀର୍ତ୍ତନ ମୂରବୀ ଲିଙ୍ଗରାଜ ସାହୁ, ଭାଗିରଥୀ ସାହୁ,ପ୍ରଫୁଲ୍ଲ ସାହୁ, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ବାରିକ, ସଞ୍ଜୟ ମହାନ୍ତି, ପ୍ରକାଶ ସାହୁ, ସଙ୍କୀର୍ତ୍ତନ ଗାୟକ ସୁକାନ୍ତ କୁମାର ଜେନା, ଭାଗିରଥୀ ଭଞ୍ଜ ପ୍ରମୁଖ ଏକ ଶୋଭାଯାତ୍ରାରେ ଯାଇ କୁଆଖାଇ ନଦୀରେ ତିଳତର୍ପଣ କରିଥିଲେ।

ଏହା ପରେ ବକ୍ତାମାନେ ରାମକୃଷ୍ଣ ବାବୁଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ଶିକ୍ଷାବିତ୍ ରାୟସାହେବ ଆନନ୍ଦ ଚନ୍ଦ୍ର ପତିଙ୍କ ଏକମାତ୍ର ପୁତ୍ରଭାବେ ରେଭେନ୍ସା କଲେଜରୁ ବିଏ ପାସ କରିବା ସହ ସାମ୍ୟବାଦୀ ଆନ୍ଦୋଳନରେ ନିଜକୁ ସାମିଲ କରି ଖଟିଖିଆ ମେହେନତି ମଣିଷ, ଶ୍ରମିକ ମାନଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରୁଥିଲେ। ଏହା ବ୍ୟତୀତ ପଟିଆ ୧୯ ମୌଜାରେ ବଢ଼ିପାଣି ଯୋଗୁଁ ଫସଲ ହାନୀ ରୋକିବାକୁ ଲୋକମାନଙ୍କ ଶ୍ରମ ଦାନରେ ଐତିହାସିକ ପଟିଆ ବନ୍ଧ ନିର୍ମାଣ କରିଥିଲେ। ଏଥି ପାଇଁ ସେ କ୍ରମାଗତ ଭାବେ ପୋଲିସର ଲାଠି ମାଡ଼ ଓ ବର୍ବର ଆକ୍ରମଣର ଶୀକାର ହୋଇଛନ୍ତି। ୧୯୮୦ ମସିହାରେ ସେ ଭୁବନେଶ୍ୱରରୁ ସିପିଆଇ ପ୍ରାର୍ଥୀ ଭାବେ ବିଧାୟକ ନିର୍ବାଚିତ ହୋଇ ବିଧାନସଭାରେ ଦଳର ନେତା ହୋଇଥିଲେ। ଜୀବନରେ ସ୍ୱଚ୍ଛ ଦୁର୍ନୀତିମୁକ୍ତ ରାଜନୀତିରେ ସେ ବିଶ୍ୱାସ କରି ନିଜର ଗୌରବ ବୃଦ୍ଧି କରିପାରିଛନ୍ତି ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରିଶେଷରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା

## ରଜ ସଂକ୍ରାନ୍ତିରେ ଝୋଟି ପ୍ରତିଯୋଗିତା

**ଭୁବନେଶ୍ୱର,୧୫।୬ (ସଂଚାର ବ୍ୟୁରୋ):** ରଜ ପର୍ବର ଦ୍ୱିତୀୟ ଦିନ ଅବସରରେ ଭୁବନେଶ୍ୱର କଳିଙ୍ଗ ନଗରସ୍ଥିତ ଗଣେଶ ପୂଜା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି ଝୋଟି ପ୍ରତିଯୋଗିତା। ଟ୍ରେସ ଆଉଟ ସୁକ୍ୟୁରିଟି ଓ କଳିଙ୍ଗ ନଗର ୟୁଥ୍ ଆସୋସିଏସନ୍ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ସୋଆ ମହିଳା ସିକ୍ୟୁରିଟି ଉତ୍ସାହର ସହ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାର ପାରମ୍ପରିକ ଝୋଟି ଚିତାର ଝଲକ ଦେଖିବାକୁ ମିଳିଥିଲା। ରଙ୍ଗୋଲିରେ ଫୁଲ, ଶଙ୍ଖ, ପଦ୍ମ , ରକ୍ତ ଦାନ ସାଙ୍ଗକୁ ଶ୍ରୀକୃଷ୍ଣଙ୍କ ମନୋରମ ଚିତ୍ର ମଧ୍ୟ ଆଙ୍କିଥିଲେ ପ୍ରତିଯୋଗୀମାନେ।

ସୋଆ ମହିଳା ସିକ୍ୟୁରିଟିମାନେ ସବୁବେଳେ କାର୍ଯ୍ୟରେ ବ୍ୟସ୍ତ ରହିଥାନ୍ତି। ତେଣୁ ରଜ ପର୍ବରେ ତାଙ୍କର ପ୍ରତିଭା ପ୍ରଦର୍ଶନ ପାଇଁ ସୁଯୋଗ ପ୍ରଦାନ କରିଥିଲା ସୋଆ। ପ୍ରତିଯୋଗିତା ଶେଷରେ ବିଚାରକ ମଣ୍ଡଳୀ ଶ୍ରେଷ୍ଠ ୩ ଜଣ ଝୋଟି କଳାକାରଙ୍କୁ ପୁରସ୍କୃତ କରିଥିଲେ। ପ୍ରଥମ ପୁରସ୍କାର ଜ୍ୟୋସ୍ନାରାଣୀ ପରିଡ଼ାଙ୍କୁ ମିଳିଥିବା ବେଳେ ଦ୍ୱିତୀୟ ପୁରସ୍କାର ବନିତା ସ୍ୱାଇଁ, ଓ ତୃତୀୟ ପୁରସ୍କାର ମୈତ୍ରୀ ଅମ୍ରିତ ବରାଳ, ରଞ୍ଜିତା ସେଠୀ ଙ୍କୁ ମିଳିଥିଲା।ରଜ କେବଳ ଏକ ପର୍ବ ନୁହେଁ, ଏହା ଓଡ଼ିଆ ଅସ୍ମିତା ଓ ନାରୀ ଶକ୍ତିର ପ୍ରତୀକ । ରଜ ହେଉଛି ନାରୀତ୍ୱର ଉତ୍ସବ। ଯେପରି ମାଟି ମାଆ ୩ ଦିନ ବିଶ୍ରାମ ନିଅନ୍ତି, ସେପରି ଘର ଝିଅ-ବୋହୂଙ୍କୁ ମଧ୍ୟ ସମ୍ମାନ ଓ ବିଶ୍ରାମ ଦିଆଯାଏ। ଏହି ପ୍ରତିଯୋଗିତା ମାଧ୍ୟମରେ ମହିଳାମାନେ ନିଜର ସୃଜନଶୀଳତା ଓ ସାଂସ୍କୃତିକ ଦକ୍ଷତା ପ୍ରଦର୍ଶନ କରୁଛନ୍ତି।

# କୋଠ ଜମିରେ ବେଆଇନ ଚିଙ୍ଗୁଡ଼ି ଘେରି କରିବାକୁ ପ୍ରୟାସ

### ଶାସକ ଦଳର ଲୋକପ୍ରତିନିଧି ବେଆଇନ୍ ଚିଙ୍ଗୁଡ଼ି ଘେରି ଅକ୍ତିଆରରେ ବ୍ୟସ୍ତ



**କାକଟପୁର/ଅସ୍ତରଙ୍ଗ, ୧୫।୬ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ ଅଞ୍ଚଳରେ ଗାଁ କୋଠ ଜମି ଓ ନଦୀ ଅଞ୍ଚଳରେ ବେଆଇନ ଚିଙ୍ଗୁଡ଼ି ଘେରି କରାଯାଉଥିବା ଶହ ଏବେ ମଧ୍ୟ ଅନେକ ଶାସକ ଦଳର ଲୋକପ୍ରତିନିଧି କରିବାକୁ ପ୍ରୟାସ କରୁଥିବା ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ଅଞ୍ଚଳର ଶାସକ ଦଳର ଜଣେ ଲୋକପ୍ରତିନିଧି ବେଆଇନ ଭାବେ ନଦୀ କୂଳରେ ହଳ କରି ଚିଙ୍ଗୁଡ଼ି ଚାଷ କରିବାକୁ ପ୍ରୟାସ କରୁଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ସାମାଜିକ ଗଣମାଧ୍ୟମ ରେ ଅଭିଯୋଗକାରୀ କାଳିଆ ନାମକ ଜଣେ ବ୍ୟକ୍ତି କହିଛନ୍ତି, ଗାଁ କୋଠ ଜମି ସରକାରୀ ଜମି। ସେହି ଜମିରେ ଓ ନଦୀ ଅଞ୍ଚଳରେ ବିନା ଅନୁମତିରେ ମାଟି କାଟି ହଳ କରାଯାଇ ଚିଙ୍ଗୁଡ଼ି ଘେରି ନିର୍ମାଣ କରିବାକୁ ପ୍ରୟାସ ଚାଲିଛି। ଏହାକୁ ବିରୋଧ କରିବାରୁ ସେ ଓ ସ୍ଥାନୀୟ ଲୋକଙ୍କୁ ଧମକ ଦିଆଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ଶାସକ ଦଳର ଲୋକ ପ୍ରତିନିଧି ନିଜକୁ ଶାସକ ଦଳର ଲୋକପ୍ରତିନିଧି ବୋଲି ପରିଚୟ ଦେଇ ଖୁଲମ ଖୁଲ୍ଲା ଧମକ ଦେଉଛନ୍ତି। ସ୍ଥାନୀୟ ସରକାରୀ କର୍ମଚାରୀ ତାଙ୍କ ହାତରେ ଅଛନ୍ତି ବୋଲି ସେ କହୁଥିବା ଅଭିଯୋଗ ହୋଇଛି।

ଗାଁ କୋଠ ଜମିରେ ଚିଙ୍ଗୁଡ଼ି ଚାଷ ନେଇ ରାଜ୍ୟ ସରକାରଙ୍କ କଡ଼ା ନିୟମ ରହିଛି। ଉପକୂଳ ନିୟନ୍ତ୍ରଣ ଅଞ୍ଚଳ ଓ ଜଳାଶୟ ନିକଟରେ ବେଆଇନ ଚିଙ୍ଗୁଡ଼ି ଘେରି କରିବା ଉପରେ କଟକଣା ରହିଛି। ଏହା ପରିବେଶ ଉପରେ ମଧ୍ୟ ପ୍ରଭାବ ପକାଉଛି ବୋଲି ପରିବେଶବିତ୍ ମାନୁଛନ୍ତି।

ଏହି ଘଟଣାକୁ ନେଇ ଅସ୍ତରଙ୍ଗ ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରେ "ଚିଙ୍ଗୁଡ଼ି ମାଫିଆଙ୍କ ରାଜ" ଚାଲିଥିବା ଚର୍ଚ୍ଚା ହେଉଛି। ସ୍ଥାନୀୟ ଲୋକେ ଦାବି କରୁଛନ୍ତି, ବେଆଇନ ଘେରି ଉଚ୍ଛେଦ କରାଯାଉ ଓ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉ।

ଏ ସମ୍ପର୍କରେ ଅସ୍ତରଙ୍ଗ ତହସିଲଦାରଙ୍କ ମତାମତ ନେବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ନ ହେବାରୁ ତାଙ୍କଠାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ତହସିଲ ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ସରକାରୀ ବିବୃତ୍ତି ମିଳିନାହିଁ। ପ୍ରଶାସନ ପକ୍ଷରୁ ତଦନ୍ତ ପରେ ହିଁ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ସ୍ଥାନୀୟ ଲୋକେ ଆଶା ରଖିଛନ୍ତି।ଉଲ୍ଲେଖଯୋଗ୍ୟ, ଏହା ଏକ ଅଭିଯୋଗ ମାତ୍ର। ତଦନ୍ତ ପରେ ହିଁ ସତ୍ୟତା ଜଣାପଡିବ।

## ଏମ୍‌କେଏସ୍‌ପିଠାରେ ରଜପର୍ବ-୨୦୨୬ ପାଳିତ




**ଫୁଲବାଣୀ, ୧୫।୬ (ସଂଚାର ବ୍ୟୁରୋ):** ରଜପର୍ବ ହେଉଛି ପ୍ରତି ଓଡିଆ ମାନଙ୍କ ର ଗର୍ବ ଉଲ୍ଲାସ ର ଗଣ ଉତ୍ସବ । ପ୍ରତି ବର୍ଷ ଆସାଢ ମାସ ଆରମ୍ଭ ରେ ଏହି ପର୍ବ କୁ ପ୍ରତି ଟି ଓଡିଆ ବିଭିନ୍ନ ପିଠାପଣା ର ଆସର ସହିତ ଦୋଳି ଖେଳ, ପୁଚି ଖେଳ ଇତ୍ୟାଦି ମାଧ୍ୟମରେ ବଡ ଧୁମ୍ ଧାମ୍ ରେ ପାଳନ କରିଥାଆନ୍ତି । ସାଧାରଣତଃ ଏହା ପ୍ରଥମ ରଜ ବା ପହିଲି ରଜ, ରଜ ଶଂକ୍ରନ୍ତି ଓ ଶେଷ ରଜ ଏହିଭଳି ତିନିଦିନ ଧରି ପାଳିତ ହୋଇଥାଏ । ଏହି ପରିପ୍ରେକ୍ଷି ରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ଏମ୍. କେ.ଏସ୍.ପି. ଫୁଲବାଣି, କନ୍ଧମାଳ ଲେଖକ ସାମୁଖ୍ୟ ଓ ରେଡିଓ ସ୍ୱାତୀ ଙ୍କ ମିଳିତ ସହଯୋଗ ରେ ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିସଦ ଫୁଲବାଣୀ ଠାରେ ରଜପର୍ବ-୨୦୨୬ ପାଳନ ସୁଭାରମ୍ଭ ହୋଇଯାଇଛି ।

ଉଦ୍‌ଘାଟନୀ ଦିବସରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ରାମେନ୍ଦ୍ର ପ୍ରସାଦ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ସୁସଜ୍ଜିତ ଦୋଳିକୁ ଉଦ୍ଘାଟନ କରି ପରମ୍ପରା ର ନିଆରା ପର୍ବ କୁ ଏହିଭଳି ଆୟୋଜନ କରି ସମସ୍ତ ବର୍ଗ ର ଜନସାଧାରଣ ଙ୍କୁ ଯୋଡି ପାରିଥିବାରୁ ଆୟୋଜକ ମାନଙ୍କୁ ସାଧୁବାଦ ଜଣାଇଥିଲେ । ତତ୍ ସହିତ ସମାଜରେ ମହିଳା ଓ ଶିଶୁ ସୁରକ୍ଷିତ ରହିବା ସହ ଏହି ଗଣ ପର୍ବରେ ମିଳିତ ସହଯୋଗ ରହିବା ଆବଶ୍ୟକ ବୋଲି ମତ ରଖିଥିଲେ । ଏହି ଅବସରରେ ମୂଖ୍ୟ ଅତିଥି ଙ୍କ ଦ୍ୱାରା ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲ୍ଲି ବଲ୍ ଟୁର୍ଣ୍ଣାମେଂଟ କୁ ଉଦ୍ଘାଟିତ କରାଯାଇଥିଲା । ଏହି ଉଦ୍ଘାଟନି ଉତ୍ସବ ରେ ଅତିଥି ଭାବେ ଶିଶୁ କଲ୍ୟାଣ ସମିତି ସଦସ୍ୟା ସୁସ୍ମିତା ଜେନା, ବିଶିଷ୍ଟ ସମାଜସେବୀ ବିପ୍ରଚରଣ ପାତ୍ର, ଜିଲ୍ଲା ଲେଖକ ସାମୁଖ୍ୟ ସଭାପତି ରବିନ୍ଦ୍ରନାଥ ମିଶ୍ର ଓ ସ୍ୱାତୀ ଅନୁଷ୍ଠାନ ର ସଂପାଦକ ହରି ଶଙ୍କର ରାଉତ ଯୋଗଦେଇ ଦୁଇଦିନ ଧରି ବିଭିନ୍ନ ପ୍ରତିଯୋଗିତା ସହିତ ରଜ ଦୋଳି ଓ ରଜ ଗୀତ ର ମଜାରେ ୧୪ ଓ ୧୫ ତାରିଖି ଦୁଇଦିନ ଧରି ଚାଲିବ ବୋଲି କହିଥିଲେ । ବରିଷ୍ଟ ଆଇନ୍ଜିବି ବିଜୟକୃଷ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବା ବେଳେ ପ୍ରସନ୍ନ ପଣ୍ଡା ସହଯୋଗ କରିଥିଲେ ।

ପ୍ରଥମ ଦିନର ଉଦ୍‌ଘାଟନୀ ଉତ୍ସବରେ ମହିଳା ବର୍ଗ ରେ ପିଠଉ ଝୋଟି ଓ ରଙ୍ଗୋଲି, ଦଉଡି ଡିଆଁ, କବି ମାନଙ୍କ ଦ୍ୱାରା କବିତା ପାଠ, ମହିଳା ଓ କିଶୋରି ବର୍ଗରେ ମ୍ୟୁଜିକ୍ ଚେୟାର ,ହୁଳ ହୋଳି ଓ ଶଙ୍ଖ ଫୁଙ୍କା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଥିବା ବେଳେ ଦୁଇଦିନ ଧରି ପୁଚିଖେଳ, ରଜ ନନ୍ଦିନୀ, ଖାଂଟି ଓଡିଆଣି ବେଶ ଓ ରଜପିଠା ପ୍ରତିଯୋଗିତା ଭଳି ଅନେକ କିଛି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବରିଷ୍ଟ କର୍ମୀ ବିଶ୍ୱରଞ୍ଜନ କର କହିଥିଲେ । କାର୍ଯ୍ୟକ୍ରମ ରେ ଶିବ ସୁନ୍ଦର ସାହୁ ମଂଚ ପରିଚାଳନା କରିଥିବା ବେଳେ ଆୟୋଜକ ଙ୍କ ତରଫରୁ ହରପ୍ରିୟା ମିଶ୍ର, ଜୋତିର୍ମୟୀ ମିଶ୍ର, କୈଳାସ ଧଳ, ପ୍ରଶନ୍ନ ପଣ୍ଡା, ବିଜୟ କୁମାର ମହାନ୍ତି ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ପାତାଳ ବୋରିଂ ଅଚଳ, ଏବେ ଝରଣା ପାଣି ଭରସା

### ଭୋଟ ବର୍ଜନ ଚେତାବନୀ ଦେଲେ ଗ୍ରାମବାସୀ



**ଥୁଆମୂଳ ରାମପୁର,୧୫।୬ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବିରିକୋଟ ଗ୍ରାମପଞ୍ଚାୟତର ତୁମୋନୀଖୋଲ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ପ୍ରାୟ ୨୦୦ ଜନସଂଖ୍ୟା ଓ ୪୫ ପରିବାର ବିଶିଷ୍ଟ ଏହି ଆଦିବାସୀ ବହୁଳ ଗ୍ରାମରେ ବସୁଧା ଯୋଜନା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ।

ଗ୍ରାମରେ ଥିବା ଦୁଇଟିଯାକ ପାତାଳ ବୋରିଂ ଅଚଳ ହୋଇଯାଇଥିବା ବେଳେ, ପାହାଡ଼ିଆ ଝରଣାରୁ ପାଇପ୍ ଯୋଗେ ଆସୁଥିବା ପାଣି ଗ୍ରାମବାସୀଙ୍କୁ ମିଳୁନାହିଁ। ଫଳରେ ଗ୍ରାମର ମହିଳା ଓ ଝିଅମାନେ ବାଧ୍ୟ ହୋଇ ଗାଁ ପାଖ ନାଳର ଦୂଷିତ ପାଣି ସଂଗ୍ରହ କରୁଛନ୍ତି, ଯାହାକୁ ପଶୁପକ୍ଷୀ ଏବଂ ଗ୍ରାମର ଛୋଟ ପିଲା ସମସ୍ତେ ବ୍ୟବହାର କରୁଛନ୍ତି। ଏନେଇ ସ୍ଥାନୀୟ ୱାର୍ଡ ମେମ୍ବର ସଭା ମାଝୀଙ୍କ ସହ ଲକ୍ଷ୍ମୀ ମାଝୀ, ସିନାଇ ମାଝୀ, ଚାଉଳ ଦେଇ ମାଝୀ, ବାଲୁଣ୍ଡି ମାଝୀ, ସୁନାସିଂ ମାଝୀ, ଧନ ସିଂ ମାଝୀ, ରବି ମାଝୀ, ମାନସିଂହ ମାଝୀ, ରାଇମଲ୍ ମାଝୀ ଓ ମହେନ୍ଦ୍ର ରାଉତଙ୍କ ସମେତ ସମସ୍ତ ଗ୍ରାମବାସୀ ପ୍ରଶାସନ ନିକଟରେ ତୁରନ୍ତ ସମାଧାନ ପାଇଁ ଦାବି କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଲାଭଖୋର ଅଧିକାରୀ ଓ କୁଜି ନେତାଙ୍କ ଯୋଗୁଁ ଗ୍ରାମଟି ଅବହେଳିତ ହୋଇ ରହିଛି। ଏପରିକି ଗ୍ରାମରେ ନିର୍ମିତ ବସୁଧା ଟାଙ୍କିର କୌଣସି ସୂଚନା ଫଳକ ମଧ୍ୟ ନାହିଁ। ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ବ୍ଲକ ଓ ଜିଲା ପ୍ରଶାସନ ଦାୟୀ ରହିବେ ଏବଂ ଗ୍ରାମର ସମସ୍ତ ୬୫ ଜଣ ଭୋଟର ପୁନର୍ବାର ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷେ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ମନ୍ମଥ ମୁର୍ମୁଙ୍କୁ ପଚାରିବାରୁ ସେ କହିଛନ୍ତି, "ଥୁଆମୂଳ ରାମପୁର ବ୍ଲକର ସମସ୍ତ ପାଣି ସମସ୍ୟା ଉପରେ ଆମର ଦୃଷ୍ଟି ଅଛି। କିନ୍ତୁ ତୁମୋନୀଖୋଲ ଗ୍ରାମକୁ ନଳକୂପ ଖନନ ଗାଡ଼ି ଯିବା ପାଇଁ ଭଲ ରାସ୍ତା ନାହିଁ। ଗାଡ଼ି ଗଲେ ସିନା ଆମେ ବୋରୱେଲ ଖୋଳିବା! ସେଠାରେ ପୂର୍ବରୁ ଏକ ଗ୍ରାଭିଟି ଆଧାରିତ ଯୋଜନା ଥିଲା, ଯାହା ପ୍ରଥମେ ପ୍ରଥମେ ଆରମ୍ଭ ହେବା ବେଳେ ଅଳ୍ପ ଅଳ୍ପ ପାଣି ଆସୁଥିଲା।

କିନ୍ତୁ ବର୍ତ୍ତମାନ ସେହି ଯୋଜନାର ଆଉ କୌଣସି ବ୍ୟବସ୍ଥା ନାହିଁ, ଯାହା ପାଣି ଥିଲା ତାହା ଶୁଖିଗଲାଣି ଏବଂ ଏବେ ପାଣି ଆସୁନାହିଁ ବୋଲି ମୁଁ ମଧ୍ୟ ଶୁଣିଛି।" ସୂଚନା ଫଳକ ନଥିବା ପ୍ରଶ୍ନରେ ଠିକା ସଂସ୍ଥା ଏହା କରିନଥିବ ବୋଲି ସେ ପ୍ରତିକ୍ରିୟା ଦେଇଛନ୍ତି।

SANCHAR
ସଂଚାର
ମଙ୍ଗଳବାର ୧୬ ଜୁନ୍ ୨୦୨୬

# ସ୍ୱାସ୍ଥ୍ୟ






# ଋତୁଚକ୍ର ପାଇଁ 'ଚକ୍‌କି ଚଳନାସନ' ହିତକର

ଏହି ଆସନଦ୍ୱାରା ପେଟ ଓ ଅଙ୍ଗଗୁଡ଼ିକ ଏହି ଆସନ ଦ୍ୱାରା କାର୍ଯ୍ୟକ୍ଷମ ହୁଏ। ଋତୁଚକ୍ର ଭଲଭାବରେ ନିୟନ୍ତ୍ରଣ ହୁଏ। ଗର୍ଭାବସ୍ଥାରେ ୧ମାସ ଓ ୩ମାସ ଭିତରେ ଏହା ଅଭ୍ୟାସ କରାଯାଇପାରେ। ସନ୍ତାନ ଜନ୍ମ ପର ଅବସ୍ଥାରେ ଏହି ଆସନଦ୍ୱାରା ସ୍ୱାସ୍ଥ୍ୟ ଶୀଘ୍ର ଫେରିଆସେ ବୋଲି କହନ୍ତି ଯୋଗଗୁରୁ ଗଣେଶ୍ୱର ଗୋଛିକାର। ଏହି ଆସନ କରିବା ପାଇଁ ଗୋଡ଼ ଲମ୍ବାଇ ଭୂଇଁରେ ବସନ୍ତୁ, ପାଦ ଏକ ଫୁଟ୍ ଛଡ଼ାରେ ରହିବ। ଦୁଇ ହାତ ଛନ୍ଦି ସାମନାରେ ବଢ଼ାଇ ସିଧାରଖନ୍ତୁ। ଆସନ ଶେଷ ପର୍ଯ୍ୟନ୍ତ ହାତ ସିଧା ରହିବ। କହୁଣୀ ଭାଙ୍ଗିବ ନାହିଁ। ଯେତେପାର ଦେହକୁ ଆଗକୁ ଆଣନ୍ତୁ। ହାତରେ ପଥର ଚକି ଘୂରାଇଲାପରି ଅନୁମାନ କରିବେ। ଛନ୍ଦିଥିବା ହାତକୁ ଡାହାଣ ଗୋଡ଼ ଆଙ୍ଗୁଳି ଦେଇ ଘୂରାଇବେ, ଯେତେଦୂର ପାର ପାଦର ଡାହାଣକୁ ମୋଡ଼ିବେ। ପଛକୁ ହାତ ଘୂରାଇ ଆଣିଲାବେଳେ ଯେତେଦୂର ପାର ପଛକୁ ଝୁଲିବ। ଦେହକୁ ଅଣ୍ଟାରୁ ବୁଲାଇବେ। ଆଗକୁ ଘୂରାଇଲାବେଳେ ହାତକୁ ବାମପଟକୁ ଆଣି ବାମପାଦର ଆଙ୍ଗୁଳି ଦେଇ ପ୍ରଥମ ଅବସ୍ଥାକୁ ଆଣିବେ। ଗୋଟିଏ ଥର ଘୂରାଇବା ହେଉଛି ଗୋଟିଏ ଚକ୍ର। ୫ରୁ ୧୦ ଚକ୍ର ଘଣ୍ଟା କଣ୍ଟା ଦିଗରେ ଏବଂ ବିପରୀତ ଦିଗରେ ପୁନରାବୃତ୍ତି କରନ୍ତୁ।

### ଦ୍ୱିତୀୟ ସ୍ଥିତି

ସେହି ବସିବା ଅବସ୍ଥାରେ ଦୁଇଗୋଡ଼କୁ ଯେତେଦୂର ପାର ଛଡ଼ାରେ ରଖନ୍ତୁ। ଗୋଡ଼ ସିଧା ରହିବ। ଦୁଇ ପାଦ ଉପରେ ଯେତେବଡ଼ ଚକ୍ର ଘୂରାଇପାର। ହାତ ଆଗକୁ ଘୂରାଇଲାବେଳେ ପାଦର ତେବେ ଆଗକୁ ନେଇପାରିବେ, ସେମିତି ଠିକ୍ ପଛକୁ ଯେତେ ଦୂର ଆଣିପାରିବେ। ୧୦ ଥର କରି ଦୁଇ ଦିଗରେ ଘୂରାନ୍ତୁ।



# ସବୁବେଳେ ଆପଣଙ୍କ ଓଠ ଫାଟୁଛି କି ?

ଅଧିକାଂଶ ସମୟରେ ଆପଣଙ୍କ ଓଠ ଫାଟୁଛି କି ? ଏଥିରୁ ମୁକ୍ତି ପାଇବା ପାଇଁ କ'ଣ କରିବା ଆବଶ୍ୟକ ? ଆମ ଆଖପାଖରେ ଅନେକ କିଛି ଜିନିଷ ରହିଛି ଯାହା ନାନା ସମସ୍ୟାରୁ ରକ୍ଷା କରେ। ସେହି ସବୁ ମଧ୍ୟରୁ ଗୋଲାପ ଫୁଲ ଅନ୍ୟତମ। ଗୋଲାପ ପାଖୁଡାକୁ ସଫା ପାଣିରେ ଧୋଇ ତାକୁ କିଛି ସମୟ କ୍ଷୀରରେ ଭିଜାଇ ରଖିଦିଅନ୍ତୁ। ଏହାପରେ ଏହାର ଏକ ପେଷ୍ଟ ପ୍ରସ୍ତୁତ କରି ଓଠରେ ଲଗାନ୍ତୁ। ପାଖାପାଖି ୧୫ ମିନିଟ ପରେ ଓଠକୁ ଧୋଇ ଦିଅନ୍ତୁ। ଏଭଳି କରିବା ଦ୍ୱାରା ଓଠର ରୁକ୍ଷତା ଦୂର ହେବା ସହ ଗୋଲାପୀ ଦେଖାଯିବ। ଆଲୋଭେରା ଜେଲକୁ ନେଇ ଓଠରେ ମସାଜ କରନ୍ତୁ। ଏମିତି କରିବା ଦ୍ୱାରା ମଧ୍ୟ ଓଠର ଶୁଷ୍କତାକୁ ଦୂର କରିଥାଏ।

ମହୁରୁ ଅନେକ ପ୍ରକାରର ପୋଷକ ତତ୍ତ୍ୱ ମିଳିଥାଏ। ଯାହା ଓଠକୁ ନରମ ରଖିଥାଏ। ମହୁକୁ ଓଠରେ ମସାଜ କରନ୍ତୁ। ଯାହା ଆପଣଙ୍କର ଓଠକୁ ମୁଲାୟମ କରିବ। ରାତିରେ ଶୋଇବା ସମୟରେ ସୋରିଷ ତେଲକୁ ଉଷୁମ କରି ନାଭିରେ ଲଗାନ୍ତୁ। ପ୍ରତିଦିନ ଏପରି କରିବା ଦ୍ୱାରା ଆପଣଙ୍କ ଓଠ ଫାଟିବାରୁ ମୁକ୍ତି ମିଳିବ। ଏଥିସହ ଓଠରେ ଅମୃତଭଣ୍ଡାର ରସ ଲଗାଇବା ଓଠ କୋମଳ ଏବଂ ନରମ ରହିଥାଏ। ଶୀତଦିନ ପାଇଁ କୌଣସି ଲିପ୍ ବାମ୍ ଏବଂ ବଡି ଲୋସନ ଅପେକ୍ଷା ନଡିଆ ତେଲ ଖୁବ୍ ଲାଭକାରୀ। ଯାହା ବ୍ୟବହାର କରିବା ଦ୍ୱାରା ଓଠ ଏବଂ ଚର୍ମକୁ ନରମ କରିଦେଇଥାଏ। ରଙ୍ଗହୀନତାକୁ ଦୂର କରିବା ପାଇଁ ଚାହୁଁଥିଲେ ଶୋଇବା ପୂର୍ବରୁ ନଡିଆ ତେଲ ଲଗାନ୍ତୁ। ଘିଅ ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ ବୋଲି ପ୍ରମାଣିତ ହୋଇଆସୁଅଛି। କିନ୍ତୁ ଘିଅ ବ୍ୟବହାର କରିବା ଦ୍ୱାରା ମଇଷ୍ଟରାଇଜ ରଖେ। ଏହା ଲିପ୍ ବାମ ଭଳି କାମ କରେ। ଘିଅ ବ୍ୟବହାର କରିବା ଦ୍ୱାରା ମଧ୍ୟ ଓଠକୁ ଗୋଲାପୀ ରଖିବାରେ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ଘରୋଇ ଉପାୟରେ ଆପଣମାନେ ମଧ୍ୟ ଲିପ୍ ବାମ୍ ତିଆରି କରିପାରିବେ। ଏହି ସବୁ ଜିନିଷ ପ୍ରାକୃତିକ ହୋଇଥିବାରୁ ଆମ ପାଇଁ ଭଲ ହୋଇଥାଏ। ତେବେ ଆସନ୍ତୁ ସେହି ଘରୋଇ ଲିପ୍ ବାମ୍ ସମ୍ପର୍କରେ ଜାଣିବା।

ଅଧ ଚାମଚ କ୍ରିମ୍, ଟିକେ ଡାଲଚିନି ଗୁଣ୍ଡ ଏବଂ ଚିମଟା, ହଳଦୀକୁ ଏକାଠି କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଏହି ଲିପ୍ ବାମକୁ ଓଠରେ ଲଗାନ୍ତୁ। ଯାହା ଲଗାଇବା ଫଳରେ ଓଠକୁ ମଇଷ୍ଟରାଇଜ୍ ରଖିବାରେ ବଡ଼ ଭୂମିକା ନିର୍ବାହ କରିଥାଏ।

# କନ୍ଦମୂଳ ସ୍ୱାସ୍ଥ୍ୟ ପାଇଁ ଉପକାରୀ

ଆପଣମାନେ ତ ଜାଣିଥିବେ ଶୀତଋତୁରେ ଅନେକ ପ୍ରକାରର ଫଳମୂଳ, ପନିପରିବା ଇତ୍ୟାଦି ଭରପୂର ପରିମାଣରେ ମିଳିଥାଏ। ଏହା ସହ ଶୀତଋତୁରେ ମଧ୍ୟ ଏହି ସବୁ ଜିନିଷର ଦର କମ ରହିଥାଏ। ଯାହାକୁ ଆପଣ ବହୁତ ସହଜରେ କିଣିପାରିବେ। କିନ୍ତୁ ମାର୍କେଟରୁ ପନିପରିବା କିଣିବା ଅପେକ୍ଷା ନିଜ ବାଡିରେ ଲଗାଯାଇଥିବା ପନିପରିବା ଅଧିକ ଭଲ ହୋଇଥାଏ। ତେବେ ଯାହାକୁ ଖାଇ ନିଜକୁ ସୁସ୍ଥମନେ କରିପାରିବେ। କାହିଁକି ନା ମାର୍କେଟରେ ମିଳୁଥିବା ପରିବାରେ ସାର, ବିଶ ଇତ୍ୟାଦି ପଡିଥାଏ, ଯାହାକୁ ଖାଇଲେ ସ୍ୱାସ୍ଥ୍ୟ ସମସ୍ୟା



ବଢିବାକୁ ଲାଗିଥାଏ। ଏଥିପାଇଁ ଯଦି ଆପଣ ବାଡିରେ ଲଗାଯାଇଥିବା ପନିପରିବାକୁ ଖାଆନ୍ତି, ତାହେଲେ ଆପଣଙ୍କର କୌଣସି ପ୍ରକାରର ଅସୁବିଧା ହେବ ନାହିଁ। ଅନେକ ପ୍ରକାରର ରୋଗରୁ ମଧ୍ୟ ଆରୋଗ୍ୟ ପାଇପାରିବେ। କିନ୍ତୁ ଆପଣ ଜାଣିଛନ୍ତି କି, ଏମିତି ଏକ ଫଳ ଅଛି ଯାହା ସ୍ୱାଦରେ ପରିପୂର୍ଣ୍ଣ ରହିବା ସହ ଅନେକ ଭିଟାମିନରେ ଭରପୂର ରହିଛି। ତାହେଲେ ଆସନ୍ତୁ ସେହି ଫଳ ବିଷୟରେ ଜାଣିବା। ତେବେ ସେହି ଫଳର ନାମ ହେଉଛି 'କନ୍ଦମୂଳ'। ଯାହା ସ୍ୱାଦରେ ପରିପୂର୍ଣ୍ଣ ହୋଇଥାଏ ଏବଂ ଅନେକ ପ୍ରକାରର ଭିଟାମିନ୍ ମଧ୍ୟ ଯୋଗାଇଥାଏ। ଯେଉଁଥିରେ ଫାଇବର, ଭିଟାମିନ୍ 'ଏ', ଭିଟାମିନ୍ 'ସି' ଏବଂ ବି 6 ଗୁଣ ରହିଛି। ଏହା ବ୍ୟତୀତ ପୋଟାସିୟମ ଏବଂ ମାଙ୍ଗାନିଜ୍ ଭଳି ମିନେରାଲ ମଧ୍ୟ ରହିଛି। କନ୍ଦମୂଳ ସ୍ୱାସ୍ଥ୍ୟ ପାଇଁ ବେସ୍ ଲାଭଦାୟକ ହୋଇଥାଏ। କନ୍ଦମୂଳରେ ଅନେକ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଏ। ଶୀତଋତୁରେ ଆପଣ ପ୍ରତ୍ୟେକ ଦିନ ଗୋଟିଏ କନ୍ଦମୂଳ ଖାଇବା ନିହାତି ଆବଶ୍ୟକ। ଏହାକୁ ଖାଇବା ଦ୍ୱାରା ଶରୀରକୁ ଅନେକ ପ୍ରକାରର ଭିଟାମିନ୍ ଏବଂ ପୋଷକ ତତ୍ତ୍ୱ ମିଳିଥାଏ।

**ତ୍ୱଚା ପାଇଁ ଲାଭଦାୟକ:** କନ୍ଦମୂଳରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର ହୋଇଥାଏ ଯାହା ସ୍କିନକୁ ଟାଇଟ୍ ରଖିବାରେ ସାହାଯ୍ୟ କରିଥାଏ। ଏହା ସ୍କିନକୁ ଫ୍ରି' ରେଡିକାଲ ଦ୍ୱାରା ହେଉଥିବା କ୍ଷତିରୁ ରକ୍ଷା କରିଥାଏ। କିଛି ପୁରୁଣା ରୋଗକୁ ଠିକ୍ କରିବାରେ ଏହି ଫଳ ସାହାଯ୍ୟ କରିଥାଏ। ଆପଣ ଏହାକୁ ଅନେକ ଉପାୟରେ ଖାଇପାରିବେ, ଯେମିତିକି ସିଜାଇ ଖାଇପାରିବେ, ରୋଷେଇରେ ସାମିଲ୍ କରିପାରିବେ ଏବଂ ଏହାକୁ କେହି କେହି ପୋଡିକି ମଧ୍ୟ ଖାଇଥାନ୍ତି। ଏହା ସହ ଏହାକୁ ଖାଇଲେ ଅନେକ ରୋଗରୁ ମଧ୍ୟ ଆରୋଗ୍ୟ ହୋଇପାରିବେ।

**ଆଖି ପାଇଁ ଲାଭଦାୟକ:** କନ୍ଦମୂଳରେ ଭିଟାମିନ୍ ଏ' ବହୁତ ପରିମାଣରେ ମିଳିଥାଏ। ଯାହା ଆଖି ପାଇଁ ବେସ୍ ଲାଭ ଦାୟକ ହୋଇଥାଏ। ଏହା ସହ ବିଟା-କ୍ୟାରୋଟିନ୍ ମିଳିଥାଏ ଯାହା ଷ୍ଟ୍ରେସକୁ କମ କରିଥାଏ। ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବା ସହ ବ୍ଲଡ୍ ପ୍ରେସରକୁ ମଧ୍ୟ କଣ୍ଟ୍ରୋଲ କରିବାରେ ସାହାଯ୍ୟ କରିଥାଏ।

**ଡାଇବେଟିସ୍‌ରେ କନ୍ଦମୂଳ :** ଆପଣମାନେ ତ ଜାଣିଥିବେ ସବୁ ଫଳ ଅପେକ୍ଷା କନ୍ଦମୂଳରେ ମିଠାର ପରିମାଣ କମ୍ ଥାଏ। ଯାହାକୁ ଡାଇବେଟିସ୍ ରୋଗୀମାନେ ମଧ୍ୟ ଖାଇପାରିବେ, ଏଥିରେ କୌଣସି ଅସୁବିଧା ହୁଏ ନାହିଁ। ଏହାସହ ଏହାର ଟେଷ୍ଟ ମଧ୍ୟ ବହୁତ ଭଲ ହୋଇଥାଏ। ଯାହାକୁ ଛୋଟ ଛୁଆ ଠାରୁ ଆରମ୍ଭ କରି ବଡ ଲୋକମାନେ ମଧ୍ୟ ଖାଇଥାନ୍ତି। ଏହାକୁ ଖାଇବା ଦ୍ୱାରା ଆପଣଙ୍କ ଏନର୍ଜି ଲେଭୁଲ ବଢ଼ିଥାଏ।

**ଓଜନକୁ କମ୍ କରେ 'କନ୍ଦମୂଳ':** ଓଜନ କମ କରିବାରେ ସାହାଯ୍ୟ କରିଥାଏ କନ୍ଦମୂଳ। ଆପଣ ଏହାକୁ ଡାଏଟରେ ମଧ୍ୟ ସାମିଲ୍ କରିପାରିବେ। କନ୍ଦମୂଳ ଖାଇବା ଦ୍ୱାରା ଇମ୍ୟୁନିଟି ମଜବୁତ୍ ରହିଥାଏ। ଏଥିରୁ ମିଳୁଥିବା ଭିଟାମିନ୍ ସି' ଏବଂ ଇ' ଆପଣଙ୍କ ତ୍ୱଚାକୁ ସୁନ୍ଦର ରଖିବାରେ ସାହାଯ୍ୟ କରିଥାଏ। ଏହା ସହ ଏଥିରେ ମିଠାର ପରିମାଣ କମ୍ ଥିବାରୁ ଓଜନ କମ୍ ହୋଇଯାଇଥାଏ।

# ଶ୍ରବଣ ଶକ୍ତିଜନିତ ସମସ୍ୟା ଭୋଗୁଛନ୍ତି କି?



ବିଭିନ୍ନ ଶବ୍ଦକୁ ଶୁଣିବା ପାଇଁ ଆମର ଶ୍ରବଣ ଶକ୍ତି ଥାଏ। ଯଦି ଦୈବାତ୍ ଆମର ଶ୍ରବଣ ଶକ୍ତି ନଷ୍ଟ ହୋଇଯାଏ ତେବେ ଆମକୁ ପୃଥିବୀ ସ୍ତବ୍ଧ ହୋଇଗଲା ପରି ଲାଗେ। ଆମେ ଆଉ ଶୁଣିପାରୁନା ଶୃତି ମଧୁର ସଙ୍ଗୀତ, ନିଜ ଲୋକ ମାନଙ୍କର ଆଳାପ ଆଲୋଚନା ତଥା ଏହିପରି କେତେ କ'ଣ। ଶ୍ରବଣ ଶକ୍ତି ହରାଇଥିବା ବ୍ୟକ୍ତି ହୋଇ ମାନବ ସମାଜ ଠାରୁ ଭିନ୍ନ, ସେ ଆଉ ଜଣେ ସାଧାରଣ ମଣିଷ ହୋଇ ରହେନାହିଁ, ହୋଇଯାଏ ଶରୀରିକ ବିକଳାଙ୍ଗ।

ଶ୍ରବଣେନ୍ଦ୍ରିୟ ଆମ ଶରୀରର ଏକ ଅତି ସୂକ୍ଷ୍ମ ଏବଂ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯାହାଦ୍ୱାରା ଆମେ ଶୁଣିବା ସହ ମୁଣ୍ଡର ସ୍ଥିରତା ବଜାୟ ରଖିଥାଏ। ଶୁଣିବା ଏବଂ କଥା କହିବା ଅଙ୍ଗାଙ୍ଗିଭାବେ ମଧ୍ୟ ଜଡ଼ିତ। ପିଲାବେଳରୁ ସାଧାରଣତଃ ୫୦%ରୁ ଉର୍ଦ୍ଧ୍ୱ ସ୍ନାୟୁଗତ ଶ୍ରବଣ ହାନି ଥିଲେ ପିଲା କଥା କହିବା ଶିଖିପାରେ ନାହିଁ। ତା'ଠାରୁ କମ ଶ୍ରବଣ ହାନି ଥିଲେ ମଧ୍ୟ ପିଲା ଡ଼େରିରେ କହିବା ସହ ପାଟି ଲଗାଇ କହେ। ଏହାଛଡ଼ା ଯେ କୌଣସି ପ୍ରକାରର ଏବଂ ଯେ କୌଣସି ମାତ୍ରାର ଶ୍ରବଣ ହାନି ହେଲେ ମଧ୍ୟ ପିଲା ବେଳେ ଏହା ଶିଶୁର ମସ୍ତିଷ୍କ ପ୍ରଗତିରେ ବ୍ୟାଘାତ ଘଟାଇଥାଏ। ସ୍କୁଲ ପଢ଼ା ପଢ଼ିରେ ମଧ୍ୟ ବ୍ୟାଘାତ ଘଟେ। ବୟସ୍କ ମାନଙ୍କର ଶ୍ରବଣ ହାନି ହେଲେ ମଧ୍ୟ ଉଚ୍ଚାରଣଗତ ସମସ୍ୟା ହେବା ସଙ୍ଗେ ସଙ୍ଗେ ଡିମେନସିଆ ଭଳି ସ୍ନାୟୁଗତ ସମସ୍ୟା ଦେଖାଦେଇଥାଏ। କାନ ସମସ୍ୟା ହେଲେ ଶୁଣିବା ଅସୁବିଧା ହେବା ସଙ୍ଗେ ସଙ୍ଗେ ସ୍ଥଳ ବିଶେଷରେ କାନରେ ଅସ୍ୱାଭାବିକ ଶବ୍ଦ ହେବା, ମୁଣ୍ଡ ବୁଲାଇବା, କାନ କୁଣ୍ଡାଇ ହେବା, କାନ ବିନ୍ଧିବା, ବାନ୍ତି ଲାଗିବା ଅଥବା ବାନ୍ତି ହେବା, କାନ ଗରମ ଲାଗିବା ଭଳି ଲକ୍ଷଣମାନ ଦେଖାଦିଏ। ବିଭିନ୍ନ କାରଣରୁ ବିଭିନ୍ନ ପ୍ରକାରର ଶ୍ରବଣ ହାନି ପ୍ରକଟିତ ହୋଇଥାଏ।

**ଶ୍ରବଣ ଶକ୍ତି ହ୍ରାସର ଲକ୍ଷଣ:** ଶ୍ରବଣ ଶକ୍ତି ନଷ୍ଟ ହେବାର ଲକ୍ଷଣ ମାନଙ୍କ ମଧ୍ୟରେ ଉଭୟ କାନ କିମ୍ବା ଗୋଟିଏ କାନରେ ଯନ୍ତ୍ରଣା ଅନୁଭୂତ ହେବା। କାନ ବଧିରା ଲାଗିବା, କାନରେ ରିଂ ରିଂ ଶବ୍ଦ ହେବା। ଉଭୟ କାନ କିମ୍ବା ଗୋଟିଏ କାନରେ ଚାପ ଅନୁଭୂତ ହେବା କିମ୍ବା କାନ ଭର୍ତ୍ତି ହୋଇଯିବା ଭଳି ଲାଗିବା। ଉପରୋକ୍ତ ଲକ୍ଷଣ ମାନ ଦେଖାଦେଲେ ଜଣାଯାଏ ଯେ କାନର ଶ୍ରବଣ ଶକ୍ତି ନଷ୍ଟ ହୋଇଛି। ଶ୍ରବଣ ଶକ୍ତି ନଷ୍ଟ ହେବାଦ୍ୱାରା ଆପଣ ନିଜ ପରିବାର ଏବଂ ସମାଜ ଠାରୁ ଏକ ପ୍ରକାର ଦୂରେଇ ଯାଆନ୍ତି। କାରଣ ଆପଣଙ୍କୁ କିଛି ନଶୁଭିବା ଯୋଗୁଁ ଆପଣଙ୍କ ସହିତ କେହି ବେଶୀ କଥାବାର୍ତ୍ତା କରିବାକୁ ପସନ୍ଦ କରନ୍ତି ନାହିଁ। କେବଳ ଠାର ମାଧ୍ୟମରେ ଯାହା କିଛି ଭାବର ଆଦାନ ପ୍ରଦାନ କରାଯାଇଥାଏ। ଶ୍ରବଣ ଶକ୍ତି ହ୍ରାସ ଦ୍ୱାରା ମଧ୍ୟ ମଣିଷର ମନୋବଳ ଦୁର୍ବଳ ହୋଇଯାଇଥାଏ ଏବଂ ସେ ନିଜକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରିଥାଏ, କାରଣ କୌଣସି ବିଷୟରେ ଶୁଣିବା ଏବଂ କିଛି ମତାମତ ଦେବାରେ ଭୁଲ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ।

**ଚିକିତ୍ସା:** ଶ୍ରବଣ ଶକ୍ତି ନଷ୍ଟ ହେବାର ସମ୍ଭାବନା ଦେଖାଦେଲେ ଇଏନଟି ବିଶେଷଜ୍ଞ ଡାକ୍ତର ଏକ ଅଡ଼ିଓଗ୍ରାମ ଟେଷ୍ଟ କରିବା ପାଇଁ ପରାମର୍ଶ ଦେଇଥାନ୍ତି। ଏହାଦ୍ୱାରା ଡାକ୍ତର ଶ୍ରବଣଶକ୍ତିର ଡେସିବଲ (ଶ୍ରବଣ ଶକ୍ତି ମାପର ଏକକ) ଡିଗ୍ରୀ ଅନୁସାରେ ଚିକିତ୍ସା କରିଥାନ୍ତି। ଶ୍ରବଣଶକ୍ତି ହ୍ରାସ ହୋଇଥିବା ବ୍ୟକ୍ତିମାନେ କେବଳ ଉଚ୍ଚତର ଶବ୍ଦ ତରଙ୍ଗକୁ ଶୁଣି ପାରିଥାନ୍ତି କିନ୍ତୁ ସାଧାରଣ ଶବ୍ଦକୁ ଶୁଣି ପାରିନଥାନ୍ତି। ସାଧାରଣ ମଣିଷ ୦-୨୦ ଡେସିବଲ ଡିଗ୍ରୀର ଶବ୍ଦ ତରଙ୍ଗ ଶୁଣିପାରିଥାନ୍ତି। ମଣିଷର ନିଶ୍ୱାସ ପ୍ରଶ୍ୱାସର ଶବ୍ଦ ୧୦ ଡେସିବଲ ହୋଇଥାଏ। ଏହାଠାରୁ ଆହୁରି କ୍ଷୀଣ ଶବ୍ଦ ମଧ୍ୟ ଶୁଣିପାରେ। କିନ୍ତୁ ଶ୍ରବଣଶକ୍ତି ହରାଉଥିବା ବ୍ୟକ୍ତିମାନେ ଅତିକମ୍‌ରେ ୪୧-୫୫ ଡେସିବଲ ଡିଗ୍ରୀର ଶବ୍ଦ ତରଙ୍ଗକୁ ଶୁଣିବାରେ ସକ୍ଷମ ହୁଅନ୍ତି ଏହା ଠାରୁ କମ୍ ଡେସିବଲ ଶବ୍ଦ ସେମାନେ ଶୁଣି ପାରନ୍ତି ନାହିଁ। ସେହିପରି ଅତ୍ୟଧିକ ଶ୍ରବଣଶକ୍ତି ହ୍ରାସ ହୋଇଥିବା ବ୍ୟକ୍ତିମାନେ ୭୧-୯୦ ଡେସିବଲ ଶବ୍ଦ ଶୁଣିପାରନ୍ତି ଯାହାକି ଏକ ସାଧାରଣ ମଣିଷ ପାଇଁ ଶୃତିକଟୁ ହୋଇଥାଏ।

**ଶ୍ରବଣ ହୀନତାର ଶ୍ରେଣୀ ବିଭାଗ:**

ଶ୍ରବଣ ହୀନତାକୁ ବିଶେଷ କରି ତିନି ଭାଗରେ ବିଭକ୍ତ

**କଣ୍ଡକ୍ଟିଭ ହିୟରିଂ ଲସ୍ :** କର୍ଣ୍ଣ ନଳୀରେ କୌଣସି ଅସୁବିଧା ଦେଖାଦେଲେ ଏହି ପ୍ରକାରର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ। ଏହା ବ୍ୟତୀତ କର୍ଣ୍ଣ, ପଟହ, କିମ୍ବା ମଧ୍ୟ କର୍ଣ୍ଣରେ କୌଣସି ଅସୁବିଧା ଥିଲେ ଏହି ଧରଣର ଅସୁବିଧା ଦେଖାଯାଏ। ଯଦି କାନରେ ସଂକ୍ରମଣ ହୋଇଥାଏ, ଟ୍ୟୁମର ହୋଇଥାଏ କିମ୍ବା କାନରେ କୌଣସି ପ୍ରକାର ତରଳ ପଦାର୍ଥ ଯେପରିକି ତେଲ କିମ୍ବା କାନରେ ମଇଳା ଅଧିକ ହୋଇଯାଇଥିଲେ ଏହି ପ୍ରକାରର ଶ୍ରବଣ ହୀନତା ଦେଖାଦେଇଥାଏ। ତେବେ ଏହି ପ୍ରକାରର ଶ୍ରବଣ ହୀନତା ସେତେ ବେଶୀ ଗୁରୁତର ନୁହେଁ। ସାମାନ୍ୟ ଚିକିତ୍ସା ମାଧ୍ୟମରେ ଆପଣ ପୁଣି ପୂର୍ବ ଭଳି ଆପଣଙ୍କ ଶ୍ରବଣ ଶକ୍ତି ଫେରିପାଇବେ।

**ସେନ୍ସରୀନ୍ୟୁରାଲ ହିୟରିଂ ଲସ୍:** ଅନ୍ତକର୍ଣ୍ଣରେ ଥିବା କୋଷ ଗୁଡ଼ିକ ନଷ୍ଟ ହେବା ଫଳରେ ଏହି ପ୍ରକାରର ଶ୍ରବଣ ହୀନତା ଦେଖାଦେଇଥାଏ। ଏହା ବ୍ୟତୀତ ଅଷ୍ଟମ ସ୍ନାୟୁ ଯଦି କ୍ଷତିଗ୍ରସ୍ତ ହୁଏ ତେବେ ଏହି ପ୍ରକାରର ଶ୍ରବଣ ହାନୀ ଘଟିଥାଏ। ସାଧାରଣତଃ ବୟସ ବଢ଼ିବା ସମୟରେ ନର୍ଭ ସିଷ୍ଟମର ପରିବର୍ତ୍ତନ ଯୋଗୁଁ ଏପରି ଅସୁବିଧା ଦେଖାଦେଇଥାଏ।

**ମିକ୍ସଡ୍ ହିୟରିଂ ଲସ୍ :** ପୂର୍ବୋକ୍ତ ଦୁଇଟି କାରଣକୁ ନେଇ ଏହି ଧରଣର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ। ଏହା ଅର୍ଥ କର୍ଣ୍ଣର ବର୍ହିପାର୍ଶ୍ୱ, ମଧ୍ୟ କର୍ଣ୍ଣ, ଅନ୍ତକର୍ଣ୍ଣରେ କିମ୍ବା ଅଡ଼ିଟରୀ ନର୍ଭରେ କୌଣସି ଅସୁବିଧା ଦେଖାଦେଲେ ଏହି ଧରଣର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ। ଗୋଟିଏ କାନ କିମ୍ବା ଦୁଇଟି ଯାକ କାନରେ ଶ୍ରବଣ ହୀନତା ଦେଖାଯାଇପାରେ। ଏହା ହଠାତ୍ ଆରମ୍ଭ ହୋଇଥାଏ ଏବଂ ଧୀରେ ଧୀରେ ବଢ଼ିବାରେ ଲାଗେ। ଯଦି ଏପରି ହୁଏ ତେବେ ଆପଣ ତୁରନ୍ତ ଜଣେ ଇଏନ୍‌ଟି ଡାକ୍ତରଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ହିସାବ ଅନୁଯାୟୀ ବିଶ୍ୱରେ ପ୍ରାୟ ୩୬କୋଟି ଲୋକ ଶ୍ରବଣହାନୀରେ ପୀଡିତ। ଯାହା ଏକ ପ୍ରକାର ବିକଳାଙ୍ଗତା ସୃଷ୍ଟି କରିଥାଏ। ପ୍ରାୟ ୧୦୦ କୋଟିରୁ ଅଧିକ ୧୨ରୁ ୩୫ ବର୍ଷୀୟ ଯୁବକ ଯୁବତୀ ମଧ୍ୟ ବିଭିନ୍ନ ଜାତିର ତୀବ୍ର ଶବ୍ଦ ଏବଂ ମୋବାଇଲ ଭଳି ରେଡ଼ିଏସନର ପ୍ରଭାବରେ ଅଳ୍ପ ବହୁତ ପ୍ରଭାବିତ ହୋଇଥାନ୍ତି। ତେଣୁ ଏଥିରୁ ବୁଝିବାକୁ ହେବ ଯେ ସମଗ୍ର ଜନସଂଖ୍ୟାର ପ୍ରାୟ ଶତକଡ଼ା ୬ ଭାଗ ଲୋକ ବଧୀରତାର ଶିକାର ହୋଇଥାନ୍ତି। ଏହି ଅବସରରେ ସାଧାରଣ ନାଗରିକଟିଏ ଯାବତ ଜୀବନ ଶୁଣିବା ପାଇଁ କାନର କିଛି ଅସୁବିଧା ଥାଉ ବା ନଥାଉ ଶ୍ରବଣ ପରୀକ୍ଷା ବା ଅଡ଼ିଓ ମେଟ୍ରିକ କରାଇନେବା ଉଚିତ। ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ତରଫରୁ ଏହି ଦିନ ମାଗଣା ଶ୍ରବଣ ପରୀକ୍ଷାମାନ କରାଯାଉଛି। ଏଠାରେ କହିରଖିବା ଉଚିତ ଯେ କାନର କେତେକ ବିଶେଷ ଲକ୍ଷଣ ଥିଲେ ଜଣେ ନିଶ୍ଚିନ୍ତ ଭାବରେ ଶ୍ରବଣ ପରୀକ୍ଷା କରାଇନେବା ବାଞ୍ଛନୀୟ।



● କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

# ପଙ୍କୋଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାମରେ ଅନିୟମିତତା ଅଭିଯୋଗ



**ବଲାଙ୍ଗିର,୧୫।୬(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ର ଐତିହାସିକ ଓ ସହରର ସବୁଠାରୁ ପ୍ରାଚୀନ ଜଳାଶୟ 'ମେନାବନ୍ଧ'ର ପଙ୍କ ଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗକୁ ନେଇ ବିବାଦ ତୀବ୍ର ହୋଇଛି। ସରକାରଙ୍କ ପକ୍ଷରୁ ୫୦ ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏଥିସହ ଜଳାଶୟକୁ ଦେଖିଲେ ପ୍ରାୟ ୯୦ ପ୍ରତିଶତ କାମ ହୋଇନ ଥିବା ବେଳେ ମାତ୍ର ୧୦ ପ୍ରତିଶତ କାମ କରି କାର୍ଯ୍ୟକୁ ଅଧାପନ୍ତରିଆ ଅବସ୍ଥାରେ ବନ୍ଦ ହୋଇପଡ଼ିଥିବାରୁ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ, କାର୍ଯ୍ୟ ନେଇ ଉଠିଥିବା ବିଭିନ୍ନ ପ୍ରଶ୍ନ ଏବଂ ଏହି ସମୟରେ ପାଟଣାଗଡ଼ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ହଠାତ୍ ବଦଳି ଘଟଣା ପ୍ରକଳ୍ପର ସ୍ୱଚ୍ଛତା ଉପରେ ସନ୍ଦେହ ସୃଷ୍ଟି କରିଛି। ଆସନ୍ତା ବର୍ଷା ଋତୁ ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ ନହେଲେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବା ସହ ସରକାରୀ ଅର୍ଥ ଅପଚୟ ହେବାର ଆଶଙ୍କା ମଧ୍ୟ ପ୍ରକାଶ ପାଇଛି। ଏହି ପ୍ରସଙ୍ଗରେ କୋଶଳ ମୁକ୍ତି ମୋର୍ଚ୍ଚାର କାର୍ଯ୍ୟକାରୀ ସଭାପତି ଡିଙ୍ଗର କୁମ୍ଭାରଙ୍କ ନେତୃତ୍ୱରେ ଏକ ଜରୁରୀକାଳୀନ ମିଟିଙ୍ଗରେ ନିଷ୍ପତ୍ତି କ୍ରମେ ପାଟଣାଗଡ଼ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରି ଉଚ୍ଚସ୍ତରୀୟ ତଦନ୍ତ ଓ ପ୍ରଶାସନିକ ସ୍ପଷ୍ଟିକରଣ ଦାବି କରିଛନ୍ତି। ୧୫ ଦିନ ମଧ୍ୟରେ ଦାବି ପୂରଣ ନହେଲେ ଜନସ୍ୱାର୍ଥରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ମୋର୍ଚ୍ଚା ଚେତାବନୀ ଦେଇଛି। ସ୍ମାରକପତ୍ରର ନକଲ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ବଲାଙ୍ଗୀର ଜିଲ୍ଲାପାଳଙ୍କୁ ମଧ୍ୟ ପ୍ରେରଣ କରାଯାଇଛି।

# ଅଙ୍ଗନବାଡ଼ି କାନ୍ଥରେ ଶୋଭା ପାଉଛି ରାମାୟଣ

**ମାଲକାନଗିରି, ୧୫।୬(ସଂଚାର ବ୍ୟୁରୋ):** ଉପାନ୍ତ ଅଞ୍ଚଳର ଏକ ଅଙ୍ଗନବାଡ଼ି କେନ୍ଦ୍ରରୁ ଆସିଛି ଶିକ୍ଷାଦାନର ଏକ ଅଭିନବ ଚିତ୍ର। କାନ୍ଥରେ ଆଙ୍କାଯାଇଛି ସୀତା ବିବାହଠାରୁ ଆରମ୍ଭ କରି ରାବଣ ବଧ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାମାୟଣର ଗାଥା। ଚିତ୍ର ଦେଖାଇ କୁନି କୁନି ପିଲାଙ୍କୁ ପୌରାଣିକ କାହାଣୀ ବୁଝାଉଛନ୍ତି ଅଙ୍ଗନବାଡ଼ି ଦିଦି। ଅଙ୍ଗନବାଡ଼ି କାନ୍ଥରେ ରାମାୟଣର ଚିତ୍ର। ଚିତ୍ର ମାଧ୍ୟମରେ କୁନି କୁନି ଶିଶୁଙ୍କୁ ପୌରାଣିକ କାହାଣୀ ସହ ଆଧ୍ୟାତ୍ମିକତାର ପାଠ ପଢ଼ାଉଛନ୍ତି ଅଙ୍ଗନବାଡ଼ି ଦିଦି। ଉପାନ୍ତ ଅଞ୍ଚଳରେ ଶିଶୁମାନଙ୍କୁ ଆକୃଷ୍ଟ କରିବା ପାଇଁ ଦେଖିବାକୁ ମିଳିଛି ଏଭଳି ଏକ ସୁନ୍ଦର ପ୍ରୟାସ। ମାଲକାନଗିରି ମାଥିଲି ବ୍ଲକ କିଆଙ୍ଗ ପଞ୍ଚାୟତ କଷିଗୁଡ଼ା ଗାଁର ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ରରୁ ଆସିଛି ଏହି ଚିତ୍ର। ପଞ୍ଚାୟତର ପିଇଓ ଅଶୋକ ମହାରଣାଙ୍କ ଉଦ୍ୟମରେ କାନ୍ଥରେ ୱାର୍ଲି ଆର୍ଟ ଜରିଆରେ ସୀତା ବିବାହଠାରୁ ଆରମ୍ଭ କରି ରାବଣ ବଧ ପର୍ଯ୍ୟନ୍ତ ସବୁ କାହାଣୀକୁ ଜୀବନ୍ତ ରୂପ ଦିଆଯାଇଛି। ଯାହା ଏବେ ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପିଲାଙ୍କ ମନରେ ଆଧ୍ୟାତ୍ମିକତା ଭାବନା ଜାଗ୍ରତ କରିବା ପାଇଁ ପଞ୍ଚାୟତ ପକ୍ଷରୁ ଏହି ପ୍ରୟାସ କରାଯାଇଛି। ପ୍ରତିଦିନ ଅଙ୍ଗନବାଡ଼ି ଦିଦି ପିଲାମାନଙ୍କୁ ଏହି ଚିତ୍ର ଦେଖାଇ ରାମାୟଣର ପୌରାଣିକ କିମ୍ବଦନ୍ତୀ ବିଷୟରେ ଅବଗତ କରାଉଛନ୍ତି। କାନ୍ଥର ଏହି ଆକର୍ଷଣୀୟ ୱାର୍ଲି ଆର୍ଟ କୁନି ପିଲାଙ୍କ ମନରେ ସଂସ୍କାର ଓ ଆଧ୍ୟାତ୍ମିକତାର ବିକାଶ କରୁଥିବା ବେଳେ ପ୍ରଶାସନର ଏହି ଅଭିନବ ଚିନ୍ତାଧାରାକୁ ସାଧାରଣରେ ସ୍ୱାଗତ କରାଯାଇଛି।




# ପାଟଳିପୁରା ଓ କଦଳିଆରେ ଉଡ଼ା ପର୍ବ ପାଳିତ



**ବୈଶିଙ୍ଗା,୧୫।୬(ସଂଚାର ବ୍ୟୁରୋ):** ରଜ ସଂକ୍ରାନ୍ତିରେ ବିଭିନ୍ନ ସ୍ଥାନରେ ଗଣ ପର୍ବ ଭାବେ ରଜ ଉତ୍ସବ ମହା ଧୁମ ଧାମରେ ପାଳିତ ହେଉଥିବା ବେଳେ କେତେକ ସ୍ଥାନରେ ଉଡା ଯାତ୍ରା ପାଳିତ ହୋଇଥାଏ। ବୈଶିଙ୍ଗା ଉପକଣ୍ଠ ପାଟଳିପୁରା ଗ୍ରାମରେ ବହୁ ପୁରାତନ ଉଡା ଯାତ୍ରା ଆଜି ସୋମବାର ପାଳିତ ହୋଇ ଯାଇଛି। ଗ୍ରାମ ର ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ଉଡା ଯାତ୍ରାରେ ଶହ ଶହ ଦର୍ଶକ ଭିଡ ଜମାଇଥିବାର ଦେଖିବାକୁ ମିଳିଥିଲା। ଭକ୍ତା ମାନେ ବୁଢ଼ାବଳଙ୍ଗ ନଦୀରୁ ଗାଧୋଇ ରାସ୍ତାରେ ଶୋଭାଯାତ୍ରାରେ ଆସି ଉଡା ଖୁଣ୍ଟି ନିକଟରେ ପହଞ୍ଚି ଥିଲେ। ଏହା ପରେ ଜଣ ଜଣ କରି ଉଡା ଖୁଣ୍ଟିରେ ଉଡି ଉଡି ଭକ୍ତମାନଙ୍କୁ ମିଠେଇ ଫିଙ୍ଗିବା ଦୃଶ୍ୟ ଅତ୍ୟନ୍ତ ମନୋରମ ହୋଇଥିଲା। ଉଡା କମିଟୀର ସଭାପତି ହିମାଂଶୁ ଦୁର୍ଗା, ସମ୍ପାଦକ ସନ୍ତୋଷ ସିଂ ତଥା ସନ୍ତୋଷ ଜେନା, ବିକ୍ରମ ସିଂ . ଶ୍ରୀଧର ଦିଆବାଗ, ଉଚିତ ଜେନା, ଫାଡୁ ଜେନା, କୁନା ଜେନା, ଉପଦେଷ୍ଟା ଶିଶିର ସାର, ସତ୍ୟରଞ୍ଜନ ସାର ସରପଞ୍ଚ ମମତା ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅତିଥି ଭାବେ ଅବସର ପ୍ରାପ୍ତ ହିନ୍ଦି ଶିକ୍ଷକ ଡ. ରମାକାନ୍ତ ମହାନ୍ତ, ସାମ୍ବାଦିକ ଗତି କୃଷ୍ଣ ମହାନ୍ତ, ବିମଳେନ୍ଦୁ ମହାପାତ୍ର, ଭାଗବତ ମହାନ୍ତ ଉପସ୍ଥିତ ରହିଥିଲେ। ସେହିପରି କଦଳିଆ ଗ୍ରାମରେ ରଜ ଉଡା ପର୍ବ ପାଳିତ ହୋଇ ଯାଇଛି। ହଜାର ହଜାର ଦର୍ଶକ ଉପସ୍ଥିତ ରହି ଉପଭୋଗ କରିଥିଲେ।



ଯା'ରେ...ରଜ ଦୋଳି ଉଡ଼ିଯା...

# ସରାଟ ନୀଳକଣ୍ଠେଶ୍ୱରଙ୍କ ପୀଠରେ ରଜ ମହୋତ୍ସବ



**ବାଲିପାଟଣା,୧୫।୬(ସଂଚାର ବ୍ୟୁରୋ):** ଓଡ଼ିଶାର ଗଣପର୍ବ ରଜ ଅବସରରେ ବାଲିପାଟଣା ବ୍ଲକ ସରାଟ ଗ୍ରାମର ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରଥମ ରଜ ମହୋତ୍ସବ ମହାସମାରୋହରେ ଆରମ୍ଭ ହୋଇଯାଇଛି। ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ, ଶ୍ରୀ ନୀଳକଣ୍ଠେଶ୍ୱର ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଏହି ତ୍ରିଦିବସୀୟ ମହୋତ୍ସବର ଆୟୋଜନ କରାଯାଇଛି। ରଜର ପ୍ରଥମ ଦିନରେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଥିବା ବେଳେ ପାରମ୍ପରିକ ସାଜସଜ୍ଜା ଓ କୁମାରୀମାନଙ୍କ ରଜଦୋଳି ଖେଳ ଗ୍ରାମ୍ୟ ପରିବେଶକୁ ବେଶ୍ ଆନନ୍ଦମୟ କରିଥିଲା। ସନ୍ଧ୍ୟା ସମୟରେ ରଶ୍ମୀ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଏକ ଭବ୍ୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ସତ୍ୟପ୍ରିୟ ବେହେରା, ସୁବ୍ରତ କୁମାର ମହାନ୍ତି, ସତ୍ୟନାରାୟଣ ଛାଟୋଇ, ରମାକାନ୍ତ ପଣ୍ଡା, ରାକେଶ ବିଶ୍ୱାଳ ଏବଂ ଶୈଳେନ୍ଦ୍ର ଭୋଳ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ଓଲିଉଡର ଜଣାଶୁଣା ଅଭିନେତ୍ରୀ ବିଦୁସ୍ମିତା ମନ୍ତ୍ରୀ, ଜିନ୍ନା ସାମଲ ଓ ହାସ୍ୟ ଅଭିନେତା ଗୁଲୁଆ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଓଡ଼ିଆ ସଂସ୍କୃତିର ସୁରକ୍ଷା ପାଇଁ ଆୟୋଜକଙ୍କ ଏଭଳି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିବା ସହ ଦର୍ଶକଙ୍କ ମନୋରଂଜନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳରେ ଏକ ନୂତନ 'ପାଇକ ସଂଘ' ଗଠନ କରାଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ବିଶିଷ୍ଟ ବଂଶୀବାଦକ ରାଜ କିଶୋର ଦଳବେହେରାଙ୍କ ମନ୍ତ୍ରମୁଗ୍ଧକାରୀ ବଂଶୀ ବାଦନ ସହ ଅନ୍ୟାନ୍ୟ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା।

## ମଣ୍ଡିରୁ ଉଠୁନି ଧାନ, ରାସ୍ତା ଅବରୋଧ କଲେ ଚାଷୀ

**ଭବାନୀପାଟଣା,୧୫।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାରେ ରବି ଧାନକିଣା ଅଚଳାବସ୍ଥା ଜାରି ରହିଛି। ଯାହାକୁ ନେଇ ଜିଲାର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଜୁନାଗଡ଼ ମଣ୍ଡିରେ ଧାନ ଉଠାଣ ପ୍ରକିୟା ମନ୍ଥରତା ଯୋଗୁ ହଜାର ହଜାର କ୍ୱିଣ୍ଟାଲ ଧାନ ବିକ୍ରି ନ ହୋଇ ପଡ଼ିରହିଛି। ତେବେ ମଣ୍ଡିରୁ ଶୀଘ୍ର ଧାନ ଉଠାଣ ଦାବିରେ ସୋମବାର ୯ଟାରୁ ସ୍ଥାନୀୟ ଚାଷୀ ଲଙ୍କେଶ୍ୱରୀ ମନ୍ଦିର ସମ୍ମୁଖ ୨୬ ନମ୍ବର ଏନ୍ଏଚ୍‌କୁ ଅବରୋଧ କରିଛନ୍ତି। ଯାହାଫଳରେ ଅନେକ ଯାନବାହନ ଚଳାଚଳ କରି ନ ପାରି ଏବେ ଅଟକି ରହିଛି।

# ବାଲିକୁଦା ଡବଲ ମର୍ଡର ଘଟଣାରେ ଅଭିଯୁକ୍ତ କୋର୍ଟ ଚାଲାଣ



**ବାଲିକୁଦା,୧୫।୬(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ଅଲାଭର ପଞ୍ଚାୟତର ତେରତାଙ୍ଗ ଗ୍ରାମରେ ଘଟିଥିବା ଏକ ହୃଦୟବିଦାରକ ଡବଲ ମର୍ଡର ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଜଣେ ପୁଅ ନିଜ ବାପା ଓ ସାବତ ମାଆଙ୍କୁ ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ତେରତାଙ୍ଗ ଗ୍ରାମର ସତ୍ୟାନନ୍ଦ ପରିଡାଙ୍କ ଦ୍ୱିତୀୟ ପତ୍ନୀ ଚାରୁଲତା ପରିଡା ନିଜ ସମ୍ପର୍କୀୟଙ୍କୁ ବାରମ୍ବାର ଜମି ବିକ୍ରି କରି ଟଙ୍କା ଦେଉଥିବାକୁ ନେଇ ପୁଅ ଦିଲ୍ଲୀପ ପରିଡା (୪୦) ଦୀର୍ଘଦିନ ଧରି କ୍ଷୁବ୍ଧ ଥିଲେ। ଏହି ପାରିବାରିକ ବିବାଦ ଧୀରେ ଧୀରେ ଗୁରୁତର ରୂପ ନେଇଥିବା ବେଳେ ଶେଷରେ ଏହା ଏକ ନୃଶଂସ ହତ୍ୟାକାଣ୍ଡରେ ପରିଣତ ହୋଇଥିଲା। ଗତ ୧୪ ଜୁନ ପହିଲି ରଜ ଅବସରରେ ଦିଲ୍ଲୀପ ନିଜ ସ୍ତ୍ରୀ ଓ ପୁଅଙ୍କୁ ଶ୍ୱଶୁର ଘରେ ଛାଡ଼ି ଘରକୁ ଫେରୁଥିବା ବେଳେ କାକଟପୁରରୁ ଏକ କଟୁରୀ କିଣି ଆଣିଥିଲେ। ଘରେ ପହଞ୍ଚି ସେହି କଟୁରୀରେ ବାପା ସତ୍ୟାନନ୍ଦ ପରିଡା ଓ ସାବତ ମାଆ ଚାରୁଲତା ପରିଡାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଆଶ୍ଚର୍ଯ୍ୟଜନକ ଭାବେ ଏହି ଜଘନ୍ୟ କାଣ୍ଡ ଘଟାଇବା ପରେ ଦିଲ୍ଲୀପ ଘଟଣାସ୍ଥଳ ଛାଡ଼ି ପଳାଇ ନ ଯାଇ ମୃତ ବାପା ଓ ମାଆଙ୍କ ପାଖରେ ନିରବ ଭାବେ ବସି ରହିଥିଲେ।

# ପ୍ରବାସୀ ଓଡ଼ିଆଙ୍କ ରଜ ପର୍ବ ପାଳନ



**ବୈଶିଙ୍ଗା,୧୫।୬(ସଂଚାର ବ୍ୟୁରୋ):** ବୈଶିଙ୍ଗା ଅଞ୍ଚଳର ଓଡିଆ ପ୍ରବାସୀ ଚୈତନ ଖଣ୍ଡାଙ୍କ ପରିଚାଳନାରେ ମୁମ୍ବାଇରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ' ମୋ ଓଡ଼ିଆ ସମାଜ' ଦ୍ୱାରା ଈମୀରା ରୋଡଈ ଠାରେ ତା ୧୪/୦୬/୨୦୨୬ରେ ଓଡ଼ିଶାର ଗଣ ପର୍ବ ଈରଜ ପର୍ବଈ ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ମହା ଆଡମ୍ବରରେ ପାଳନ କରା ଯାଇଛି। ସଂସ୍ଥାର ସଭାପତି ଶ୍ରୀ ଲମ୍ବୋଦର ଦାଶ ମହାପାତ୍ର ଯୋଗ ଦେଇଥିବା ସମସ୍ତ ପ୍ରବାସୀ ଓଡ଼ିଆଙ୍କୁ ରଜ ପର୍ବର ଶୁଭେଚ୍ଛା ଜଣାଇଥିଲେ। ସଂସ୍ଥାର ସମ୍ପାଦକ ଜିତେନ୍ଦ୍ର ରାଉଲ ଓ ମୁକ୍ତିକାନ୍ତ ବାରିକ୍, ଉପସଭାପତି ରଜ ପର୍ବର ଅଭିପ୍ରାୟ ବିଷୟରେ ବକ୍ତବ୍ୟ ରଖିଥିଲେ। କେଦାରନାଥ ମହାରଣା, ଉପେନ୍ଦ୍ର ବେହେରା, ଦିଲ୍ଲୀପ ସାହୁ, ସୁଜାତା ମହାରଣା, ଜ୍ୟୋସ୍ନା ବେହେରା ସଂଗୀତ ପରିବେଷଣ କରି ସମସ୍ତଙ୍କୁ ଚକିତ କରିଥିଲେ। ଅନୀଲ ସେନାପତି, ବୈଦ୍ୟନାଥ ସୁବୁଦ୍ଧି, ପ୍ରଶାନ୍ତ ମିଶ୍ର, ସନାତନ ମହାରଣା, ଲକ୍ଷ୍ମଣ ତ୍ରିପାଠୀ, ପ୍ରଶାନ୍ତ ବାରିକ୍ ରଜ ପର୍ବର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତୃପ୍ତିଲତା, ପ୍ରତିମା, ସୁଧାଂଶୁବାଳା, ସଙ୍ଗୀତା, ତୁଳସୀ ବାରିକ୍ ରଜ ଦୋଳି ସହିତ ସ୍ୱାଦିଷ୍ଟ ରଜ ପାନ ପ୍ରସ୍ତୁତ କରି ସମସ୍ତଙ୍କୁ ଆପ୍ୟାୟିତ କରିଥିଲେ। ସର୍ବ ଶେଷରେ ସଂସ୍ଥାର ସହ ସମ୍ପାଦକ, ଇଂ ଚୈତନ୍ ଖଣ୍ଡା ସମସ୍ତ ପ୍ରବାସୀ ଓଡ଼ିଆମାନେ ଏକଜୁଟ୍ ହୋଇ ଓଡ଼ିଶାର ପାରମ୍ପରିକ ରଜ ପର୍ବ ପାଳନ କରିଥିବାରୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରାଇକମା ଜଙ୍ଗଲରୁ ଅଚିହ୍ନା ମହିଳାଙ୍କ ମୃତଦେହ ଉଦ୍ଧାର

**ବୈଶିଙ୍ଗା,୧୫।୬(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମା ଗ୍ରାମ ଜଙ୍ଗଲରେ ସୋମବାର ସକାଳେ ସନ୍ଦେହଜନକ ଅବସ୍ଥାରେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ମୁତାବକ ଜଙ୍ଗଲ ଭିତରକୁ ଯାଇଥିବା କେତେକ ଯୁବକ ଜଣେ ମହିଳାଙ୍କ ଗଳିତ ମୃତଦେହ ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବର ପ୍ରଚାରିତ ହୋଇଯିବାରୁ ଚାହୁଁ ଚାହୁଁ ମୃତଦେହ ନିକଟରେ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ଭିଡ଼ ଲାଗି ଯାଇଥିଲା। ଖବରପାଇ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ଏସ ଆଇ ସୁକାନ୍ତ କୁମାର ନାୟକ ପୋଲିସ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ବାରିପଦାରୁ ସାଇଣ୍ଟିଫିକ ଟିମ ମଧ୍ୟ ମଧ୍ୟାହ୍ନରେ ପହଞ୍ଚି ଘଟଣାର ଛାନଭିନ କରି ଫେରିଯାଇଛନ୍ତି। ମୃତଦେହ ପ୍ରାୟ ଦୁଇ ତିନି ଦିନ ଧରି ଏଠାରେ ପଡ଼ି ରହିଥିବା ଯୋଗୁଁ ମହିଳାଙ୍କ ଶରୀରକୁ ଚିହ୍ନଟ କରିବା ସମ୍ଭବପର ହୋଇପାରୁନାହିଁ। ପୋଲିସ ପକ୍ଷରୁ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇ ଦିଆଯାଇଛି। ତେବେ ମହିଳା ଜଣଙ୍କ କିଏ ? ବୁଆଡୁ ଆସିଲେ ? କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ? କିଏ ମାରିଲା ? ଏଇଜି ପ୍ରଶ୍ନ ସାଧାରଣଙ୍କ ମନରେ ଉଙ୍କି ମାରୁଛି। ଏ ନେଇ ବୈଶିଙ୍ଗା ଥାନାରେ ୨୯/୨୦୨୬ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ମଦ ଦୋକାନକୁ ତୀବ୍ର ବିରୋଧ

# ସହସ୍ରାଧିକ ଲୋକଙ୍କ ଜନଆନ୍ଦୋଳନ



**ତିହିଡ଼ି,୧୫।୬(ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନସ୍ଥ ଧୃଷୁରୀ ହରିହଂସ କୀର୍ତ୍ତନ ମଣ୍ଡପ ପରିସରରେ ଆଜି ହଜାରରୁ ଅଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଧୃଷୁରୀପଙ୍ଗଟା ମୁଖ୍ୟ ରାସ୍ତାରେ ସରକାରୀ ଦେଶୀ ଓ ବିଦେଶୀ ମଦ ଦୋକାନକୁ ପୁନର୍ବାର ସ୍ଥାପନ ନ କରିବା ଦାବିରେ ଏକ ବିଶାଳ ପ୍ରତିବାଦ ସଭା ଆୟୋଜନ କରିଥିଲେ। ହରିହଂସ, ପଙ୍ଗଟା, ହସନାବାଦ, ବାଲିପାଟଣା, ମଠସାହି, ମମାଦୁଲା, ନୂଆସାହି, ପଣ୍ଡାସାହି, ତିନିଘରିଆ ସମେତ ଆଖପାଖ ଅଞ୍ଚଳର ଲୋକମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ପ୍ରତିବାଦକାରୀମାନଙ୍କ ଅଭିଯୋଗ ଅନୁସାରେ, ମଦ ଦୋକାନ ଯୋଗୁ ଅଞ୍ଚଳରେ ପାରିବାରିକ ଅଶାନ୍ତି, ମହିଳା ନିର୍ଯାତନା, ଯୁବପିଢ଼ିର ଅବକ୍ଷୟ ଏବଂ ବିଭିନ୍ନ ସାମାଜିକ ସମସ୍ୟା ବୃଦ୍ଧି ପାଇଛି। ବକ୍ତାମାନେ କହିଥିଲେ ଯେ, ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଛାତ୍ରଛାତ୍ରୀ, ମହିଳା ଓ ସାଧାରଣ ଲୋକ ଯାତାୟାତ କରୁଥିବାବେଳେ ରାସ୍ତା କଡ଼ରେ ମଦ ଦୋକାନ ରହିବା ସୁରକ୍ଷା ଓ ସାମାଜିକ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି। ସଭାରେ ସର୍ବସମ୍ମତିକ୍ରମେ ଦାବି କରାଯାଇଥିଲା ଯେ, ଜନସ୍ୱାର୍ଥ, ମହିଳା ସୁରକ୍ଷା, ଯୁବପିଢ଼ିର ଭବିଷ୍ୟତ ଓ ସାମାଜିକ ଶାନ୍ତିକୁ ଦୃଷ୍ଟିରେ ରଖି ପ୍ରଶାସନ ଏବଂ ରାଜ୍ୟ ସରକାର ଓ ପ୍ରଶାସନ ଏହି ଅଞ୍ଚଳରେ ମଦ ଦୋକାନ ପୁନଃ ସ୍ଥାପନ ନିଷ୍ପତ୍ତିକୁ ତୁରନ୍ତ ବାତିଲ କରନ୍ତୁ। ଏହା ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ଦୁଇ ଓସିଏସ୍‌ଙ୍କୁ ସମ୍ମାନିତ କଲେ ଜିଲ୍ଲାପାଳ

**କେସିଙ୍ଗା,୧୫।୬(ତୁମେଶ୍ୱର ସାହୁ):** ଓଡ଼ିଶା ପ୍ରଶାସନିକ ସେବାର ଫଳାଫଳ ପ୍ରକାଶିତ ପରେ ଉତ୍ତୀର୍ଣ୍ଣ ହୋଇଥିବା କଳାହାଣ୍ଡି ଜିଲାର କେସିଙ୍ଗା ସହରର ଚତୁର୍ଥ ସ୍ଥାନରେ ଥିବା କନକ ଜୈନ ଏବଂ ୧୧୩ ତମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବା ସଙ୍ଗୀତା ସେଠୀଙ୍କୁ ରବିବାର କେସିଙ୍ଗା ସିଟିଜନ ଫୋରମ ପକ୍ଷରୁ ସମ୍ମାନିତ କରାଯାଇ ଦୁହିଁଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା।

ଏନେଇ କେସିଙ୍ଗା ଜଗନ୍ନାଥ ମନ୍ଦିର ପରିସରରେ ଥିବା ମୁଖ୍ୟମନ୍ତ୍ରୀ ସଭାଗୃହରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ ଦୁଇ ଓସିଏସ୍‌ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଫୋରମ ସଭାପତି ଡାକ୍ତର ହେମସାଗର ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାପାଳ ପାର ସଚିନ ପ୍ରକାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦୁଇ ଜଣଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ପ୍ରେମାନିଧି ସେଠ, ବିଡିଓ ଜନ୍ମେଜୟ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ।

## ଖରସ୍ରୋତା ରଜ ମହୋତ୍ସବରେ ସଂସ୍କୃତି, କ୍ରୀଡ଼ା ଓ ମନୋରଞ୍ଜନର ମହାମିଳନ



**ବିଞ୍ଝାରପୁର,୧୫।୬(ସଂଚାର ବ୍ୟୁରୋ):** ଓଡ଼ିଆ ଜାତିର ଗଣପର୍ବ 'ରଜ' ଉପଲକ୍ଷେ ଏବେ ପଲ୍ଲୀରୁ ସହର ସବୁଠି ଉତ୍ସବର ମାହୋଲ। ଏହି ପରିପ୍ରେକ୍ଷୀରେ ଅବିଭକ୍ତ ଫତେପୁର ଗ୍ରାମ ପଞ୍ଚାୟତର ମଲ୍ଲିଆ ଯଜ୍ଞ ପଡ଼ିଆଠାରେ ଆୟୋଜିତ ହୋଇଯାଇଛି ବହୁ ପ୍ରତୀକ୍ଷିତ ଖରସ୍ରୋତା ରଜ ମହୋତ୍ସବ। ପହିଲି ରଜ ଅବସରରେ ଗାଁ ଦାଣ୍ଡଠାରୁ ଆରମ୍ଭ କରି ଯଜ୍ଞ ପଡ଼ିଆ ପର୍ଯ୍ୟନ୍ତ ସବୁଠି ଦେଖିବାକୁ ମିଳିଥିଲା ସ୍ଥାନୀୟ ଲୋକଙ୍କ ନାହିଁ ନଥିବା ଉତ୍ସାହ ଓ ଉଦ୍ଦୀପନା।ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ ଜୁଣଭଦ୍ରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁନାକର ମହାକୂଳ। ଖରସ୍ରୋତା ରଜ ମହୋତ୍ସବ କମିଟିର ସଭାପତି ଶ୍ରୀଯୁକ୍ତ ଶଙ୍କର୍ଷଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମନୋଜ୍ଞ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଖରସ୍ରୋତା ପୁସ୍ତକ ମେଳା କମିଟିର ସଭାପତି ଶ୍ରୀଯୁକ୍ତ ପଦ୍ମାକର ଗୁରୁ। ନିଜ ବକ୍ତବ୍ୟରେ ସେ ଓଡ଼ିଆ ଜନଜୀବନରେ ରଜ ପର୍ବର ପ୍ରଭାବ ଉପରେ ଆଲୋକପାତ କରିଥିଲେ।ସେହିପରି ମୁଖ୍ୟ ବକ୍ତା ଭାବେ ପ୍ରାଧ୍ୟାପକ ଦାମୋଦର ବେହେରାଯୋଗଦେଇ ରଜର ପାରମ୍ପରିକ ମହତ୍ତ୍ୱକୁ ନେଇ ଏକ ମାର୍ମିକ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମର ଆବାହକ ପ୍ରଶାନ୍ତ କୁମାର ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫୁଲ୍ଲ କୁମାର ମହାକୂଳ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ରଜ ମାନେ କେବଳ ପିଠାପଣା ଓ ପାନ ନୁହେଁ, ବରଂ ପାରମ୍ପରିକ ଖେଳକୁଦର ମହା ଆସର।

## ବେନିୟମ ବିବାହ ପଞ୍ଜିକରଣ ଅଭିଯୋଗ, ମାତିଛନ୍ତି ଦଲାଲ

**ଦିଗପହଣ୍ଡି,୧୫।୬(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ବେନିୟମ ଭାବେ ବିବାହ ପଞ୍ଜିକରଣ କରାଯାଉଥିବା ବେଳେ ପଞ୍ଜିକରଣ ପାଇଁ ଦଲାଲଗିରି ବହୁ ମାତ୍ରାରେ ବଢ଼ିଯାଇଛି । କାର୍ଯ୍ୟାଳୟରେ ପ୍ରତି ସପ୍ତାହର ବୁଧବାର ଓ ଗୁରୁବାର ୨ ଦିନ ବିବାହ ପଞ୍ଜିକରଣ କରାଯାଉଥିବା ବେଳେ ବିବାହ ପଞ୍ଜିକରଣ ଅଧିକାରୀ ଭାବେ ବ୍ଲକର ଅତିରିକ୍ତ ବିଡ଼ିଓ ଉମେଶ ଚନ୍ଦ୍ର ସେଠୀ ନିଯୁକ୍ତି ହୋଇଛନ୍ତି । ପଞ୍ଜୀକୃତ ଶ୍ରମିକ ମାନେ ବିବାହ କଲେ ଜିଲା ଶ୍ରମ ବିଭାଗ ପକ୍ଷରୁ ୫୦ ହଜାର ଟଙ୍କା ମିଳୁଥିବା ଯୋଗୁଁ ଦିନକୁ ଦିନ ବ୍ଲକରେ ବିବାହ ପଞ୍ଜିକରଣ ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ବେନିୟମ ଭାବେ ବିବାହ ପଞ୍ଜିକରଣ ହେଉଥିବା ଯୋଗୁଁ ସାନଖେମୁଣ୍ଡି 'କୁକୁଡାଖଣ୍ଡି ଓ ଚିକିଟି ବ୍ଲକ ଅଧିନ ବିଭିନ୍ନ ଗ୍ରାମାଞ୍ଚଳର ବହୁ ସଂଖ୍ୟକ ମହିଳା ପୁରୁଷ ଏହି ବ୍ଲକ କାର୍ଯ୍ୟାଳୟକୁ ବିବାହ ପଞ୍ଜିକରଣ ପାଇଁ ଦଲାଲ ମାନଙ୍କ ମାଧ୍ୟମରେ ଆସି ବିବାହ ପଞ୍ଜିକରଣ କରୁଛନ୍ତି। ଏଥି ନିମନ୍ତେ ସେମାନଙ୍କୁ ୪ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏପରିକି ୨/୩ ଟି ଛୁଆଥିବା ବୟସ୍କା ମହିଳା ମାନେ ମଧ୍ୟ ଶ୍ରମ ବିଭାଗ ଠାରୁ ଟଙ୍କା ପାଇବା ଆଶାରେ ଅଳ୍ପଦିନ ପୂର୍ବରୁ ବିବାହ କରିଥିବା ବିବାହ ନିମନ୍ତ୍ରଣ ପତ୍ର ଛପାଇ ବିବାହ ପଞ୍ଜିକରଣ କାର୍ଯ୍ୟାଳୟରେ ସତ୍ୟପାଠ ଦାଖଲ କରିବା ପରେ ସେମାନଙ୍କୁ ବିବାହ ପଞ୍ଜିକରଣ ସାର୍ଟିଫିକେଟ ମିଳିଯାଉଛି ।

## ଭାଲୁକୁ ଧକ୍କା ଦେଲା ଗାଡ଼ି

**କୋକସରା,୧୫।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କୋକସରା ବ୍ଲକ ବିଜୁ ଏକ୍ସପ୍ରେସ ୱେ ସାନ ପୋଡାଗୁଡ଼ା-ରାଜୀବ କଲୋନୀ ମଝିରେ ଅଜଣା ଗାଡ଼ି ଧକ୍କାରେ ଏକ ଭାଲୁର ମୃତ୍ୟୁ ଘଟିଛି। ସୋମବାର ସକାଳେ ରାସ୍ତାରେ ଭାଲୁ ମରି ପଡିଥିବା ଦେଖି ସ୍ଥାନୀୟ ଲୋକ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବେହେରା ବନପାଳ ରାଜେନ୍ଦ୍ର ନାଏକ ଏବଂ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଭାଲୁର ମୃତଦେହ ଜବତ କରିଥିଲେ। ତେବେ ଭାଲୁଟି ରାସ୍ତାପାର କରୁଥିବା ବେଳେ କୌଣସି ଏକ ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଇଛି। ଅନ୍ୟପକ୍ଷେ ଭାଲୁର ମୃତହେଦ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।



# ବଜ୍ରପାତରେ ଚାଲିଗଲା ଯୁବକଙ୍କ ଜୀବନ



**କଳାହାଣ୍ଡି,୧୫।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଗୋକୁଳେଶ୍ୱର ଗ୍ରାମର ଜଣେ ଯୁବକଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ହେଲେ ଗୋଲକ ଗଉଡ଼(୧୮)। ରବିବାର ସନ୍ଧ୍ୟାରେ କେସିଙ୍ଗା ବ୍ଲକ ଅଞ୍ଚଳରେ ଘଡ଼ଘଡ଼ି ହେବା ସହ ପ୍ରଥମ ବର୍ଷା ହୋଇଥିଲା। ଗୋଲକ ତାଙ୍କ ମାଆ ରୋଷେଇ କରିବା ପାଇଁ ତାଙ୍କ ଘର ପଛ ପଟେ ରଖୁଥିବାଜମିକୁ କାଠ ଆଣିବା ପାଇଁ ଯାଇଥିଲେ। କାଠ ଆଣି ଯାଉଥିବା ସମୟରେ ହଠାତ ଘଡ଼ଘଡ଼ି ଓ ବର୍ଷା ହୋଇଥିବା ଯୋଗୁ ସେ ଘର ପଛ ପଟେ ଥିବା ଏକ ଗଛ ତଳେ ଲୁଚି ଯାଇଥିଲେ। ସେତେବେଳେ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଗୋଲକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗୋଲକଙ୍କ ମା' ଦାବି କରିଛନ୍ତି।

# ଘରକୁ ଧକ୍କାଦେଲା ସ୍କର୍ପିଓ, ଚାଲିଗଲା ଚାଳକଙ୍କ ଜୀବନ



**ପାଟଣା,୧୫।୬(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ସାହାରପଡ଼ା ୨୨୦ ନମ୍ବର ଜାତୀୟ ରାଜପଥର ବଡ଼ବିଲ ନିକଟର ସୋମବାର ଭୋର୍‌ରୁ ଏକ ସ୍କର୍ପିଓ ଭାରସାମ୍ୟ ହରାଇ ଏକ ଘରକୁ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଘଟଗାଁ ଥାନା କୁସୁନୁପୁର ଗାଁର ସେକ୍ ମଇମୁଦ୍ଦିନ (୨୫)। ରାଇରଙ୍ଗପୁରର ଏକ ଭୋଜିରେ ଯୋଗ ଦେଇ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଭାରସାମ୍ୟ ହରାଇ ରାସ୍ତାକଡ଼ ଘରକୁ ଧକ୍କା ଦେଇ ସ୍କର୍ପିଓ ଓଲଟି ପଡ଼ିଲା। ୬ରୁ ଉର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି। ଘର ଭିତରେ ଶୋଇଥିବା ବେଳେ ଅଳ୍ପକେ ବର୍ତ୍ତିଗଲେ ପରିବାର ଲୋକେ। ଗାଡ଼ି ଭିତରେ ଥିବା ଗୁରୁତରଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କଲେ ସ୍ଥାନୀୟ ଲୋକେ। ଦୁର୍ଘଟଣା ପରେ ହମ୍ପସ୍ ନିର୍ମାଣ ଓ ଗୃହ ନିର୍ମାଣ ଦାବିରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତାରୋକ କରିଛନ୍ତି। ଘଟଣାସ୍ଥଳରେ ପାଟଣା ଥାନା ଅଧିକାରୀ କିରଣ ପ୍ରାସାଦ ସାହୁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ଜାରି ରଖିଛନ୍ତି।